# ଭୂମିଜ ଲୋକ ସଂସ୍କୃତି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଭୁବନେଶ୍ୱର, ଓଡ଼ିଶା

# ଭୂମିଜ ଲୋକ ସଂସ୍କୃତି

ସଂକଳନ

ଡ. ଲତା ଭୋଳ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଭୂମିଜ ଲୋକ ସଂସ୍କୃତି


| | | |
|---|---|---|
| ସଂକଳନ | : | ଡ. ଲତା ଭୋଳ |
| ପ୍ରକାଶକ | : | ନିର୍ଦ୍ଦେଶକ<br>ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ<br>ଆଦିବାସୀ ପ୍ରଦର୍ଶନୀ ପଡ଼ିଆ<br>ୟୁନିଟ୍-୧, ଭୁବନେଶ୍ୱର - ୭୫୧ ୦୦୯ |
| ପ୍ରଥମ ପ୍ରକାଶ | : | ୨୬ ଜାନୁଆରୀ, ୨୦୦୩ |
| ମୁଦ୍ରଣ | : | ଭୋଲାନାଥ ପ୍ରେସ୍<br>୧୨୦୧/୧୬୦୧, ବମିଖାଲ<br>ଭୁବନେଶ୍ୱର-୭୫୧୦୧୦ |
| ମୂଲ୍ୟ | : | ୬୦.୦୦ ଟଙ୍କା ମାତ୍ର |
| **ISBN** | : | **81-88010-11-1** |

**BHUMIJ LOKA SANSKRUTI**

| | | |
|---|---|---|
| Compliation | : | Dr. Lata Bhol |
| Publisher | : | Director,<br>Academy of Tribal Dialects & Culture<br>Adivasi Exhibition Ground<br>Unit-1, Bhubaneswar - 9 |
| Printed at | : | Bholanath Press<br>Bomikhal, Bhubaneswar- 751010 |
| Price | : | Rs. 60.00 only |

# ସୂଚୀପତ୍ର


| କ୍ର.ସଂ. | ବି ଷ ୟ | ପୃଷ୍ଠା |
|---|---|---|
| | କୃତଜ୍ଞତା | |
| | ଭୂମିକା | |
| ୧. | ଉପକ୍ରମଣିକା | ୯-୧୪ |
| ୨. | ଭୂମିଜ ଲୋକ ସଂସ୍କାର | ୧୫-୪୦ |
| | (କ) ଗର୍ଭଧାରଣ ଓ ସନ୍ତାନ ଜନ୍ମ | |
| | (ଖ) ନାମ କରଣ | |
| | (ଗ) କାନ ଫୋଡ଼ା | |
| | (ଘ) ରିଷ୍ଟ ଖଣ୍ଡନ | |
| | (ଙ) ବିବାହ | |
| | (ଚ) ମୃତ ସଂସ୍କାର | |
| ୩. | ପୂଜା ପାର୍ବଣ | ୪୧-୬୩ |
| | (କ) ହାଣ୍ଡର୍ ଗିଡ଼ି | |
| | (ଖ) ସସବଙ୍ଗା | |
| | (ଗ) ଗୋଠପୂଜା | |
| | (ଘ) ସହରାଇ ବଙ୍ଗା | |
| | (ଙ) ଗଣା ହାଙ୍କାର | |
| | (ଚ) ଗଣା ମାହାରା | |
| | (ଛ) ଗଣା ଉତ୍ତରା | |
| | (ଜ) ଚନ୍ଦନ ଦେଉଳି | |
| | (ଝ) ବାଗାଲ୍ଲୁ | |

(ଞ) ହାପାଲୁମ ବଙ୍ଗା
(ଟ) ବାଗୁଡ଼ି
(ଠ) ଦାସାଇଁ ବଙ୍ଗା
(ଡ) ମାଗ ବଙ୍ଗା
(ଢ଼) ବୁରୁବଙ୍ଗା
(ଣ) କାରାମ ବଙ୍ଗା
(ତ) ନଓ୍ୱା ଜମ
(ଥ) ହେରପୁନା
(ଦ) ରଆ ପୁନା
(ଧ) ବାଆ ବଙ୍ଗା
(ନ) ଜାରଗୀ ସିମ୍
(ପ) ଗେଲେ ଆଦାର

୪. ଭୂମିଜ ଲୋକ କଥା ୬୪-୧୬୫

(କ) ମିରିତିକା ରେୟାଃ ସିର୍‌ଜନ୍ (ପୃଥିବୀର ସୃଷ୍ଟି)
(ଖ) ହାଲାମ ଗାଲିଆଃ କାଜି (ବୁଢ଼ାମାଙ୍କଡ଼ ଗପ)
(ଗ) ଖାର୍‌ପା ଉତୁଃ ରେୟାଜଅ (ଖରାପ ଚିନ୍ତାରଫଳ)
(ଘ) ନାଉଁଆ, ତୁୟୁ, କୁଲା ଆର୍ କାକାଲା କାହାନୀ
(ବାରିକ, ବିଲୁଆ, ବାଘ ଓ ଏଣ୍ଡୁଅ ଗପ)
(ଙ) ଅକଏ କେ ଚିଲ୍‌କା
(ଯେସାକୁ ତେସା)
(ଚ) ହାଲାମ, ବୁଢ଼ି ଆର୍ ତୁୟୁ କାହାନୀ
(ବୁଢ଼ା ବୁଢ଼ୀ ଏବଂ ଶିଆଳ ଗପ)
(ଛ) କାମିରେୟା କୁଲାଇ (କର୍ମଫଳ)
(ଜ) ଅଗେୟାନ (ନିର୍ବୁଦ୍ଧିଆ)

(ଝ) ଅକୟ ଓ ଅବୟାଃନିଇ କାହେକେ
(କେହି ନୁହେଁ କାହାର)
(ଞ) ବାନା କନେୟା (ଭାଲୁ ବୋହୂ)
(ଟ) ଖାରପା କାମିରେୟା କୁଳାଇ
(କୁବୁଦ୍ଧିର ପରିଣାମ)
(ଠ) କୁଲା ଆର୍ କୁମୁଲୁ (ବାଘ ଓ ଚୋର)

୫. ଭୂମିଜ ଲୋକଗୀତ ଓ ଢ଼ଗ ୧୬୬-୨୨୪
(କ) ଯାଦୁରଗୀତ
(ଖ) ଗେନା
(ଗ) କରମଗୀତ୍
(ଘ) କାଟି ସୁସୁନ୍ ଦୁରାଂ
(ଙ) ଦାସାଇଁ ଦୁରାଂ
(ଚ) ରଆଡେଲା ଦୁରାଂ
(ଛ) ଆଣ୍ଦି ଦୁରାଂ
(ଜ) ନାର୍ତା ଦୁରାଂ
(ଝ) ହନ୍‌ହିଲି ଦୁରାଂ
(ଞ) ପ୍ରାର୍ଥନା
(ଟ) ଟାପରା ଦୁରାଂ
(ଠ) ଦିଶୁମ ନାତେନ୍ ଦୁରାଂ
(ଡ) ସହରାଇ ଦୁରାଂ
(ଢ) କାଜିରା ଜୁକୁଟୁ (ପ୍ରବଚନ)
(ଣ) ଲୁତୁମ୍ କାହାନୀ (ନାଁଆ)

# କୃତଜ୍ଞତା

ଲୋକ ସାହିତ୍ୟ ଗବେଷଣା, ବିଶେଷତଃ ଜନଜାତୀୟ ଲୋକ ସାହିତ୍ୟ ଅଧ୍ୟୟନ ପରିପ୍ରେକ୍ଷୀରେ ଏହା ଏକ ଜଟୀଳ ବ୍ୟାପାର । ଆତ୍ମାଭିମାନୀ ଜନ ଗୋଷ୍ଠୀର କ୍ଷେତ୍ର ଅଧ୍ୟୟନ ବେଳେ ଆମ ପ୍ରତି ନୀରବ ପ୍ରଶ୍ନବାଚୀ ଅନେକ କ୍ଷେତ୍ରରେ ଅସଫଳ କରାଏ । ତାଙ୍କ ସହ ଏକାତ୍ମନହେଲେ, ତାଙ୍କ ସୁଖ ଦୁଃଖରେ ସହଭାଗୀ ନହେଲେ ତାଙ୍କଠୁଁ ଆଶାନୁରୂପ ସହଯୋଗ ମିଳିବା କଷ୍ଟକର ।

ଭୂମିଜ ଲୋକ ସଂସ୍କୃତି ଉପରେ ଗବେଷଣା କରି ଏକ ପାଣ୍ଡୁଲିପି ପ୍ରସ୍ତୁତ କରିବା ପାଇଁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ଅନୁରୋଧ, ବିଶେଷତଃ ଏକାଡେମୀର ତଦାନୀନ୍ତନ ନିର୍ଦ୍ଦେଶକ ଡ. ମନ୍ମଥ କୁଣ୍ଡୁଙ୍କର ପ୍ରେରଣା ଏବଂ ଅନୁଜ ଡ. ପରମାନନ୍ଦ ପଟେଲଙ୍କ ବାରମ୍ବାର ତାଗିଦ୍ ମୋତେ ଏକାମ କରିବାକୁ ବାଧ୍ୟ କଲା ।

ଭୂମିଜ ଗୋଷ୍ଠୀ ବସ୍ତୁତଃ ମୂଳ ସଂସ୍କୃତିଠାରୁ କ୍ରମଶଃ ଦୂରେଇ ଯାଇଛି । ଅପରାପର ଆର୍ଯ୍ୟ ସଂସ୍କୃତିର ପ୍ରବାହରେ ଏମାନେ ମୋହଗ୍ରସ୍ତ । ତେଣୁ କ୍ରମ ବିବର୍ତ୍ତିତ ଏକ ଲୋକ ପରମ୍ପରାଠାରୁ ତାଙ୍କ ବାଚିକ ଉପାଦାନ ଖୋଜି ଆଣି ଉପସ୍ଥାପନା କରିବା ବସ୍ତୁତଃ ମୁଁ ଅସାଧ୍ୟ ମଣିଥିଲି । ମାତ୍ର ଅନେକ ଶୁଭେଚ୍ଛୁ ଭୂମିଜ ବନ୍ଧୁଙ୍କ ସହଯୋଗ ମୋତେ ଏକାର୍ଯ୍ୟରେ ସଫଳତା ଆଣିଦେଲା । ଏମାନଙ୍କ ମଧ୍ୟରେ ପାଟଣାଣୀପୁରର ଶ୍ରୀ ମହେନ୍ଦ୍ର ସିଂ, ବେତନଟୀର ଶ୍ରୀଧର ସିଂ, ଶ୍ରୀକାଳାଚାନ୍ଦ ସିଂ, ଶ୍ରୀ ହରିଶ୍ଚନ୍ଦ୍ର ସିଂଙ୍କ ସହଯୋଗ ସ୍ମରଣୀୟ । ଏମାନଙ୍କୁ ଛାଡ଼ିଦେଲେ ଭୂମିଜ ଲୋକ ସଂସ୍କୃତିର ସଂଗ୍ରହ ସମ୍ଭବ ହୋଇନଥାନ୍ତା ।

ପାଣ୍ଡୁଲିପି ପ୍ରସ୍ତୁତି ପୂର୍ବରୁ ଉତ୍ତର-ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପି.କେ. ମିଶ୍ର ଏ ସଂସ୍କୃତିର ଐତିହ୍ୟ ଉଖାରିବାରେ ଅନେକ ସହଯୋଗ କରିଛନ୍ତି ।

ପାଣ୍ଡୁଲିପି ପ୍ରସ୍ତୁତିରେ ଉଦଳା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀମାନ ରବି ନାରାୟଣ ମହାପାତ୍ର ଓ ଶ୍ରୀ ବସନ୍ତ କୁମାର ପରିଡ଼ାଙ୍କର ସହଯୋଗ ଭୁଲିବାର ନୁହେଁ ।

ପୁସ୍ତକ ପ୍ରକାଶନ ଅବସରରେ ଏସମସ୍ତଙ୍କୁ ମୋର ଆନ୍ତରିକ କୃତଜ୍ଞତାଜ୍ଞାପନ କରୁଛି ।

ପରିଶେଷରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ କର୍ତ୍ତୃପକ୍ଷ ଏ ପ୍ରକଳ୍ପ ମୋତେ ଦେଇଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

**ଡ. ଲତା ଭୋଳ**

ଉଦଳା

# ଭୂମିକା

ଜନଜାତି ମାନଙ୍କର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରଜାତିକ ବୈଚିତ୍ର୍ୟ ଆକଳନ କରିବାରେ ସେମାନଙ୍କ ପରିବେଶରେ ବିକଶିତ ଲୋକ ସାହିତ୍ୟ ଏକ ପ୍ରମୁଖ ଉପାଦାନ ଅଟେ । ଜଗତୀକରଣ ଏବଂ ବସ୍ତୁ ସଂସ୍କୃତିର ଉଦ୍‌ବର୍ତ୍ତନରେ ଆମ ଲୋକ ପରମ୍ପରା ଲୋପ ପାଇ ଯାଉଥିବା ବେଳେ ଜନଜାତୀୟ ଲୋକ ମୌଖିକ ପରମ୍ପରା ଗତିଶୀଳ ମନେହୁଏ । ପଡୋଶୀ ସଂସର୍ଗ ଏବଂ ଗଣ ମାଧ୍ୟମର ପ୍ରସାର ଫଳରେ ଏଗତି ଯଦିଓ ମନ୍ଥର ଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ବିଦ୍ୟମାନ । ତାର ଉନ୍ନତ ଲୋକ ମୌଖିକ ପରମ୍ପରା ପାଇଁ ଜନଜାତୀୟ ସଂସ୍କୃତି ଦିନେ ଯେପରି ଅନ୍ୟମାନଙ୍କ ଆକର୍ଷଣର ହେତୁଥିଲା, ତାହା ଆଜି ଶ୍ରୀହୀନ । ବିଶେଷତଃ ଯୁବପୀଢ଼ି ନିକଟରେ ଏହାର ନବ ସୃଜନ ନାହିଁ । ସେମାନେ ଏହି ପରମ୍ପରା ପ୍ରତି ବିତସ୍ପୃହ ।

ଜନଜାତୀୟ ଲୋକ-ପରମ୍ପରାରେ ଓଡ଼ିଶାର ଅନ୍ୟତମ ସଂଖ୍ୟାଗରିଷ୍ଠ ଜନଜାତି "ଭୂମିଜ" ସଂପ୍ରଦାୟକୁ ଅଧ୍ୟୟନର କ୍ଷେତ୍ରହିସାବରେ ଗ୍ରହଣ କଲେ ଏହି ସଂସ୍କୃତିର ବିବର୍ତ୍ତିତ ରୂପଟି ଆମକୁ ସ୍ପଷ୍ଟ ଦିଶେ ।

ଜନଜାତି ହିସାବରେ ଏମାନେ ମୁଣ୍ଡାଙ୍କ ସହୋଦର । ମାତ୍ର ହିନ୍ଦୁ ସଂସ୍କୃତିର ପ୍ରଭାବରେ ଏମାନେ ଏତେ ପ୍ରଭାବିତ ଯେ ତାଙ୍କ ନିକଟରୁ ଜନଜାତୀୟ ବିଲକ୍ଷଣ ମାନ ଲକ୍ଷ୍ୟ କରିବା କଷ୍ଟ ସାଧ ହୋଇପଡ଼େ । ଭାଷା ଅବସ୍ଥା ମଧ ତଦ୍ରୂପ । ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାର ଅର୍ନ୍ତଭୁକ୍ତ ମୁଣ୍ଡା ଭାଷା ଗୋଷ୍ଠୀର ଭାଷା କହୁଥିଲେ ମଧ ଅଧିକାଂଶ ଭୂମିଜ ସ୍ୱବର୍ଗୀୟ ଭାଷା ପରିହାର ପୂର୍ବକ ସ୍ଥାନୀୟ ଓଡ଼ିଆକୁ ନିଜ ମାତୃଭାଷା ହିସାବରେ ଗ୍ରହଣ କରିନେଇଛନ୍ତି । ଏ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି । ବିଶେଷତଃ ସାକ୍ଷର ବର୍ଗ ମଧରେ ଏହାର ବେଗ ବେଶ୍ ପ୍ରଖର । ତେଣୁ ଏହି ଲୋକ-ପରମ୍ପରାଟି ଲୁପ୍ତ ହେବା ପୂର୍ବରୁ ଓ ତା'ର ଶେଷ ମଣିଷଟି ଇହଲୀଳା ସମ୍ବରଣ କରିବା ପୂର୍ବରୁ ତା'ର କଥାନକକୁ ସାଉଁଟିବାର ଏହାହିଁ ହେଉଛି ମହାମୁହୂର୍ତ୍ତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏହି ସନ୍ଧିକ୍ଷଣରେ ଓଡ଼ିଶାର ଆଦିବାସୀ ଗୋଷ୍ଠୀ ସମୂହର ଲୋକ-ମୌଖିକ ପରମ୍ପରାକୁ ସଂଗ୍ରହ ଓ ପ୍ରକାଶ କରିବାର ଗୁରୁ ଦାୟିତ୍ୱ ବହନ କରିଛି । ସୀମିତ ସମୟ ଓ ସମ୍ବଳ ମଧ୍ୟରେ ସେହି ମହାନ୍ କାର୍ଯ୍ୟର ଅଂଶ ସ୍ୱରୂପ ସାମାନ୍ୟ କିଛି ସଂପାଦନ କରିଛି ।

ପ୍ରକାଶିତ ''ଭୂମିଜ ଲୋକ ସଂସ୍କୃତି'' ପୁସ୍ତିକା ଭୂମିଜ ମାନଙ୍କର ବାଚିକ ଓ କାର୍ମିକ ଲୋକ ପରମ୍ପରାକୁ ନେଇ ସମୃଦ୍ଧ । ବାଚିକ ପରମ୍ପରାରେ ସୃଷ୍ଟି ମିଥ୍‌ଠାରୁ ଆରମ୍ଭ କରି ଗପ, ଗୀତ, ପ୍ରବାଦ, ପ୍ରବଚନ, ଢ଼ଗ ପ୍ରମୁଖ ସ୍ଥାନ ନେଇଥିବା ବେଳେ, କାର୍ମିକ ପରମ୍ପରାରେ ଜନ୍ମ, ମୃତ୍ୟୁ, ବିବାହ, ପୂଜା ପାର୍ବଣର ଲୋକ ଉପାଦାନ ନିର୍ବାଚିତ ହୋଇଛି । ଏହାକୁ ଆଧାର କରି ସେମାନଙ୍କର ପ୍ରଜାତିକ ପରିଚିତି ଓ ବିଶ୍ୱଦୃଷ୍ଟି ଆକଳିତ ହେବ ।

ପ୍ରକଳ୍ପ ପରିକଳ୍ପନାରେ ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ ଡ. ମନ୍ମଥ କୁଣ୍ଡୁ ସ୍ମରଣୀୟ । ପୁସ୍ତକ ସଂପାଦନାରେ ଏକାଡେମୀର ସହକାରୀ ଗବେଷକ ଡ. ପରମାନନ୍ଦ ପଟେଲଙ୍କ ଶ୍ରମ ସ୍ୱୀକୃତ ।

ପୁସ୍ତିକାକୁ ସଂକଳନ କରଛନ୍ତି ଡ. ଲତା ଭୋଳ, ଉଦଲା, ମୟୂରଭଂଜ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡେମୀ ଏମାନଙ୍କ ନିକଟରେ କୃତଜ୍ଞ ।

ପ୍ରସନ୍ନ କୁମାର ନାୟକ

(ପ୍ରସନ୍ନ କୁମାର ନାୟକ)
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଉପକ୍ରମଣିକା

ପ୍ରଜାତିକ ମାନଚିତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ୬୨ ପ୍ରକାର ଜନଜାତିଙ୍କ ବାସସ୍ଥଳୀ ଓଡ଼ିଶା ତାହାର ଭାଷା ବିବିଧତା, ସାଂସ୍କୃତିକ ବୈଚିତ୍ର୍ୟ ତଥା ଅବସ୍ଥିତି ନେଇ ଅନ୍ୟମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ । ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ଜନଜାତି ଜନସଂଖ୍ୟା ପରିପ୍ରେକ୍ଷୀରେ ସଂପ୍ରତି ତୃତୀୟ ସ୍ଥାନର ଅଧିକାରୀ ଓଡ଼ିଶାରେ ଆଦିବାସୀ ସଂପ୍ରଦାୟ ତ୍ରିବିଧ ଭାଷା ପରିବାର ଅର୍ନ୍ତଭୁକ୍ତ । ସେମାନେ ହେଲେ ଦ୍ରାବିଡ଼, ମୁଣ୍ଡା ଏବଂ ଭାରତୀୟ ଆର୍ଯ୍ୟ । ଏମାନଙ୍କର ଭାରତକୁ ଆଗମନ ନେଇ ବିବିଧ ମତ ତତ୍‌ବିଦ୍‌ମାନେ ଉପସ୍ଥାପିତ କରିଥାନ୍ତି । ତେବେ ଭାରତୀୟ ଆର୍ଯ୍ୟ ସଭ୍ୟତାର ଆଗମନର ବହୁ ପୂର୍ବରୁ ଏମାନେ ଭାରତରେ ବସବାସ କରିଆସିଛନ୍ତି ।

ଏହି ତ୍ରିବିଧ ଆଦିବାସୀ ସଂପ୍ରଦାୟ ମଧ୍ୟରୁ ମୁଣ୍ଡାଗୋଷ୍ଠୀ ଅନ୍ୟତମ । ଐତିହାସିକମାନଙ୍କ ମତାନୁସାରେ ଏମାନଙ୍କର ଆଗମନ ଭାରତର ଉତ୍ତରପୂର୍ବଦିଗରୁ ହୋଇଥିଲା । ତତ୍‌କାଳୀନ ପଞ୍ଜାବର ନଦୀ ଉପତ୍ୟାକା ଓ ପର୍ବତ ମାଳ ଅଞ୍ଚଳକୁ ଚାଷ, ଶିକାର ନିମନ୍ତେ ଉପଯୋଗ କରି ଜନବସତି ସଂସ୍ଥାପନ କରିଥିଲେ । ପରେ ପରେ ଆର୍ଯ୍ୟମାନଙ୍କର ଭାରତକୁ ଆଗମନ ଉପରାନ୍ତ ଏମାନଙ୍କ ସହ ଯୁଦ୍ଧରେ ଲିପ୍ତ ରହି ମୁଣ୍ଡାମାନେ କ୍ରମାନ୍ୱୟରେ ଦକ୍ଷିଣ ପଶ୍ଚିମ ଦିଗକୁ ବିତାଡ଼ିତ ହେଲେ । ଏମାନଙ୍କ ଦୁଇ ଜଣ ନେତା ମଧ୍ୟପ୍ରଦେଶର ପାର୍ଶ୍ୱନାଥ ପାହାଡ଼ ନିକଟସ୍ଥ ସାସାଂନଗରରେ ବସବାସ ଆରମ୍ଭ କରିଥିଲେ । କିଛିକାଳ ପରେ ସାଂସାନଗରର ରାଜା ମନ୍ତ୍ରୀ (ନେତା ଦ୍ୱୟ)ଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା ଏବଂ ମନ୍ତ୍ରୀଙ୍କ ଦଳ ବହୁଧା ବିଭକ୍ତ ହୋଇ ଦାମୋଦର ନଦୀ ତ୍ରିକୋଣଭୂମୀ ଅଞ୍ଚଳ ଓ କୁଲାନ ଭୂଖଣ୍ଡରେ ବସତି ସ୍ଥାପନ କଲେ । ଏମାନେ ମହାଭାରତକାଳରେ ଏ ଅଞ୍ଚଳରେ ବସବାସ କରୁଥିବା ଜଣାଯାଏ ।

ମୁଣ୍ଡା ଲୋକଗୀତରୁ ମହାଭାରତ ସମୟର ଯୁଦ୍ଧରେ ଏମାନଙ୍କର ଅଂଶ ଗ୍ରହଣର ସୂଚନା ମିଳେ । ଲୋକଗୀତଟି ହେଲା -

ଏକାସି ପିଳିଚିରେ ତେୟାସିଲୟ
ଏକାସି ପିଳିଚିରେକ ଲାଡ଼ାଇତାନା
ଏକାସି ପିଳିଚିରେ ତେୟାସିଲୟ
ତେୟାସି ପିଳିଚିରେକ ଥୁପୁଙ୍ଗ ତାନ ।

ଓ ବଲେ ... ଏକାସି ପିଳିରେକ ଲାଡ଼ାଇତାନା
ହାଗାୟା ହାଗାୟାକ ମାପାଃତାନା

ତେୟାସି ଲୟ ରେକ ଥୁପୁଇଁତାନା
କୁମାୟା ଗେଲେୟାକ ଥୁପୁଇଁତାନା
ହାଗାୟା ହାଗାୟାକ ମାପାଃତାନା
ମୁରୁଦ୍‌ବା କାପିତେକ ମାପାଃତାନା
କୁମାୟା ଗେଲେୟାକ ଥୁପୁଇଁତାନା
ଇଚାଃବା ସାର୍‌ତେକ ଥୁପୁଇଁତାନା

(ମହାଭାରତ ଯୁଦ୍ଧ ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ତେୟାସିଲୟ ଏବଂ ଏକାସିପିଲିଠାରେ ହୋଇଥିଲା । ଭାଇ ଭାଇ ଏବଂ ମାମୁଁ ଭଣଜାଙ୍କ ମଧ୍ୟରେ ହଣାକଟା ଚାଲିଥିଲା । ହଣାକଟା ସମୟରେ ବ୍ୟବହୃତ ଟାଙ୍ଗୀ ଏକତ୍ରିତ ଦୁଇଟି ପଳାଶ ଫୁଲ ପରି ଦେଖାଯାଉଥିଲା । ମାମୁଁ ଭଣଜା ଯେଉଁ ତୀର ସାହାଯ୍ୟରେ ଯୁଦ୍ଧ କରୁଥିଲେ ତାହା ମଧ୍ୟ ଚିଙ୍ଗୁଡ଼ିଫୁଲ ଆକୃତିର ହୋଇଥିଲା ।)

ମହାଭାରତ ପରେ ପାର୍ଶ୍ୱନାଥରେ ଥିବା ଆର୍ଯ୍ୟମାନଙ୍କର ବଂଶବୃଦ୍ଧି ଘଟିବାରୁ ସେମାନେ ପୁନଶ୍ଚ ମୁଣ୍ଡାମାନଙ୍କୁ ଅନୁସରଣ କଲେ ଏବଂ ମୁଣ୍ଡାମାନେ ଅନନ୍ୟୋପାୟ ହୋଇ ଦକ୍ଷିଣ ମୁହାଁ ହୋଇ ପାହାଡ଼ ଘାଟୀ ଦେଇ ପାଟନା ଆଡକୁ ପଳାୟନ କଲେ ।

ମୁଣ୍ଡାମାନେ ପାଟନାରେ ପହଞ୍ଚି ହାରିବେଡ଼ା ନାମକ ସ୍ଥାନରେ ରହିଲେ । ସେହି ସମୟରେ ଜରାସନ୍ଧଙ୍କର ବଂଶଧର କମାର ମାନଙ୍କ ଦ୍ୱାରା ନିପିଡ଼ିତ ହେଉଥିଲେ । କମାରମାନଙ୍କ ଦାଉରୁ ରକ୍ଷା ପାଇବାପାଇଁ ମୁଣ୍ଡାମାନେ ସସବଙ୍ଗାଙ୍କର ପୂଜା ଆରାଧନା କଲେ ।

ସେଠାରେ କିଛିବର୍ଷ ବିତାଇବା ଉତ୍ତାରୁ ପୁନରାୟ ଆର୍ଯ୍ୟମାନଙ୍କ ସହ ସଂଘର୍ଷ ହେଲା । ଏମାନଙ୍କ ଅସ୍ତ୍ରଶସ୍ତ୍ର ଶେଷ ହୋଇ ଆସିଥିବାରୁ ସେକ୍ରେଡାଲରୁ ତୀର ତିଆରି କରି ଯୁଦ୍ଧରେ ବ୍ୟବହାର କଲେ ଏବଂ ଆର୍ଯ୍ୟମାନଙ୍କୁ ବିତାଡ଼ିତ କଲେ । ସେହିଦିନଠାରୁ ମୁଣ୍ଡାମାନେ ବାହାଘର ସମୟରେ ବିବାହ ବେଦୀରେ ସେକ୍ରେଡାଲ ବ୍ୟବହାର କରନ୍ତି ।

ପୁନଶ୍ଚ ପରବର୍ତ୍ତୀ କାଳରେ ହାରିବେଡ଼ାରୁ ଆର୍ଯ୍ୟମାନଙ୍କ ଦ୍ୱାରା ପରାସ୍ତ ହୋଇ ମୁଣ୍ଡାମାନେ ଦକ୍ଷିଣକୁ ଜଙ୍ଗଲବାଟ ଦେଇ ଆଗେଇ ଚାଲିଲେ । ପ୍ରତ୍ୟେକଙ୍କ ନେତୃତ୍ୱରେ ସାତହଜାର ସୈନ୍ୟ ସାମନ୍ତ ଧରି ରିସା, ବିର୍ସା ଏବଂ ଛୁଟୁ ଜଙ୍ଗଲ ମଧ୍ୟ ଦେଇ ଆସୁଥିଲେ । ସେମାନେ ଆସିବା ସମୟରେ ଡାଳ ପକାଇ ସଂକେତ ଦେଉଥିଲେ । ଅନ୍ୟମାନେ ସେମାନଙ୍କୁ ଅନୁସରଣ କରି ଚାଲିଲେ । ଏହି ସମୟରେ ଖାଙ୍ଗାର୍ ମୁଣ୍ଡା ଜାତିର ଜନ୍ମ ହେଲା । କଥିତ

ଅଛି ଯେ ଦୁଇଭାଇ ଜଙ୍ଗଲରେ ଯାତ୍ରା କଲାବେଳେ ଅଜ୍ଞାତ ବଶତଃ ସେମାନଙ୍କ ଭାତୃ ବଧୂର ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡ଼ିଥିବା ଗର୍ଭଫୁଲକୁ ସମ୍ବର ମାଂସ ଭାବି ଭକ୍ଷଣ କରିଥିଲେ । ସେମାନଙ୍କର ଏହି ଅଜ୍ଞାନତା ପାଇଁ ସେମାନଙ୍କୁ ଜାତିରୁ ବହିଷ୍କାର କରାଗଲା । ଏହି ଦୁଇ ଭାଇଙ୍କ ବଂଶଧରମାନଙ୍କୁ ତେଲପେଡ଼ି ଜୀବିକା ନିର୍ବାହ କରିବା ପାଇଁ ମୁଣ୍ଡା ସମାଜ ଅନୁମତି ଦେଲା । ଖାଙ୍ଗାର୍ ବା ଗର୍ଭଫୁଲ ଖାଇଥିବାରୁ ସେମାନଙ୍କୁ ଖାଙ୍ଗାର୍ ମୁଣ୍ଡା କୁହାଗଲା ।

କିଛି ବର୍ଷ ସୁତିଆମ୍‌ରେ ରହିବା ପରେ ରିସା, ବିର୍ସା, ଛୁଟୁ ବଂଶରୁ ଛୁଟୁ ଓ ନାଗ ଦୁଇଜଣ ଶାସନଭାର ହାତକୁ ନେଲେ । ଏହି ଦୁଇଜଣଙ୍କ ନାମ ଅନୁସାରେ ଛୋଟ୍‌ନାଗପୁର ନାମିତ ହୋଇଛି । ଛୁଟୁ ଓ ନାଗଙ୍କ ବଂଶର ଉତ୍ତରାଧିକାରୀ ଦେବମୁଣ୍ଡାଙ୍କ ଶାସନ ସମୟରେ ବହୁ ନିୟମ ପ୍ରଣୟନ ହୋଇଥିଲା । ଦେବ ମୁଣ୍ଡାଙ୍କ ନାତି ଓ ସୁତିଆ ମୁଣ୍ଡାଙ୍କ ପୁଅ ମାଦ୍ରା ମୁଣ୍ଡାଙ୍କର ଦୁଇ ପୁଅଥିଲେ – ମୁକୁଟ ରାଏ ଓ ଫଣି ମୁକୁଟାରାଏ । ଏହା ବିଶ୍ୱାସ କରାଯାଏ ଯେ ଫଣିମୁକୁଟ ରାଏ ହେଉଛନ୍ତି ମାଦ୍ରା ମୁଣ୍ଡାଙ୍କର ପୋଷ୍ୟ ପୁତ୍ର । ମାଦ୍ରା ମୁଣ୍ଡା ନିଜର ଦୁଇପୁଅଙ୍କ ମଧ୍ୟରୁ ଶ୍ରେଷ୍ଠ କିଏ ବୋଲି ଜାଣିବାପାଇଁ ସେମାନଙ୍କୁ ପରୀକ୍ଷା କଲେ । ସେମାନଙ୍କୁ ମାଣ ପତ୍ରରେ ଖାଇବାକୁ ଦେଲେ ଏବଂ ଅଶ୍ୱ ଆରୋହଣ କରାଇଲେ । ଦୁଇଟିଯାକ ପରୀକ୍ଷାରେ ଫଣି ମୁକୁଟ ରାଏ ଶ୍ରେଷ୍ଠ ବୋଲି ବିବେଚିତ ହୋଇ ରାଜ୍ୟ ଶାସନ ଭାର ହାତକୁ ନେଲେ । ଫଣି ମୁକୁଟ ରାଏଙ୍କ ସମୟରେ ମୁଣ୍ଡା ମାନଙ୍କର ଗୋତ୍ର ବିଭାଜନ ହୋଇଥିଲା । ଫଣି ମୁକୁଟ ଏକୋଇଶି ଜଣ ମୁଖିଆଙ୍କୁ ଏକୋଇଶିଟି ଉପଖଣ୍ଡର ଦାୟିତ୍ୱ ଅର୍ପଣ କଲେ । ପ୍ରତ୍ୟେକ ମୁଖିଆଙ୍କୁ ଗୋଟିଏ ଗୋଟିଏ ସଂକେତ ଦେଲେ । ଯଥା- ନାଗ, ମୁଣ୍ଡ, ସାଙ୍ଗା (ଆଳୁ), ଫୁଲ ଇତ୍ୟାଦି । ସମଗୋତ୍ର ବିବାହ ନିଷେଧ କରାଯାଇଥିଲା । ଫଣି ମୁକୁଟ ରାଏଙ୍କର ଶେଷ ବଂଶଧର ଦୁର୍ଜନ ସାଏଙ୍କ ରାଜତ୍ୱ ସମୟରେ ଆର୍ଯ୍ୟ ରାଜକନ୍ୟା ମାନଙ୍କ ସହିତ ମୁଣ୍ଡା ମାନଙ୍କର ବୈବାହିକ ସଂପର୍କର ପ୍ରଚଳନ ଆରମ୍ଭ ହେଲା । ଦୁର୍ଜନ ସାଏଙ୍କର ଧଳାହାତୀର ନାମ ଥିଲା 'ସମଚାନ୍ଦ', ଯାହାର ଅର୍ଥ ପୁନେଇଁ ଜହ୍ନ । ଦୁର୍ଜନ ସାଏ ତାଙ୍କ ହୀରାଖଣିରୁ ସାତଶହଟି ହୀରାର ଇଟା ସଂଗ୍ରହ କରି ରଖିଥିଲେ । ମୋଗଲ ସମ୍ରାଟ ଜାହାଙ୍ଗୀର ଏହି ହୀରା ଓ ସମଚାନ୍ଦ ହାତୀ ପାଇବା ପାଇଁ ଦୁର୍ଜନ ସାଏଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ପ୍ରଥମଥର ପାଇଁ ବନ୍ଧୁକରେ ସୁସଜ୍ଜିତ ହୋଇ ଜାହାଙ୍ଗୀରଙ୍କର ସୁଦକ୍ଷ ସୈନିକମାନେ ଦୁର୍ଜନ ସାଏଙ୍କୁ ପରାସ୍ତ କଲେ । ଦୁର୍ଜନ ସାଏ ମଧ୍ୟପ୍ରଦେଶର ଗୋଆଲିୟରଠାରେ ତିନିବର୍ଷ କାରାବରଣ କରିଥିଲେ । ଜାହାଙ୍ଗୀର ତାଙ୍କର ସାତଶହ ହୀରାଇଟା ଏବଂ ସମଚାନ୍ଦ ହାତୀକୁ ସାଙ୍ଗରେ ନେଇ ଯାଇଥିଲେ । ଦୁର୍ଜନ ସାଏ ଜାହାଙ୍ଗୀରଙ୍କ ପିନ୍ଧିଥିବା ହୀରା ହାରଟିକୁ ନକଲି ବୋଲି ପ୍ରମାଣ କରିବାରେ ସକ୍ଷମ ହେବାରୁ ସର୍ତ୍ତ ମୁତାବକ ଜାହାଙ୍ଗୀର ତାଙ୍କୁ କାରାଗାରରୁ ମୁକ୍ତ କଲେ । କଥିତ ଅଛି ଯେ ଦୁର୍ଜନ ସାଏ ଏବଂ ଜାହାଙ୍ଗୀର ନିଜ ନିଜର ହାରକୁ ଦୁଇଟି ମେଣ୍ଢା ମୁଣ୍ଡରେ ବାନ୍ଧି ମେଣ୍ଢା ଦୁଇଟି ମଧ୍ୟରେ

ଲଢ଼େଇ ଲଗାଇଲେ । ଜାହାଙ୍ଗୀରଙ୍କ ହାରଟି ନ ଭାଙ୍ଗିବାରୁ ନକଲି ବୋଲି ପ୍ରମାଣିତ ହେଲା ।

ଦୁର୍ଜନ ସାଏ କାରାଗାରରୁ ମୁକ୍ତି ଲାଭକଲା ପରେ ଶାସନ କାର୍ଯ୍ୟରେ ବହୁ ସଂସ୍କାର ଆଣିବାକୁ ଚେଷ୍ଟା କରିଥିଲେ । ମୁଣ୍ଡା ମାନଙ୍କର ଶିକ୍ଷାର ଉନ୍ନତି ପାଇଁ ସେ ବହୁ ପ୍ରୟାସ କରିଥିଲେ । କିନ୍ତୁ ସେଥିରେ ସେ ସୁଫଳ ପାଇ ପାରି ନଥିଲେ । ନିଜ ସଂପ୍ରଦାୟର ଲୋକମାନଙ୍କୁ ଖଜଣା ଆଦାୟ ଦାୟିତ୍ୱ ନ୍ୟସ୍ତ କରିଥିଲେ । ମାତ୍ର ସେମାନେ ନିରକ୍ଷର ଥିବାରୁ ଏହି କାର୍ଯ୍ୟକ୍ରମ ସୂଚାରରୂପେ ସଂପାଦନ କରି ନପାରିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଲା । ପରିଶେଷରେ ମୁଣ୍ଡାରାଜତ୍ୱର ଅବସାନ ଘଟି ଅଣ ଆଦିବାସୀମାନଙ୍କ ହାତକୁ ଶାସନଭାର ଗଲା ।

**ଭୂମିଜ :** ମୁଣ୍ଡା ଗୋଷ୍ଠୀର ଅନ୍ୟାନ୍ୟ ଜନଜାତି ମଧ୍ୟରେ ଭୂମିଜ ଅନ୍ୟତମ । ଭାଷା ଦୃଷ୍ଟିରୁ ସାନ୍ତାଳି, ହୋ, ମୁଣ୍ଡା, ମାହାଲି, ଭୂମିଜ, ସହୋଦର । ତେବେ ଆର୍ଯ୍ୟମାନଙ୍କର ଅନୁଗାମୀ ହେବା ଫଳରେ ଭୂମିଜ ସଂପ୍ରଦାୟର ଏକ ଉପଗୋଷ୍ଠୀର ଭାଷିକ ବିବର୍ତ୍ତନ ହୋଇଅଛି । ମାନଭୂମ ଅଞ୍ଚଳର ଭୂମିଜ ମାନଙ୍କ ଭାଷା ମୁଣ୍ଡାରୀ ଛଡ଼ାଅନ୍ୟକିଛି ନୁହେଁ। ଆର୍ଯ୍ୟ ଅନୁଗାମୀ ଜନିତ ଯେଉଁ ଗୋଷ୍ଠୀ ବିବର୍ତ୍ତିତ ହେବାକୁ ଲାଗିଛନ୍ତି ସେମାନଙ୍କର ମୂଳ ପ୍ରଜାତି (Parent race) ସହ ସଂପର୍କ କେତେକ ମାତ୍ରାରେ ଛିନ୍ନ ହୋଇଛି ।

ଆର୍ଯ୍ୟମାନଙ୍କର ଆଗମନ ସମୟରେ ଭୂମିଜ (ମୁଣ୍ଡା)ମାନେ ସିନ୍ଧୁ ନଦୀର ଉପତ୍ୟକାରେ ବସବାସ କରୁଥିଲେ । ଆର୍ଯ୍ୟମାନେ ମୁଣ୍ଡା ସଂପ୍ରଦାୟର ଏହି ଲୋକମାନଙ୍କୁ ଚାଷ କାର୍ଯ୍ୟରେ ଲିପ୍ତ ରହୁଥିବାର ଦେଖି ସମ୍ଭବତଃ ଭୂମିଜ ଆଖ୍ୟା ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏମାନେ ଆର୍ଯ୍ୟକର୍ତ୍ତୃକ ବିତାଡିତ ହୋଇ ପଶ୍ଚିମବଂଗ ଏବଂ ମାନଭୂମ ଅଞ୍ଚଳରେ ବସତିସ୍ଥାପନ କଲେ । ଅଧିକାଂଶ ମୁଣ୍ଡା/ଭୂମିଜ ସମୟକ୍ରମେ ସୁବର୍ଣ୍ଣରେଖାର ଦୁଇତଟ, ଲୋହାରଡାଗା, ହଜାରିବାଗ, ଛୋଟନାଗପୁରର ମାଳ ଅଞ୍ଚଳକୁ ନିଜର ବସତି ସଂପ୍ରସାରିତ କଲେ । ବଂଗଳା ଅଞ୍ଚଳରେ ବସବାସ କରୁଥିବା ଭୂମିଜ ସ୍ଥାନୀୟ ବଙ୍ଗଳାକୁ କାଳାନୁକ୍ରମେ ନିଜର ଭାଷା ରୂପରେ ଗ୍ରହଣ କରିନେଲେ । ଓଡ଼ିଶା ଅର୍ନ୍ତଭୁକ୍ତ ଯେଉଁ ଭୂମିଜ ବସତି ସ୍ଥାପନ କଲେ ସେମାନେ ଧିରେ ଧିରେ ସ୍ଥାନୀୟ ଓଡ଼ିଆକୁ ଭାଷା ହିସାବରେ ଗ୍ରହଣ କଲେ ତଥାପି ସେମାନଙ୍କ ଭାଷାରେ ବଙ୍ଗଳାର ପ୍ରଭାବ ଅନୁଭୂତ ହୁଏ ।

ଭୂମିଜମାନେ ସଂଘବଦ୍ଧ ଭାବରେ ବସବାସ କରନ୍ତି । ଭୂମିଜ ମାନେ ନିଜକୁ ଏକ ସ୍ୱତନ୍ତ୍ର ଜାତି ବୋଲି ମନେ କରିଥାଆନ୍ତି । ସେମାନେ ନିଜକୁ କ୍ଷତ୍ରୀୟ କିମ୍ବା ରାଜପୁତ୍ ବୋଲି ଆଖ୍ୟା ଦେଇଥାଆନ୍ତି । ଅନ୍ୟ ଜାତିର ପରିବାର ସହିତ ମିଶନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ପରିବାରର ନିଜସ୍ୱ କିମ୍ବଦନ୍ତୀ ଏବଂ ଇତିହାସ ଥାଏ । ବୀରଭୂମ୍‌ର ରାଜାଙ୍କ

ଇତିହାସରୁ ଜଣାଯାଏ ଯେ ଭୂମିଜ ମାନେ ସେମାନଙ୍କର ବଂଶାବଳୀ ସୃଷ୍ଟି କରିବାରେ ସିଦ୍ଧହସ୍ତ । ଯେପରି ନାଥ ବରାହ ଓ କେଶ ବରାହ ଦୁଇ ଭାଇଥିଲେ । ଥରେ ସେମାନଙ୍କର ପିତା ବିରାଟ ରାଜାଙ୍କ ସହିତ ମନାନ୍ତର ଘଟିଲା ଏବଂ ବିକ୍ରମାଦିତ୍ୟଙ୍କ ଦରବାରରେ ସେହି କଳହର ସମାଧାନ ହେଲା । ନାଥ ବରାହଙ୍କ ସାନଭାଇ କେଶ ବରାହଙ୍କୁ ଦୁଇଭାଗ କରି ହାଣି ଦିଆଗଲା ଏବଂ ତାଙ୍କ ରକ୍ତକୁ ନେଇ ବଡ଼ଭାଇଙ୍କ କପାଳରେ ରାଜା ବିକ୍ରମାଦିତ୍ୟ ତିଳକ ଲଗାଇଦେଲେ ତଥା ଦୁଇଟି ଛତା ପ୍ରଦାନ କଲେ । ସେ କହିଲେ ଯେ ନାଥ ବରାହ ଗୋଟିଏ ଦିନ, ଗୋଟିଏ ରାତିରେ ଯେତିକି ଦୂର ଅତିକ୍ରମ କରି ପାରିବେ ସେଗୁଡ଼ିକ ସବୁ ତାଙ୍କର ହୋଇଯିବ । ନାଥ ତାଙ୍କ ଘୋଡ଼ା ଚଢ଼ି ଆଠ ଯୋଜନ ଅଞ୍ଚଳ ଅତିକ୍ରମ କଲେ ଯାହାକି ଆଜିର ବୀରଭୂମ୍ ନାମରେ ପରିଚିତ । ଭୂମିଜ ଲୋକମାନେ ବିଶ୍ୱାସ କରନ୍ତି ଯେ ଦକ୍ଷିଣ ଭାଗରେ ଥିବା ପାହାଡ଼ର ଢ଼ାଲୁ ଅଞ୍ଚଳରେ ଥିବା ଚିହ୍ନ ଗୁଡ଼ିକ ହେଉଛି ନାଥ ବରାହଙ୍କ ଘୋଡା ଟାପୁ ଚିହ୍ନ । ଏହି ଘଟଣାର ସଂପର୍କ ନିକଟବର୍ତ୍ତୀ ପାଟ୍‌କମ୍ ରାଜାଙ୍କ ସହିତ ରହିଥିବାର ସୂଚନା ମିଳେ ଯେ କି ନିଜକୁ ବିକ୍ରମାଦିତ୍ୟଙ୍କ ବଂଶଧର ବୋଲି ସ୍ୱୀକାର କରନ୍ତି ।

ଧଳ୍‌ଭୂମ୍‌ର ରାଜା ଭୂମିଜ ସଂପ୍ରଦାୟର ଥିଲେ, ଯଦିଓ ସେ ସମୟରେ ସେମାନଙ୍କୁ ରାଜ୍‌ପୁତ୍ ବୋଲି ଆଖ୍ୟା ଦିଆଯାଉଥିଲା । ମନଭୂମ୍ ରାଜାଙ୍କ ପୂର୍ବପୁରୁଷ ଥିଲେ ଜଣେ ଧୋବା, ଯେ କି ଦେବୀ କାଳୀଙ୍କୁ ଆଶ୍ରୟ ଦେଇଥିଲେ, ଯେତେବେଳେ କାଳୀ ପାନ୍‌ଚେତ୍ ରାଜ୍ୟର ଏକ ରାକ୍ଷସ ପାଖରୁ ପଳାୟନ କରିଥିଲେ । କୃତଜ୍ଞ ହୋଇ ଦେବୀ ସେହି ଧୋବାଙ୍କୁ ଏକ ବ୍ରାହ୍ମଣ କନ୍ୟା ପ୍ରଦାନ କରିଥିଲେ । ପରେ ରାଜା ତାଙ୍କୁ ବିବାହ କଲେ ଏବଂ ବିଶ୍ୱାସ କରାଯାଏ ଯେ ଧଳଭୂମ୍‌ର ରାଜାମାନେ ତାଙ୍କର ଔରସରୁ ଜାତ ହୋଇଥିଲେ । ଏହି କିମ୍ବଦନ୍ତୀର ମୂଳ ହେଉଛି ଧଳ୍‌ଭୂମ୍‌ର ଏକ ଭୂମିଜ ମୁଖିଆ ଜଣେ ବ୍ରାହ୍ମଣ ଦ୍ୱାରା ପରିଚାଳିତ ହୋଇ ପାନ୍‌ଚେତ୍‌ର ଦେବୀ କାଳୀ (ରଙ୍କିନୀ)ଙ୍କର ପ୍ରତିମୂର୍ତ୍ତିକୁ ଚୋରାଇ ନେଇ ନିଜର କୂଳ ଦେବୀ ଭାବରେ ଘରେ ପ୍ରତିଷ୍ଠା କରିଥିଲେ । ଏହି ରଙ୍କିନୀ ଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ବଳି ଦିଆଯାଉଥିଲା । ଏହି ଆୟୋଜନକୁ ବିନ୍ଦପର୍ବ କୁହାଯାଉଥିଲା । ଏହି ପର୍ବରେ ଦୁଇଟି ମଇଁଷିକୁ ଗୋଟିଏ ଛୋଟ ଘେର ମଧ୍ୟକୁ ଅଣାଯାଉଥିଲା ଏବଂ ସେହି ଘେରର ଅଳ୍ପ ଦୂରରେ ରାଜାଙ୍କ ପାଇଁ ତୋରଣର ବ୍ୟବସ୍ଥା ଥିଲା । ରାଜା ଏବଂ ତାଙ୍କର ପୁରୋହିତମାନେ ସେହି ମଇଁଷି ଦ୍ୱୟକୁ ଲକ୍ଷ୍ୟ କରି ତୀର ମାରୁଥିଲେ । ଏଥିରେ ଅନ୍ୟ ସମସ୍ତେ ମଧ୍ୟ ରାଜାଙ୍କୁ ଅନୁସରଣ କରୁଥିଲେ । ଯେତେବେଳେ ପଶୁ ଦ୍ୱୟ ତୀର ଆଘାତରେ ଛଟପଟ ହେଉଥିଲେ ସେଠାରେ ଉପସ୍ଥିତ ଥିବା ଲୋକାମାନେ ସେଇ ଘେର ମଧ୍ୟକୁ ଯାଇ ପଶୁ ଦୁଇଟିକୁ ହାଣି ପକାଉଥିଲେ । ୧୮୬୫ ମସିହାରେ ତତ୍‌କାଳୀନ ବ୍ରିଟିଶ ସରକାର ଏହି ବିଭତ୍ସ ପ୍ରଥାକୁ ବନ୍ଦ କରିଥିଲେ ।

ବ୍ରିଟିଶ ଶାସନ ସମୟରେ ଅଧିକାଂଶ ଭୂମିଜମାନେ ସୁଖରେ ଜୀବନ ଯାପନ କରୁଥିଲେ । ସରକାରଙ୍କୁ ଅନ୍ୟମାନଙ୍କ ଅପେକ୍ଷା କମ୍ ଖଜଣା ଦେଉଥିଲେ । ଉନ୍ନତ ଚାଷୀମାନଙ୍କ ଭଳି ରହୁଥିଲେ । କାଳକ୍ରମେ ଦୁର୍ଭିକ୍ଷ ଜନିତ ଖାଦ୍ୟାଭାବ ବା ଅନ୍ୟ କୌଣସି ପ୍ରତିକୂଳ ପରିସ୍ଥିତିରେ ବାଧ୍ୟ ହୋଇ ଭୂମିଜମାନେ ବହୁଳ ଭାବରେ ପୂର୍ବଦିଗକୁ ସଂପ୍ରସାରିତ ହୋଇ ଓଡ଼ିଶା ପ୍ରଦେଶକୁ ପ୍ରବେଶ କଲେ ।

ଭୂମିଜ ଜନଜାତି ଓଡ଼ିଶାର ମୟୂରଭଂଜ, ସୁନ୍ଦରଗଡ଼, କେନ୍ଦୁଝର, ତଥା ବାଲେଶ୍ୱର ଜିଲ୍ଲା ସମୂହରେ ବିକ୍ଷିପ୍ତଭାବରେ ବସବାସ କରନ୍ତି । ୧୯୮୧ ଜନସୁମାରୀ ଅନୁସାରେ ଏମାନଙ୍କ ସଂଖ୍ୟା ୧,୫୭,୬୧୪ ଅଟେ । ଏମାନଙ୍କର ବସତି ସାଧାରଣ। ଅନ୍ୟବର୍ଗ, ଯଥା ସାନ୍ତାଳ, ବାଥୁଡ଼ି, ଖଡ଼ିଆ, ମାହାଲି ଜନଜାତି ତଥା ବିଭିନ୍ନ ହିନ୍ଦୁ ଗୋଷ୍ଠୀମାନଙ୍କ ସହ ମିଶି ଗ୍ରାମ ସଂରଚିତ ହୋଇଥାଏ । ତେଣୁ ଏକ ଗ୍ରାମରେ ବିଭିନ୍ନ ଗୋଷ୍ଠୀର ସହାବସ୍ଥାନ ସ୍ଥାୟୀ କୃଷିଜୀବୀ ହିସାବରେ ସେମାନେ ପ୍ରଚଳିତ ଜ୍ଞାନ କୌଶଳକୁ ଆଧାର କରି କୃଷି କର୍ମ କରିଥାନ୍ତି । ଏହାଛଡ଼ା ଶ୍ରମ ଜୀବୀ ଓ ଜଙ୍ଗଲ ଉପରେ ମଧ୍ୟ ଊଣା ଅଧିକେ ନିର୍ଭରଶୀଳ । ଶିକ୍ଷାର ପ୍ରସାରଫଳରେ ଅନେକ ସରକାରୀ ଚାକିରୀ ଅବା ଖଣି ଖାଦାନରେ ମଧ୍ୟ କର୍ମରତ । ଭୂମିଜର ଅନ୍ତର୍ଗୋଷ୍ଠୀ ଗୁଡ଼ିକ ହେଲା ତାମୁଡ଼ିଆ ଭୂମିଜ, ହଳଦୀ ପୋଖରିଆ ଭୂମିଜ, ତେଲି ଭୂମିଜ ଓ ଦେଶୁଆ ଭୂମିଜ ବା ଦେହୁରୀ ଭୂମିଜ ଏମାନଙ୍କ ମଧ୍ୟରେ ତାମୁଡ଼ିଆ ଭୂମିଜ ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ମନେ କରିଥାନ୍ତି ।

ଗ୍ରାମର ମୁଖିଆ ସର୍ଦ୍ଦାର ହିସାବରେ ପରିଚିତ । ଗ୍ରାମରେ ଯାବତୀୟ ନ୍ୟାୟ ନିଶାପର ସେ ଅଧିକର୍ତ୍ତା । ତେବେ ସର୍ଦ୍ଦାର ପଦବୀ ଉତ୍ତରାଧିକାର ସୂତ୍ରରେ ମିଳେନି । ଏହାଙ୍କ ପରେ ଗ୍ରାମର ପର୍ବ ଦେବାଦେବୀ ପୂଜନ ନିର୍ବାହ ସକାଶେ ଦେହୁରୀ ଥାନ୍ତି। ହିନ୍ଦୁ ସଂସ୍କାରର ଅନୁଗାମୀ ହେବା ଫଳରେ କେତେକ ବ୍ରାହ୍ମଣ ପୂଜକ ମଧ୍ୟ ନିଯୁକ୍ତି କରିଥାନ୍ତି । ମାତ୍ର ସ୍ୱବର୍ଗୀୟ ସାଂସ୍କୃତିକ ଅନୁଷ୍ଠାନ ଦେହୁରୀ ଦ୍ୱାରା ହିଁ ସଂପାଦିତ ହୋଇଥାଏ । କୃଷି ଜୀବୀ ହୋଇଥିବାରୁ ସମସ୍ତ ସାଂସ୍କୃତିକ ଅନୁଷ୍ଠାନ କୃଷି କେନ୍ଦ୍ରିକ । ଲୋକ ସାଂସ୍କୃତିକ ଉପାଦାନ ମଧ୍ୟ ଏହା ଉପରେ ପୁଷ୍ଟ ହୋଇଥାଏ ।

# ଭୂମିଜ ଲୋକ ସଂସ୍କାର

## ଗର୍ଭଧାରଣ ଓ ସନ୍ତାନ ଜନ୍ମ :

ଭୂମିଜ ସମାଜରେ ନାରୀ ଅନ୍ତଃସତ୍ତ୍ୱା ହେବାର ଦୁଇ ତିନିମାସ ମଧ୍ୟରେ ଗର୍ଭସ୍ଥ ଶିଶୁର ନିରାପତ୍ତା ପାଇଁ ସ୍ତ୍ରୀର ଶ୍ୱଶୁର ଘର ପରିବାରରେ ଆର୍ଯ୍ୟ ସମାଜର ମହାଦେବ ପୂଜା ପରି ଏକ ଉତ୍ସବ ପାଳନ କରାଯାଏ । ତାହା 'ନାଗେ ଦଲମ୍' ବଙ୍ଗା ନାମରେ ପ୍ରଚଳିତ । ଏହି ପୂଜା ସାଧାରଣତଃ ପ୍ରଥମ ଗର୍ଭ ସମୟରେ ନିଶ୍ଚିତ ହୋଇଥାଏ । କିନ୍ତୁ ପରବର୍ତ୍ତୀ ଗର୍ଭ ବେଳକୁ 'ନାଗେଦଲମ୍' ପୂଜା ହୁଏନି କିମ୍ବା ଏହା ଉପରେ ଗୁରୁତ୍ୱ ଦିଆଯାଏ ନାହିଁ । ଏହି ଉତ୍ସବରେ ସ୍ତ୍ରୀ ବାପଘରୁ ବାପା, ମା ଓ ପଡ଼ିଶା ଘରୁ ଜଣେ ଦି'ଜଣ ଆସି ଥାଆନ୍ତି । ଝିଅପାଇଁ ଲୁଗାପଟା, ଖାଦ୍ୟ ଜିନିଷ ଓ ପୂଜା ପାଇଁ ଗୋଟିଏ କିମ୍ବା ଦୁଇଟି କାଟୁଲି (ଅଣ୍ଡା ଦେଇନଥିବା) କୁକୁଡ଼ା ଆଣନ୍ତି । କୁକୁଡ଼ାର ରଂଗ ଗୋଟିଏ ଧଳା ଓ ଅନ୍ୟଟି ବାର ବର୍ଣ୍ଣିଆ ବା ମାଟିଆ ମିଶା ରଂଗ (ହଲେଃସିମ୍) ହୋଇଥିବା ଦରକାର । ବୋହୁର ବାପଘରୁ ଯଦି ଗୋଟିଏ କୁକୁଡ଼ା ଆସିଲା ତେବେ ତାହା ବାରବର୍ଣ୍ଣିଆ ହେବା ଜରୁରୀ । ଅନ୍ୟ ଧଳା କୁକୁଡ଼ାଟି ଶ୍ୱଶୁର ଘର ଲୋକ ଯୋଗାଡ଼ କରିନିଅନ୍ତି ।

ପୂଜାରେ ଧର୍ମ ଦେବତାଙ୍କୁ ସାକ୍ଷୀ ରଖି ବୋହୂଟିର ବାପା ପୂଜା କରନ୍ତି । ବୋହୂଟି ପୂଜା ସ୍ଥାନରେ ବସେ । ପୂଜା ସରିବା ପରେ ଧଳା କୁକୁଡ଼ାଟିକୁ ମାରି ବୋହୂ ଏବଂ ତାର ସ୍ୱାମୀଙ୍କ ବ୍ୟତୀତ ସମସ୍ତେ ତା'ର ମାଂସ ଖାଆନ୍ତି । ବାରବର୍ଣ୍ଣିଆ କୁକୁଡ଼ାଟିର କେବଳ ବୁଢ଼ା ଆଙ୍ଗୁଠିରେ ନଖଟିକୁ ଅଳ୍ପକାଟି ଦିଅନ୍ତି, ଯେପରି ରକ୍ତ ମଧ୍ୟ ସାମାନ୍ୟ ବାହାରିବ । ତା'ପରେ ତାକୁ ଛାଡ଼ି ଦିଆଯାଏ । ସେହି କୁକୁଡ଼ାଟି ଯଦି କେବେ ମରିଯାଏ ତେବେ ସ୍ୱାମୀ ସ୍ତ୍ରୀ (ଯାହା ପାଇଁ ପୂଜା ହୋଇଥାଏ) ତା'ର ମାଂସ ଖାଆନ୍ତି ନାହିଁ । ଅନ୍ୟ ସମସ୍ତେ ଖାଇ ପାରିବେ । କିନ୍ତୁ ସେଇ କୁକୁଡ଼ାଟିକୁ ମରାଯାଏ ନାହିଁ । ପୂଜାପରେ ନାଗ ଚେରକୁ ମନ୍ତୁରାଇ ବୋହୁର ବେକରେ ପ୍ରସବ ପର୍ଯ୍ୟନ୍ତ ବାନ୍ଧି ଦିଆଯାଏ । ଏହାକୁ ଧର୍ଣ୍ଣି କୁହନ୍ତି । ଏହି ଧର୍ଣ୍ଣି ବାନ୍ଧିବାଦ୍ୱାରା ଗଣ୍ଡ, ଧନୁଷ୍ଟଙ୍କାର ରୋଗରୁ ମୁକ୍ତି ମିଳିବା ସହିତ ପ୍ରସବ କାଳରେ ଯନ୍ତ୍ରଣା ଲାଘବ କରିବା ଏବଂ ଗର୍ଭ ନଷ୍ଟ ହେବନାହିଁ ବୋଲି ଭୂମିଜ ସମାଜର ବିଶ୍ୱାସ ।

'ନାଗେ ଦଲମ୍' ଉତ୍ସବ ପରେ ଗର୍ଭବତୀ ସ୍ତ୍ରୀକୁ କେତେଗୁଡ଼ିଏ ନିୟମ ମାନିବାକୁ ପଡ଼େ । ତାକୁ ସର୍ପ, କୁଷ୍ଠରୋଗୀ, ଜୀବହତ୍ୟା ଆଦି ଦେଖିବା ନିଷେଧ ଥାଏ । ନଖ

କାଟିବା, କୌଣସି ମାଠିଆ ବା କଳସୀ ଆଦି କଣା ହୋଇଥିଲେ ସେ କଣାକୁ ବନ୍ଦ କରିବା (ଯେ କୌଣସି ଜିନିଷଦ୍ୱାରା) ପ୍ରଭୃତି କାମ କରିବାକୁ ନିଷେଧ କରାଯାଇଥାଏ । ଏ ସବୁ କଲେ ଗର୍ଭସ୍ଥ ଶିଶୁ ଉପରେ କୁ ପ୍ରଭାବ ପଡ଼ିଥାଏ ବୋଲି ଏ ସଂପ୍ରଦାୟର ବିଶ୍ୱାସ ରହିଛି । ପୁନଶ୍ଚ ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଗଣ୍ଠି ପକାଇବା ଗର୍ଭବତୀ ମହିଳାପାଇଁ ନିଷିଦ୍ଧ ଥାଏ । ବିଭିନ୍ନ କୁପ୍ରଭାବକୁ ପ୍ରତିରୋଧ କରିବାପାଇଁ ସର୍ବଦା ନିଜ ପାଖରେ ଶିଳ ଓ ଶିଳ ପୁଆ ରଖିଥାଏ । ଏହି ଆସନ୍ନପ୍ରସବା ପାଇଁ ସ୍ତ୍ରୀ ଲୋକକୁ ବାଡ଼ ଉପରେ ଡିଆଁ ମାରିବା ଏବଂ ଗାତ ପୋତିବା ମନା କରାଯାଇଥାଏ। ପ୍ରସବ ବିଳମ୍ବ ହେଲେ କିମ୍ବା କଷ୍ଟ ଦାୟକ ପ୍ରସବ ହେଲେ ଗର୍ଭବତୀ ସ୍ତ୍ରୀର ସ୍ୱାମୀ ଏକ ପାଳ ଦଉଡିକୁ କାଟି ଦୁଇଖଣ୍ଡ କରେ । ଏଭଳି କାର୍ଯ୍ୟଦ୍ୱାରା ପ୍ରସବ ସହଜ ସାଧ ହୋଇଥାଏ ବୋଲି ଭୂମିଜ ସଂପ୍ରଦାୟର ଲୋକ ବିଶ୍ୱାସ କରିଥାଆନ୍ତି ।

ଭୂମିଜ ପରିବାରରେ ଗର୍ଭମୋଚନ ସାଧାରଣତଃ ମୁଖ୍ୟ ଗୃହରେ ହିଁ ହୋଇଥାଏ । କାରଣ ଏଥିପାଇଁ ଅନ୍ୟ ବ୍ୟବସ୍ଥା ନଥାଏ । ଘାସୀ ଜାତିର ଧାଈ ଦ୍ୱାରା ଏହି କାର୍ଯ୍ୟ ସଂପାଦିତ ହୁଏ । ପିଲା ଜନ୍ମ ହେଲା ମାତ୍ରେ ସାହି ପଡ଼ିଶାରେ ଥିବା ନାରୀମାନେ ଧାଈର ସହାୟତାରେ ଏକ ବେଲା ବଜାନ୍ତି । ଏପରି କରିବାରେ  ଲୋକ ବିଶ୍ୱାସ ଯେ ଭବିଷ୍ୟତରେ ଶିଶୁଟି ଖନା, ମୂକ ବା ବଧୀର ହେବନାହିଁ । ତା'ପରେ କିଛି ସୋରିଷ ଗୋଟିଏ ଖପରାରେ ଫୁଟାଇ ଶିଶୁର କାନ ପାଖରେ ସେକନ୍ତି ଏବଂ ଉକ୍ତ ନିଆଁକୁ ଦାଣ୍ଡ ଟାଟି ପାଖରେ ପକାଇ ଦେଇ ଆସନ୍ତି । ପର ମୁହୂର୍ତ୍ତରେ ଏକ ଧାରୁଆ ତୀର ସାହାଯ୍ୟରେ ଧାଈ ତା'ର ନାଭି ଛେଦନ କରିଥାଏ । ସେ ଗର୍ଭଫୁଲ ଏବଂ ନବଜାତ ଶିଶୁର ନାଭିକୁ ଏକ ଗାତରେ ପୋତି ଦିଅନ୍ତି । ଗାତଟି ଘରର ଚାଳତଳେ ଶିଶୁର ପିତା ଦ୍ୱାରା ଖୋଳା ହୋଇଥାଏ । ତାପରେ ଶିଶୁଟିକୁ ଧାଈ ସାମାନ୍ୟ ଉଷୁମ ପାଣିରେ ଗାଧୋଇ ଦିଅନ୍ତି । ମା' ଓ ଶିଶୁକୁ ଉଷୁମ ରଖିବା ପାଇଁ ଘରେ ନିଆଁ ଜଳାଯାଏ ।

ନବଜାତ ଶିଶୁଟି ପାଇଁ ଛେଳିର କ୍ଷୀର ଆଣି ଦିଅନ୍ତି । କେତେକ ସ୍ଥଳରେ ବର୍ତ୍ତମାନ ଛେଳି କ୍ଷୀର ବଦଳରେ ମହୁ ଖାଇବାକୁ ଦିଆ ଯାଉଛି। ଶିଶୁ ଜନ୍ମ ହେବାର ପ୍ରଥମ ଦିନରେ ଡାହାଣୀ, ଭୂତପ୍ରେତ, ଚଣ୍ଡି ଚାମୁଣ୍ଡାମାନଙ୍କ ଦୃଷ୍ଟିରୁ ରକ୍ଷା କରିବା ପାଇଁ ଗୃହର ମୁଖ୍ୟ ଦ୍ୱାର ବନ୍ଧ ନିକଟରେ ଚାରୋଟି କେନ୍ଦୁଡାଳ ପୋତାଯାଏ ।।

ଯେଉଁ କୋଠରୀରେ ଶିଶୁଟି ଭୂମିଷ୍ଠ ହେଲା ସେହି କୋଠରୀଟିକୁ 'ଜନମ୍ ଶାଳେ' କୁହାଯାଏ । ମାଆ ଓ ଶିଶୁ ସେହି 'ଜନମଶାଳେରେ ନଅଦିନ କାଳ ରୁହନ୍ତି । ସେଠାରେ ଗୋଟିଏ ପାତ୍ରରେ ନିଆଁ ଜଳାଇ ରଖା ଯାଇଥାଏ ଏବଂ ମାଆ ଶିଶୁଟିର ନାଭି ମୂଳରେ

ସେକ ଦିଏ। ଶିଶୁର ନାଭି ଶୁଖାଇବା ପାଇଁ ଛେଳି ନେଣ୍ଡି , ଖପରା ଗୁଣ୍ଡ ଚୂର୍ଣ୍ଣ କରି ନାଭିରେ ଦିଆଯାଏ । ଆସ୍ତେ ଆସ୍ତେ ନାଭିଟି ଶୁଖି ଝଡ଼ିପଡ଼େ ।

ଏହି ଅଶୌଚ ସମୟରେ ପୁଆତିକୁ ଏକ ଓଳି ଲେଖାଏଁ ଭାତ ଖାଇବାକୁ ଦିଆଯାଏ । ଭାତ ସହିତ ରସୁଣ, ସିଝା ଓ କୁନ୍ଦୁରୀ ପୋଡ଼ା ଖାଇବାକୁ ଦିଆଯାଏ । ସ୍ଥଳ ବିଶେଷରେ କରଞ୍ଜ ଛାଲି ପାଣିରେ ସିଝାଇ ସେହି ପାଣି ମଧ୍ୟ ପିଇବାକୁ ଦିଅନ୍ତି । କାଳେ ସନ୍ନିପାତ ହୋଇଯିବ, ସେଥିପାଇଁ ଗରମ ଚିକିତ୍ସା କରିଥାଆନ୍ତି । ଏହି ନଅଦିନ ମଧ୍ୟରେ ଶିଶୁ ଦେହରେ ରଙ୍ଗ ଘା ବାହାରିଲେ ଶିଶୁ ନାଭିରେ ସେକ ଦିଆଯାଏ ନାହିଁ ।

ଶିଶୁ ଜନ୍ମର ନଅଦିନ ପର୍ଯ୍ୟନ୍ତ ମା, ଶିଶୁ ଓ ଧାଈଙ୍କୁ କେହି ଛୁଅନ୍ତି ନାହିଁ । ପିଲାଟିକୁ ଘର ଲୋକେ କେହି ଧରିବାକୁ ଚାହିଁଲେ ଖାଲି ଦେହରେ ଭୂଇଁରେ ତାକୁ ଶୁଆଇ ଦିଆଯାଏ । ଏହି ନଅଦିନ ପରିବାରର ଅନ୍ୟ ସଦସ୍ୟ ଠାକୁର ପୂଜା କରନ୍ତି ନାହିଁ ଓ କୌଣସି ଧର୍ମ କାର୍ଯ୍ୟରେ ଭାଗ ନିଅନ୍ତି ନାହିଁ ।

ଶିଶୁଟି ଜନ୍ମ ହେବାର ସପ୍ତମ ଓ ଅଷ୍ଟମ ଦିନରେ ଘରଦ୍ୱାର ଲିପା ପୋଛା କରି ପରିଷ୍କାର ପରିଚ୍ଛନ୍ନ କରାଯାଏ ଓ ନବମଦିନରେ ଶିଶୁ ଜନ୍ମ ହେବା ଦିନ ସାହାଯ୍ୟ କରିଥିବା ନାରୀ ମାନଙ୍କର ଏବଂ ନିକଟସ୍ଥ ପଡୋଶୀ ମାନଙ୍କ ଘରୁ ଖଣ୍ଡିଏ ଖଣ୍ଡିଏ ଲୁଗା ଆଣି ଧୋବା ଦ୍ୱାରା ସଫା କରାନ୍ତି । ଜଣେ ବାରିକ ଦ୍ୱାରା ଉପସ୍ଥିତ ବନ୍ଧୁ ବାନ୍ଧବ, ଘର ଲୋକ, ଶିଶୁ ଓ ଶିଶୁର ପିତାମାତା ମାନଙ୍କର ନଖ କଟାଯାଏ ତଥା କ୍ଷୌର କରାଯାଏ । ଏହି ଶୌଚ ହେବା ଦିନଟିକୁ ନନା (ଉଠିଆରୀ) କୁହାଯାଏ । ଉକ୍ତ ଦିନ ବୟସ୍କା ନାରୀ ଓ ପୂର୍ବ ସାହାଯ୍ୟକାରିଣୀ ମାନଙ୍କ ଗହଣରେ ମା ପୋଖରୀ ବା ଝରଣାକୁ ଗାଧୋଇବାପାଇଁ ଯାଏ । ସେଠାରେ ସେ ବଟା ହଳଦୀ ଓ ତେଲକୁ ମିଶାଇ ଦେହରେ ଲଗାଇ ଗାଧୋଇ ଥାଏ । ଗାଧୁଆ ତୁଠରେ ସ୍ନାନକରି ଗ୍ରାମଦେବତୀଙ୍କ ନାମରେ ଅରୁଆ ଚାଉଳ, ସିନ୍ଦୂର ଦିଆଯାଏ ଏବଂ 'ନାଗେଏରା' (ଷଠୀଦେବୀ)ଙ୍କ ଉଦ୍ଦେଶ୍ୟରେ ଉଷୁନା ଚାଉଳ, ମେଥି, ଚୂନା (ଚାଉଳ) ଏବଂ ସିନ୍ଦୂର ଅର୍ପଣ କରାଯାଇଥାଏ । ଶିଶୁର ମାଆ (ପ୍ରସବିନୀ) ନାଲି ଧଡ଼ି ଥିବା ଶାଢ଼ୀ ଏବଂ ଅଳତାରେ ସଜ୍ଜିତ ହୁଏ । ଶିଶୁର ପିତା ମଧ୍ୟ ଗାଁର ପୁରୁଷମାନଙ୍କ ସହିତ ଶୌଚ ହେବାପାଇଁ ପୋଖରୀକୁ ଗାଧୋଇବାପାଇଁ ଯାଏ । ଗାଧୋଇ ସାରିବା ପରେ ଶିଶୁର ପିତା ଗୋଟିଏ ଲୋଟାରେ ପାଣି ଆଣି ତୁଳସୀ ପତ୍ର ଦ୍ୱାରା ଘର ଭିତରେ ଓ ବାହାରେ ପାଣି ସିଞ୍ଚି ଘରକୁ ଶୌଚ କରନ୍ତି । ସେ ମଧ୍ୟ ନୂତନ ବସ୍ତ୍ର ପରିଧାନ କରି ଥାଆନ୍ତି । ସେଦିନ ମଉଜ ମଜଲିସ୍‌ରେ ସଂପୃକ୍ତ ପରିବାରର ଦିନ କଟେ ।

ଉଠିଆରୀ (ନାର୍ତ୍ତା) ପରଦିନ ଦ୍ୱିତୀୟ ଥର ପାଇଁ ବୟସ୍କାନାରୀ ମାନଙ୍କ ସହିତ ମା' ଗାଧୋଇବାକୁ ଯାଏ । ଗାଧୋଇ ଆସି ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ପ୍ରଣାମ ଜଣାଇଥାଏ । ପୁନଶ୍ଚ ଉଠିଆରୀ ପରେ ଘରକୁ ଅଧିକ ଭଲ ଭାବେ ପବିତ୍ର କରିବାପାଇଁ ଘରର କୋଣରେ ''ସଃ ଶିଲିଃ'' ପୂଜା ହୁଏ । ଏଥିରେ ବାରବର୍ଣ୍ଣିଆ କୁକୁଡ଼ା ବଳି ପଡ଼େ । ସିନ୍ଦୁର, ଉଷୁନା ଚାଉଳ ଓ ହାଣ୍ଡିଆ ପୂଜାରେ ଲାଗେ ।

**ନାମକରଣ :**

ପ୍ରଥା ଅନୁସାରେ ଏକ ବୟସ୍କା ମହିଳାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସଂପାଦିତ ହୁଏ । ସେହି ସ୍ତ୍ରୀ ଲୋକଟି ଏକ କଂସା ବାସନରେ ପାଣି ରଖି ଧର୍ମ ଦେବତାଙ୍କ ନାମରେ ଦୁବଘାସ ଓ ଯାହାଙ୍କ ନାମାନୁସାରେ ନାମ ଦିଆଯାଏ ତାଙ୍କ ନାମରେ ଗୋଟିଏ ଅରୁଆଚାଉଳ ଏବଂ ନୂତନ ଶିଶୁପାଇଁ ଗୋଟିଏ ସୋରିଷ ପାଣି ଉପରେ ଛାଡ଼ିଦିଏ । କଂସା ପାଣିରେ ଯେତେବେଳେ ଅରୁଆ ଚାଉଳଟି ଘୁରି ଘୁରି ଦୁବଘାସ ଏବଂ ସୋରିଷ ସହିତ ଏକତ୍ର ହୋଇଯାଏ ସେତେବେଳେ ଶିଶୁଟିର ନାମ ଉକ୍ତ ବ୍ୟକ୍ତି ନାମାନୁସାରେ ଦିଆଯାଏ । ଯଦି ଅରୁଆ ଚାଉଳ, ଦୁବଘାସ ଓ ସୋରିଷ ଏକତ୍ରିତ ନ ହୁଅନ୍ତି ତେବେ ସେହି ବ୍ୟକ୍ତି ବଦଳରେ ଅନ୍ୟ ଏକ ବ୍ୟକ୍ତିଙ୍କ ନାମ ଅନୁସାରେ ପୁନର୍ବାର ଚାଉଳ ପକାଯାଏ । ଉପଯୁକ୍ତ ନାମ ନ ମିଳିବା ପର୍ଯ୍ୟନ୍ତ ଏପରି ଆନୁଷ୍ଠାନିକ କାର୍ଯ୍ୟ ଚାଲୁ ରହିଥାଏ । ଅଜା, ଆଈ, ଜେଜେବାପା, ଜେଜେମା, ମାମୁଁ, ମାଇଁ, ପିଉସା, ପିଉସୀ, ମଉସା,ମାଉସୀ ପ୍ରଭୃତି ଗୁରୁଜନମାନଙ୍କ ନାମ ଅନୁସାରେ ପିଲାର ନାମକରଣ କରାଯାଏ । କନ୍ୟା ହେଲେ ସ୍ତ୍ରୀ ପକ୍ଷ ଲୋକ ଓ ପୁତ୍ର ହେଲେ ସ୍ୱାମୀପକ୍ଷ ଗୁରୁଜନ ଲୋକଙ୍କ ନାମ ଅନୁସାରେ ନାମକରଣ ହୁଏ । ଏହା ବ୍ୟତୀତ ବିଭିନ୍ନ ବାର ଅନୁସାରେ ମଧ୍ୟ ନାମକରଣ କରଯାଇପାରେ । କିନ୍ତୁ ଏବେ ଭୂମିଜମାନେ ପ୍ରାୟ ପାରଂପରିକ ପ୍ରଥା ଅନୁସାରେ ନାମକରଣ ନକରି ଆର୍ଯ୍ୟମାନଙ୍କ ପରି ବିଭିନ୍ନ ନାମ ପିଲାଙ୍କୁ ଦେଉଥିବାର ଦେଖାଯାଉଛି ।

ଶିଶୁ ଜନ୍ମ ହେବାର ୨୧ ଦିନରେ ଆର୍ଯ୍ୟ ସମାଜର ଏକୋଇଶା ପରି ଭୂମିଜ ମାନଙ୍କର ମଧ୍ୟ ଘରର ଈଶାନ କୋଣରେ ''ସଅସିଲୀଃବଙ୍ଗା'' ଅନୁଷ୍ଠିତ ହୁଏ । ସେଦିନ ମଧ୍ୟ ପୂର୍ବ ପରି ଶୌଚ ଓ ପରିଷ୍କାର ହୋଇ ଦିନଟି ଖୁବ୍ ଆନନ୍ଦ ସହିତ ପାଳନ କରନ୍ତି । ତଥାପି ଅନେକ ଭୂମିଜ ପରିବାର ଏକୋଇଶା ଉପରେ ଏତେ ଗୁରୁତ୍ୱ ଦେଇ ନଥାନ୍ତି ।

**କାନଫୋଡ଼ା :**

ଶିଶୁ ଜନ୍ମ ହେବାର ପରବର୍ତ୍ତୀ ଛତୁଆ ସଂକ୍ରାନ୍ତି (ବିଷୁବ ସଂକ୍ରାନ୍ତି)ର ପରଦିନ (ଅଖାଣଦିନ) ପିଲାର ପେଟରେ ଅପାମାରଙ୍ଗ କାଠି ପୋଡ଼ି ତାର ଅଗ୍ରଭାଗ ଦ୍ୱାରା କିମ୍ବା

ଦା'ର ଅଗ୍ରଭାଗ ଗରମ କରି ଦାଗ (ତମ୍ଭାଃ) ଦିଅନ୍ତି । ପୁଣି ଶିଶୁଟି ଜନ୍ମ ହେବାର ପରବର୍ତ୍ତୀ ମକର ବାସି ଦିନ କାନଫୋଡ଼ା ହୁଏ । ଦୁଇଟି ରୂପା ମୁନିଆ କାନସୀ (କଣ୍ଟା) ସାହାଯ୍ୟରେ ଦୁଇକାନକୁ କୌଣସି ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ଫୋଡ଼ି ଦିଆଯାଏ । ଏହାକୁ ''ତୁକୁଇଲୁତୁର'' କହନ୍ତି । ନିଜ ସଂପ୍ରଦାୟର ଲୋକମାନଙ୍କୁ ନେଇ ସନ୍ଧ୍ୟାରେ ଏକ ଭୋଜିର ଆୟୋଜନ ହୋଇଥାଏ । ଯେ ପର୍ଯ୍ୟନ୍ତ ତୁକୁଇ ଲୁତୁର ହୋଇନଥିବ, ସେ ପର୍ଯ୍ୟନ୍ତ ଶିଶୁଟି ଜାତି, ସମାଜରେ ମିଶି ନଥାଏ ବୋଲି ବିଶ୍ୱାସ କରନ୍ତି ।

**ରିଷ୍ଟ ଖଣ୍ଡନ :**

ଯଦି ଶିଶୁର ଆଠ ମାସରେ ଦାନ୍ତ ବାହାରେ ତେବେ ସେହି ପିଲାର ପ୍ରଥମ ଦାନ୍ତ ଖସିଲେ ସେହି ଦାନ୍ତକୁ ଗୋରୁ ମାଡ଼ିଥିବା ଖୁରା ଚିହ୍ନରେ ପିଲାର ଜେଜେମା ବା ଆଈ ପୋତି ଦେଇ ଥାଆନ୍ତି । ଅନ୍ୟ କେତେକ ଭୂମିଜ ଲୋକଙ୍କ ମତରେ ପିଲାଟିକୁ ଗୁହାଳରେ ଗୋରୁ ପଘା ଦ୍ୱାରା ବାନ୍ଧିଥାନ୍ତି । ରିଷ୍ଟ ଖଣ୍ଡନ ପାଇଁ ଗୋରୁ ପଘାରେ ବନ୍ଧା ହୋଇଥିବା ଅବସ୍ଥାରୁ ପିଲାଟିକୁ ତା'ର ଜେଜେମା ବା ଆଈ ଫିଟାଇ ଆଣି ଥାଆନ୍ତି ।

ପୁଣି ଶିଶୁର ଉପର ମାଡ଼ିରେ ପ୍ରଥମେ ଦାନ୍ତ ବାହାରିଲେ କାନଫୋଡ଼ା ପୂର୍ବରୁ ତାକୁ କୁକୁର ସହିତ ବିବାହ କରାଯାଏ । ପୁଅ ହୋଇଥିଲେ ମାଈ କୁକୁର ସହିତ ଓ ଝିଅ ହୋଇଥିଲେ ଅଣ୍ଡିରା କୁକୁର ସହିତ ବିବାହ କରାନ୍ତି । କୁକୁର ବିବାହ ପ୍ରଥାଟି ଏହିପରି କରାଯାଏ ଯେ ଗୋଟିଏ ଖଟ ଉପରେ ଶିଶୁଟିକୁ ବସାଇ ତାହାତଳେ କୁକୁରଟି ରଖି ଉଭୟଙ୍କୁ ହଳଦୀ ତେଲ ପାଣିରେ ଗାଧୋଇ ଦିଅନ୍ତି । ଏହି ପାଣି ପୁଣି ଭୂମିଜ ସଂପ୍ରଦାୟର ସାଧାରଣ ବାହାଘର ପରି ଦୁଇଟି ଅବିବାହିତା ଝିଅ ଦୁଇଟି କଳସୀରେ ପାଖରେ ଥିବା ନଦୀ କିମ୍ବା ପୋଖରୀରୁ ଆଣି ଥାଆନ୍ତି । ଶିଶୁଟିକୁ ହଳଦୀ ଏବଂ ତେଲ ମଖାଇ ଖଟରେ ବସାନ୍ତି । ତା'ପରେ ଉପରୋକ୍ତ ନଦୀ ବା ପୋଖରୀର ପାଣିକୁ ପିଲା ଉପରେ ଢ଼ାଳନ୍ତି । ସେଇ ହଳଦୀ, ତେଲ ମିଶା ପାଣି ତଳେ ଥିବା କୁକୁର ଦେହରେ ପଡ଼େ । ଗାଧୁଆ ସରିଲେ ପିଲାଟିର ପାଦରେ ସିନ୍ଦୂର ଲଗାଇ ଦେଇ, ସେହି ପାଦକୁ କୁକୁରଟିର ଦେହରେ ଘଷାଇ ଦିଅନ୍ତି । ଏହାଦ୍ୱାରା ପିଲାଟିର ରିଷ୍ଟ ଖଣ୍ଡନ ହୋଇଯିବାର ବିଶ୍ୱାସ ଭୂମିଜ ମାନଙ୍କର ରହିଛି ।

ପୁଣି ଯଦି ପିଲା ଖଟ ଉପରେ ଜନ୍ମ ହେଲା, ତାକୁ 'ପାର୍‌କମ୍ ଅପାଣ୍ଡି' କୁହାଯାଏ । ତା' ପାଇଁ ଭବିଷ୍ୟତରେ ଝିଅ ହୋଇଥିଲେ ପୁଅ ଓ ପୁଅ ହୋଇଥିଲେ ଝିଅ ମିଳିବା କଷ୍ଟ ହୋଇଥାଏ। ତେବେ ଏପରି ଅବସ୍ଥାରେ ରିଷ୍ଟ ଖଣ୍ଡନର କୌଣସି ଉପାୟ ନଥିବା ବେଳେ ଭୂମିଜ ସଂପ୍ରଦାୟର ବିଶ୍ୱାସ ଯେ ଏଇ ''ପାରକମ୍ ଅପାଣ୍ଡି'' ପୁଅ କିମ୍ବା ଝିଅଙ୍କୁ ବିବାହ କଲେ ନିଶ୍ଚିତ ମୃତ୍ୟୁ ହୋଇଥାଏ ଏବଂ ଚାରିଥର ପର୍ଯ୍ୟନ୍ତ ଏମାନଙ୍କର ବିବାହ କରାଇଲେ

ସେହି ସ୍ତ୍ରୀ କିମ୍ୱା ସ୍ୱାମୀ ମୃତ୍ୟୁବରଣ କରିଥାଆନ୍ତି । ତେଣୁ ଏପରି ପୁଅ କିମ୍ୱା ଝିଅଙ୍କର ବିବାହ ଅସମ୍ଭବ ହୋଇପଡ଼େ । ତଥାପି ଯଦି କୌଣସି ପୁଅ କିମ୍ୱା ଝିଅ ଏଇ ''ପାରକମ୍ ଅପାଣ୍ଡି'' ପୁଅ କିମ୍ୱା ଝିଅ ସହିତ ପ୍ରେମ କରି ବିବାହ କରନ୍ତି ତେବେ ସେହି ସ୍ୱାମୀ କିମ୍ୱା ସ୍ତ୍ରୀ ମୃତ୍ୟୁବରଣ କରୁନଥିବାର ଭୂମିଜ ମାନଙ୍କର ବିଶ୍ୱାସ ।

## ବିବାହ :

ଭୂମିଜ କନ୍ୟାଟି ଯୌବନ ପ୍ରାପ୍ତ (ରଜୋବତୀ) ହେଲେ ମଧ୍ୟ ତା ଉପରେ କୌଣସି ବିଶେଷ କଟକଣା ନଥାଏ । ସେ ଗୃହର ସମସ୍ତ କାର୍ଯ୍ୟ ତୁଲାଏ । ଏ ବିଷୟକୁ ଗୁପ୍ତ ରଖାଯାଏ । କେବଳ ତା'ର ଭାଉଜ ଓ ଝିଅ ସାଙ୍ଗମାନେ ଏ ବିଷୟରେ ଜାଣିଥାଆନ୍ତି । ଏହି ସମୟରେ ଝିଅଟିକୁ ଫୁଲ ଏବଂ ଫଳନ୍ତି ଗଛକୁ ଛୁଇଁବା ପାଇଁ ବାରଣ କରାଯାଇଥାଏ । ରଜୋବତୀ ବା ଯୌବନପ୍ରାପ୍ତ ହେଲେ ହିଁ କନ୍ୟା ବିବାହ ଯୋଗ୍ୟ ହୋଇଥାଏ । ଭୂମିଜ ମାନଙ୍କର ତିନି ପ୍ରକାର ବିବାହର ପ୍ରଚଳନ ଅଛି, ୧ - ବୁଗିନ୍ ଆଣାନ୍ଦି (ଶୁଭ ବିବାହ) ୨- ସାଙ୍ଗାଅ ଆଣନ୍ଦି (ଦ୍ୱିତୀୟ ବିବାହ) ଏବଂ ୩- ନାପାନ୍ ଆଣନ୍ଦି (ପ୍ରେମ ବିବାହ) ।

## ୧- ବୁଗିନ୍ ଆଣ୍ଦି (ଶୁଭ ବିବାହ)

ପ୍ରଥମେ ବର ପକ୍ଷରୁ କନ୍ୟା ଖୋଜା ହୋଇଥାଏ । ଭୂମିଜ ସଂପ୍ରଦାୟରେ ବିଶେଷ କରି ମାଘ ମାସରେ କନ୍ୟା ଖୋଜିବା ପାଇଁ ବାହାରି ଥାଆନ୍ତି । ଅର୍ଥାତ୍ ମକର ପରଦିନଠାରୁ ବର ପକ୍ଷରୁ କନ୍ୟା ଖୋଜା ହୁଏ । କନ୍ୟା ସ୍ଥିର ହେଲା ପରେ କନ୍ୟା ଘର ପକ୍ଷରୁ ବର ଓ ବର ଘର ବିଷୟରେ ସବିଶେଷ ଜାଣିବା ପାଇଁ ବର ଘରକୁ ବରଲେଲ୍ (ବରଦେଖା) ସବାନ୍ଧବେ ଯାଇଥାଆନ୍ତି । ଉଭୟ ପକ୍ଷ ରାଜି ହୋଇ ସାରିବା ପରେ ଜାତକ ମେଳ (ଗନା ପଳା) କରିଥାଆନ୍ତି । ଜାତକ ଠିକ୍ ମେଳ ହେଲେ ବରପକ୍ଷରୁ ଶୁଭସାବ୍ ବା ସବିଶେଷ ଆଲୋଚନା ପାଇଁ କନ୍ୟା ଘରକୁ ଯାଇଥାଆନ୍ତି । ଗ୍ରାମବାସୀଙ୍କ ସହ ବରର ବାପା, ମାମୁ ତଥା ଭିଣୋଇ ଶୁଭ ସମୟ ଦେଖି ଘରୁ ବାହାରନ୍ତି । ଯଦି ଯିବା ସମୟରେ ହଠାତ୍ ଗଛର ଡାଳ ଭାଙ୍ଗେ, ସାପ ଦେଖାଦିଏ, ଶାଗୁଣା କିମ୍ୱା ଗେଣ୍ଡାଳିଆ ମୁଣ୍ଡ ଉପରେ ଉଡ଼ନ୍ତି, ବିଲୁଆ ବିରାଡ଼ି ଇତ୍ୟାଦି ଆଗ ଦେଇ ଯାଆନ୍ତି, ନାରୀର କାନ୍ଦଣା ଶୁଣାଯାଏ, ଗାଈଠାରୁ ବାଛୁରୀ ଧାଇଁ ପଳାଏ ତେବେ ଅଶୁଭ ବୋଲି ବିଶ୍ୱାସ କରାଯାଇ ବିବାହର ପ୍ରାରମ୍ଭିକ କାର୍ଯ୍ୟ କିମ୍ୱା ସେଇ ବାହାଘର ପ୍ରସ୍ତାବଟି ସେଇଠାରେ ବନ୍ଦ ହୁଏ ।

କିନ୍ତୁ ଏପରି କିଛି ଅଶୁଭ ଦେଖାନଗଲେ ବରପକ୍ଷର ଲୋକ କନ୍ୟା ଘରେ ପ୍ରବେଶ କରନ୍ତି । କନ୍ୟା ଘରେ ଉଭୟ ପକ୍ଷର ଲୋକ ବସି ବିବାହ ପାଇଁ ଲଗ୍ନ ସ୍ଥିର କରନ୍ତି । ଯାହା ପଣ (ଗନଂ) (ପାରଂପରିକ ଟ. ୧.୨୫ପ.) ସେ ବିଷୟରେ ଆଲୋଚନାର ଆବଶ୍ୟକତା

ନଥାଏ । କେବଳ ଆଗରୁ ଟ. ୧.୨୫ପ. ସହିତ ବଳଦ ବା ବାଛୁରୀ (ଆଡେୟାର) ପାରଂପରିକ ପଣଥିବା ବେଳେ ଆଜିକାଲି ବଳଦ ବା ବାଛୁରୀ ବଦଳରେ ବରପକ୍ଷରୁ କି କି ଗହଣା (ସକ୍ଷମ ଅନୁସାରେ) କନ୍ୟାକୁ ଦେବେ ତାହାହିଁ ଆଲୋଚିତ ହୋଇ ଧାର୍ଯ୍ୟ କରାଯାଏ। କେତେକ ସ୍ଥଳରେ ଏବେ ବରପକ୍ଷ କନ୍ୟାକୁ ପିନ୍ଧାଣି (ଯେ କୌଣସି ଗହଣା) ମଧ ଦେଇଥାଆନ୍ତି । ଏହାପରେ କନ୍ୟାପକ୍ଷ ନିର୍ଦ୍ଧାରିତ ଦିନରେ ବିବାହ କାର୍ଯ୍ୟ ନିମନ୍ତେ ଗନଂଟାକା ବା ଡାଣ୍ଡାଃ ଠେଣ୍ଡେର (କନ୍ୟାପିତା) ଆଣିବାପାଇଁ ବର ଘରକୁ ଯାଆନ୍ତି । ପଣ ଆଣିବା ଦିନ କନ୍ୟାପକ୍ଷରୁ କନ୍ୟାର ଭାଇ, ମାମୁଁ, କକା, ଭିଣୋଇ ଏବଂ ଗ୍ରାମବାସୀ ବନ୍ଧୁମାନେ ଯାଇଥାଆନ୍ତି । ବରପକ୍ଷର ଶୁଭ ସାବ୍ ଅପେକ୍ଷା କନ୍ୟାପକ୍ଷର ଗନଂଟାକା ବା ଡାଣ୍ଡାଃ ଠେଣ୍ଡେର୍‌ରେ ଅଧିକ ଶୁଭାଶୁଭ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଗନଂ ଟାକା (କନ୍ୟାପିତା) ଟାକାଗଃ (ଟଙ୍କା ଆଣିବା) ପାଇଁ ବାହାରିବାଠାରୁ ତିନିଥର ପୂଜା କରାଯାଇଥାଏ । ପ୍ରଥମେ କନ୍ୟାଘରେ ଧର୍ମ ଗରାମ (ଗ୍ରାମଦେବତୀ)ଙ୍କୁ ଦ୍ୱିତୀୟରେ ଘରୁ କିଛି ଦୂର ଯାଇ ଦେବାଟି (ଅଧାବାଟ)ରେ ଶୁଭ ପାଇଁ ପୂଜା ଏବଂ ଶେଷରେ ବର ଘରର କିଛି ଦୂର ପୂର୍ବରୁ ସେଇ ଧର୍ମ ଗରାମଙ୍କୁ ପୂଜା କରି ଶୁଭ ଧରି ବର ଘରେ ପ୍ରବେଶ କରନ୍ତି । ପଣ ସଂକ୍ରାନ୍ତରେ ଉଭୟ ପଟ ମିଶି ସବିଶେଷ ଆଲୋଚନା କରି ପଣ (ଟ.୧.୨୫ପ.) ନେଇ ଘରକୁ ଫେରନ୍ତି । ନିର୍ଦ୍ଧାରିତ ବାର ଓ ତିଥିରେ ବିବାହ କାର୍ଯ୍ୟ ହୁଏ । ବିବାହର ପୂର୍ବଦିନ ସକାଳେ ଉଭୟ ବର ଓ କନ୍ୟାଙ୍କୁ ନିଜ ନିଜ ଘରେ ମଙ୍ଗଳନ ହେବା ପୂର୍ବରୁ ଏକ ସାମାଜିକ ବିଧି ପାଳନ କରିବାକୁ ହୁଏ । ତାହାକୁ ''ଡାଙ୍ଗୁଆ ବାଗୁଡ଼ି'' ଛଡାଣ କହନ୍ତି । ବରକନ୍ୟା ଉଭୟଙ୍କୁ ନିଜ ନିଜ ଘର ପାଖରେ ଗ୍ରାମର ମୁରବୀ ବା ଗୁଣିଗାରେଡ଼ି ଜାଣିଥିବା ଲୋକମାନଙ୍କ ଦ୍ୱାରା ନିକଟସ୍ଥ ଉଇହୁଙ୍କା କିମ୍ୱା ସାହାଡ଼ା ଗଛ ପାଖକୁ ନେଇ ଯାଇ କିମ୍ୱା ଏଇ ଦୁଇଟିର ଅଭାବ ଥିଲେ ଉଇ ହୁଙ୍କା ଭାଙ୍ଗି ଆଣି ସାହାଡ଼ା ଗଛ ମୂଳେ ରଖାଯାଏ କିମ୍ୱା ସାହାଡ଼ା ଡାଳ ଭାଙ୍ଗିଆଣି ହୁଙ୍କା ନିକଟରେ ପୋତାଯାଏ ଅଥବା ଦୁଇଟି ଯାକ ସଂଗ୍ରହ କରି ଗୋଟିଏ ନିରୋଳା ଜାଗାରେ ରଖି ପୂଜା କାର୍ଯ୍ୟ ହୁଏ । ଉଇ ହୁଙ୍କା ମାଟି ସହିତ ସାହାଡ଼ା ଡାଳ ପୋତାଯାଇ ତିନି ଖିଅ ଧଳା ସୂତାରେ ବର କନ୍ୟାକୁ (ନିଜ ନିଜ ପଟରେ) ସାହାଡ଼ା ଡାଳ ସହିତ ବନ୍ଧାଯାଏ । ତା'ପରେ ଗ୍ରାମ ଦେବତୀଙ୍କୁ ଆମନ୍ତ୍ରଣ କରି ପୂଜା କରାଯାଏ । ପୂଜା ଶେଷରେ ଉକ୍ତ ସୂତାକୁ ମଝିରେ ସଳିତାରେ ଝୁଣା ପକାଇ ଏକ ପ୍ରକାର ନିଆଁ ଝୁଲ ସୃଷ୍ଟି କରାଯାଏ । ସେହି ନିଆଁର ଝୁଲ ବା ନିଆଁ ଧାସ ଦ୍ୱାରା ବରର ଓ କନ୍ୟାର ପିଠିରେ ଥିବା ଛୋଟ ଛୋଟ ଲୋମକୁ ପୋଡ଼ି ଦିଅନ୍ତି କିମ୍ୱା ନିଆଁ ଧାସରେ ସେମାନେ ଯେତେବେଳେ ଶିହରି ଉଠନ୍ତି ପିଠିର ଲୋମ ଗୁଡ଼ିକ ସିଧା ହୋଇଗଲେ ସେଥିରୁ ତିନୋଟି ଲୋମ ଉପାଡ଼ି ସେଇ ସଳିତା ନିଆଁରେ ପୋଡ଼ି ଦିଅନ୍ତି । ଏପରି କରିବା ଦ୍ୱାରା ଅବିବାହିତ ବୟସର ଅଳସୁଆ ଓ ପିଲାଳିଆମି ଛାଡ଼ିଯାଏ ବୋଲି ବିଶ୍ୱାସ କରାଯାଏ ।

ତାପରେ ନିଜ ନିଜ ଘରେ ବରକନ୍ୟାଙ୍କୁ ସେଦିନ ସଂଧ୍ୟାରେ ଦୁଇଜଣ ଅପ୍ରାପ୍ତ ବୟସ୍କା ଝିଅ ତେଲ, ହଳଦୀ ମଖାଇ ଦିଅନ୍ତି । ଏହି ସମୟରେ ବିବାହିତା ନାରୀମାନେ ସମବେତ କଣ୍ଠରେ ଗୀତ ଗାଆନ୍ତି । ଗୀତ ମାଧ୍ୟମରେ ସେମାନେ ବରକନ୍ୟାଙ୍କର ଅବିବାହିତ ଦିନର ସ୍ମୃତିଚାରଣ, ଦାମ୍ପତ୍ୟ ଜୀବନରେ କ'ଣ କ'ଣ କରିବାକୁ ପଡ଼େ ସେ ସମ୍ବନ୍ଧରେ ଉପଦେଶ ଦିଅନ୍ତି । ଉଭୟଙ୍କୁ ବିବାହ ପରେ ପିତାମାତା ଓ ଭାଇ ଭଉଣୀମାନଙ୍କର ସ୍ନେହ ଶ୍ରଦ୍ଧା ଭୁଲି ନଯିବାକୁ ଅନୁରୋଧ କରନ୍ତି ।

ବିବାହ ଦିନ ଓପରବେଳା ବାରିକ ଦ୍ୱାରା ଶୌଚ ହୋଇ ସ୍ନାନ କରିବା ପୂର୍ବରୁ ଉଭୟ ବରକନ୍ୟାର ବାମହାତ କାନି ଆଙ୍ଗୁଳିରୁ (ସିନାଇ) ସାମାନ୍ୟ ରକ୍ତ ତୁଳା ଦ୍ୱାରା ସଂଗ୍ରହ କରି ରଖନ୍ତି । ଏହା ଉଭୟଙ୍କର ଭିଣୋଇ ପାଖରେ ରହେ ଏବଂ ପରେ କନ୍ୟା ଘରେ ବିବାହ ବେଦୀରେ ଲାଗିଥାଏ ।

ବାରିକ ବରକୁ ଶୌଚ କରି ସାରିବା ପରେ ଦୁଇଟି କୁଆଁରୀ ଝିଅ ନୂଆ କଳସୀରେ ପାଣି ଆଣିବାକୁ ଝିଅ ବୋହୂଙ୍କ ଗହଣରେ ଯାଇଥାଆନ୍ତି । ଯିବା ସମୟରେ ବାରିକ ପ୍ରଥମେ କୁଆଁରୀ ଝିଅଙ୍କୁ କାଣ୍ଡଶର ତିନିଥର ବଦଳ କରାଇ ଥାଆନ୍ତି । କଳସୀ ଧରୁଥିବା ଝିଅ କାଣ୍ଡସରକୁ ଥରକୁ ଥର ତିନିଥର ଦୁଇ ହାତରେ ବିପରୀତ ଦିଗରେ ଫେରାଇ ଦିଅନ୍ତି । ପୁଣି ବାରିକ ତାଙ୍କ ହାତରେ ଦିଏ । ଏହିପରି ତିନିଥର ବଦଳା ବଦଳି ପରେ ଝିଅ ବୋହୂମାନେ ତୀର ମାରି ମାରି, ଗୀତ ଗାଇ ଗାଇ ନଦୀ ବା ପୋଖରୀକୁ ପାଣି ଆଣିବାପାଇଁ ଯାଇଥାଆନ୍ତି । ଝିଅ ବୋହୂମାନେ ସାଙ୍ଗରେ ଟାଙ୍ଗିଆ, ଖଣ୍ଡା ଏବଂ କାଣ୍ଡଶର ନିଅନ୍ତି । ଫେରିବା ସମୟରେ ଗୀତ ଗାଇ ଗାଇ କାଣ୍ଡରେ ଏକ ଜାମୁ ଡାଳକୁ ଦୁଇଟି ବୋହୂଭାର କରି ଆଣନ୍ତି । କଳସୀ ପାଣିରେ ଶରକୁ ବୁଡ଼ାଇ ରଖାଯାଇଥାଏ ।

କଳସୀରେ ପାଣି ଆଣିବା ପରେ ଭିଣୋଇ ତାଡ଼ିଥିବା ଛୋଟ ପୋଖରୀର ଚାରିପଟରେ କୁଆଁରୀ ଝିଅ ଦୁଇଜଣ ପାଣିକଳସୀ ସହ ତିନିଥର ବୁଲି ଥାଆନ୍ତି । ତା'ପରେ ସେହି ପାଣିରେ ବରକୁ ମା'କୋଳରେ ବସାଇ ଗାଧୋଇ ଦିଅନ୍ତି । ପରେ ପରେ ବର ନୂଆ ଧୋତି ପରିଧାନ କରି ପୂଜା କରେ । ପ୍ରଥମେ ପୋଖରୀ ହିଡ଼ରେ ପୋତା ଯାଇଥିବା କଦଳୀ ଗଛରେ ଚୂନା (ଅରୁଆଚାଉଳ)କୁ ପାଣିରେ ଓଦାକରି ତିନିଥର ମାଖି ଦିଏ ଏବଂ ତିନି ଖିଅ ସୂତାରେ ଗଛକୁ ବାନ୍ଧିଦିଏ । ତା'ପରେ ପୂଜା କରିଥାଏ । ପ୍ରଥମେ ଧର୍ମଙ୍କୁ, ଦ୍ୱିତୀୟରେ ଗ୍ରାମ ଦେବୀଙ୍କୁ ଓ ତୃତୀୟରେ ନାଗେଏର ବିନ୍ଧିଏରା (ଜଳ ଦେବତା)ଙ୍କୁ ପୂଜା କରେ । ଗ୍ରାମଦେବୀ ଓ ଧର୍ମଙ୍କୁ ଅରୁଆ ଚାଉଳରେ ଏବଂ ଜଳ ଦେବତାଙ୍କୁ ମେଥି, ଗନ୍ଧା ହଳଦୀ ଓ ଉଷୁନା ଚାଉଳରେ ପୂଜା କରାଯାଇଥାଏ । ପୂଜା ପରେ ମା'ଙ୍କୁ ନୂଆ ଲୁଗା ଦେଇ ଜୁହାର ହୋଇ ବର ଘରକୁ ପ୍ରବେଶ କରେ ।

ତା'ପରେ ବାରିକ ବରକୁ ବରବେଶରେ ସାଜସଜ୍ଜା କରେ । ବର ହାତରେ ପାନ ପତ୍ର ଓ ଆମ୍ବ ପତ୍ରରେ ତିଆରି କାକନ (ହାତସୂତ୍ର) ବାନ୍ଧିଦିଏ । ଗୁଆ, ପଇତା, ଫୁଲମାଳ (କେରାଟଫୁଲ), ପାଦରେ ଅଳତା ଦିଏ । ନଡ଼ିଆ ଓ ଖିଲିକାତି ବରକୁ ହାତରେ ଧରିବାକୁ ପଡ଼େ । ବର ବାହା ହେବାକୁ ଯିବା ପୂର୍ବରୁ ଗ୍ରାମବାସୀ, ମଧ୍ୟସ୍ଥି ଓ ବରର ସାନଭାଇ ମାନେ ଜମ୍‌ମାଡ଼ି ପାଇଁ କନ୍ୟା ଘରକୁ ଯାଇଥାନ୍ତି । ଜମ୍‌ମାଡ଼ି ବାଲା ନେଇଥିବା ମଂଗଳନ ସଜହେଲା, ୧- ଡଲା, ୨-୩ଟି ନୂଆ ଲୁଗା (ଏଙ୍ଗାବାଗେ - ମା ପାଇଁ, ଜିଆସାଳି ଆଇ ବା ବୁଢ଼ୀ ମା ପାଇଁ, କନେଆ କିଚିରିଃ - କନ୍ୟା ପାଇଁ), ବାରିକ ଦ୍ୱାରା ପ୍ରସ୍ତୁତ କାକନ (ହାତସୂତ୍ର), ବାଆମାଲା (କେରାଟ ଫୁଲର ହାର), ଗୁଆ, ପଇତା, ସୂତା, ବେଦୀରେ ବ୍ୟବହୃତ ପୂଜା ସାମଗ୍ରୀ ଏବଂ କନ୍ୟାପାଇଁ ଗହଣା । ଏହିସବୁ ମଙ୍ଗଳନ ସଜ ନେଇ ଜମ୍‌ମାଡ଼ି ବାଲା (ଗ୍ରାମବାସୀ, ମଧ୍ୟସ୍ଥି, ବରର ସାନଭାଇ) ବର ବାହାରିବା ପୂର୍ବରୁ କନ୍ୟା ଘରକୁ ଯାଇଥାଆନ୍ତି ।

କନ୍ୟାଘରେ ପହଞ୍ଚିବା ପରେ କନ୍ୟା ଉପରୋକ୍ତ ତିନିଜଣଙ୍କର ପାଦ ଧୋଇ ଦେଇଥାଏ । ପ୍ରଥମେ ମଧ୍ୟସ୍ଥିର, ଦ୍ୱିତୀୟରେ ଗ୍ରାମବାସୀର ଏବଂ ତୃତୀୟରେ ବରର ସାନ ଭାଇର ଗୋଡ଼ ଧୋଇଦିଏ । ବରର ସାନଭାଇର ଗୋଡ଼ ଧୋଇସାରି ତା ଗୋଡ଼ଧରି କନ୍ୟା ସେଇଠି ବସି ରହେ । ଶେଷରେ ବରଘର ପକ୍ଷରୁ ଯାଇଥିବା ଗହଣା ବରର ଭାଇ କନ୍ୟାକୁ ଦେବାପରେ କନ୍ୟା ତାର ଗୋଡ଼ ଛାଡ଼ିଥାଏ । ଏହାପରେ ଜମ୍‌ମାଡ଼ିବାଲା ନେଇଥିବା ମଙ୍ଗଳନ ସାମଗ୍ରୀ ସବୁ କନ୍ୟା ପକ୍ଷର ଲୋକ ଦେଖି ଗ୍ରହଣ କରିଥାଆନ୍ତି । ପୁଣି ଏଇ ମଙ୍ଗଳନ ସଜ ନେଇ କନ୍ୟା ତରଫରୁ ବାରିକ ଦ୍ୱାରା କନ୍ୟାକୁ ମଙ୍ଗଳନ କରାଯାଇଥାଏ ।

ତା'ପରେ ବର ଘର ପରି କନ୍ୟା ଘରେ ମଧ୍ୟ ଦୁଇଟି କୁଆଁରୀ ଝିଅ, ଝିଅ ବୋହୂଙ୍କ ଗହଣରେ ପୋଖରୀ କିମ୍ବା ନଦୀକୁ ପାଣି ଆଣିବାପାଇଁ ଯାଆନ୍ତି ।ଯେଉଁ ନିୟମରେ ବରଘରେ ପାଣି ଅଣାଯାଏ କନ୍ୟାଘରେ ମଧ୍ୟ ଅନୁରୂପ ସେହି ଧାରାରେ ପାଣି ଅଣା କାର୍ଯ୍ୟ ସଂପନ୍ନ ହୁଏ । ସେହି ପାଣିରେ କନ୍ୟାର ଭିଣୋଇ ତାଡ଼ିଥିବା ଛୋଟ ପୋଖରୀ ହୁଡାରେ କନ୍ୟା ମା' କୋଳରେ ବସି ଗାଧାଏ ଓ ଆମକୁଲଜମ୍ (ଆମ୍ବ ଡେଙ୍ଗ ଚୋବାଇ ମା'କୁ ଦେବା) କାର୍ଯ୍ୟ ହୋଇଥାଏ । କନ୍ୟା ମା କୋଳରେ ବସିଥାଏ । କନ୍ୟାକୁ ମା ପଛ ପଟରୁ ୩ଟି ଆମ୍ବ ଡେଙ୍ଗ ଚୋବାଇବାକୁ ଦିଏ । କନ୍ୟା ସେଗୁଡ଼ିକ ଚୋବାଇବା ପରେ ମା' ପଛପଟୁ ଆଞ୍ଜୁଳା କରି ଝିଅ ଓଠତଳେ ହାତ ଦେଖାଏ ଏବଂ ଝିଅ ମା' ହାତକୁ ଚୋବାଇଥିବା ଆମ୍ବ ଡେଙ୍ଗକୁ ଓକାଳି ଦିଏ । ଏହିପରି ତିନିଥର କରିବା ପରେ ସେଇ ଉକାଳିଥିବା ଡେଙ୍ଗକୁ ମା, ମାଉସୀ, ମାଇଁ, ଖୁଡ଼ି ଇତ୍ୟାଦି ଗୁରୁଜନ ମାନେ ଚିନି ଓ ଚୁଡ଼ାରେ ମିଶାଇ ଖାଇଥାଆନ୍ତି । ତାପରେ କନ୍ୟା ସମସ୍ତଙ୍କ ଗହଣରେ ଘରକୁ ଫେରିଥାଏ ।

ସେପଟେ ବର ଘରେ ବର ସଜବାଜ ହୋଇ ବାହା ହେବାକୁ ବାହାରିଥାଏ । ବର ଘରୁ ବାହାରିବା ପରେ ଗୃହ ଅନତି ଦୂରରେ ବା ଗାଁ ମୁଣ୍ଡରେ ଥିବା ଆମ୍ବ ଗଛକୁ ସାକ୍ଷୀ ରଖି ବାହା ହେବାକୁ ଯିବା ସମୟରେ କନ୍ୟାଘର ଭଳି ମା, ମାଉସୀ, ମାଇଁ ଓ ଖୁଡ଼ି ଇତ୍ୟାଦିଙ୍କୁ ଆମ୍ବକୁଳ ଖାଇବାକୁ ଦେଇଥାଏ । ବରର ମା ପଛପଟୁ ୩ଟି ଆମ୍ବ ଡେମ୍ଫ ବରକୁ ଚୋବାଇବାକୁ ଦେଇଥାଏ ଏବଂ ମା ପଛପଟରୁ ବରର ଓଠତଳେ ହାତ ଆଞ୍ଜୁଳା କରି ରଖେ । ବର ମାର ହାତ ଆଞ୍ଜୁଳାରେ ଚୋବାଇଥିବା ଆମ୍ବ ଡେମ୍ଫକୁ ଓକାଳି ଦିଏ । ଏହିପରି ତିନିଥର କରିବାପରେ ସେଇ ଉକାଳି ଥିବା ଡେମ୍ଫକୁ ମା, ମାଉସୀ, ମାଇଁ, ଖୁଡ଼ି ଇତ୍ୟାଦି ଗୁରୁଜନ ମାନେ ଚିନି ଓ ଚୂଡ଼ାରେ ମିଶାଇ ଖାଇ ଥାଆନ୍ତି ।

ତା'ପରେ ବର ଚାରିଦିଗକୁ ଜୁହାର ହୁଏ । ମା', ମାଉସୀ, ମାଇଁ ତଥା ଉପସ୍ଥିତ ସମସ୍ତ ଗୁରୁଜନମାନଙ୍କୁ ଜୁହାର କରି ଯିବା ସମୟରେ ମା'ର ପୁଅକୁ ଗୋଟିଏ ପ୍ରଶ୍ନ ଥାଏ ।

ମା'ର ପ୍ରଶ୍ନ - (ଭୂ) ତିସିଂ ଦୟା ବାବୁ କତେମ ସେନଃ ତାନା ?

(ଓ) ପୁଅରେ ଆଜି ତୁ କେଉଁଠାକୁ ଯାଉଛୁ ?

ପୁଅର ଉତର : - ଭୂ) ମାଗା ତିଇକ ଦାରାମ୍‌ଲୋ ଆକାନା ଲୁଣ୍ଡିଃ ଆଗୁଞ୍ଜ୍ ସେନଃ ତାନା

(ଓ) ମା' ଗୋ ମା' ! ତୋର ପରା ହାତ ପୋଡ଼ିଯାଇଛି, ମୁଁ ଚଟୁ ଆଣିବାକୁ ଯାଉଛି ।

ଏହାପରେ ମା'ଠାରୁ ବିଦାୟ ନେଇ ପୁଅ ବାହା ହେବାକୁ ବାହାରି ଯାଇଥାଏ । ଆଗରୁ ଭୂମିଜ ସଂପ୍ରଦାୟରେ ସବାରୀ, ପାଲିଙ୍କି, ପଞ୍ଚରତ୍ନ, ହାତୀ, ଘୋଡ଼ା ସାହାଯ୍ୟରେ ବାହା ହେବାକୁ ବର ଯାଉଥିଲା, କିନ୍ତୁ ଏବେ ସଭ୍ୟତାର ସ୍ପର୍ଶରେ ସେମାନେ ଯାନ ବାହାନରେ ମଧ୍ୟ ବାହା ହେବାକୁ ଯାଉଛନ୍ତି ।

ବର କନ୍ୟାଘର ଗାଁ ମୁଣ୍ଡରେ ବା ଦାଣ୍ଡରେ ପହଞ୍ଚିବା ପରେ କନ୍ୟା ଘର ତରଫରୁ ବନ୍ଦାପନା କରିବାପାଇଁ ଝିଅ ବୋହୂମାନେ ଯାଇ ଥାଆନ୍ତି । ସେମାନେ ଗୀତ ଗାଇ ଅତି ଆନନ୍ଦିତ ପରିବେଶରେ ବରକୁ ପାଛୋଟି ଆଣନ୍ତି । ଏହାପରେ କନ୍ୟାର ମା' ବରର ଗୋଡ଼ ଧୋଇ ଦିଅନ୍ତି । ୩ଟି ଦାନ୍ତକାଠି ଦେଇ ମୁହଁ ଧୋଇବାକୁ ପାଣି ଦେଇଥାଆନ୍ତି ଓ ଶେଷରେ ଜଳଖିଆ ପରସା ଯାଇଥାଏ । ବରଖାଇ ସାରିବା ପରେ ଦୁଇଜଣ କୁଆଁରୀ ଝିଅ ବରକୁ ତେଲ ହଳଦୀ ମାଖି ଦେଇ ମୁଣ୍ଡ କୁଣ୍ଡାଇ ଦିଅନ୍ତି । ତା'ପରେ ବେଦୀ କାମ ଆରମ୍ଭ ହୁଏ ।

ବରର ଭିଣୋଇ ବରକୁ ଦେବୀ ଉପରକୁ କୋଳେଇ ନେଇ ଯାଆନ୍ତି । ଏବେ ଅବଶ୍ୟ ହାତଧରି ବେଦୀକୁ ଭିଣୋଇ ନେଉଛନ୍ତି । ଏହାପରେ କନ୍ୟାପକ୍ଷ ଜମ୍ମାଡ଼ି ବାଲା ଆଣିଥିବା ଡଲାରେ କନ୍ୟାକୁ ବସାଇ କନ୍ୟାର ଭାଇ, କନ୍ୟାର ଭିଣୋଇ ଓ ଜଣେ ଗ୍ରାମବାସୀ ମିଶି କନ୍ୟାକୁ ଘରୁ ବାହାରକୁ ଟେକି ଆଣନ୍ତି । ଘରୁ ଟେକି ବାହାରକୁ ଆଣିବା ସମୟରେ କୁଆଁରୀଝିଅ ଦୁଇଜଣ ଚାଳତଳେ ଏକ ନୂଆ ଲୁଗା ଖାଞ୍ଚି ଟେକି ଧରିଥାଆନ୍ତି । କନ୍ୟାକୁ ବାହାର କରି ବେଦୀର ଚାରିପାଖରେ ତିନିଥର କନ୍ୟାକୁ ଟେକିବା ଅବସ୍ଥାରେ ବୁଲାଇ ପଶ୍ଚିମ ପଟରେ ସେହିପରି ଟେକି ରଖିଥିବେ । ବରର ଭିଣୋଇ ବରକୁ ପୂର୍ବ ପଟରେ କାନ୍ଧେଇ ଛିଡ଼ା ହୋଇଥିବା ବରକନ୍ୟା ଉଭୟଙ୍କୁ ଗୋଟିଏ ଗୋଟିଏ ବୋଲାରେ ପାଣି ଏବଂ ଆମ୍ବଡାଳ ଦିଆଯାଇଥାଏ । ଉଭୟ ଉଭୟଙ୍କୁ ତିନିଥର ଲେଖାଏଁ ପାଣି ଛିଞ୍ଚା ଛିଞ୍ଚି ହୋଇଥାଆନ୍ତି । ଏହି ସମୟରେ ଦୁଇଟି କୁଆଁରୀ ଝିଅ ଉତ୍ତର ଦକ୍ଷିଣ ଦେଇ ଏକ ନୂଆ ଲୁଗା ଖାଞ୍ଚି ଧରିଥାଆନ୍ତି । ଏହାପରେ ବରକନ୍ୟା ଉଭୟଙ୍କୁ ଓହ୍ଲାଇ ବେଦୀରେ ବସାଇ ଦେଇଥାଆନ୍ତି ଓ ବ୍ରାହ୍ମଣ ବିବାହ ନିମିତ୍ତ ପୂଜାକାର୍ଯ୍ୟ ଆରମ୍ଭ କରେ । ବେଦୀକାମ ନିମ୍ନମତେ ହୋଇଥାଏ ।

୧- ହାତଗଣ୍ଠି (ବରକନ୍ୟାଙ୍କର) ପଡ଼େ

୨- ସିନେଇ ବଦଳ (ପୂର୍ବରୁ ବର କନ୍ୟାଙ୍କର ରଖିଥିବା ରକ୍ତ ଭିଜା ତୁଳା)

୩- ସିନ୍ଦୁରୀ ଦାନ (ବର କନ୍ୟାଙ୍କୁ ସିନ୍ଦୁର ପିନ୍ଧାଏ)

୪- ଧର୍ମ ଭୂଇଁରେ ପୂଜା (ଧର୍ମକୁ ସାକ୍ଷୀରଖି ବ୍ରାହ୍ମଣର ପୂଜା)

୫- କତୁରୀ ପିନ୍ଧା (ବର କନ୍ୟା ହାତରେ କତୁରୀ ପିନ୍ଧାଏ)

୬- ଖଇପୋଡ଼ା (ଅବନ୍ଧା କୁଲା ବର କନ୍ୟା ଧରନ୍ତି ଓ ବରର ଶଳା ସେଇ କୁଲାରେ ଖଇ ଦିଏ, ସେମାନେ ନିଆଁକୁ ଫିଙ୍ଗନ୍ତି ।)

ଖଇପୋଡ଼ା ସରିବାପରେ ବରପକ୍ଷରୁ ବରର ଶଳାଙ୍କୁ ଖଇପୋଡ଼ା ବାବଦକୁ ଗୋଟିଏ ନୂଆ ଧୋତି ଦିଆଯାଏ । ତାହାକୁ ସାଳା ଧୋତି କୁହାଯାଏ । ତାପରେ ବରକନ୍ୟାକୁ ଘର ଭିତରକୁ ନେଇଥାଆନ୍ତି । ସେମାନେ ଘରକୁ ପ୍ରବେଶ କରିବା ସମୟରେ ଦୁଇଜଣ କୁଆଁରୀ ଝିଅ ଚାଳ ତଳେ ନୂଆ ଲୁଗା ଗୋଟିଏ ଖାଞ୍ଚି ଧରି ଥାଆନ୍ତି । ଶେଷରେ କନ୍ୟାଘରେ ବରକନ୍ୟା ଜଳଖିଆ ଖାଇ ବିଦାୟ ନିଅନ୍ତି ଓ ବିଦାୟ ନେବା ପୂର୍ବରୁ ଦୁହେଁ ମିଶି ଚାରିଦିଗ ସହିତ ସମସ୍ତ ଗୁରୁଜନ ମାନଙ୍କୁ ପ୍ରଣାମ ଜଣାଇଥାଆନ୍ତି ।

ବରକନ୍ୟା ବରଘରେ ପହଞ୍ଚିବା ପରେ ବରର ମା' ବରକନ୍ୟାଙ୍କୁ ଚୁମଣା (ବନ୍ଧାପନା) କରି ଘର ଭିତରକୁ ନେଇ ଯାଆନ୍ତି । ସେଦିନ ଉପରବେଳା ବରକନ୍ୟା ତିନୋଟି ଲେଖାଏଁ ଦାନ୍ତକାଠି ବଦଳ କରନ୍ତି ଓ ଛୋଟ ଗଡ଼ିଆ ଇଡ଼ାରେ ଉଭୟଙ୍କୁ ମା କୋଳରେ ବସାଇ ଗାଧୋଇ ଦିଆଯାଏ । ତାପରେ ଜରସ୍ତୁନୁମ୍ ଅର୍ଥାତ୍ ବର ବାମ ପଟରେ କନ୍ୟା ଡାହାଣ ପଟରେ ବସି ପରସ୍ପର ମୁଣ୍ଡକୁ ଯୋଡ଼ି ରଖନ୍ତି । ପୁଅର ମୁଣ୍ଡରେ ତେଲ ଢ଼ଳା ଯାଏ ଏବଂ ତାହା କନ୍ୟାର ମୁଣ୍ଡଦେଇ ତଳେ ପଡ଼େ । ସେହି କୁଆଁରୀ ଝିଅ ଦୁଇଟି ସେମାନଙ୍କର ମୁଣ୍ଡ କୁଣ୍ଡାଇ ଦିଅନ୍ତି । ଉଭୟଙ୍କର ଗୁଆ, ପଇତା, କାକନ (ହାତସୂତ୍ର) ଖୋଲି ଦିଆଯାଏ । ମା, ବାପାଙ୍କର ମଧ୍ୟ କାକନ ଖୋଲା ଯାଇଥାଏ । ସେ ସବୁ ଗୁଆ, ପଇତା, କାକନକୁ ଏକତ୍ର କରି, ଖିଲିକାଡି ଓ କଜଳ ପାତି ସବୁକୁ ଗୁଆ ପଇତାରେ ବାନ୍ଧି ଦିଆଯାଏ । ବନ୍ଧା ହୋଇଥିବା କଜଳପାତି ଓ ଖିଲିକାଡିକୁ କନ୍ୟା ତିନିଥର ଅଣ୍ଡାଳି ବାହାର କରେ । ଠିକ୍ ସେହିପରି ବରର ଆଖି ବନ୍ଧାଯାଇ କନ୍ୟା ଲୁଚାଇଥିବା ଜିନିଷକୁ ଖୋଜି ବାହାର କରିଥାଏ । ଏହାପରେ ଗଡ଼ିଆ ନିକଟରୁ ବରକନ୍ୟାଙ୍କୁ ବେଦୀକୁ ନିଆଯାଇ ସିନ୍ଦୁର ଦାନ ନିକଟରୁ ବରକନ୍ୟାଙ୍କୁ ବେଦୀକୁ ନିଆଯାଇ ସିନ୍ଦୁର ଦାନ କାର୍ଯ୍ୟ ସମାପନ କରାଯାଏ । ବର ପୂର୍ବକୁ ମୁହଁ କରିଥାଏ, କନ୍ୟା ପଶ୍ଚିମକୁ ମୁହଁ କରିଥିବା ଅବସ୍ଥାରେ ବର କନ୍ୟାକୁ ତିନିଥର ସିନ୍ଦୁର ପିନ୍ଧାଇ ଦେଇଥାଏ । ଏଇ ସମୟରେ କୁଆଁରୀ କନ୍ୟା ଦୁଇଜଣ ତାଙ୍କ ମଝିରେ ଲୁଗା ଦେଖାଇ ଥାଆନ୍ତି । ଯେପରି ସିନ୍ଦୁର ତଳେ ନପଡୁ । ତାପରେ ବରକନ୍ୟାଙ୍କର ଦିଗ ପରିବର୍ତ୍ତିତ ହୋଇ ବର ପଶ୍ଚିମକୁ ଓ କନ୍ୟା ପୂର୍ବକୁ ମୁହଁ କରି କନ୍ୟା ବରକୁ ତିନିଥର ସିନ୍ଦୁର ଲଗାଇ ଦେଇଥାଏ । ଏହାପରେ ବରକନ୍ୟା ଘରକୁ ପ୍ରବେଶ କରନ୍ତି । ଆସିଥିବା ସାଇ ପଡ଼ିଶା ଲୋକ ତଥା ବନ୍ଧୁ ବାନ୍ଧବମାନଙ୍କର ଉଭୟେ ବରକନ୍ୟା ମିଶି ଗୋଡ଼ଧୋଇ ଦିଅନ୍ତି । କନ୍ୟା ଗୋଡ଼ ଧୋଇଦିଏ, ବର ପାଣିଢ଼ାଳେ, ତା'ପରେ ଗ୍ରାମବାସୀ ଓ ବନ୍ଧୁବାନ୍ଧବ ମାନେ ବରକନ୍ୟାଙ୍କୁ କିଛି କିଛି ମୁହଁଚୁଆଁ (ଉପହାର) ଦେଇଥାଆନ୍ତି ।

ସନ୍ଧ୍ୟା ବେଳକୁ କନ୍ୟା ଘର ତରଫରୁ ପିଚା ସେଡେର୍ (ବାହୁଡ଼ା) ପାଇଁ ଆସିଥାଆନ୍ତି । ସେମାନଙ୍କୁ ମଧ୍ୟ ବରକନ୍ୟା ଉଭୟ ମିଶି ଗୋଡ଼ ଧୋଇ ଦିଅନ୍ତି । ତାପରେ ପ୍ରୀତି ଭୋଜନ ପାଇଁ ପ୍ରସ୍ତୁତି ଚାଲେ । ଏହି ପ୍ରୀତି ଭୋଜନକୁ ଭୋଜ ମାଡ଼ି କୁହାଯାଏ । ଖାନ୍‌ଦାସାଳେ ପାଇଁ ପୂଜାରେ ବାର ସୁଉକି ବା ତିନିଟଙ୍କା ଓ ଏକ କୁକୁଡ଼ା ଲାଗିଥାଏ । ସେହି ପୂଜା କୁକୁଡ଼ାକୁ ଚାଉଳ ସହିତ ମିଶାଇ ନୂଆ ହାଣ୍ଡିରେ ଖେଚୁଡ଼ି ରନ୍ଧାଯାଏ । ଭୋଜନରେ ବସିଥିବା (ପ୍ରଥମପାଳି) ସମୟରେ ସମସ୍ତଙ୍କ ମଝିରେ ବର ଓ କନ୍ୟାର ଭାଇମିଶି ଉଭୟଙ୍କର ପୂର୍ବ ପୁରୁଷମାନଙ୍କୁ ଏକତ୍ର କରିବା ଉଦ୍ଦେଶ୍ୟରେ ପୂଜା କରିଥାଆନ୍ତି । ପୂଜାରେ ଲାଗିଥିବା ଖେଚୁଡ଼ି ଭାତକୁ ବର ଓ କନ୍ୟା ଭୋଗ ସଦୃଶ ପ୍ରୀତି ଭୋଜନରେ ବସିଥିବା ସମସ୍ତ

ଲୋକଙ୍କୁ ବାଣ୍ଟି ଦେଇଥାଆନ୍ତି । ତା'ପରେ ଅନ୍ୟାନ୍ୟ ଖାଦ୍ୟ ପରଷା ଯାଏ । ସେହି ଖେଚୁଡ଼ି କିନ୍ତୁ ବରକନ୍ୟା ଖାଇବାରେ ବାରଣ ଥାଏ ।

ପ୍ରୀତି ଭୋଜନର ପରଦିନ ଚଉଠି ପୂଜା (ବାଇରୁଆଲ) ପାଇଁ ବରକନ୍ୟାଙ୍କୁ ଅଣ୍ଡିଆଟିକିରା (ଛୋଟ ଟିକିରା) ପାଖକୁ ନେଇଥାଆନ୍ତି । ସେଠାରେ ସାହାଡ଼ା ଗଛ ପୋତାଯାଏ । ସେହି ସାହାଡ଼ା ଗଛରେ ତିନୋଟି ସ୍ଥାନରେ ଚୁନା (ଚାଉଳ), ସିନ୍ଦୁର ଦେଇ, ସେହି ଗଛରେ ତିନି ଖିଅ ସୂତାରେ ସେମାନଙ୍କୁ ବନ୍ଧାଯାଏ । ଗାଁ ପୁରୋହିତ ଏଇ ଚଉଠି ପୂଜା କରିଥାଆନ୍ତି । ପୂଜାରେ କୁକୁଡ଼ା ଲାଗେ । ଏଥିରେ ଧର୍ମ, ଗ୍ରାମଦେବୀ ଏବଂ ବାଗୁଡି (କାଳପୁରୁଷ) ଏହି ତିନି ଦେବତାଙ୍କୁ ପୂଜା କରାଯାଏ । ତିନି ଦେବତାଙ୍କୁ ତିନୋଟି କୁକୁଡ଼ା (ଧଳା, ନାଲି ଓ ବାରବର୍ଣ୍ଣିଆ କୁକୁଡ଼ା) ଦିଆଯାଏ । ପୂଜା ପରେ ବରକନ୍ୟାଙ୍କ ବନ୍ଧନ ଫିଟାଇ ଦିଅନ୍ତି ।

ଏବେ ଏହି ବାଇରୁଆଲ ବା ଚଉଠି ପୂଜାକୁ ପରିବର୍ତ୍ତନ କରି ବାହାର ବଦଳରେ ଘରେ ପୂଜା ହେଉଛି । କୁକୁଡ଼ା ପରିବର୍ତ୍ତେ ବିଭିନ୍ନ ପ୍ରକାର ଭୋଗ ବ୍ୟବହୃତ ହେଉଛି । ଚାରୋଟି ଶରକୁ ପୋତି, ସେହି ଶରରେ ବରକନ୍ୟାଙ୍କୁ ତିନିଖିଅ ସୂତାରେ ବାନ୍ଧି ଗାଁ ପୁରୋହିତ ଚଉଠି ପୂଜା ଶେଷ କରୁଛନ୍ତି ।

ଚଉଠି ପୂଜା ଶେଷ ହେଲେ ଝିଅ ବୋହୂଙ୍କ ଗହଣରେ ବରକନ୍ୟାଙ୍କୁ ପୋଖରୀ ବା ନଦୀକୁ କାଦହାଟି (କାଦୁଅ ଖେଳ) ପାଇଁ ନେଇ ଯାଆନ୍ତି । ପ୍ରଥମେ ବରକନ୍ୟା ପୋଖରୀ ତୁଠରେ ଧର୍ମ, ଗରାମ ଓ ନାଗେ ଏହି ତିନି ଦେବତାଙ୍କୁ ପୂଜା କରିଥାଆନ୍ତି । ତା'ପରେ ଗୋଟିଏ ଘଟ ବା ଲୋଟାକୁ ବର ତିନିଥର ଲୁଚାଏ, ଏହି ସମୟରେ କନ୍ୟା ଆଖିକୁ ବନ୍ଦ କରାଯାଇଥାଏ । ପରେ କନ୍ୟା ଆଖିଖୋଲି ତିନିଥର ଖୋଜି ବାହାର କରେ । ପୁଣି କନ୍ୟା ତିନିଥର ଲୁଚାଏ, ବର ସେହି ପରି ଖୋଜି ବାହାର କରେ । ଏହାପରେ ବରକନ୍ୟା ଘରକୁ ଫେରି ଆସନ୍ତି । ଘରକୁ ଆସିବା ସମୟରେ କନ୍ୟା ପାଣି ଲୋଟା ଧରିଥାଏ । ବର କାଣ୍ଡଶର ଧରି ତିନିଥର ଶର ମାରିଥାଏ । ବର ଥରେ ଶର ମାରିବାପରେ କନ୍ୟା ଶରଟିକୁ ଗୋଟାଇ ଆଣିଦିଏ ଓ ଚୂଡ଼ା ଖାଇବାକୁ ଦେଇ ଲୋଟାରୁ ପାଣି ପିଇବା ପାଇଁ ଦେଇଥାଏ । ଏହିପରି ତିନିଥର ସେମାନଙ୍କୁ କରିବାକୁ ହୁଏ । ଓଦା ଲୁଗାରେ ଘରେ ପହଞ୍ଚି ବେଦୀରେ ଛିଡ଼ା ହୋଇ ହଳଦୀ ଗୋଳା ହୋଇଥିବା ଚାଉଳକୁ ବାଛନ୍ତି (ସାସାଂ ମାଡ଼ି ସାଲାମ୍) । ଏହାର କାରଣ ତାଙ୍କର ଚଉଠି ପୂଜା ଠିକ୍ ହୋଇଛି କି ନାହିଁ ଜାଣିବା ପାଇଁ ଧର୍ମକୁ ସାକ୍ଷୀ ରଖି ହଳଦୀ ଗୋଳା ଚାଉଳ ବାଛି ଥାନ୍ତି । ଯଦି ସେଥିରୁ ବାଲି ବା ଗୋଡି ଅଥବା ଅନ୍ୟ କିଛି ଆବର୍ଜନା ବାହାରେ ତେବେ ଜଣାଯାଏ ଏମାନଙ୍କର ଚଉଠି ପୂଜା ଠିକ୍ ହୋଇନାହିଁ । ତେଣୁ ସେହି ପ୍ରଣାଳୀରେ ହଳଦୀ ମିଶା ବଛା ଚାଉଳ ଅଣାଯାଇ ପୁନର୍ବାର ବଛାଯାଏ ।

ଏହାପରେ ପୋଖରୀରୁ ଲୋଟାରେ ଆଣିଥିବା ପାଣିରେ ଆଉ କିଛି ପାଣି ମିଶାଇ କନ୍ୟାଟି ଦେଢ଼ ଶ୍ୱଶୁର, ମାମୁଁ ଶ୍ୱଶୁର ଓ ବରର ବଡ଼ ଭଉଣୀମାନଙ୍କର ଗୋଡ଼ ଧୋଇଦିଏ । ତାପରେ ଆମ୍ବ ଡାଳରେ ସେମାନଙ୍କ ଉପରେ ତିନିଥର ପାଣି ସିଞ୍ଚି ସେମାନଙ୍କର ନାମ ପଚାରିଥାଏ । ସେମାନେ ମଧ କନ୍ୟାକୁ ତିନିଥର ଆମ୍ବଡାଳରେ ପାଣି ସିଞ୍ଚି ତାର ନାମ ପଚାରିଥାଆନ୍ତି । ସେମାନଙ୍କ ନାମ ଶୁଣି ସାରିବା ପରେ ସେହି ଦିନଠାରୁ ବୋହୂଟି ସେମାନଙ୍କର ନାମ ଧରେ ନାହିଁ କିମ୍ବା ଛୁଏଁ ନାହିଁ । କାରଣ ବାରଣ ଥିବା ନାମ ଧରିଲେ ପାପ ହେବ ବୋଲି ବିଶ୍ୱାସ କରାଯାଏ । ଏହାପରେ ପୁନଶ୍ଚ ବରକନ୍ୟାଙ୍କୁବେଦୀକୁ ନେଇଥାଆନ୍ତି। ବେଦୀରେ ବରକନ୍ୟାକୁ ସମସ୍ତଙ୍କ ସାମନାରେ ଲୁହା କତୁରୀ (ମେଲହେଦ୍ ସାକମ୍) ପିନ୍ଧାଇ ଦିଏ ଏବଂ ଉପସ୍ଥିତ ଗୁରୁଜନମାନଙ୍କୁ ପ୍ରଣାମ ଜଣାଇ କନ୍ୟାର ହାତ ଧରି ଘର ଭିତରକୁ ନେଇଯାଇଥାଏ । ଘରେ ଯାଇ ଈଶାନ କୋଣରେ ପୂର୍ବ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଥାଆନ୍ତି ।

କନ୍ୟା ଘରୁ ଆସିଥିବା ଲୋକ ବରକନ୍ୟାଙ୍କୁ ତାଙ୍କ ଘରକୁ ବାହୁଡ଼ା ଘୁରାଇ (ଇଦିରୁଆଲ) ନେଇଥାଆନ୍ତି । ସେଠାରେ ନବ ବିବାହିତ ଦମ୍ପତି ଅଢ଼େଇ ଦିନ ରହି ନିଜ ଘରକୁ ଫେରନ୍ତି ।

ବରକନ୍ୟାର ଚଉଠି ପୂଜା ପରେ କନ୍ୟାର ବାପା, ମା, ଦାଦା, ଖୁଡ଼ି, ମାମୁଁ, ମାଇଁ ବରଘରକୁ ସମୁଦୀ ମିଳନ (ସମୁଦୀ ଦେଖା) ପାଇଁ ଆସିଥାଆନ୍ତି । ଏହାର ଗୋଟିଏ ଦିନ ପରେ ବରର ବାପା, ମା, ଦାଦା, ଖୁଡ଼ି, ମାମୁଁ, ମାଇଁ ପ୍ରଭୃତି କନ୍ୟା ଘରକୁ ସମୁଦୀମିଳନ ପାଇଁ ଯାଇଥାଆନ୍ତି । ଭୂମିଜ ସଂପ୍ରଦାୟର ଶୁଭ ବିବାହର ପରଂପରା ଏହିପରି ପ୍ରାୟ ଶେଷ ହୁଏ ।

## ୨- ସାଙ୍ଗାଅ ଆଣ୍ଦି (ଦ୍ୱିତୀୟ ବିବାହ) :

ଏହା ବିଧବା କିମ୍ବା ପରିତ୍ୟକ୍ତା ସ୍ତ୍ରୀକୁ ବିବାହ କରିବାକୁ ବୁଝାଯାଏ । ବିଧବା କିମ୍ବା ପରିତ୍ୟକ୍ତା ସ୍ତ୍ରୀ ସିଧାସଳଖ ବେଦୀ ଉପରେ ବିବାହ ହୁଅନ୍ତି ନାହିଁ । ଝିଅ ଘର ବର ପହଞ୍ଚିବା ପରେ ଚୁନାରେ (ଚାଉଳ) ଏକ ମାଡ଼ୁଆ ବା ଝୋଟି ଅଙ୍କନ କରାଯାଏ । ଏହି ଝୋଟି ଝିଅର ଭାଉଜ କାଟିଥାଆନ୍ତି । ଚାଉଳ ଚୁନାରେ ପାଣି ମିଶାଇ ଆଙ୍ଗୁଳି ସାହାଯ୍ୟରେ ଚତୁର୍ଭୁଜ ଆକାରରେ ଝୋଟି କରାଯାଏ ।



(ଝୋଟିର ମଝି ସ୍ଥାନ ମାନଙ୍କରେ (ଗୋଲାକାର) ସିନ୍ଦୁର ଦିଆଯାଏ)

ଏହି ଝୋଟି ଉପରେ ଖଲିପତ୍ର ପକାଇ ଝିଅକୁ ପତ୍ର ଉପରେ ବସାଇ ଦିଆଯାଏ । ଏହି ସମୟରେ ମଧ୍ୟସ୍ଥି ବରକୁ ଆଣି ଝିଅର କାନିରେ ସିନ୍ଦୁର ଫରୁଆ ବାନ୍ଧିବାକୁ କହିଥାଏ । ବର ସିନ୍ଦୁର ଫରୁଆକୁ କନିଆର କାନିରେ ଗଣ୍ଠି ପକାଇଥାଏ । ଏହି ସିନ୍ଦୁର କନ୍ୟାକୁ ନିଜେ ପ୍ରଥମେ ବରର ଭାଉଜ ଲଗାଇ ଦେଇଥାଆନ୍ତି । ଭୂମିଜ ସଂପ୍ରଦାୟରେ ଗୋଟିଏ ଝିଅ ଥରେ ବେଦୀରେ ବସି ବିବାହ କଲେ, ସେ ପୁର୍ନବାର ଆଉ ବେଦୀରେ ବସି ବିବାହ କରିପାରେ ନାହିଁ ।

## ୩- ନାପାନ୍ ଆଣ୍ଡି (ପ୍ରେମ ବିବାହ)

ଏହା ପ୍ରେମ ବିବାହ ଅଟେ । ପ୍ରଥମେ ପୁଅ ଏବଂ ଝିଅ ଉଭୟେ ଉଭୟଙ୍କୁ ଭଲ ପାଇ ବସନ୍ତି । ଶେଷରେ ବାପା ମା'ଙ୍କ ବିନା ଅନୁମତିରେ ଘର ଛାଡ଼ି ପଳାଇ ଯାଇଥାଆନ୍ତି । କିଛିଦିନ ବାହାରେ ରହିବାପରେ ନିଜେ ନିଜେ ଘରକୁ ଫେରି ଆସନ୍ତି ବା ବାପା ମା' ଫେରାଇ ଆଣନ୍ତି । ସେମାନଙ୍କୁ ସ୍ୱାମୀ ସ୍ତ୍ରୀ ଭାବରେ ସ୍ୱୀକୃତି ଦିଆଯାଏ । ଉଭୟ କନ୍ୟା ଓ ବର ପକ୍ଷରୁ ସମ୍ମତି କ୍ରମେ ସିନ୍ଦୁରୀ ରାକାବ୍ (ସିନ୍ଦୁର ଦାନ) କରି ଦାମ୍ପତ୍ୟ ଜୀବନ ବିତାଇ ଥାଆନ୍ତି । ଯଦି ଏହି ସିନ୍ଦୁର ଦାନ ପୁଅ ଝିଅ ଘରକୁ ଫେରି ଆସିବା ପରେ ହୋଇନଥାଏ ତେବେ ଏହା ତାଙ୍କର ପ୍ରଥମ ପିଲା ହୋଇ ସାରିବା ପରେ ଉଠିଆରି ଦିନ ବାରିକ ଦ୍ୱାରା ଶୌଚ ହୋଇ ସାରିବାପରେ ସିନ୍ଦୁର ଦାନ କରାଯାଇ (ବରକନ୍ୟାକୁ ସିନ୍ଦୁର ପିନ୍ଧାଏ) ବର କନ୍ୟାକୁ ଲୁହା କଡୁରୀ ପିନ୍ଧାଇ ଦେଇଥାଏ । ସ୍ଥଳ ବିଶେଷରେ ଥରେ ଥରେ ପୁଅର ସାନ ଭାଇର ବାହାଘର ସମୟରେ ସେହି ବେଦୀରେ ସିନ୍ଦୁର ଦାନ କାର୍ଯ୍ୟ କରାଯାଇଥାଏ (ଆଗରୁ ଘର ଛାଡ଼ି ପଳାଇ ଯାଇ ପୁଣି ଫେରି ଆସିଥିବା ପୁଅ ଝିଅ) । ଏଥିରେ ପଣ ଉପରେ ଗୁରୁତ୍ୱ ଦିଆଯାଇ ନଥାଏ ।

ଏସବୁ ବ୍ୟତୀତ ଭୂମିଜ ସଂପ୍ରଦାୟରେ ଆଉ କେତେ ପ୍ରକାର ବିବାହ ପ୍ରଥା ରହିଛି ।

## ୧- ବଳପୂର୍ବକ ବିବାହ (ସିନ୍ଦୁରୀ ଘେସା)

ଯେତେବେଳେ କୌଣସି ଯୁବକ କୌଣସି ଏକ ଯୁବତୀକୁ ବିବାହ କରିବାପାଇଁ ଇଚ୍ଛା ପ୍ରକାଶ କରିଥାଏ କିନ୍ତୁ ଯୁବତୀର ଅସମ୍ମତି ସହ ତାଙ୍କର ପିତାମାତା ମଧ ରାଜି ହୁଅନ୍ତି ନାହିଁ, ସେ କ୍ଷେତ୍ରରେ ଯୁବକ ଝିଅଟି ମଥାରେ ବଳ ପୂର୍ବକ ସିନ୍ଦୁର ଲଗାଇ ସ୍ତ୍ରୀ ଭାବରେ ଗ୍ରହଣ କରିଥାଏ । ପରେ ଯୁବକର ବାପା ମା ଓ ଯୁବତୀଟିର ବାପା, ମା ପରସ୍ପର ଆଲୋଚନା ମାଧ୍ୟମରେ ସମ୍ମତ ହୋଇ ସେମାନଙ୍କର ବିବାହ କାର୍ଯ୍ୟ ତୁଲାଇ ଥାଆନ୍ତି । ଯୁବକଟି ପୁଣି ଥରେ ଯୁବତୀଟିକୁ ସିନ୍ଦୁର ଓ ଲୁହା କଡୁରୀ ପିନ୍ଧାଇ ଦେଇଥାଏ । ଅନେକ ସ୍ଥଳରେ ଯୁବକ ନିରୋଳା ମୁହୂର୍ତ୍ତ ଦେଖି ଚାହୁଁଥିବା ଝିଅଟିକୁ ବଳ ପୂର୍ବକ ନେଇଯାଇଥାଏ । ଏହାପରେ କନ୍ୟା ପଣ ପଇଠ କରି ଝିଅଟିକୁ ବିବାହ କରେ ।

## ୨- ଉମ୍ବୁଲ୍ ଆଣ୍ଦି (ବିଧବା ବିବାହ)

ଭୂମିଜ ସମାଜରେ କେବେ କେମିତି ସ୍ତ୍ରୀଟି ବିଧବା ହୋଇଗଲେ ତାର ମୃତ ସ୍ୱାମୀର ସାନଭାଇ ସହିତ ବିବାହ କରାଇ ଦିଆଯାଇଥାଏ । ଅବଶ୍ୟ ବାହାଘର ଅଳ୍ପଦିନ ମଧ୍ୟରେ ଯଦି ସ୍ୱାମୀଟି ଅକସ୍ମାତ୍ ମୃତ୍ୟୁ ବରଣ କରେ ଏବଂ ସ୍ତ୍ରୀଟିର ପିଲା ଛୁଆ ହୋଇନଥାଆନ୍ତି ତେବେ ଏପରି କ୍ଷେତ୍ରରେ ଏହି ବିବାହ ପ୍ରାୟ ହୋଇଥାଏ ।

## ୩- ବହୁପତ୍ନୀ ଗ୍ରହଣ

ବହୁ ବିବାହ ପ୍ରଥା ଭୂମିଜ ସମାଜରେ ପ୍ରଚଳିତ ଅଛି । ବିବାହିତ ଯୁବକ ଅନ୍ୟ କୌଣସି ବିବାହିତା ସ୍ତ୍ରୀ ସହିତ ଗୁପ୍ତ ପ୍ରଣୟରେ ଲିପ୍ତ ଥିଲେ ଉକ୍ତ ଯୁବକ ସେହି ସ୍ତ୍ରୀଟିକୁ ପତ୍ନୀ ରୂପେ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ । ଅଥବା ଅବିବାହିତା ଝିଅ ସହିତ ଗୁପ୍ତ ସଂପର୍କ ରଖିଲେ ମଧ୍ୟ ସେହି ବିବାହିତ ଯୁବକ ଉପରୋକ୍ତ ଝିଅଟିକୁ ପତ୍ନୀ ରୂପେ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ ।

ଭୂଜିଜ କନ୍ୟାଟି ବିବାହ ପୂର୍ବରୁ ଗର୍ଭବତୀ ହୋଇଥିବାର ଜଣାପଡ଼ିଲେ ତା'ର ପ୍ରେମିକ ସହିତ ତାକୁ ବିବାହ କରି ଦିଆଯାଏ । ଦୁଇଜଣ ଭୂମିଜ ସଂପ୍ରଦାୟର ହୋଇଥିଲେ ବିଶେଷ କିଛି ଅସୁବିଧା ହୁଏନାହିଁ । ଯଦି ପୁଅ କିମ୍ବା ଝିଅ ମଧ୍ୟରୁ କେହି ଜଣେ ଅନ୍ୟ ସଂପ୍ରଦାୟର ହୋଇଥାନ୍ତି ଉଭୟଙ୍କୁ ଭୂମିଜ ସମାଜରୁ ବାଛନ୍ଦ କରାଯାଇଥାଏ ।

## ଛାଡ଼ପତ୍ର :

ଭୂମିଜ ସମାଜରେ ଛାଡ଼ପତ୍ରକୁ ଅନୁମତି ଦିଆଯାଇଥାଏ । ମାତ୍ର ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀ ଗାଁର ମୁଖ୍ୟ ଲୋକମାନଙ୍କର ଅନୁମୋଦନ କ୍ରମେ ପୁନର୍ବାର ବିବାହ କରିଥାଏ ।

ଛାଡ଼ପତ୍ର ଦେଇଥିବା ବ୍ୟକ୍ତିକୁ କ୍ଷତି ପୂରଣ ଦେବାକୁ ପଡ଼ିଥାଏ । କ୍ଷତି ପୂରଣ ବାବଦକୁ ମିଳିଥିବା ଟଙ୍କାରେ ଏକ ଭୋଜିର ଆୟୋଜନ କରାଯାଇଥାଏ । ପଞ୍ଚାୟତର ସଭ୍ୟମାନେ ଭୋଜିକୁ ଆସିଥାଆନ୍ତି । ଏହି ଭୋଜି ସଭାରେ ପରିତ୍ୟକ୍ତା ସ୍ତ୍ରୀ ବାହାଘର ସମୟରେ ପିନ୍ଧିଥିବା ଲୁହାର ବଳାଟିକୁ ତାର ପୂର୍ବ ସ୍ୱାମୀକୁ ଫେରାଇଦିଏ । ଏହାପରେ ସେ ପୁନର୍ବିବାହ ପାଇଁ ଯୋଗ୍ୟ ହୋଇଥାଏ ।

## ଗଜଃ ଆର ହୟନ

### ମୃତ ସଂସ୍କାର (ଶୁଦ୍ଧିକ୍ରିୟା)

ମୃତ୍ୟୁପରେ ଭୂମିଜ ସମାଜରେ ତା'ର ଆତ୍ମୀୟ ଓ ବନ୍ଧୁମାନେ ନାନା ପ୍ରକାର ଶୌଚକର୍ମ କରି ନିଜକୁ ଶୁଦ୍ଧ କରନ୍ତି । ପ୍ରଥମେ ଗ୍ରାମବାସୀମାନଙ୍କୁ ଡାକିଆଣି ଶବ ସତ୍କାର ପାଇଁ ଆୟୋଜନ କରାଯାଏ । ଶବକୁ ତେଲ ହଳଦୀ ଲଗାଇ ଦେଇ ମଥାରେ ସିନ୍ଦୁର ପିନ୍ଧାଇ ଦୁବ ଧାନ ରଖି ଗୋଟିଏ ଖଟରେ ମଶାଣୀକୁ ନିଅନ୍ତି । ବିବାହିତ ପୁରୁଷର ସ୍ତ୍ରୀ ହାତରୁ ସମସ୍ତ ଚୁଡ଼ି ବାହାର କରି ଦିଆଯାଏ । (ବିବାହିତ ସ୍ତ୍ରୀ ମୃତ୍ୟୁବରଣ କଲେ, ତା'ର ସ୍ୱାମୀ ନିଜେ ମୃତା ସ୍ତ୍ରୀ ହାତରୁ ଚୁଡ଼ି ତଥା ଲୁହା କଡୁରୀ ବାହାର କରି ବାମ ହାତ ଅନାମିକା ଆଙ୍ଗୁଳିରେ ସ୍ତ୍ରୀ ମଥାରେ ସିନ୍ଦୁର ଲଗାଇ ଦେଇଥାଏ) । ମୃତ ବ୍ୟକ୍ତିର ହାତ ପାପୁଲିରେ କିଛି ଦୁବ ଘାସ, ଧଳାଧାନ (ଦୁବ୍‌ଦାନ୍) ରଖି ତାହାକୁ ଗୋଟିଏ କୁଲାରେ ପାପୁଲିରୁ ଖସାଇ ରଖନ୍ତି । ପରବର୍ତ୍ତୀ ଧାନବୁଣା ସମୟରେ ଅନ୍ୟ ବିହନ ସହିତ ବିଲରେ ତାହା ବୁଣାଯାଏ । ଉକ୍ତ ସଂପ୍ରଦାୟ ବିଶ୍ୱାସ କରନ୍ତି ଯେ ମୃତବ୍ୟକ୍ତିର ରାଶିରେ ଫସଲ ଭଲ ହେବ । ସେ ଯେମିତି ଧାନର ଶାଣ (ଉତ୍ପାଦନ ଶକ୍ତି) ନନିଏ ସେଥିପାଇଁ ଏହି ଦୁବଦାନ କାର୍ଯ୍ୟ କରାଯାଏ ।

ମଶାଣିକୁ ନେଲାବେଳେ ମୃତ ବ୍ୟକ୍ତି ବ୍ୟବହାର କରୁଥିବା ଜୋତା, ଛତା, କଠଉ, ବାଡ଼ି, ବଂଶୀ, କେନ୍ଦେରା, ଦୋକ୍ତା ବଟୁଆ ପ୍ରଭୃତି ତା ସାଙ୍ଗରେ ଦିଅନ୍ତି । ଶବ କୋକେଇ ବୋହିବା ପାଇଁ ମୃତ ବ୍ୟକ୍ତିର ପୁଅ, ପୁତୁରା, ଜ୍ୱାଇଁ ତଥା ଆତ୍ମୀୟ ମାନଙ୍କୁ ଅଗ୍ରାଧିକାର ଦିଆଯାଏ । ଗ୍ରାମ ତରଫରୁ ଗ୍ରାମବାସୀ ଜଣେ ବୋହିଥାନ୍ତି । ଅନ୍ୟମାନେ ଶବ ପୋଡ଼ିବା ପାଇଁ କାଠ ସଂଗ୍ରହ କରନ୍ତି । ଶବ ଉପରେ ନୂଆ ଲୁଗା ପକାଇ ଯେତେବେଳେ ବୁହା ହୋଇଯାଏ ସେତେବେଳେ ଘରର ସ୍ତ୍ରୀ ଲୋକମାନେ ଗୋଟିଏ ଛାଞ୍ଚୁଣୀରେ ଗୋବର ପାଣି ଦାଣ୍ଡର ତାଟି ପର୍ଯ୍ୟନ୍ତ ପକାନ୍ତି । ଦାଣ୍ଡର ଅନତି ଦୂରରେ ଗୋବର ମାଠିଆଟିକୁ ଓଲଟାଇ ରଖି ଦିଅନ୍ତି । ଶ୍ମଶାନରେ ଶବକୁ ଉଲଗ୍ନ କରି ବଂଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀମାନେ ମିଶି ଶବକୁ ଜୁଇ ଉପରକୁ ଉଠାନ୍ତି । ଜୁଇରେ ଶବର ମୁଣ୍ଡ ଦକ୍ଷିଣ ଦିଗକୁ

ରଖାଯାଏ । ତାର ପୁତ୍ର ମାନଙ୍କ ମଧ୍ୟରୁ ଜଣେ ମୁଖାଗ୍ନି ଦେଇଥାଏ । ଗୋଟିଏ ଅଶ୍ୱସ୍ଥ ଡାଳର ଅଗରେ ପେଟ୍ରୋଲ ବା କିରାସିନି କନା ଗୁଡ଼ାଇ, ସେଥିରେ ନିଆଁ ଲଗାଇ ପୁଅଟି ଆଖିବନ୍ଦ କରି ମୃତ ପିତାର ଶବ ଉପର ତିନିଥର ବୁଲାଇ ଆଣି ମୁଖ ପାଖରେ ପକାଇ ଦିଏ ଏବଂ ଶ୍ମଶାନର ଅଳ୍ପ ଦୂରକୁ ଚାଲିଯାଏ । ତା'ପରେ ଅନ୍ୟ ଆତ୍ମୀୟ ତଥା ଗ୍ରାମବାସୀମାନେ ତଳୁ ନିଆଁ ଲଗାଇ ଶବକୁ ସଂପୂର୍ଣ୍ଣ ପୋଡ଼ିବାରେ ସାହାଯ୍ୟ କରନ୍ତି । ଶବ ପୋଡ଼ିଗଲା ପରେ ପାଣି ଢ଼ାଳି ନିଆଁ ଲିଭାଯାଏ। ପୋଡ଼ା ପାଉଁଶ ଗଦାରୁ ତାର ତିନୋଟି ଅସ୍ଥି (ବାଆଜାଂ) ବାଛି ରଖନ୍ତି ଏବଂ ନିକଟସ୍ଥ ଅଶ୍ୱସ୍ଥ ଗଛରେ ବାନ୍ଧି ଦିଅନ୍ତି କିମ୍ବା ତା'ମୂଳରେ ପୋତି ଦିଅନ୍ତି । ସେହି ଅସ୍ଥିକୁ ଶୁଦ୍ଧକ୍ରିୟା ପର୍ଯ୍ୟନ୍ତ ସେଠାରେ ରଖାଯାଏ । ପାଖରେ ଅଶ୍ୱସ୍ଥ ଗଛ ନଥିଲେ ଶୁଦ୍ଧିକ୍ରିୟା ବା ଦଶଦିନରେ ସିଧା ସଳଖ ଜୁଇ ପାଉଁଶ ଭିତରୁ ମୃତ ବ୍ୟକ୍ତିର ଅସ୍ଥି ଆଣିଥାଆନ୍ତି। ଜୁଇ ଅଗ୍ନିରେ ଏକ ନୂଆ ଆଟିକାରେ ଚାଉଳ ଓ ବିରି ଏକତ୍ର ରାନ୍ଧି ମୃତବ୍ୟକ୍ତିର ପ୍ରେତାତ୍ମା ପାଇଁ ଦିଆଯାଏ । ଖଇରେ ମୃତ ବ୍ୟକ୍ତିର ଆକୃତିରେ ମଣିଷ ଚିତ୍ର ଦୁଇଥର ତିଆରି କରି ଦୁଇଥର ଲିଭାନ୍ତି ଏବଂ ତୃତୀୟ ଥରରେ ଅଶ୍ୱସ୍ଥ ପତ୍ରରେ ରନ୍ଧା ବିରି ଭାତ ପିଣ୍ଡ ଦିଅନ୍ତି । ସେଥିପାଇଁ ଭୂମିଜ ସମାଜରେ ଅଶ୍ୱସ୍ଥ ପତ୍ରରେ କୌଣସି ଖାଦ୍ୟ ଖାଆନ୍ତି ନାହିଁ । ବୃକ୍ଷ ସହିତ ସେମାନଙ୍କର ଧର୍ମ ଓ ସଂସ୍କୃତିର ସଂପର୍କ ରହିଛି ।

ପିଣ୍ଡଦାନ ପରେ ଶବସତ୍କାର କରିଥିବା ପୁରୁଷ ଓ ଘରେ ଥିବା ସ୍ତ୍ରୀ ଲୋକମାନେ ପୋଖରୀକୁ ଯାଆନ୍ତି । ସେଠାରେ ସ୍ନାନ ଶୌଚାଦି ପରେ ଘାଟ ପାଣିରୁ ମୁଖାଗ୍ନି ଦେଇଥିବା ବ୍ୟକ୍ତିର ଦୁଇବାହାଧରି ଗଙ୍ଗାକୁଳିଆ (ଯେଉଁମାନେ ଶବ ସତ୍କାର ପାଇଁ ଯାଇ ଥାଆନ୍ତି) ମାନେ ତିନିଥର ''ହରିବୋଲ ହରି'' ଧ୍ୱନି ଦେଇ ଟେକି ଆଣନ୍ତି । ପୁଣି ଗୃହକୁ ଫେରିବା ରାସ୍ତାରେ ଆଉ ଦୁଇଥର ସେହିପରି ମୁଖାଗ୍ନି ଦେଇଥିବା ବ୍ୟକ୍ତିକୁ ଟେକନ୍ତି ଓ ହରିବୋଲ ହରି କହିଥାଆନ୍ତି । ମୃତ ବ୍ୟକ୍ତିର ଗୃହରେ ପହଞ୍ଚି ସମସ୍ତେ ତୁଳସୀ ପାଣି ଛିଞ୍ଚି ହୁଅନ୍ତି । ଶ୍ମଶାନକୁ ନେଇଥିବା କୋଦାଳ, କୁରାଢ଼ୀ ଓ ଶାବଳ ଆଦିକୁ ଝୁଣା ଧୂପରେ ଶୁଦ୍ଧି କରନ୍ତି । ସମସ୍ତ ଗଙ୍ଗାକୁଳିଆ ସେଇ ଝୁଣା ଗନ୍ଧକୁ ଆଘ୍ରାଣ କରି ଶୁଦ୍ଧ ହୋଇଥାଆନ୍ତି ଏବଂ ଶେଷରେ ନିମ୍ବପିତା ଖାଆନ୍ତି । ସେଦିନ ଏକ ନୂତନ ହାଣ୍ଡିରେ ଭାତ ରାନ୍ଧି ମୃତ ବ୍ୟକ୍ତିର ପ୍ରେତାତ୍ମା ପାଇଁ, ଯେଉଁଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲା, ସେଇ ସ୍ଥାନରେ ଅନ୍ନ ଜଳ ପିଣ୍ଡ ଦାନ କରନ୍ତି । ମୃତ୍ୟୁର ନବମଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅନ୍ନଜଳ ପିଣ୍ଡ ଦିଆଯାଏ । ପିଣ୍ଡ ଦେବା ପୂର୍ବରୁ ନଅଦିନ ଯାକ ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦାନ୍ତକାଠି ଓ ମୁହଁ ଧୋଇବା ପାଇଁ ପାଣି ଦିଆଯାଏ । ଦଶଦିନ ପର୍ଯ୍ୟନ୍ତ ମାଛ, ମାଂସ, ଅଣ୍ଡା, ସୁଜନା ଶାଗ, ପିଆଜ, ତେଲ, ରସୁଣ, ବାଉଁଶଗଜା, ଲାଉ ଓ ଛତୁ ଖାଇବା ନିଷେଧ । ତେଲ ହଳଦୀ ଲଗାଇବା ଓ ମୁଣ୍ଡ କୁଣ୍ଡାଇବାକୁ ମଧ୍ୟ-ବାରଣ ଥାଏ । ଏହି ସମୟରେ କୌଣସି ଶୁଭ କାର୍ଯ୍ୟ କରାଯାଏ ନାହିଁ ।

ଦଶମ ଦିନରେ ଘର ଲିପା ପୋଛା କରାଯାଏ । ଧୋବା ଦ୍ୱାରା ଲୁଗାପଟା, ବିଛଣା ପତ୍ର ସଫା କରାଯାଏ । ବାରିକ ନଖ କାଟେ ଓ କ୍ଷୋର କରେ । ଘାଟକୁ ଯାଇଥିବା ଲୋକ ଓ ଆତ୍ମୀୟ ପୁରୁଷମାନେ ଲଣ୍ଡା ହୁଅନ୍ତି । ପୁରୁଷ ମରିଥିଲେ ମୃତ ସ୍ୱାମୀର ବିଧବା ପତ୍ନୀ ହାତରୁ ବାରିକ ଲୁହା କଡୁରୀଟି କାଢ଼ିଥାଏ ।

ଘାଟରେ ବାରିକ ଦ୍ୱାରା ଶୌଚ ହେବାପରେ ପୁରୋହିତ ଘାଟରେ ୪ଟି ଶାଳ କାଠିରେ ଖୁଣ୍ଟ ପୋତି ଉପରେ ଏକ ଧଳା କନା ଛାଇ ଦିଅନ୍ତି । ସେଇ ଛାଇ ତଳେ କାଦୁଅର ଏକ ମଲା ମଣିଷର ପ୍ରତିମୂର୍ତ୍ତି ତିଆରି କରାଯାଏ । ଅଶ୍ୱସ୍ଥ ଗଛରେ କିମ୍ବା ତା ମୂଳରେ ପୋତା ଯାଇଥିବା ଅସ୍ଥିକୁ ଆଣି ସେ ପ୍ରତିମୂର୍ତ୍ତି ଦେହରେ ଆତ୍ମା ସ୍ୱରୂପ ଲଗାଇ ଦିଆଯାଏ । ତା'ପରେ ବ୍ରାହ୍ମଣ ବା ପୁରୋହିତ ଏକ ନୂଆ ଆଟିକାରେ ହଳଦୀ ମିଶା ଚାଉଳ ଏବଂ ବିରିକୁ ଏକତ୍ର ଖେଚୁଡ଼ି ଭାତ କରି ପୂର୍ବ ପୁରୁଷ ସହିତ ମରିଥିବା ଲୋକଟିକୁ ନଦୀ ବା ପୋଖରୀ ଘାଟରେ ପିଣ୍ଡଦାନ କରିଥାଆନ୍ତି । ଘାଟକୁ ଯାଇଥିବା ପୁଅ ଓ ପୁତୁରା ମାନେ ମଧ୍ୟ ପିଣ୍ଡଦାନ କରନ୍ତି । ଶେଷରେ ଅସ୍ଥିମିଶା ମାଟିକୁ (ଗଙ୍ଗା ଅସ୍ଥି) ପାଣିରେ ଭସାଇ ଦିଆଯାଏ ।

ପିଣ୍ଡକୁ ରୋଷେଇ କରାଯାଇଥିବା ଆଟିକାରେ ତେଲ ରଖି ନିଆଁ ଲଗାନ୍ତି । ଏହି ଜଳନ୍ତା ଆଟିକାକୁ ଗୋଟିଏ ବାଡ଼ିରେ ଟେକି ନେଇ ପାଣି ମଝିରେ ଅନ୍ୟ ହାତରେ ଥିବା ବାଡ଼ି ସାହାଯ୍ୟରେ ପିଟି ଭାଙ୍ଗି ଦିଆଯାଏ । ତା'ପରେ ଘାଟକୁ ଯାଇଥିବା ବଂଧୁମାନେ ତାକୁ ପାଣି ଭିତରୁ ଟେକି ଆଣିଥାଆନ୍ତି । ସମସ୍ତେ ନୂଆ ଲୁଗା ପିନ୍ଧି ଘରକୁ ଫେରନ୍ତି । ଫେରନ୍ତା ରାସ୍ତାରେ ମଧ୍ୟ ମୁଖାଗ୍ନି ଦେଇଥିବା ପୁଅକୁ ପୂର୍ବଭଳି ତିନିଥର ଟେକି ହରିବୋଲ ହରି ଧ୍ୱନି ଦେଇଥାଆନ୍ତି । ବାରିକ ଲୁହା କଣ୍ଟାରେ ଗାର ପକାଇ ଆସେ, ବ୍ରାହ୍ମଣ ମନ୍ତ୍ର ପାଠକରେ । ଅର୍ଥାତ୍ ପଥବନ୍ଧନ କରାଯାଏ ।

ବ୍ୟକ୍ତିଟି ଶେଷ ନିଶ୍ୱାସ ତ୍ୟାଗ କରିଥିବା ସ୍ଥାନରେ ହୋମ ହୁଏ ଏବଂ ସେଇ ହୋମ ଅଗ୍ନିରୁ ଅଗ୍ନି ନେଇ ଘରେ ନିଆଁଜଳାଇ ରୋଷେଇ କାମ ହୁଏ । ଏଥିରେ ନିଶାପାଣିର ମଧ୍ୟ ବ୍ୟବହାର ଚାଲେ ।

ଭୂମିଜ ସମାଜରେ "ଉମ୍ବୁଲ ରାଃ ଆଦେର" ଅର୍ଥାତ୍ ମୃତବ୍ୟକ୍ତିର ପ୍ରେତାତ୍ମାକୁ ଈଶାନ କୋଣରେ ସ୍ଥାପନ କରିବା ପ୍ରଥା ପ୍ରଚଳିତ । ଏହି ସମାଜରେ ପୁର୍ନଜନ୍ମର ବିଶ୍ୱାସ ରହିଛି । ମୃତ ବ୍ୟକ୍ତିର ପୁର୍ନଜନ୍ମ ଆଣିବା ପାଇଁ, ପ୍ରେତାତ୍ମା ଆଣିବା ସମୟରେ ଚୂନା (ଚାଉଳ) କିମ୍ବା ପାଉଁଶ ଘର ଚଟାଣରେ ପକାନ୍ତି । ପ୍ରେତାତ୍ମା ଆଣିବାକୁ ଗାଁ ବାହାରକୁ ଯାଇ ଚାରି ଗୋଟି କାଠି ପୋତି ତା ଉପରେ କିଛି ପତ୍ର କିମ୍ବା କୁଟା ରଖି ପୋଡ଼ି ଦେଇ ମୃତ ବ୍ୟକ୍ତିର ନାମ ଧରି ଡାକନ୍ତି । ହେ... ତା'ର ଘର ପୋଡ଼ି ଯାଉଛି, କେଉଁଠି ଅଛୁ ଶୀଘ୍ର

ଚାଲି ଆ । ଏମିତି ତିନିଥର ଡାକି ଉକ୍ତ ନିଆଁରୁ ଏକ ଦୀପ ଜଳାଇ ନୂଆ ଚାଉଳ ଧୂଆ ପାଛିଆରେ ରଖି ଦୁଇଟି ଲୁହା ପିଟି ପିଟି ''କନ୍ କନ୍ ଜାଗଲ୍'' ''କନ୍ କନ୍ ଶୁତଲ୍'' କହି କହି ଘରକୁ ଆସନ୍ତି । ଘର ଭିତରେ ଥିବା ଲୋକମାନେ ଏହାର ଉତ୍ତରରେ ''ଖାଣ୍ଡା ଜାଗଲ୍'', ''ଫେରି ଶୁତଲ୍'' କୁହନ୍ତି ।

ଘର ଭିତରେ ଥିବା ଲୋକମାନଙ୍କ ତରଫରୁ ପ୍ରଶ୍ନ ହୁଏ- ତୁମେ କିଏ ? କ'ଣ ଖୋଜୁଛ ? କ'ଣ ଆଣିଛ ? ଇତ୍ୟାଦି । ପ୍ରେତାତ୍ମାର ପ୍ରତୀକ ଆଣିଥିବା ଲୋକମାନେ ନିଜର ପରିଚୟ ଦେବା ସଂଗେ ସଂଗେ କୁହନ୍ତି - ''ଆମେ ଅମୁକ୍ (ମୃତ ବ୍ୟକ୍ତିର ନାମ) ଆମେ ଦୁଃଖ ନେଇଥିଲୁ ଏବଂ ତା' ବଦଳରେ ସୁଖ ଆଣିଛୁ । ଆମକୁ ଟିକିଏ ଆଶ୍ରୟ ଦିଅ । ନଅଦିନ ହେଲା ଏଣେ ତେଣେ ଘୁରି ବୁଲୁଛୁ ।'' ପୁଣି ଭିତରୁ ପ୍ରଶ୍ନ ହୁଏ - ''ତୁମେ ମଣିଷ ଖାଅକି ? ପ୍ରେତାତ୍ମା ଆଣିଥିବା ଲୋକାମନେ କହନ୍ତି, ''ନା ଆମେ ମଣିଷ, କେବଳ ଆଶ୍ରୟ ଖୋଜୁଛୁ ।'' ତା'ପରେ ଦ୍ୱାର ଖୋଲି ଦିଆଯାଏ ଏବଂ ସେହି ପ୍ରେତାତ୍ମାର ପ୍ରତୀକ ଆଲୋକଟି ଘରର ଈଶାନ କୋଣରେ ରଖାଯାଏ । ସେହି ଈଶାନ କୋଣରେ ମୃତ ପୂର୍ବ ପୁରୁଷମାନଙ୍କୁ ସ୍ଥାପନ କରାଯାଇଥାଏ । ତେଣୁ ସେମାନଙ୍କ ସହିତ ସେଠାରେ ସେହି ପ୍ରେତାତ୍ମାକୁ ମଧ୍ୟ ସ୍ଥାପନ କରାଯାଇଥାଏ । ଧୂସର ରଙ୍ଗର ଗୋଟିଏ କୁକୁଡ଼ା ପୂର୍ବ ପୁରୁଷ ମାନଙ୍କ ପାଇଁ ସେଠାରେ ବଳି ପଡ଼େ । ପରେ ବିଭିନ୍ନ ପର୍ବ ପର୍ବାଣୀରେ ସେଠାରେ ପୂଜା ଅର୍ଘ୍ୟ ଦିଆଯାଏ ।

ସେଦିନ ରାତି ପାହାନ୍ତାରେ ଶାକାନ୍ନ ଏବଂ ବିରିଡାଲି ପିଣ୍ଡ ଦିଆଯାଏ । ଏହାକୁ ''ହରିବୋଲ ମାଡ଼ି'' କୁହାଯାଏ । ଏକାଦଶ ଦିବସରେ ସମସ୍ତ ଗ୍ରାମବାସୀ ଓ ବଂଧୁବାନ୍ଧବ ମାନଙ୍କୁ ଆଇଁଷା ବିଟାଲ୍ (ଆମିଷ ଭୋଜନ) ଦିଆଯାଏ ।

ଭୂମିଜମାନେ ଶବ ର ମୁଣ୍ଡ ଦକ୍ଷିଣ ଦିଗକୁ ରଖି ପୋତନ୍ତି ବା ପୋଡ଼ନ୍ତି । ପୋଡ଼ିଲା ପରେ କେତୋଟି ପଥର ତା' ଉପରେ ଲଦି ଦିଅନ୍ତି । ସେହି ଲଦା ପଥର ସମୂହକୁ ''ଉକୁ ସାସାଂଦିରି'' କୁହାଯାଏ । ଏହା ବ୍ୟତୀତ ଏହି ସଂପ୍ରଦାୟର କେହି ଅବିବାହିତ ଅବସ୍ଥାରେ ମୃତ୍ୟୁବରଣ କଲେ କଣ୍ଟାଯୁକ୍ତ ଶିମୂଳି ବୃକ୍ଷ ସହ ପୋତାଯାଏ କିମ୍ବା ପୋଡ଼ାଯାଏ । କଅଁଳା ଶିଶୁର ମାଆ ମଲେ ଗୋଟିଏ କଦଳୀ ପୁଆ ସହିତ ପୋତାଯାଏ । କିମ୍ବା ଶବ ପୋଡ଼ା ହେଲେ ତା' ପାର୍ଶ୍ୱରେ କଦଳୀ ପୁଆଟିଏ ଲଗାଇ ଦିଆଯାଏ । ସଦ୍ୟ ପ୍ରସବା ସ୍ତ୍ରୀ ଶିଶୁକୁ ଜନ୍ମ ଦେଇ ମଲେ ତା' ହାତ ପାପୁଲିରେ ବେଲକଣ୍ଟା ଫୋଡ଼ି ପୋତି ଦିଆଯାଏ କିମ୍ବା ପୋଡ଼ାଯାଏ । ଏପରି କରିବାର ଲୋକ ବିଶ୍ୱାସ ହେଉଛି ଯେ, ତା'ର ପ୍ରେତାତ୍ମା ପିଶାଚିନୀ ହେବନାହିଁ । ଯଦି ଏପରି ନକରାଯାଏ ତେବେ ସେ ସ୍ତ୍ରୀ ପିଶାଚିନୀ ହୋଇ ନିଜର ଛାଡ଼ି

ଯାଇଥିବା ଶିଶୁକୁ ମାରିଦେବ ଏବଂ ସେହି ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ଡରାଇବ । କଣ୍ଟା ଫୋଡ଼ିବା ଦ୍ୱାରା ତା'ର ପ୍ରେତାତ୍ମାକୁ ବନ୍ଧନ କରି ରଖାଯାଏ, ପୁନଶ୍ଚ ଗର୍ଭବତୀ ସ୍ତ୍ରୀ ମଲେ ତା' ପେଟରୁ ପିଲା ବାହାର କରି ଦିଆଯାଏ ଏବଂ ମା' ଓ ପିଲାକୁ ଅଲଗା ଅଲଗା ଭାବେ ପୋତାଯାଏ କିମ୍ବା ପୋଡ଼ାଯାଏ । ଅବଶ୍ୟ ଏବେ ପ୍ରାୟ ଏହି ପ୍ରଥା (ପେଟରୁ ପିଲା କଢ଼ା) ଗ୍ରହଣ କରାଯାଉନାହିଁ ।

ଦକ୍ଷିଣ ଦିଗକୁ ଶବ ମୁଣ୍ଡ ରଖିବାର କାରଣ ହେଉଛି, ଭୂମିଜମାନେ ବିଶ୍ୱାସ କରନ୍ତି ଯେ ଦକ୍ଷିଣ ଦିଗରେ ଜଗନ୍ନାଥ ଅଛନ୍ତି । ପୁଣି ଦକ୍ଷିଣ ଦିଗରେ ଦିଗପାଳ ଯମରାଜା ଥାଆନ୍ତି । ତାଙ୍କ ଆଡକୁ ମୁଣ୍ଡ ରଖାଗଲେ ପ୍ରେତାତ୍ମାର ମୋକ୍ଷ ଲାଭ ହୁଏ, ଆଉ ଗୋଡ଼ ରଖିଲେ ପାପ ହୁଏ ।

ପୁଣି ଭୂମିଜ ସଂପ୍ରଦାୟର ଦାନ୍ତ ଉଠି ନଥିବା ଶିଶୁ ମୃତ୍ୟୁବରଣ କଲେ ତାର ଶବକୁ ମହୁଲ ଗଛ ତଳେ ପୋତି ଦିଆଯାଏ, ପୋଡ଼ାଯାଏ ନାହିଁ । ମହୁଲ ଗଛ ଅଭାବରେ ଶବ ପୋତା ସ୍ଥାନରେ ଗୋଟିଏ ମହୁଲ ଡାଳ ମୁଣ୍ଡ ପାଖରେ ଲଗାଇ ଦିଆଯାଏ ଏବଂ ଗୋଟିଏ ସୂତାରେ ଡାଳକୁ ବାନ୍ଧି ପିଲାର ପାଟିଏ ଭର୍ତ୍ତିକରି ପୋତାଯାଏ । ଏପରି କରିବାର ଉଦ୍ଦେଶ୍ୟ ଯେ ମୃତ ଶିଶୁଟି ଜୀବନ୍ତ ଅବସ୍ଥାରେ ମାଆ ପାଖରୁ କ୍ଷୀର ଖାଉଥିଲା । ମୃତ୍ୟୁ ପରେ ମହୁଲ ଗଛର ରସ ଶିଶୁ ପାଇଁ ମାତୃ କ୍ଷୀରର କାମ କରିବା । ମା'ର ମନ ଅଧିକ ବ୍ୟାକୁଳ ହେବନାହିଁ ।

ଏହି ସମାଜର କୌଣସି ବ୍ୟକ୍ତି ଆତ୍ମହତ୍ୟା କଲେ ତା' ଶବକୁ ପୋତି ଦିଆଯାଏ । କିନ୍ତୁ ତା' ପ୍ରେତାତ୍ମାକୁ ଈଶାନ କୋଣକୁ ଅଣାଯାଏ ନାହିଁ । ପୁଣି କୌଣସି ବ୍ୟକ୍ତି କୌଣସି ସଂକ୍ରାମକ ରୋଗରେ ମୃତ୍ୟୁବରଣ କଲେ ତା' ଶବକୁ ଫିଙ୍ଗି ଦିଆଯାଏ ଏବଂ ତା' ପ୍ରେତାତ୍ମା ମଧ୍ୟ ଈଶାନ କୋଣରେ ସ୍ଥାନ ପାଏନାହିଁ ।

କୌଣସି ବ୍ୟକ୍ତି ଶନିବାର କିମ୍ବା ମଙ୍ଗଳବାର ମଲେ ପୁଷ୍କର ଦୋଷ ଲାଗେ । ଏହାର ପ୍ରତିକାର ସ୍ୱରୂପ ଶବ ପୋଡ଼ା ହେଲା ବା ପୋତି ଦିଆଯିବା ବେଳେ କଳା ରଂଗର ଗୋଟିଏ କୁକୁଡ଼ା ଛୁଆ ଶବସହ ପୋଡାଯାଏ କିମ୍ବା ପୋତାଯାଏ । ତେବେ ଆଜିକାଲି ଶିକ୍ଷିତ ଭୂମିଜମାନେ ଏପରି ପ୍ରଥାକୁ ବିରୋଧ କରୁଛନ୍ତି ।

## ଭୂମିଜ ସମାଜର ଶେଷ ସଂସ୍କାର :

ଭୂମିଜ ସମାଜର କୌଣସି ଲୋକ ମରିଯିବାର ଦୁଇତିନି ବର୍ଷ ମଧ୍ୟରେ ତା' ପାଇଁ ପୁନର୍ବାର ଆଉ ଏକ ସାମାଜିକ ସଂସ୍କାର କରାଯାଏ । ଏହି ସଂସ୍କାରକୁ ହାଡ଼ାର ଉତୁଂ ଅର୍ଥାତ

ମାଲହାଣ୍ଡି ପୂଜା କୁହାଯାଏ । ପୁରୁଷ ଲୋକଙ୍କ ପାଇଁ ହାଙ୍କାର ଉଡୁଂ ଏବଂ ସ୍ତ୍ରୀ ଲୋକ ପାଇଁ "ନାଗେ ଉଡୁଂ" କରାଯାଏ ।

ମୃତ ସ୍ତ୍ରୀ ଓ ପୁରୁଷର ପ୍ରେତାତ୍ମା ଶାନ୍ତି ପାଇଁ ଏହି ପୂଜା ଅନୁଷ୍ଠିତ ହୁଏ । ପିତୃ ପୁରୁଷଙ୍କ ଶ୍ରାଦ୍ଧ ଓ ତର୍ପଣ କରିବା ଏହାର ଉଦ୍ଦେଶ୍ୟ । ଏଥିରେ ମୃତ ପିତୃପୁରୁଷ ମାନଙ୍କପାଇଁ ଭୋଜନ, ଅନ୍ନ, ବସ୍ତ୍ର, ଆବଶ୍ୟକ ମୁତାବକ ପ୍ରଦାନକରି ସେମାନଙ୍କୁ ତୃପ୍ତ କରାଯାଇଥାଏ ।

ଏହି ହାଙ୍କାର ଉଡୁଂ ବଙ୍ଗା ପୂଜା ମକରବାସୀ ଏବଂ ପରବର୍ତ୍ତୀ ଦିନ ଗୁଡ଼ିକରେ କରାଯାଏ । ଏତଦ୍‌ବ୍ୟତୀତ ଦୁର୍ଗାପୂଜା, କାଳିପୂଜା ଏବଂ ପୌଷ ମାସରେ ମଧ୍ୟ କରାଯାଏ । ଏହି ପୂଜା ଉପଲକ୍ଷେ ଗୃହସ୍ଥର ଝିଅ, ଜ୍ୱାଇଁ, ଭଗ୍ନୀ ଭିଣେଇ, ପିଉସା ପିଉସୀ, ମଉସା ମାଉସୀ ପ୍ରଭୃତି ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରାଯାଏ । ପୁନଶ୍ଚ ଏହି ମାଙ୍ଗଳିକ ଉତ୍ସବରେ ଯୋଗଦେବାପାଇଁ ସଂପୃକ୍ତ ଗ୍ରାମବାସୀ ମାନଙ୍କ ମଧ୍ୟରୁ ମିତ୍ର ମାନଙ୍କୁ ନିମନ୍ତ୍ରଣ କରାଯାଏ । ଏହି ପୂଜା ଅନୁଷ୍ଠିତ ହେବା ପୂର୍ବରୁ ନିର୍ଦ୍ଦିଷ୍ଟ ଦିନ କିମ୍ୱା ପୂର୍ବଦିନ ବାରିକ ଏବଂ ଧୋବାକୁ ଡକାଇ ଶୌଚ ହୋଇଥାଆନ୍ତି । ଦୁଇ ଚାରିଦିନ ପୂର୍ବରୁ ଘର ଦ୍ୱାର ଲିପା ପୋଛା ଓ ସଫା ସୁତୁରା ହୁଏ ।

ଏହି ପୂଜା ସମୟରେ ମୃତ ବ୍ୟକ୍ତିଙ୍କ ନାମରେ ମାଟିର ଆଟିକା ଘଟ ବସେ । ଏହି ଘଟଟି ଏକ ସ୍ୱତନ୍ତ୍ର ମୁରୁଜ ଉପରେ ସ୍ଥାପନ କରାଯାଏ । ଧଳା ନୂଆ ସୂତା ଘଟ ଆଟିକାରେ ବନ୍ଧାଯାଏ । ଘଟ ନିକଟରେ ଏକ ଦୀପ ରାତିସାରା ଜଳୁଥାଏ । ଏହି ପୂଜାରେ ଅରୁଆଚାଉଳ, ଉଷୁନା ଚାଉଳ, ମାଟି ପିତୁଳା (ମୃତବ୍ୟକ୍ତିଙ୍କ ପ୍ରତିମା ଉଦ୍ଦେଶ୍ୟରେ) ପଞ୍ଚଗୁଣ୍ଡ, ହଳଦିଆ ଓ କଳାରଙ୍ଗର ବସ୍ତ୍ର, ଭାଲିଆ ଓ ଗବ ଗଛର ଦୁଇଟି ପୀଢ଼ା, ଦର୍ପଣ, ପାନିଆ, ସ୍ତ୍ରୀ ଲୋକପାଇଁ ମଥାଚଅଁର (ନାଚା), ଅଷ୍ଟାଡୋରି, ଧଳାସୂତା, ସିନ୍ଦୂର, ପଞ୍ଚବର୍ଣ୍ଣ ଫୁଲ, ଫଳ ଓ ଭୋଗ, କୁଆଁରିଆ ମେଣ୍ଢି (ଗର୍ଭଧାରଣ କରିବାର ଶକ୍ତି ଯାହାର ହୋଇନଥିବ) କିମ୍ୱା ଦୁଇଟି ନଡ଼ିଆ, ନୂତନ ବସ୍ତ୍ର, ଗୋଟିଏ କାଳିଆ କଙ୍କଡ଼ା (Black crab) (ଆଟିକା ନିକଟରେ ବନ୍ଧାହେବା ଦରକାର) ଇତ୍ୟାଦି ଲାଗେ । ମୃତ ବ୍ୟକ୍ତିର ପ୍ରେତାତ୍ମା ଶାନ୍ତି ପାଇଁ ଉକ୍ତ ବ୍ୟକ୍ତିଙ୍କ ନାମରେ ଘଟ ବସି ରାତି ସାରା ସଂକୀର୍ତ୍ତନ କରାଯାଏ ଏବଂ ମୃତ ବ୍ୟକ୍ତିର ସ୍ମୃତି ଚାରଣ କରାଯାଏ । ଏହି ହାଙ୍କାର ବଙ୍ଗା କରିବା ଦ୍ୱାରା ଆୟୁ, ପ୍ରଜ୍ଞା, ଧନ, ବିଦ୍ୟା ଆଦି ସେମାନଙ୍କ ଆଶୀର୍ବାଦରୁ ମିଳିଥାଏ ବୋଲି ଲୋକ ବିଶ୍ୱାସ ରହିଛି । ଏହି ପୂଜାରେ କୁବ୍‌ଜି, କରତାଳ, ହୁମାଂ ଆଦି ବ୍ୟବହାର କରାଯାଏ । ରାତି ସାରା ପୂଜକ ଗୋଷ୍ଠୀ ସମ୍ମିଳିତ କଣ୍ଠରେ ଗାଆନ୍ତି :-

**ପୂଜକ ପୂଜାରମ୍ଭରେ କହେ - ମାର୍‌ତବେ ହାଙ୍କାର ବଙ୍ଗା ଆରେ ନାଗେ ଏରା ଆବେନାଃ ଲୁତୁମ୍ ତେ ଘଟ ଇଁ ବସାଅ କେଦା ବଙ୍ଗା ସାପାବକ ଯତ ହୁଣ୍ଡି ତା ଦାଇଁ ।**

ଆଶ୍ରା କାନାସକାତେ ଦାରୁରେଚି, ରିମ୍ବିଲରେ ହୟ ଲେକାବି ଚେଗେଚୁପ୍ପ ଲୋକ ଚି ଦିଦି କୁଲିଦ୍ ଲେକା ଯାଲା ତିଂ ବାଲା ତାନା ଚି ବିନ୍ ଅଟାଂ ବାଲାତାନା । ମାରହିକୁ ବେନ୍ । ରାଃ ଯାଦ୍ ରାଙ୍କାଦ୍ ଯାଦ୍ ବେନାଇଁ, ବିଲାକାନା ଗାଣ୍ଡୁରେ ହିଃ କାତେ ଦୁଇ ବେନ୍ ଆର୍ ପାଦ୍ ବେନାଇଁ । ବିଲାକାନା ଗାଣ୍ଡୁରେ  ହିଃ କାତେ ଦୁଇ ବେନ୍ ଆର୍ ଅମାବେନ୍ ତାନ୍ ଭୋଗ ଆର୍ ଦାଆ ଜମେ ବେନ୍, ନୁଉବେନ୍ । ସିଦାରେନ୍ ହାପାଲୁମକ ! ଅକଏ ତାକ୍ ନେ ବଂଶରେ ଜନ୍ମ କାତେ ଗଜାକାନ୍‌କ, ଆର୍ ହନ୍‌ଗାଣା କଆ ମେଁଦ୍ କାକ ଲେଲ୍ ଧାଲିଆ କାନା, ଅଡଃ ଅକଏ ତାକ ଇସୁ ମାଣାଂରେ ମାଁ ଯମ୍ ରେନ ଦୁଲାଂକ ତାଇକେନା ଆର୍ ଅଡଃ ଅକଏ ତାକ ତାପାଃ କାନାଃ କ ଚି ସେଙ୍ଗେଲ୍ ସାନ୍‌ତେ ରାପାଃ ଫାଲ୍‌ଗା ଫୁଲୁଗୁ ମେନା କଆ ଇନ୍‌କୁ କେ ତିସିଂ ଆବେନ ଲଃ ଭୋଗକ ଦାଆକ ଅମାକ ତା ନାଇଁ, ମାର୍ ତବେ ଜମେପେ''

ଓଡ଼ିଆ ଭାବାର୍ଥ :- ହେ ହାଙ୍କାର ବଙ୍ଗା, ନାଗେଏରା ଆପଣଙ୍କ ନାମରେ ମୁଁ ଘଟ ବସାଇଲି । ସମସ୍ତ ପୂଜା ସାମଗ୍ରୀ ଗୁଡ଼ିକ ଏକତ୍ର କରି ରଖିଲି । ଆକାଶରେ ଅଥବା ଅବଲମ୍ବନ ଶୂନ୍ୟ ହୋଇ କିମ୍ବା ବାୟୁରେ ବିଚରଣ କରି ଅବା ପଶୁପକ୍ଷୀ ପରି ଇତସ୍ତତ ବୁଲୁଛନ୍ତି ଅଥବା ଆଶ୍ରୟହୀନ ହୋଇ କୌଣସି ସ୍ଥାନରେ ଥିଲେ ଆପଣମାନଙ୍କ ସ୍ନାନ ନିମନ୍ତେ ଏହି ଜଳ ହେଉଛି, ପୁଣି ପାନୀୟ ନିମନ୍ତେ କ୍ଷୀର ଦେଉଛି । ଆପଣମାନେ ସ୍ନାନ ଓ ପାନ କରି ସୁଖରେ ରୁହନ୍ତୁ ଏବଂ ଘଟ ନିକଟକୁ ଆସନ୍ତୁ । ତୁମ ସହିତ ଯେଉଁମାନେ ପୁତ୍ର ହୀନ ଓ ବଂଶହୀନ ଭାବରେ ମୃତ୍ୟୁ  ଲଭିଛନ୍ତି, ସେମାନେ ମୋର ଏହି ପ୍ରଦତ୍ତ ଭୋଗ ଓ ଜଳ ଦ୍ୱାରା ତୁଷ୍ଟି ଲାଭ କରନ୍ତୁ । ପୁନଶ୍ଚ ଏହି ବଂଶରେ ଯେଉଁମାନେ ଅଗ୍ନି ଦ୍ୱାରା ଦଗ୍ଧ ହୋଇଛନ୍ତି ଏବଂ ଯେଉଁମାନେ ଦଗ୍ଧ ହୋଇ ନାହାନ୍ତି ସେହିମାନେ ସମସ୍ତେ ତୃପ୍ତ ଓ ତୁଷ୍ଟି ଲାଭ କରି ଉତ୍‌କୃଷ୍ଟ ସ୍ଥାନ ଲାଭ କରନ୍ତୁ । ଯେଉଁମାନେ ଜନ୍ମ ଜନ୍ମାନ୍ତରରେ ବନ୍ଧୁଥିଲେ ଏବଂ ଯେଉଁମାନେ ଏ ବଂଶର ପୁତ୍ରମାନଙ୍କଠାରୁ ଜଳ ପ୍ରତ୍ୟାଶା କରନ୍ତି ସେମାନେ ସଂପୂର୍ଣ୍ଣ ରୂପେ ତୃପ୍ତି ଲାଭ କରନ୍ତୁ ଏବଂ ସେମାନଙ୍କୁ ମଧ୍ୟ ମୁଁ ଆଜି ଆହ୍ୱାନ କରୁଛି ।

**ଗୀତ :**

*୧- ହାଙ୍କାର ବଙ୍ଗାୟା ହିଜାକାନା, ଅଳାଦୁଆରକ ଚିନାତାନା*
*ନାଗେ ଏରାୟା ସେଟୋକାନା ଗୁଟାଗଣାକ କୁଲିତାନା*
*ହାଙ୍କାର ବଙ୍ଗାୟା ହିଜାକାନା ସିସୁକୁରିକ୍ ଖଡାରତାନା,*
*ନାଗେ ଏରାୟା ସେଟେରାକାନା ମିଡ଼ି ଶେରଂକ ଆନ୍ଦଲତାନା ।*
*ହାଙ୍କାର ବଙ୍ଗାୟା ହିଜାକାନା ପାଣେ ବଛିନାକ ଦାଣାତାନା*
*ନାଗେ ଏରା ସେଟୋରକାନା ନାକିଜ ନାଚାକ ହାଁଟୀ ତାନା ॥*

ଓଡ଼ିଆ ଭାବାର୍ଥ : ହେଇ ଅଶରୀରୀ ହାଙ୍କାର ବଙ୍ଗା ଆସୁଛି ଏବଂ ନିଜର ଘର ଦୁଆର ସବୁକୁ ଚିହ୍ନିବାପାଇଁ ଚେଷ୍ଟା କରୁଛି । ପୁଣି ତା'ପଛେ ପଛେ ତା ସ୍ତ୍ରୀ (ନାଗେ ଏରା) ଆସି ନିଜର ଘରଦ୍ୱାର ଅଗଣା ସମ୍ବନ୍ଧରେ ପଚାରିବାକୁ ଚେଷ୍ଟା କରୁଛି । ହାଙ୍କାର ବଙ୍ଗା ପହଞ୍ଚି, ଛେଳି, ମେଣ୍ଢା, କୁକୁଡ଼ା, ଘୁଷୁରୀ, ବତକ ଗୁଡ଼ିକ ଅନ୍ୱେଷଣ କରୁଛି ଏବଂ ତା' ସ୍ତ୍ରୀ ଦାତୋ ବଛିନ୍ନା (ଭୋଗରାଗ) ଯାହା ପାଇବା ପାଇଁ ହକ୍ ତାହା ସେ ଅଭିମାନ କରି ଖୋଜୁଛି । ପୁନଶ୍ଚ ନିଜର ପ୍ରସାଧନ ପାଇଁ ପାନିଆଁ, ଦର୍ପଣ ନାଚା (Tassed) ଆଦି ଦାବୀ କରୁଛି ।

*୨- ହାଙ୍କାର ବଙ୍ଗାଯା ଦାଣାନ୍ ତାନାଦ*
*ଦିଦି କୁଳିଦ୍ ଲେକା ଦାଣାନ୍ ତାନାଦ*
*ନାଗେ ଏରାଯା ଜାର ତାଇଦ / ଦିଶୁମ୍ ବାଲିଆ କାଏ ଚିନା ଯାହା*
*ହାଙ୍କାର ବଙ୍ଗାଯା ହିଜୁଃ ତାନାଦାସାଇ ପଳିଶାକ କୁଲି ତାନାଦ*
*ନାଗେ ଏରାଯା ଜାର୍ ତାଇଦ୍ / ମିଶିଆ କାରେ ଆକ କୁଲିତାନାଦ*
*ହାଙ୍କାର ବଙ୍ଗାଯା ବଲତାନା କିନ୍ / ଆଙ୍କ୍ ଦୁଆରରେ ତିଙ୍ଗୁଆକାନାକିନ୍*
*ନାଗେ ଏରାଯା ଜାର୍ ତାଇଦ୍ / ଆଙ୍କ୍ ଦୁଆରରେ ଜାପାଗା ଜାନାଦ*
*ହାଙ୍କାର ବଙ୍ଗାଯା ବଲଯାନ୍‌ଦ / ଅଲା ଦୁଆରକ ଏକେଲା ତାନାଦ*
*ନାଗେ ଏରାଯା ଜାର୍ ତାଇଦ / ନାରେ ନାରୋ ଜାର୍ ତାଇଦି*
*ହାଙ୍କାର ବଙ୍ଗାଯା ବଲଯାନଦ / ଆଦିଂ କଚାରେ ଦୁବ୍ କାତେ*
*ଅଲା ଦୁଆର କ ଚିନା ତାନା କ*
*ନାଗେ ଏରାଯା ଜାର୍ ତାଇଦ / ଆଦିଂ କଚାରେ ବଲକାତେ*
*ହନ୍ ଜାଇକ୍ ଖଜାର ତାନା ॥*

ଓଡ଼ିଆ ଭାବାର୍ଥ - ହେଇ ହାଙ୍କାର ବଙ୍ଗା ଚତୁର୍ଦ୍ଦିଗରେ ଚିଲ ଶାଗୁଣା ପରି ଏଣେ ତେଣେ ବୁଲୁଛି ଏବଂ ତାପରେ 'ନାଗେ ଏରା' (ମୃତ ସ୍ତ୍ରୀ ଲୋକର ପ୍ରେତାତ୍ମା) ଧାବମାନ କରି ଘର ଦୁଆର ଚିହ୍ନି ପାରୁନାହିଁ । ବୁଲି ବୁଲି ଦୁହେଁ ସାହି ପଡୋଶୀ, ଭାଇ ଭଉଣୀ ସମସ୍ତଙ୍କୁ ଜିଜ୍ଞାସା କରୁଛନ୍ତି । ହେଇ ! ହାଙ୍କାର ବଙ୍ଗା ଓ ନାଗେ ଏରା ଆସି ଟାଟି (Gate) ପାଖରେ ଛିଡ଼ା ହୋଇ, ଦେଖା ଦେଉନାହାନ୍ତି । ଛପି ଛପି ଚହିଁଛନ୍ତି । ହେ ହାଙ୍କାର ବଙ୍ଗା, ନାଗେ ଏରା ! ଆସ ଆମ ପୂଜା ସ୍ଥଳକୁ ଆସ । ଜୀବିତ ବ୍ୟକ୍ତିମାନଙ୍କର ହାରି ଗୁହାରି ଶୁଣ ଏବଂ ତାଙ୍କ ଦୁଃଖ ଦୂରକର । ହେଇ ହେଇ ହାଙ୍କାର ବଙ୍ଗା ଧୀରେ ଧୀରେ ଗୃହ ଭିତରକୁ ପ୍ରବେଶ କରୁଛି ଏବଂ ଗୃହର ଚାଳ, ଛପର, କବାଟ ଓ ଅନ୍ୟାନ୍ୟ ଆସବାବ ପତ୍ର ହଲିବାକୁ ଲାଗିଛି । ପୁଣି ସାଙ୍ଗରେ ତା ସ୍ତ୍ରୀ ପଛେ ପଛେ ଆସିବାକୁ

ଲାଗିଛି । ହାଙ୍କାର ଗୃହରେ ପ୍ରବେଶ କରି ଆଦିଂ କଚା (ଈଷାଣ କୋଣ)ରେ ବସି ନିଜର ଘର ଦୁଆର ସଂପତ୍ତି ଆଦି ଚିହ୍ନୁଛି ଏବଂ ତା' ସ୍ତ୍ରୀ ଧୀରେ ଧୀରେ ଆଦିଂ କଚାରେ ପଶି ନିଜର ଛାଡ଼ି ଯାଇଥିବା ନାତି ନାତୁଣିମାନଙ୍କୁ ଖୋଜି ଚିହ୍ନିବାକୁ ଲାଗିଛି ।

*୩- ହାଙ୍କାର ବଙ୍ଗାୟା ବଙ୍ଗାଲିରେ / ଉରଃ ମେରଂକ ବେଶକ୍ ତାଇନା /*
*ନାଗେ ଏରାୟା ସେବା କିରେ / ଲଖୀ ଲଛମୀ ଯତକ ତାଇନା,*
*ହାଙ୍କାର ବଙ୍ଗାୟା ବଙ୍ଗାର ଯାନ୍‌ରେ / ମାନ୍ମୀ କ୍ୱାୟା ସୁକୁ ତାଇନା*
*ନାଗେ ଏରାୟା ସେବା ତାଇପେ / ହାସୁ ରୁଆକ କା' ଗେହି ଜୁଆ*

ଓଡ଼ିଆ ଭାବାର୍ଥ : ହେ ଉପସ୍ଥିତ ବନ୍ଧୁ ବାନ୍ଧବ, ଗୃହର ସମସ୍ତେ ଶୁଣ ! ହାଙ୍କାର ବଙ୍ଗାଙ୍କୁ ଆରଧନା କଲେ ଗୃହର ଗୋରୁ ଗାଈ ଛେଳି ମେଣ୍ଢାଦି ଗୋ ସଂପଦ ସୁସ୍ଥରେ ରହନ୍ତି । ପୁଣି ଗୃହସ୍ଥର ସନ୍ତାନ ସନ୍ତତି, ନାତି ନାତୁଣୀ ସମସ୍ତେ ଭଲରେ ରହିବେ ଏବଂ ନାଗେଏରାଙ୍କର ପୂଜା କଲେ ସମସ୍ତଙ୍କର ଶରୀର ନିରୋଗ ରହିବ । ବୁରୁବଙ୍ଗା (ଶ୍ରେଷ୍ଠ ଦେବତା)ଙ୍କୁ ପୂଜା କଲେ ସମସ୍ତେ ସୁଖ ଶାନ୍ତିରେ ରହିବା ସଂଗେ ସଂଗେ ନାଗେଏରାଙ୍କ ଅନୁକମ୍ପାରୁ ରୋଗବ୍ୟାଧି ଘରେ ପ୍ରବେଶ କରିବନାହିଁ ।

ପୂଜା ପରେ ପୂଜାରେ ବ୍ୟବହୃତ ସମସ୍ତ ପୂଜା ସାମଗ୍ରୀ ଗୋଟାଇ ମାମୁଁ ମଥାରେ ମୁଣ୍ଡାଇ ମଶାଣୀକୁ ନେଇ ଯାଆନ୍ତି । ତାଙ୍କ ପଛେ ପଛେ କୀର୍ତ୍ତନ କଲା ଭଳି ସମ୍ମିଳିତ କଣ୍ଠରେ ଗାୟକମାନେ ମିଶି ଗାଇ ଗାଇ ଚାଲନ୍ତି । ସେମାନେ ବେଳେ ବେଳେ ଅଶ୍ଳୀଳ, ଅଶ୍ରାବ୍ୟ ଭାଷାରେ ଲୋକଗୀତ ମାନ ଗାଆନ୍ତି । ପୁନଶ୍ଚ ସେମାନେ ମୃତ ଆତ୍ମାର ଶାନ୍ତି ପାଇଁ ମଧ୍ୟ ଗୀତ ଗାଆନ୍ତି ।

*୪- ନାକି ଗେନ୍ ମେରେ ହାଙ୍କାର / ସାମ ପଲେନ୍ ମେରେ*
*ସିଙ୍ଗିତୁର ହରେ ନାତେ / ଦଲା ହାଙ୍କାର ଦଲା ସେନେମେ /*
*ନାକିଗେନ୍ ମେରେ ନାଗେ / ସୁପିଦେନ୍ ମେରେ*
*ସିଙ୍ଗିତୁର ହରେ ନାତେ / ଦଲା ନାଗେ ଦଲା ସେନେମେ ॥*
*ସିଙ୍ଗାରେନ୍ ମେରେ ନାଗେ / ସୁପିଦେନ୍ ମେରେ*
*ରାଙ୍ଗା ରାଙ୍ଗା ସିନ୍ଦୂରିତେ / ମାର୍ ନାଗେ ମାର୍ ସିନ୍ଦୂରିନ୍ ମେ ॥*
*ନାକିଗେନ୍ ଜାନାଇଁ ପ୍ରଭୁ / ସୁପିଦେନ୍ ଜାନାଇଁରେ*
*ରାଙ୍ଗା ରାଙ୍ଗା ସିନ୍ଦୂରିତେ : ସିନ୍ଦୁରିନ୍ ଯାନା*
*ସିଙ୍ଗାରେନ୍ ଜାନାଇଁ ପ୍ରଭୁ / ସୁପିଦେନ୍ ଜାନାଇଁ ରେ*
*ସିଙ୍ଗି ତୁରଃ ହରେ ନା ତେଇଁ / ସୁପିଦେନ୍ ଜାନାଇଁରେ*
*ସିଙ୍ଗି ତୁରଃ ହରେ ନା ତେଇଁ / ଉତ୍ତୁଂ ସେନଃ ତାନା ॥*

ଓଡ଼ିଆ ଭାବାର୍ଥ :- ହେ ହାଙ୍କାର ବଙ୍ଗା ରାତି ପାହିଲାଣି, ଚାଲ ତୁମକୁ ଆମେ ବିଦାୟ ଦେବା । ବିଦାୟ ଦେବା ପାଇଁ ପ୍ରସ୍ତୁତ ହୁଅ । ତୁମେ ଜଲଦି ଜଲଦି ନିଜ ମଥାରେ ପାନିଆ ବୁଲାଇ ଦିଅ ଏବଂ ସୂର୍ଯ୍ୟୋଦୟ ଆଡକୁ ଲମ୍ବିଥିବା ରାସ୍ତାରେ ଯିବାକୁ ପ୍ରସ୍ତୁତ ହୁଅ । ହେ ନାଗେଏରା ତୁମେ ମଧ୍ୟ ନିଜ କେଶ ଗୁଚ୍ଛ ସଜାଇ ନିଅ ଏବଂ ଦିଅଯାଇଥିବା ସିନ୍ଦୂର ମଥାରେ ନିଅ । ନାଗେ ଏରା ହାଙ୍କାର ବଙ୍ଗାକୁ କହୁଛି, ହେ ପ୍ରଭୁ ମୁଁ ନିଜର କବରୀ ସଜାଇ ସାରିଲି ଏବଂ ମଥାରେ ସିନ୍ଦୂର ଘେନି ସାରି ପୂର୍ବ ଦିଗକୁ ଯିବାପାଇଁ ପ୍ରସ୍ତୁତ ହୋଇଛି ।

ଏମିତି ରାତିସାରା ଜାଗରଣ ଚାଲେ । ଗାୟକଦଳ ଗୋଟି ଗୋଟି କରି ଅନେକ ଗୀତ ଗାଆନ୍ତି । ମୃତ ବ୍ୟକ୍ତି ଗୁଣାବଳୀ ସ୍ତୁତି ଚାରଣ କରନ୍ତି । ପୂଜକକୁ ନୂତନ ବସ୍ତ୍ର ଉପହାର ଦିଆଯାଏ । ସ୍ଥଳ ବିଶେଷରେ କିଛି କିଛି ପାରିଶ୍ରମିକ ମଧ୍ୟ ଦିଆଯାଏ । ସହଯୋଗୀ ଗାୟକମାନଙ୍କୁ କେବଳ ଭୋଜନ ଓ ପାନୀୟ ଦିଆଯାଏ ।

ମଶାଣୀରେ ଘଟ ଆଟିକା ରଖି ତିନୋଟି କୁକୁଡ଼ା (ଧଳା, ବାଦାମି ରଙ୍ଗ ଓ ବାରବର୍ଣ୍ଣ) ବଳି ପକାଯାଏ । ଏହା ସହିତ ମେଣ୍ଢିଟିଏ ମଧ୍ୟ ପୁଷରା ପ୍ରତିକାର ପାଇଁ ପୂଜା କରଯାଏ । ମାମୁଁଙ୍କୁ ପୁଣି ସେଠାରୁ ଡାକି ଅଣାଯାଏ ଏବଂ ଏକ ନୂଆ ଲୁଗା ପିନ୍ଧିବାକୁ ଦିଆଯାଏ । ମାମୁଁଙ୍କୁ ଡାକି ଫେରାଇ ନ ଆଣିଲେ ସବୁଦିନ ପାଇଁ ବନ୍ଧୁତା କଟିଯାଏ । ମୃତ ଆତ୍ମା ପୁରୁଷ ହୋଇଥିଲେ ତା'ର ଜଣେ ପୁଅ ଏହି ମାଲ୍ ହାଣ୍ଡିଟି ଶ୍ମଶାନକୁ ବୋହିନିଏ । ପରେ ଈଶାଣ କୋଣରେ ପୁନଃ ପ୍ରତିଷ୍ଠା କରାଯାଏ । ବଳିପଡ଼ିଥିବା ମେଣ୍ଢିମାଂସ, କୁକୁଡ଼ା ମାଂସ ବଂଶଜ ମାନଙ୍କୁ ଦିଆଯାଏ ନାହିଁ । ଗ୍ରାମବାସୀ ନିମନ୍ତ୍ରିତ ବନ୍ଧୁବାନ୍ଧବ ମାନଙ୍କୁ କେବଳ ଖାଇବାକୁ ଦିଆଯାଏ । ଏହି ଭୋଜି ଭାତ ସହିତ ଇଲି (Rice beer)ର ମଧ୍ୟ ବ୍ୟବସ୍ଥା ଥାଏ । ଇଲି ସାଙ୍ଗରେ ଚାକାଣା ପାଇଁ ମାଂସ ଲଠେ (Hotel Potch) କରାଯାଏ । ମାଂସ ଲେଟେକୁ ସଂପ୍ରତି ମାଂସ ବିରିଆନି ବା ମାଂସ ପଲାଉ କୁହାଯାଉଛି । ଜିଲୁ ଲେଠେର ଆଧୁନିକ ନାମ ମାଂସ ବିରିଆନି ବା ପଲାଉ କହିଲେ ଦ୍ୱିରୁକ୍ତି ହେବନାହିଁ । ଏହି ପୂଜା କରିବାରେ କେତେକ ସ୍ୱତନ୍ତ୍ର ନିୟମ ମାନିବାକୁ ହୁଏ । ପିତାମାତାଙ୍କ କ୍ଷେତ୍ରରେ ଦୁଇଜଣଙ୍କ ମୃତ୍ୟୁପରେ ଏହା କରାଯାଏ । ପିତାମାତାଙ୍କ ମଧ୍ୟରୁ କେହି ଜଣେ ଜୀବିତ ଥିଲେ ଏହି ହାଙ୍କାର ବା ନାଗେବଙ୍ଗା କରାଯାଏନାହିଁ । କିନ୍ତୁ ବର୍ତ୍ତମାନ କିଛି ଲୋକର ଏହାର ବ୍ୟତିକ୍ରମ କରୁଛନ୍ତି ।

ଯାହା ହେଉ ଏହି ସଂସ୍କାର ପରେ ଭୂମିଜ ସଂପ୍ରଦାୟର ସମସ୍ତ ସଂସ୍କାର କର୍ମ ଶେଷ ହୋଇଥାଏ ।

# ପୂଜା ପାର୍ବଣ

## ୧- ହାଣ୍ଡର୍ ଗିଡ଼ି (Handor Gidi)

ହାଣ୍ଡରଗିଡ଼ି ଭୂମିଜ ସମାଜର ଏକ ପାରଂପରିକ ବାହ୍ୟପୂଜା । ଏହା ଗ୍ରାମର ଅନତି ଦୂରରେ କରଯାଏ । ସମସ୍ତ ଗ୍ରାମବାସୀ ଏକତ୍ର ବସି ଏଇ ହାଣ୍ଡର୍ ଗିଡ଼ି ପାଇଁ ସିଦ୍ଧାନ୍ତ ନିଅନ୍ତି । ବୈଠକରେ ଏଥିପାଇଁ ତିଥି, ବାର, ସମୟ ଓ ଦିଗ ନିରୂପଣ କରଯାଏ । ନିର୍ଦ୍ଦିଷ୍ଟ ସମୟରେ ଏହି ପୂଜା ହୁଏ । ପୁଣି କୌଣସି ଲୋକଙ୍କୁ ଜ୍ୱର, ବାନ୍ତି କିମ୍ବା ଦେବତାଙ୍କ କୋପଦୃଷ୍ଟି ପଡ଼ିଥିବାର ଜଣାଗଲେ, ସେତେବେଳେ ମଧ ଗ୍ରାମ ନିକଟସ୍ଥ ଦୋଛକି ସ୍ଥାନରେ ଶନିବାର, ରବିବାର କିମ୍ବା ମଙ୍ଗଳବାରରେ ଏଥିପାଇଁ ଛଡାଣ ପୂଜା କରାଯାଏ । ଛଡାଣ ପୂଜା ବ୍ୟକ୍ତିବିଶେଷଙ୍କର, ଛଡାଣ ବେଳେ ଦୁଇ ମାଟି ପିତୁଳା (କୁଦୁରା ନାମରେ) କଳା ଓ ହଳଦିଆ କନା, ବିଭିନ୍ନ ରଂଗର ମାଟିଗୁଣ୍ଡ ଓ କଳା କୁକୁଡ଼ା ପୂଜା କରାଯାଏ ।

ହାଣ୍ଡର୍ ଗିଡ଼ି ଏକ ସ୍ୱତନ୍ତ୍ର ପୂଜା ପଦ୍ଧତି । ଏହାକୁ ଓଡ଼ିଆରେ ମେଲାଣି କହନ୍ତି । କୌଣସି ଗ୍ରାମରେ ମିଳିମିଳା, ବସନ୍ତ ଓ ପାଣିବସନ୍ତ ଆଦି ସଂକ୍ରାମକ ରୋଗରେ କେହି ଆକ୍ରାନ୍ତ ହେଲେ ଗ୍ରାମରେ ପୂର୍ବବତ୍ ସଭାବସେ । ଗୁଣିଆମାନଙ୍କ ଦ୍ୱାରା ତେଲପାଣି ଦେଖାଯାଏ । ଗ୍ରାମ ଦେବତା / ଦେବତୀମାନଙ୍କୁ ସାକ୍ଷୀରଖି ଦୁଇଟି ବାଉଁଶରେ ନଳ ଚଲାଯାଏ । ଏହାକୁ "ହାତଆଲ୍ ପାଟାଃ" କୁହାଯାଏ । ପୂର୍ବୋକ୍ତ ଛଡ଼ାଣ ପୂଜା ପରି ଏହି ନଳ ମାଧ୍ୟମରେ ତିଥିବାର ଓ ଦିଗ ନିର୍ଣ୍ଣୟ କରାଯାଏ । ଏହି ହାଣ୍ଡାର ଗିଡ଼ି ମାଘ ମାସରେ ଗ୍ରାମ ଠାକୁର/ଠାକୁରାଣୀଙ୍କ ପୂଜାପରେ ଅର୍ଥାତ୍ ଗଟ୍ ବା ମାଗ୍ ବଙ୍ଗା ପରେ କରାଯାଇ "ହାତୁ ବାଇରୁଆଲା" ହୁଏ । ବର୍ଷକ ପାଇଁ ପୁଣି ଗ୍ରାମକୁ ଦୁଷ୍ଟ ଦେବଦେବୀଙ୍କ କୋପଦୃଷ୍ଟିରୁ ମୁକ୍ତ ରଖିବାପାଇଁ ବନ୍ଧନ କରାଯାଏ । ଗାଁର ଚାରିଦିଗରେ ଗ୍ରାମଦେହୁରୀ (ପାହାନ୍) ସୋରିଷ ମନ୍ତ କରି ପକାଇଥାନ୍ତି। ପୁଣି ଚାରି ଦିଗରେ ଏବଂ ଚାରିକୋଣରେ ବେଲ କିମ୍ବା ଲୁହା କଣ୍ଟା ସହିତ ବସନ୍ତ ରୋଗ ନିବାରକ ଔଷଧ ପୋତାଯାଏ । ଏହାକୁ "ହାତୁବାଇରୁଆଲା" କହନ୍ତି । ଏହାକଲେ ଗ୍ରାମରେ ବସନ୍ତ, ହଇଜା, ମିଳିମିଳା ଓ ଗୋରୁ ଗାଈମାନଙ୍କ ପାଇଁ ଫାଟୁଆ, ବଜ୍‌ବଜା, ଅଡ଼ିଆ ଆଦି ସଂକ୍ରାମକ ରୋଗ ହୁଏ ନାହିଁ ବୋଲି ଲୋକ ବିଶ୍ୱାସ ରହିଛି । ଏହା ସମୂହ ପୂଜା ଅଟେ ।

ହାଣ୍ଡର୍ ଗିଡ଼ି ପାଇଁ ପ୍ରଥମ ପର୍ଯ୍ୟାୟରେ ଗ୍ରାମର ପ୍ରତ୍ୟେକ ଘରୁ ଖଇ, ସିନ୍ଦୁର, ନୂଆ ଓ ଅଲଗା ହାଣ୍ଡି, ଭଙ୍ଗା ପାଛିଆ, କୁଲା, ଚାଲୁଣି, ଟୋକେଇ ଓ ପହଁରା ଆଦି ଘୋଷାରି ଘୋଷାରି ପାଟି କରି କରି ନିଅନ୍ତି । (ଯଥା - ହେଇ, ସା, ମାରାଇ, ସେନଃଯାନା,

ଉତଂଯାନା, ସାମ୍ପଲେନ୍ୟାନା, ମାର ଉତୁଂପେ, ହିଜୁପେ, ଇତ୍ୟାଦି) ଯଥା:- ହେ, ଏଇଆଡେଗଲା, ବାହାରିଗଲା, ଚାଲିଗଲା, ସଜବାଜ ହେଲା, ଶୀଘ୍ର ଶୀଘ୍ର ବାହାରିଆସ ଇତ୍ୟାଦି ।

ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ସମସ୍ତେ ଉକ୍ତ ସରଞ୍ଜାମ, ପୂଜା ସାମଗ୍ରୀ ନେଇ ଏକଜୁଟ ହୁଅନ୍ତି । ସମସ୍ତେ ସେଠାରେ ବସି ଦୁଷ୍ଟ ଦେବତାଙ୍କ ଶାନ୍ତି ପାଇଁ ପୂଜା କରନ୍ତି । ପୂଜା ସାମଗ୍ରୀ ଭାବରେ ବାସି ତୋରାଣୀ, ଖଇ, ତରକାରୀ, କାଳିଆ, କୁକୁଡ଼ା ପ୍ରଭୃତି ଲାଗେ । କାଳିଆ କୁକୁଡ଼ାଟି ମାଆବୁଢ଼ୀ ପାଇଁ ଛାଡ଼ିଦିଆଯାଏ । ବସନ୍ତ ରୋଗ ମାଆବୁଢ଼ୀ ବା ଠାକୁରାଣୀଙ୍କ କୋପଦୃଷ୍ଟିରୁ ହୁଏ ବୋଲି ଏବେ ସୁଦ୍ଧା ଭୂମିଜ ମାନଙ୍କର ଧାରଣା ରହିଛି । ମିଳିମିଳା ବସନ୍ତ ପାଇଁ ହାଣ୍ଡର୍ ଗିଡି ହେଲେ କେବଳ ଖଇ ପ୍ରତ୍ୟେକଙ୍କ ଘରୁ ନିଆଯାଏ । ଏହି ସମୟରେ କୌଣସି ପଶୁପକ୍ଷୀ ବଳି ପଡ଼େ ନାହିଁ । ଏହି ହାଣ୍ଡରଗିଡ଼ି କରିବା ଦ୍ୱାରା ଆଦିବାସୀ ଗ୍ରାମର ଅନତି ଦୂରରେ, ରାସ୍ତା କଡ଼ରେ କିମ୍ବା କୌଣସି ଝଙ୍କାଳିଆ ଗଛ ଡାଳରେ ଏସବୁ କୁଲା, ପାଛିଆ, ଚାଲୁଣି, ଛାଞ୍ଚୁଣି ଓ ହାଣ୍ଡି ଆଦି ବନ୍ଧାଯାଏ କିମ୍ବା ନିର୍ଜନ ସ୍ଥାନରେ ଏ ସବୁ ଜିନିଷ ଫିଙ୍ଗି ଦିଆଯାଏ ।

ହାଙ୍କାର ବଙ୍ଗା, ଛାଡ଼ନ ଗିଡ଼ି, ହାଣ୍ଡାର ଗିଡ଼ି ଭୂମିଜ ସମାଜର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପୂଜା ବା ସାମାଜିକ ପରମ୍ପରା ।

**ସସବଙ୍ଗା :**

ଏହି ପୂଜାରେ ଭାଲିଆ (ସସ୍) ବ୍ୟବହୃତ ହେଉ ଥିବାରୁ ଏହାକୁ ସସବଙ୍ଗା ପୂଜା କୁହାଯାଏ । ଏହାର ଆରାଧ ଦେବୀ ବାବାଏଙ୍ଗା (ଧାନଦେବୀ) । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଧାନରୂପୀ ଦେବୀଙ୍କୁ (ବାବାଏଙ୍ଗା-ଲକ୍ଷୀ) ସନ୍ତୁଷ୍ଟ କରି ଭଲ ଶସ୍ୟ ଅମଳ ତଥା ସଂପତ୍ତିର ରକ୍ଷଣାବେକ୍ଷଣ । ପୁନଶ୍ଚ ଧାନର ଶକ୍ତି ବା ମା' ଲକ୍ଷ୍ମୀଙ୍କୁ କେହି ହରଣ ନ କରିବାପାଇଁ ଅନ୍ୟର ଲୋଲୁପ ଦୃଷ୍ଟି, କୋପ ଦୃଷ୍ଟି ଓ ହିଂସା ମନୋଭାବ ତଥା ମନ୍ତ୍ରତନ୍ତ୍ର ଓ ଗୁଣି ଗାରେଡ଼ି ସାହାଯ୍ୟରେ ସଂପତ୍ତି ଉଡାଇ ନେବାକୁ ପ୍ରତିରୋଧ କରିବା ପାଇଁ ସସବଙ୍ଗା ପୂଜା କରାଯାଏ । କାର୍ତ୍ତିକ ମାସରେ ଧାନ ଅମଳ କରି ଖଳାରେ ରଖିବା ପରେ କିମ୍ବା ଧାନ ଅମଳ ସମୟରେ ଏହି ସସବଙ୍ଗା ପୂଜା ଅନୁଷ୍ଠିତ ହୋଇଥାଏ । ହିନ୍ଦୁଧର୍ମ ପରି ବାବା ଏଙ୍ଗା ହେଉଛନ୍ତି ଅନ୍ନଦାତ୍ରୀ ଲକ୍ଷ୍ମୀ ।

ଏହି ପୂଜା ଚାଷୀର ବ୍ୟକ୍ତିଗତ ଉଦ୍ୟମରେ ହିଁ ନିଜ ନିଜ ଘରେ ଅନୁଷ୍ଠିତ ହୁଏ । ଘରର ମୁରବୀ ନିଜେ ଏହି ପୂଜା କରିଥାଆନ୍ତି । କିନ୍ତୁ ଯଦି ମୁରବୀ ସସବଙ୍ଗା ପୂଜାର ପୂଜା

ପଦ୍ଧତି, କାହାଣୀ ଓ ବିଷୟବସ୍ତୁ ଠିକ୍ ଭାବରେ ଜାଣି ନଥାଆନ୍ତି ତେବେ ଏସବୁ ଜାଣିଥିବା ଜଣେ ଅଭିଜ୍ଞ ବ୍ୟକ୍ତି ମଧ୍ୟ ଚାଷୀଙ୍କ ଘରେ ଆସି ସସବଙ୍ଗା ପୂଜା କରିପାରନ୍ତି । ପୂଜାର ଦିନ ଧାର୍ଯ୍ୟ କରନ୍ତି ଘରର କର୍ତ୍ତା ନିଜେ ।

ପୂଜା ଦିନର ପୂର୍ବ ସନ୍ଧ୍ୟାରୁ ପୂଜା ଆରମ୍ଭ ହୋଇ ତା ପରଦିନ ପାହାନ୍ତା ପର୍ଯ୍ୟନ୍ତ ପୂଜା କାର୍ଯ୍ୟ ଚାଲିଥାଏ । ରାତିସାରା ପ୍ରକୃତି, ଈଶ୍ୱରଙ୍କ ଗୁଣ ବର୍ଣ୍ଣନା, ଅନ୍ନର ଉପକାରୀତା, ଶସ୍ୟର ଜନ୍ମବୃତ୍ତାନ୍ତ, ବିଭିନ୍ନ ଜୀବଜନ୍ତୁଙ୍କ ସର୍ଜନା, ବିଲୟ, ପୃଥିବୀର ସର୍ଜନା, କୃଷିକର୍ମର ତତ୍ତ୍ୱ, କୃଷିର ମହତ୍ତ୍ୱ, ଚାଷର ସୃଷ୍ଟି, ଚାଷ ପ୍ରଣାଳୀ ସମ୍ବନ୍ଧରେ କାହାଣୀ ବର୍ଣ୍ଣନା କରାଯାଏ । ଏହି କାହାଣୀ ସବୁ ମନ୍ତ୍ରପାଠ କଲାଭଳି ଗଦ୍ୟଛନ୍ଦରେ ଆବୃତ୍ତି ହୁଏ । ଗୃହକର୍ତ୍ତା ବନ୍ଧୁବର୍ଗ, ଜଣେ ଦୁଇଜଣ ଗ୍ରାମବାସୀ ଏବଂ ପୂଜକର ସହଯୋଗୀ ମାନଙ୍କ ଗହଣରେ ଆରାଧନା ଚାଲେ । ଏକାଗ୍ର ଚିତ୍ତରେ ନିର୍ଜଳା ଉପବାସ ରହି ପୂଜକ ମନ୍ତ୍ରପାଠ କରେ ଓ ଅନ୍ୟମାନେ ତାହା ଶ୍ରବଣ କରି ସସବଙ୍ଗାର ତତ୍ତ୍ୱ ଓ ମହିମା ଶିଖିବା ସହିତ ଚାଷ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରନ୍ତି ।

ସସବଙ୍ଗା ପୂଜା ଆରମ୍ଭ ହେବା ପୂର୍ବରୁ ଘରର ଏକ ଏକ ସ୍ଥାନରେ ତୁଳସୀ ପାଣି ସିଞ୍ଚି ପବିତ୍ର କରାଯାଏ । ତାହା ଉପରେ ନାଳିମାଟିରେ ମଣ୍ଡଳ ଗୋଟିଏ ତିଆରି ହୁଏ । ମଣ୍ଡଳ ଉପରେ ଚୁନା (ଚାଉଳ), ହଳଦୀ ଗୁଣ୍ଡ ତଥା ସିନ୍ଦୁରର ମୁରୁଜ ପକାନ୍ତି । ତାହା ଉପରେ ବିଭିନ୍ନ ପ୍ରକାର ପୂଜା ସାମଗ୍ରୀ ସଜାଇ ରଖନ୍ତି । ପୂଜା ସାମଗ୍ରୀ ଭାବରେ ଭାଲିଆ ଡାଳ, କେନ୍ଦୁ, ସରୁ କୁଣ୍ଡାରେ ତିଆରି ପିଠା ଇତ୍ୟାଦି ରହେ । ଅପାମାରଙ୍ଗ କାଠି ଛୋଟ ଛୋଟ ହଳଦୀ ଖଣ୍ଡ ପରି ପ୍ରସ୍ତୁତ କରି କୁଲାରେ ଥିବା ଅରୁଆ ଚାଉଳ ସଙ୍ଗରେ ଗୋଳାଇ ଦିଆଯାଏ ଏବଂ ଉକ୍ତ ମୁରୁଜ ଉପରେ ସ୍ଥାପନ କରାଯାଏ । କେତେକ ସ୍ଥାନରେ ଅପାମାରଙ୍ଗ କାଠିକୁ କୁଲାରେ ଥିବା ଚାଉଳରେ ବୁଲାଯାଏ ଏବଂ ଅନ୍ୟ କେତେକ ସ୍ଥାନରେ ଭାଲିଆ ଡାଳକୁ ଅଧା ଦୁଇଫାଳ କରି ଚାଉଳରେ ଘଣ୍ଟାଯାଏ । ଚାଉଳରେ ଗୋଳାଉଥିବା ସମୟରେ ସସବଙ୍ଗାର କିମ୍ବଦନ୍ତୀ କିମ୍ବା କାହାଣୀଟିକୁ ଗଦ୍ୟ ଛନ୍ଦରେ ସ୍ୱର କରି ପାଠ କରାଯାଇଥାଏ । ପୂଜା ପରେ ସେଇ ଅପାମାରଙ୍ଗ କାଠି ବା ଭାଲିଆ ଡାଳକୁ ବିଲରେ ନେଇ ପୋତିବାକୁ ହୁଏ । ସିନ୍ଦୁର, ତୁଳସୀପତ୍ର, ଦୀପ, ଧୂପ, କୁକୁଡ଼ା ଅଣ୍ଡା ଏକ ଘଟ ପାଖରେ ରଖି ଥାଆନ୍ତି । ମନ୍ତ୍ରପାଠର ଶେଷ ପର୍ଯ୍ୟାୟରେ ସେ ସବୁ ପୂଜା କାର୍ଯ୍ୟରେ ବ୍ୟବହୃତ ହୁଏ । ପୂଜା ସମାପ୍ତି ପୂର୍ବରୁ ଏକ ନାଲି କୁକୁଡ଼ା ଗଞ୍ଜା ଓ ପୂର୍ବରୁ ରଖାଯାଇଥିବା କୁକୁଡ଼ା ଅଣ୍ଡା ଦେବୀଙ୍କ ନାମରେ ଅର୍ପଣ କରାଯାଏ । ଦେବୀଙ୍କୁ ଆରାଧନା ସମୟରେ ପୂଜକ ନିମ୍ନ ପ୍ରକାର ସ୍ତୁତି ମଧ୍ୟ କେତେକ ସ୍ଥାନରେ କରିଥାଆନ୍ତି ।

୧- ଜୁଆର, ଜୁଆର୍ ସିର୍ମାରେ ସିଂବଙ୍ଗା, ଅଟେରେନ୍ ବସୁମାତା ତାବେରକାତେ ଜୁଆର୍‌ଟେନ୍ ତାନା ଆବେନାଃ ଗେ ସିର୍ଜନ ବିର୍ଜନ ଆବେନାଃ ଦାୟାତେ ଆଲେମାନ୍‌ଙ୍କ ମେନଃଲେୟା । ଦିସିଂ ଚାଷ୍ ବାସ୍ ଚିଲିକାବୁ ବାଇୟା, ବଙ୍ଗବୁରୁ ଚିଲିକାବୁ ବଙ୍ଗାକୟା, ଅଙ୍କାରେ ଚିଲିକାବୁ ଲେନେଆ, ବାବା ଏଙ୍ଗା ଅକଲେକା ସିର୍ଜନ ଯାନା, ଇନା ନା ଟେନ୍ ବୁ ବଖାଣା ଆ ଜଆର୍ ଜତ ବଙ୍ଗା ବୁରୁକକେ, ମାଲଖୀ ଲଛମୀ ବାବାଏଙ୍ଗା ଙ୍କଦେ ଏଙ୍ଗା ଯତ କକେ ବୁ ଜୁଆରା କଆ ।''

ଅର୍ଥ - ନମଃ ନମଃ ସ୍ୱର୍ଗର ଅଧିପତି ସୂର୍ଯ୍ୟଦେବ । ନମଃ ମା ବସୁମତି ଧରିତ୍ରୀ । ସାଷ୍ଟାଙ୍ଗ ପ୍ରଣିପାତ ଘେନ । ପ୍ରଭୁ! ତୁମରି ଏ ସୃଷ୍ଟି, ତୁମରି ଏ ସର୍ଜନା, ତୁମରି ଦୟାରେ ଆମ୍ଭେମାନେ ସୁଖଶାନ୍ତିରେ ଅଛୁ । ଆଜି କେମିତି ଚାଷ କରିବା, ଚାଷର ନିୟମ କ'ଣ, ଦେବଦେବୀମାନଙ୍କୁ କେମିତି ଆରାଧନା କରିବାକୁ ହୋଇଥାଏ, ଗୃହରେ କେମିତି କେଉଁ ରୀତିରେ ଆମେ ଦେବଦେବୀ ପୂଜା କରିବୁ, ପିତାମାତାଙ୍କୁ କେମିତି ଭକ୍ତି କରିବୁ, ମାଆ ଅନ୍ନଦାତ୍ରୀଙ୍କର କେମିତି ସେବା କରାଯାଏ ସେ ସବୁ ବିଷୟର ସ୍ମୃତି ଓ ସ୍ମରଣ କରୁଛୁ । ତେଣୁ ହେ ମା' ମୁଁ ତୁମକୁ ବାରମ୍ବାର ପ୍ରଣତି ଜଣାଉଅଛି, ମୋର ପ୍ରଣତି ଘେନ ।

୨- ଅମା ଦୟାତେ ମା ଯତଲେ ବାଞ୍ଚାଅକାନା ଆମାପେଲେତେ ମା ଯତ ବୁଗିରେ ମେନା ଲେଆ ଆମା ଦାୟାଚେ ନେ ଦିଶୁମ୍ ଚାଲା ଅତାନାମ । ମାନ୍ମୀହନ୍ ଆମା ଅନ୍ନଇମ୍‌କାତେ ଜତକ ବୁଗିମେନାକୟା । ମା ଇନାତେ ତିସିଂଲେ ବଙ୍ଗାମ୍‌ତାନା । ନେ ଦିଶୁମ୍ ବୁଗିରେ ଦୟତାମ୍ ସୁକୁଶାନ୍ତିରେ ଯତ ହେବେ ହାତାର୍ ତାଲେ ମେ ।

ଅର୍ଥ - ହେ ମାଆ ଅନ୍ନଦାତ୍ରୀ ! ତୁମରି ଦୟାରେ ଆମେ ସବୁ ବଞ୍ଚି ରହିଛୁ ଏବଂ ସୁଖରେ କାଳାତିପାତ କରୁଛୁ । ତୁମରି ଅନୁକମ୍ପାରେ ଏ ଜଗତ ଆତଯାତ ହେଉଛି । ସମସ୍ତେ ଖୁସିରେ ଅଛନ୍ତି । ସେଥିପାଇଁ ଆମ୍ଭେ ତୁମ ନିକଟରେ ଚିର ଋଣୀ ଓ କୃତଜ୍ଞ । ହେ ମାଆ ! ଆମେ ବିନମ୍ର ପ୍ରାର୍ଥନା କରୁଛୁ ଏ ଜଗତକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ରଖନ୍ତୁ ଏବଂ ମାନବ ସମାଜକୁ ଆନନ୍ଦରେ ନିଜ କୋଳରେ ଧାରଣ କରି ରଖନ୍ତୁ । ଆମେ ଏକାଠି ବା ଏକପ୍ରକାର ନୀତିନିୟମ ମାନି ଚଳିବାକୁ ଆମକୁ ଶିଖାଅ । ପରସ୍ପର ପ୍ରୀତିପୂର୍ବକ ବାର୍ତ୍ତାଳାପ ପାଇଁ ସଦୟ ହୁଅନ୍ତୁ । ଧୈର୍ଯ୍ୟ, କ୍ଷମା, ମନର ସଂଯମତା, ଚୋରି ନକରିବା, ତ୍ୟାଗ, ଶୌଚ, ବୁଦ୍ଧି, ବିଦ୍ୟା, ସତ୍ୟ ଆଦି ସୁଗୁଣ ଗୁଡ଼ିକ ଆମକୁ ଶିଖାଅ ।

ତେବେ ସସବଙ୍ଗା ପୂଜାରେ ଯେଉଁ କାହାଣୀଟି ମନ୍ତ୍ରଭଳି ଗଦ୍ୟଛନ୍ଦରେ ଆବୃତ୍ତି କରାଯାଏ ତାହାର ଓଡ଼ିଆ ଭାବାନୁବାଦର ସମ୍ୟକ୍ ସୂଚନା ଏଠାରେ ଦିଆଯାଉଛି । ଯାହାକି ସସବଙ୍ଗା ପୂଜାରେ ପୂଜକଙ୍କ ମୁଖରୁ ସଂଗ୍ରହ କରାଯାଇଛି । ମାନବ ଇତିହାସ ସୃଷ୍ଟି ହେବାର

ବହୁବର୍ଷ ପୂର୍ବରୁ ଯେତେବେଳେ ପୃଥିବୀ ତା'ର ପ୍ରାଥମିକ ଅବସ୍ଥାରେ ଥିଲା ସେହି ସମୟର ଦେବତା "ସିଂ ବଙ୍ଗା" ଦିନେ ରାଣୀଙ୍କ ସହ ସ୍ୱର୍ଣ୍ଣ ସିଂହାସନରେ ବସି ଆଳାପରେ ମଗ୍ନଥିଲେ । ଏହି ସମୟରେ ଅସହ୍ୟ ଉତ୍ତାପ ସ୍ୱର୍ଗର ସୁଶୀତଳ ପରିବେଶକୁ ପ୍ରଭାବିତ କରିବାରୁ ସେମାନଙ୍କର ଆଲୋଚନାରେ ବ୍ୟାଘାତ ସୃଷ୍ଟି ହେଲା । ଠିକ୍ ସେହି ସମୟରେ ପୃଥିବୀ ପୃଷ୍ଠରେ ଏଣେ ତେଣେ ପଳାୟନ କରୁଥିବା ଭୀତତ୍ରସ୍ତ ପଶୁମାନଙ୍କର ଆର୍ତ୍ତନାଦ ସିଂବଙ୍ଗାଙ୍କର ସିଂହାସନ ପର୍ଯ୍ୟନ୍ତ ଭାସି ଆସିଲା - "ଅସୁରଙ୍କ ଭାଟିରୁ ଅସ୍ୱାଭାବିକ ଉତ୍ତାପ ନିର୍ଗତ ହୋଇ ନଦୀ, ନାଳ, ଝରଣା ପ୍ରଭୃତି ଶୁଷ୍କ କରିଦେଉଛି । ବୃକ୍ଷଲତା ଏବଂ ଶସ୍ୟ କ୍ଷେତ୍ର ପୋଡ଼ି ଦେଉଛି । ଆମେ ଭୋକ, ଶୋଷରେ ମରିଯାଉଛୁ । ଏପରିକି ଆକାଶର ପକ୍ଷୀ, ମାଟି ଉପରେ ଥିବା କୀଟପତଙ୍ଗ, ଜିଆ, ପ୍ରଭୃତି ମଧ୍ୟ ଖାଇବାକୁ ଖାଦ୍ୟ ବା ପିଇବାକୁ ପାଣି ପାଉନାହାନ୍ତି ।"

ସିଂବଙ୍ଗା ପୃଥିବୀବାସୀଙ୍କର ଏପରି ଦୁରବସ୍ଥା ଦେଖି ଅତ୍ୟନ୍ତ ମର୍ମାହତ ହେଲେ । ଅସୁରମାନଙ୍କ ଉପରେ କ୍ରୋଧାନ୍ୱିତ ହୋଇ ଖଣ୍ଡା ଓ ସାଞ୍ଜୁ ସାହାଯ୍ୟରେ ସେମାନଙ୍କୁ ଦମନ କରିବାକୁ ବାହାରିବା ସମୟରେ ରାଣୀ ସେଥିରୁ ନିବୃତ୍ତ ହେବାକୁ ପରାମର୍ଶ ଦେଲେ ଓ କହିଲେ "ହେ ପ୍ରଭୁ ! ସବୁ ଅସୁରଙ୍କୁ ସମୂଳେ ଧ୍ୱଂସ କରିବା ଅସମ୍ଭବ, ବରଂ ଆପଣ ଅନ୍ୟ କୌଣସି କୌଶଳ ଅବଲମ୍ବନ କରନ୍ତୁ । ରାଣୀଙ୍କର ପ୍ରସ୍ତାବରେ ସିଂବଙ୍ଗା ରାଜି ହୋଇ କର୍ମଠ "ଡିଙ୍ଗରୁଆ" ଏବଂ ସଦାସତର୍କ ରହୁଥିବା "କେର୍କେଟା" ଚଢ଼େଇକୁ ଦୂତ ଭାବରେ ଅସୁରମାନଙ୍କ ନିକଟକୁ ପଠାଇଲେ । ସିଂବଙ୍ଗାଙ୍କର ନାମରେ ଦୂତମାନେ ଅସୁରମାନଙ୍କୁ ଆଦେଶ ଦେଲେ ଯଦି ସେମାନେ ରାତିରେ କାମ କରିବେ ତେବେ ସେମାନଙ୍କୁ ଦିନର କାମ ବନ୍ଦ କରିବାକୁ ହେବ । ଅସୁରମାନେ ସେମାନଙ୍କୁ ଉପହାସ କରି ଅପମାନିତ କଲେ । 'ଡିଙ୍ଗରୁଆ' ଉପରେ କୋଇଲାଗୁଣ୍ଡ ଓ କେର୍କେଟା ଉପରେ ଲୁହାଗୁଣ୍ଡ ଢ଼ାଳିଦେଲେ । ହତଭାଗ୍ୟ ଦୂତ ଦୁଇଜଣ ଫେରିଆସି ଅତ୍ୟନ୍ତ ଦୁଃଖରେ ସହ ଘଟଣାଟିକୁ ସବିସ୍ତୃତ ବର୍ଣ୍ଣନା କଲେ । କହିଲେ, "ହାୟ ! ଏବେ ଆମେ କ'ଣ କରିବୁ ? ଆମର ସଂପର୍କୀୟ ମାନେ ଆମକୁ ବାଛନ୍ଦ କରିଦେବେ ।" ସିଂବଙ୍ଗା ସେମାନଙ୍କୁ ଆଶ୍ୱସନା ଦେଇ କହିଲେ । ତୁମେ ଉଭୟ ତୁମର ନିଜ ସ୍ଥାନକୁ ଫେରିଯାଅ । ଆଜିଠାରୁ ତୁମ ପରି ତୁମ ଜାତିର ସବୁ ଚଢ଼େଇ ରଙ୍ଗଧାରଣ କରିବେ । ସେହିଦିନଠାରୁ ଡିଙ୍ଗ୍‌ରୁଆର ରଙ୍ଗକଳା ଓ କେର୍କେଟା ଚଢ଼େଇର ରଙ୍ଗ ଧୂସର ହୋଇଛି ।

ସିଂବଙ୍ଗା ଦ୍ୱିତୀୟଥର ପାଇଁ "ସୋନାଦିଦି" ଓ "ରୂପାଦିଦି" ନାମକ ଦୁଇ ଛଞ୍ଚାଣଙ୍କୁ ଅସୁରମାନଙ୍କ ନିକଟକୁ ପଠାଇଲେ । ଛଞ୍ଚାଣ ଦୁଇଟି ଅସୁରମାନଙ୍କ ଗ୍ରାମକୁ ଯାଇ ସିଂବଙ୍ଗାଙ୍କର

ଆଦେଶ ଜଣାଇବାମାତ୍ରେ ଅସୁରମାନେ ସେମାନଙ୍କୁ ହାତୁଡିରେ ଆଘାତ କଲେ ଏବଂ ଲୁହା ଚିମୁଟାରେ କେଞ୍ଚି ଦେଲେ । ସେହିଦିନ ଠାରୁ ଛଞ୍ଚାଣମାନଙ୍କର ପଂଠି ବନ୍ଧୁର ହୋଇଛି ।

ଏଥର ସିଂବଙ୍ଗା ''ଲିପି'' ଓ ''କୌଆ''ଙ୍କୁ ତାଙ୍କ ଆଦେଶ ଅସୁରମାନଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଲେ । ମାତ୍ର ଶେଷରେ ସେମାନଙ୍କର ଦଶା ଡିଙ୍ଗଚୁଆ ଓ କେର୍କେଟା ଚଢ଼େଇମାନଙ୍କ ପରି ହେଲା । ପୂର୍ବଭଳି ଅସୁରମାନେ କୌଆ ଓ ଲିପି ଉପରକୁ ଯଥାକ୍ରମେ କୋଇଲାଗୁଣ୍ଡ ଓ ଲୁହାଗୁଣ୍ଡ ଢ଼ାଳି ସେମାନଙ୍କ ରଙ୍ଗକୁ ବଦଳାଇ ଦେଲେ । ସେହିଦିନଠାରୁ କୁଆର ରଙ୍ଗ ଗାଢ଼ କଳା ଓ ଲିପିର ରଙ୍ଗ ଧୂସର ହୋଇଛି ।

ପରିଶେଷରେ ଏହି କାର୍ଯ୍ୟପାଇଁ ''ଲାଙ୍ଗ୍'' ଓ ''ବକୋ'' ନାମକ ଦୁଇଟି ପକ୍ଷୀ ନିଯୁକ୍ତ ହେଲେ । ନିର୍ମମ, ନିଷ୍ଠୁର ଅସୁରମାନେ ବକୋକୁ ଗାଢ଼ ପୀତବର୍ଣ୍ଣ ଜଳରେ ଗାଧୋଇଦେଲେ ଓ ଲାଙ୍ଗ୍‌ର ଲାଞ୍ଜକୁ ଟାଣି ଲମ୍ୱା କରି ଦେଲେ ।

ବର୍ତ୍ତମାନ ସିଂବଙ୍ଗା ସ୍ୱୟଂ ''ଏକାଶୀ ପିଲି - ତେରାଶି ବାଡ଼ି'' ଠାରେ (ଯାହାକି ଏକାଅଶୀଟି ମାଳଭୂମି ଓ ତେୟାଅଶୀଟି ସମତଳଭୂମିକୁ ନେଇ ଗଠିତ ସ୍ଥାନ) ଆକାଶମାର୍ଗରୁ ପୃଥିବୀପୃଷ୍ଠକୁ ''ବାନ୍ଦୁନାଣି'' ନାମକ ଏକ ଲତାର ସହାୟତାରେ ଅବତରଣ କଲେ ଏବଂ ସେଠାରେ ଚାଷ କାର୍ଯ୍ୟରେ ଲିପ୍ତ ଥିବା ଏକ ବ୍ୟକ୍ତିକୁ ଦେଖିଲେ । ନିଜର ଅଲୌକିକ ଦୈବୀଶକ୍ତି ବଳରେ ଲୋକଟିକୁ କାଛୁକୁଣ୍ଡିଆରେ ଆକ୍ରାନ୍ତ କରିଦେଲେ । ପୁଣି ମାଗିବା ସତ୍ତ୍ୱେ କୋଦାଳଟି ଦେବାପାଇଁ ଲୋକଟି ଅସ୍ୱୀକାର କରିବାରୁ ଉତ୍‌କ୍ଷିପ୍ତ ହୋଇ ସିଂବଙ୍ଗା ତା'ର କେଶଗୁଚ୍ଛକୁ ଧରି ଜୋର୍‌ରେ କଚାଡ଼ି ଦେଲେ । ଫଳରେ ଶରୀରର ଚମଡ଼ାଟି ବାହାରକୁ ବାହାରି ଆସିଲା । ସିଂବଙ୍ଗା ସଂଗେ ସଂଗେ ଚମଡ଼ାଟିକୁ ନିଜ ଉପରେ ଧାରଣ କରି ଅସୁରମାନଙ୍କ ଗ୍ରାମ ଅଭିମୁଖେ ଯାତ୍ରା କଲେ । ଅସୁରମାନଙ୍କ ଘରକୁ ଘର ବୁଲି ନିଜକୁ ଚାକର ଭାବେ ରଖିବାକୁ ଅନୁରୋଧ କରି କହିଲେ, ''ମୁଁ ତମର ଶସ୍ୟ କୁକୁଡ଼ାମାନଙ୍କଠାରୁ ରକ୍ଷା କରିବି । ମୋର ଏହି ସେବା ବିନିମୟରେ ମୋତେ ଖାଦ୍ୟ ଓ ରହିବାପାଇଁ ସ୍ଥାନ ଯୋଗାଇଦେବେ ।'' କିନ୍ତୁ ଅସୁରମାନେ ତାଙ୍କୁ ଶରୀରର କାଛୁ କୁଣ୍ଡିଆକୁ ଘୃଣାକରି ଚାକର ଭାବେ ରଖିଲେ ନାହିଁ । ଏହାପରେ ସେ ଅନ୍ୟ ଏକ ଗାଁକୁ ଗଲେ । ସେଠାରେ ମଧ୍ୟ ପ୍ରଥମେ ଲୋକମାନେ ତାଙ୍କ ନିରାଶ କଲେ । କିନ୍ତୁ କେତେକ ଦୟାଳୁ ଲୋକ ତାଙ୍କ ଗାଁର ଶେଷ ମୁଣ୍ଡରେ ଲୁଟ୍‌କୁମ୍ ହାଲାମ୍ ଏବଂ ଲୁଟ୍‌କୁମ୍ ବୁଢ଼ୀ (ଏକ ବୃଦ୍ଧ ଦମ୍ପତି) ବାସ କରୁଥିବା ଛୋଟ କୁଡ଼ିଆଟିକୁ ଦର୍ଶାଇଦେଲେ । ଲୁଟ୍‌କୁମ୍ ଦମ୍ପତିଙ୍କର କୁଡ଼ିଆରେ ପହଞ୍ଚି ସିଂବଙ୍ଗା ନିଜକୁ ତରକଳା (କାଛୁକୁଣ୍ଡିଆ ଆକ୍ରାନ୍ତ ବାଳକ) ଭାବେ ପରିଚୟ ଦେବାରୁ ଲୁଟ୍‌କୁମ୍ ଦମ୍ପତି ଦୟାକରି ତାଙ୍କୁ ଶସ୍ୟ ଜଗିବା କାର୍ଯ୍ୟରେ ନିଯୁକ୍ତ କଲେ ।

କିଛିଦିନ ପରେ ତରକଲା ବୁଢ଼ାବୁଢ଼ୀଙ୍କୁ କିଛି ଅଣ୍ଡା ମାଗିଲେ । ବୁଢ଼ାବୁଢ଼ୀ ତା'ପାଇଁ କିଛି ଅଣ୍ଡା ଆଣିଦେଲେ ଓ କିଛି ଚାଉଳପିଠା ତିଆରି କରି ଦେଇ ଚାମା ମଞ୍ଜି ଆଣିବାକୁ ଗଲେ । ବୁଢ଼ାବୁଢ଼ୀଙ୍କର ଅନୁପସ୍ଥିତିର ସୁଯୋଗନେଇ ତରକଲା ସଂଗେ ସଂଗେ ଗୁଲି ଓ କାତି ଖେଳିବାକୁ ଅସୁରମାନଙ୍କୁ ଆମନ୍ତ୍ରଣ କଲେ । ବାରଜଣ ଅସୁର ବାଳକ ଏବଂ ତେରଜଣ ଦେବତା ବାଳକ ତରକଲା ରୂପି ସିଂବଙ୍ଗାଙ୍କ ସହିତ ଖେଳିବାକୁ ଆସିଲେ । ସେମାନଙ୍କର ଗୁଲି ଓ କାତି ଲୁହାରେ ନିର୍ମିତ ହୋଇଥିବା ତରକଲା ଅଣ୍ଡାକୁ ଗୁଲି ଭାବରେ ଓ ଚାଉଳ ପିଠାକୁ କାତି ଭାବରେ ବ୍ୟବହାର କଲେ । ନିଜର ଅନୁନ୍ନତ ଖେଳସାମଗ୍ରୀ ଦ୍ୱାରା ମଧ ସେ ସେମାନଙ୍କୁ ଖେଳରେ ପରାସ୍ତ କଲେ ।

ବୁଢ଼ା ଓ ବୁଢ଼ୀ ଘରକୁ ଫେରିଲାପରେ ଆସି ଦେଖିଲେ ତରକଲା ତା'ର ଦାୟିତ୍ୱ ଠିକ୍‌ଭାବେ ତୁଲାଉଛି । ଘର ମଧରେ ଧାନ ଚାଉଳ ପୂରି ରହିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ତରକଲାଙ୍କ ଉପରେ ସନ୍ଦେହ ହେଲା । ତରକଲା ସେସବୁ ଚୋରେଇ ଆଣି ପାରିଥାନ୍ତି ବୋଲି ବିଶ୍ୱାସ କଲେ । ସେମାନେ ଏ ବିଷୟରେ ତରକଲାଙ୍କୁ ପଚାରନ୍ତେ, ତରକଲା କହିଲେ - ''ମୋତେ ଅବିଶ୍ୱାସ କରନାହିଁ, ଏଗୁଡ଼ିକ ସବୁ ସିଂବଙ୍ଗାଙ୍କ ଦୟାରୁ ଆମକୁ ପ୍ରାପ୍ତ ହୋଇଛି ।''

ଅନ୍ୟ ଏକ ଦିନରେ ଲୁଟ୍‌କୁମ୍ ବୁଢ଼ୀ ଓ ବୁଢ଼ାଙ୍କ ଅନୁପସ୍ଥିତିରେ ତରକଲା ଅସୁରମାନଙ୍କ ସହିତ ଗୁଲି ଖେଳିବାକୁ ଗଲେ । ଏଥର ଖେଳରେ ଅସୁରମାନଙ୍କର କାତି ଓ ଗୁଲି ସିଂବଙ୍ଗାର କାତି ଓ ଗୁଲିରେ ବାଜି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା । ଏଥିରେ ଅପମାନିତ ହୋଇ ଅସୁରପିଲାମାନେ ମିଥ୍ୟା ଅଭିଯୋଗ କଲେ ଯେ ତରକଲା ଠିକ୍‌ଭାବେ ଚାଉଳ ଜଗୁନଥିବାରୁ ସେସବୁକୁ କୁକୁଡ଼ା ଖାଇଦେଇଛନ୍ତି । ମାତ୍ର ବୁଢ଼ାବୁଢ଼ୀ ଘର ଭିତର ପ୍ରବେଶ କରି ଦେଖନ୍ତି ଯେ ଚାଉଳ ଓ ଧାନରେ ଘରଟି ପୂରି ଯାଇଛି ।  ଅସୁର ବାଳକମାନେ ମଧ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତରକଲା କୌଣସି ମନ୍ତ୍ରତନ୍ତ୍ର ଜାଣନ୍ତି ବୋଲି ସେମାନଙ୍କର ବିଶ୍ୱାସ ହେଲା ।

ଏମିତି କିଛିଦିନ ବିତିଗଲା ପରେ ଅସୁରମାନେ ଲକ୍ଷ୍ୟ କଲେ ସେମାନଙ୍କର ଶାଳକାମ ପାଇଁ ଲୁହାର ଯଥେଷ୍ଟ ଅଭାବ ଦେଖାଦେଇଛି । ସେମାନେ ବ୍ୟସ୍ତ ହୋଇ ତରକଲାଙ୍କ ସାହାଯ୍ୟ ନେବାକୁ ଆସିଲେ । ତରକଲା ଟିକିଏ ଚିନ୍ତାକରି ଏକ ଧଳା କୁକୁଡ଼ା ସିଂବଙ୍ଗାଙ୍କ ନିକଟରେ ବଳିଦେବାପାଇଁ ସେମାନଙ୍କୁ କହିଲେ । ସେ କହିବା ଅନୁସାରେ ଅସୁରମାନେ ଶାଳପୂର୍ବ ପରି ଚାଲିଲା ।

କିଛିଦିନ ପରେ ଏପରି ଅସୁବିଧାର ପୁନରାବୃତ୍ତି ହେବାରୁ ଏକ ଧଳା ଛେଳି ସିଂବଙ୍ଗାଙ୍କ ନିକଟରେ ବଳିଦେବାପାଇଁ ତରକଲାରୂପୀ ସିଂବଙ୍ଗା ଅସୁରମାନଙ୍କୁ ନିର୍ଦ୍ଦେଶ ଦେଲେ । ଅସୁରମାନେ ଆନନ୍ଦରେ ଛେଳିଟିଏ ବଳିଦେଇ ସୁଫଳ ପାଇଲେ ।

କିଛିଦିନ ପରେ ତୃତୀୟଥର ପାଇଁ ମଧ୍ୟ ଅସୁରମାନେ ସେହି ଅସୁବିଧାର ସମ୍ମୁଖୀନ ହେଲେ ଓ ତରକଲାଙ୍କର ସହାଯ୍ୟ ଭିକ୍ଷା କଲେ । ଏଥର ତରକଲା ଏକ ମଣିଷ ବଳିର ପ୍ରସ୍ତାବ ଦେଲେ । ଅସୁରମାନେ ଏଥିରେ ଭୟଭୀତ ହୋଇ କ'ଣ କରିବେ ବୋଲି ସ୍ଥିର କରି ପାରିଲେ ନାହିଁ । ଅସୁରମାନଙ୍କୁ ଚିନ୍ତାମଗ୍ନ ହେବାର ଦେଖି ତରକଲା କହିଲେ, ''ଜୀବନ ମୋ ପାଇଁ ଅସହ୍ୟ ହୋଇପଡ଼ିଲାଣି। ଦେହ କଷ୍ଟ ଆଉ ସହିପାରୁନି । ମୋତେ ବଳି ଦେଇଦିଅ ।'' ଲୁଟ୍‌କୁମ୍ ହାଡାମ୍ ଓ ବୁଢ଼ୀ ଏହାଶୁଣି ଦୁଃଖରେ ବହୁତ କାନ୍ଦିଲେ । ତରକଲା ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ''ତୁମର କୌଣସି ଅସୁବିଧା ହେବନାହିଁ ।

ଅସୁରମାନେ ତରକଲାଙ୍କୁ ଭାଟି ପାଖକୁ ନେଇ ଗଲେ । ତରକଲା ଭାଟି ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ କହିଲେ ଦୁଇ ଅବିବାହିତା କନ୍ୟା ତିନିଦିନ ତିନିରାତି ଉପବାସ ରହି ଧଳା ଛେଳିର ଚମଡ଼ାରେ ତିଆରି ହୋଇଥିବା ପଙ୍ଖାକୁ ଅନବରତ ଚଳାଇବେ। ତୃତୀୟଦିନ ଶେଷରେ ସେମାନେ ଭାଟି ଉପରେ ପାଣି ଢ଼ାଳି ନିଆଁ ଲିଭାଇବେ। ତରକଲାଙ୍କ ନିର୍ଦ୍ଦେଶ ଅନୁସାରେ ଅସୁରମାନେ ସବୁକାର୍ଯ୍ୟ ସଂପାଦନ କଲେ । ତୃତୀୟ ଦିନ ଶେଷରେ ଭାଟି ନିଆଁଲିଭିଲା ପରେ ଅସୁରମାନେ ତରକଲାଙ୍କୁ ଭାଟିମଧ୍ୟରୁ ଅକ୍ଷତ ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେ ପୋଡ଼ିଯିବା ପରିବର୍ତ୍ତେ ତାଙ୍କ ଦେହରୁ ଅପୂର୍ବ ଜ୍ୟୋତି ବାହାରୁଥିଲା । ଦେହରେ କାଛୁ କୁଣ୍ଡିଆର କୌଣସି ଚିହ୍ନବି ନଥିଲା । ତାଙ୍କ ହାତରେ ବହୁମୂଲ୍ୟର ପ୍ଲେଟ୍ ଓ ଦାମୀ ପାତ୍ରଟି ଦେଖି ଅସୁରମାନଙ୍କର ଲୋଭ ହେଲା । ଈର୍ଷାଳୁ ଅସୁରମାନେ ମନୋଭାବକୁ ଗୋପନ ରଖି ସିଂବଙ୍ଗାଙ୍କୁ ଆଗ୍ରହର ସହ ଜିଜ୍ଞାସା କଲେ, ଭାଟି ଭିତରେ ଆଉ ଏପରି ସଂପତ୍ତି କିଛି ଅଛି କି ? ସେହିପରି ଆହୁରି ବହୁତ ସଂପତ୍ତି ଭାଟିଭିତରେ ଅଛି ବୋଲି ତରକଲା ଉତ୍ତର ଦେଲେ ଏବଂ ଭାଟି ଭିତରକୁ ପ୍ରବେଶ କରି ସେଗୁଡ଼ିକୁ ଆଣିହେବ ବୋଲି ମତବ୍ୟକ୍ତ କଲେ । ଲୋଭ ସମ୍ବରଣ କରି ନପାରି ମୂର୍ଖ ଅସୁରମାନେ ଭାଟି ମଧ୍ୟକୁ ପ୍ରବେଶ କରିବା ମାତ୍ରେ ତରକଲା (ସିଂବଙ୍ଗା) ସେମାନଙ୍କର ସ୍ତ୍ରୀ ଓ ସଂପର୍କୀୟମାନଙ୍କୁ ଭାଟିର ଦ୍ୱାର ରୁଦ୍ଧ କରି ଅଗ୍ନି ସଂଯୋଗ କରିବାକୁ କହିଲେ। ଭାଟି ମଧ୍ୟରୁ ଅସ୍ପଷ୍ଟ କ୍ଷୀଣ ଚିତ୍କାର ଶୁଣାଗଲା । ସ୍ତ୍ରୀ ଲୋକମାନେ ବ୍ୟସ୍ତ ହୋଇପଡ଼ିବାରୁ ତରକଲା ସେମାନଙ୍କୁ ସାନ୍ତ୍ୱନା ଦେଲେ ଓ କହିଲେ- ''ତୁମ ସଂପର୍କୀୟମାନେ ଭାଟି ମଧ୍ୟରେ ବହୁମୂଲ୍ୟ

ସଂପତ୍ତି ପାଇବାପାଇଁ ପରସ୍ପର ମଧ୍ୟରେ କଳହରେ ଲିପ୍ତ ଅଛନ୍ତି । କିଛି ସମୟପରେ ଭାଟି ମଧ୍ୟରୁ ରକ୍ତର ସ୍ରୋତ ବହି ଆସିବାରୁ ପୁନର୍ବାର ଅସୁରଙ୍କର ସ୍ତ୍ରୀମାନେ ତରକଲାଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ସିଂବଙ୍ଗା (ତରକଲା) ସେମାନଙ୍କୁ କହିଲେ ଯେ ଭାଟି ମଧ୍ୟରେ ଅସୁରମାନେ ପାନ ଖାଉଥିବାରୁ ସେମାନଙ୍କର ପାନଛେପ ଭାଟି ମଧ୍ୟରୁ ବାହାରି ଆସୁଛି । କୋଳାହଳ ଶାନ୍ତ ହୋଇଯିବା ପରେ ତରକଲା ଭାଟିର ଦ୍ୱାର ଖୋଲିବାକୁ ନିର୍ଦ୍ଦେଶ ଦେଲେ । ଅସୁରଙ୍କର ସ୍ତ୍ରୀମାନେ ଭାଟି ଭିତରେ ହାଡ଼ ଓ ପାଉଁଶ ଦେଖି ପାଗଳ ପ୍ରାୟ ପ୍ରଳାପ କରି କାନ୍ଦିବାକୁ ଲାଗିଲେ ।

ଏହି ଉପାୟରେ ସିଂବଙ୍ଗା ଅସୁରମାନଙ୍କୁ ଧ୍ୱଂସ କରି ସମଗ୍ର ପୃଥିବୀ, ତଥା ପୃଥିବୀବାସୀଙ୍କୁ ଉତ୍ତାପ ଜନିତ ମହାପ୍ରଳୟରୁ ରକ୍ଷାକଲେ । ତାଙ୍କର ଚାଷବାସ ତଥା ସଂପତ୍ତି ସୁରକ୍ଷିତ ରହିଲା । ଏହାପରେ ସିଂବଙ୍ଗା ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିବାକୁ ଗଲାବେଳେ ଅସୁରମାନଙ୍କର ବିଧବାସ୍ତ୍ରୀ ମାନେ ସିଂବଙ୍ଗାକୁ ଟାଣି ଧରିବାକୁ ଚେଷ୍ଟାକଲେ । ସିଂବଙ୍ଗା କିନ୍ତୁ ସେମାନଙ୍କୁ ଧରି ଦୂରକୁ ଫୋପାଡ଼ି ଦେଲେ । ଏହାଫଳରେ ସେହି ସ୍ତ୍ରୀ ଲୋକମାନେ ଯେଉଁ ଯେଉଁ ସ୍ଥାନ ମାନଙ୍କରେ ପଡ଼ିଲେ ସେହିସବୁ ସ୍ଥାନରେ ସେମାନେ ଚଣ୍ଡ ଚାମଣ୍ଡୀ (ଦୁଷ୍ଟପ୍ରକୃତିର ଦେବୀ) ରୂପେ ପୂଜିତା ହେଲେ । ଯେହେତୁ ସେମାନେ ମାଂସାଶୀ ଥିଲେ, ସେଥିପାଇଁ ସେମାନଙ୍କର ପୂଜାର୍ଚ୍ଚନାରେ କୁକୁଡ଼ା, ଛେଳି, ଅଣ୍ଡା ପ୍ରଭୃତି ଭୋଗ ଲାଗିଥାଏ ।

ମୁଖ୍ୟତଃ ଚାଷର ସୁରକ୍ଷା କରାଯାଇଥିବାରୁ ସେହିଦିନଠାରୁ ଧାନ ଅମଳ ସମୟରେ ଏହି ସସବଙ୍ଗା ପୂଜା କରାଯାଉଛି । ସର୍ବୋଚ୍ଚ ଦେବତା ସିଂବଙ୍ଗାଙ୍କର ମହିମାଗାନ ସହ ବାବାଏଙ୍ଗାଙ୍କର ଆରଧନା ହୋଇ ଆସୁଛି ।

ସୁଖ ତଥା ଶାନ୍ତିରେ ରହିବାପାଇଁ ଭୂମିଜମାନଙ୍କର ଏହା ଏକ ଆଧାତ୍ମିକ ଉଦ୍ୟମ ।

## ଗୋଠପୂଜା (ଗଟ୍‌ବଙ୍ଗା)

ଭୂମିଜ ତଥା ଅନ୍ୟାନ୍ୟ କେତେକ ଆଦିବାସୀମାନେ ଏହି ପୂଜା ଗୋମାତାଙ୍କ ଉଦ୍ଦେଶ୍ୟରେ କାଳିପୂଜା ଦିନ ହିଁ କରି ଥାଆନ୍ତି । ଏହାକୁ "ଗଟ୍‌ବଙ୍ଗା" (ଗୋଠପୂଜା) କୁହାଯାଏ । ଏଥିରେ ଗ୍ରାମ ଠାକୁରାଣୀଙ୍କ ସହ ଧର୍ମଦେବତା, ବୀରମାଗୁଡୀ, ସୁନୁମ୍ ବାଗୁଡୀ, ଶ୍ରୀକୃଷ୍ଣ ପୂର୍ବ ପୁରୁଷ ତଥା ଆଖପାଖ ଅଞ୍ଚଳର ମୁଖ୍ୟ ଦେବଦେବୀଙ୍କୁ ପୂଜା କରାଯାଇଥାଏ । ଗୋଠପୂଜାରେ ଗୋରୁ ଗାଈଙ୍କର ଖଳିଆ, ଫାଟୁଆ, ବେଙ୍ଗା, ଖୁରା, ଜ୍ୱର, ଝାଡ଼ା, ବଜବଜା, ଥରଥରାବାତ, ଗଳାଶୋଧ, ହାତୀଆ, ବସନ୍ତ ଓ ଅଡ଼ିଆ ରୋଗର ନିରାକରଣ ପାଇଁ ପ୍ରାର୍ଥନା କରାଯାଏ ।

ଗୋଠପୂଜା ବା ଗଟ୍‌ବଙ୍ଗା ଦିନ ଗ୍ରାମବାସୀମାନ ପ୍ରଥମେ ସମସ୍ତଙ୍କ ଘରୁ ଗୋଟିଏ ଲେଖାଏଁ କୁକୁଡ଼ା ଓ ଖେଚୁଡ଼ି ପାଇଁ କିଛି ଚାଉଳ ସଂଗ୍ରହ କରି ଦେହୁରୀ ସାଙ୍ଗରେ ପୂଜାସ୍ଥଳୀକୁ ଆସିଥାନ୍ତି । ଦେହୁରୀ ପୂଜା କରି ସାରିବାପରେ ବଳି ପଡ଼ିଥିବା କୁକୁଡ଼ା ଗୁଡ଼ିକୁ ନେଇ ଚାଉଳ ସାଙ୍ଗରେ ଲେଠେ ବା ଖେଚୁଡ଼ି ଭାତ କରିଥାନ୍ତି । ଦେହୁରୀ ପୂଜା କୁକୁଡ଼ାର ମୁଣ୍ଡକୁ ନେଇ ଅରୁଆ ଚାଉଳ ସାଙ୍ଗରେ ଖେଚୁଡ଼ି କରିଥାଆନ୍ତି । ତାଙ୍କ ସଙ୍ଗରେ ଯଦି ଅନ୍ୟ କୌଣସି ମୁଖିଆ ବ୍ୟକ୍ତି ଉପବାସ ରହିଥାନ୍ତି, ତା' ହେଲେ ସେମାନେ ମଧ୍ୟ ଖାଇଥାନ୍ତି । ଖେଚୁଡ଼ି ବା ଲେଠେ ମୁଖ୍ୟତଃ ଦୁଇ ପ୍ରକାର କରାଯାଏ । ଗୋଟିଏ ଗ୍ରାମଦେବୀଙ୍କ କୁକୁଡ଼ାକୁ ନେଇ ଲେଠେ ଓ ଅନ୍ୟଟି ଅନ୍ୟାନ୍ୟ ସମସ୍ତ ଦେବଦେବୀ (ଶ୍ରୀକୃଷ୍ଣଙ୍କ ବ୍ୟତୀତ)ଙ୍କ ଠାରେ ଲାଗିଥିବା କୁକୁଡ଼ାକୁ ନେଇ ଲେଠେ ପ୍ରସ୍ତୁତ କରିଥାନ୍ତି । ଏହାର କାରଣ ଗ୍ରାମଦେବୀଙ୍କ ଲେଠେକୁ ଝିଅ ଛୁଆମାନେ ଖାଆନ୍ତି ନାହିଁ ଏବଂ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଫଳ ଇତ୍ୟାଦି ଭୋଗ ଲାଗେ । ଗୋଠପୂଜା ସରିବା ପରେ ଖିଆପିଆ ଚାଲେ । ଖିଆପିଆ ପର୍ବରେ ଗାଁର ସମସ୍ତ ପିଲାଛୁଆମାନେ ଆସିଥାନ୍ତି ଏବଂ ଗାଁର ସମସ୍ତଙ୍କର ଗୋରୁ ଗାଈମାନଙ୍କୁ ଅଡାଇ ପୂଜାସ୍ଥଳି ନିକଟକୁ ଅଣାଯାଏ । ଗୋରୁ ଜଗୁଆଳିମାନଙ୍କୁ ମଧ୍ୟ ଲେଠେ ବା ଖେଚୁଡ଼ି ଖାଇବାକୁ ଦିଆଯାଇଥାଏ । ଖିଆପିଆ ସରିବାପରେ ସମସ୍ତ ଗୋରୁ ଗାଈମାନଙ୍କୁ ଅଡାଇନେଇ ପୂଜାସ୍ଥାନ ଦେଇ ପାରେଇ ନିଆଯାଏ । ପୂଜାସ୍ଥାନ ଅତିକ୍ରମ କରିବା ସମୟରେ ଯାହାର ଗୋରୁ ପୂଜା ପତ୍ର ଖାଏ, ସେହି ଗୋରୁକୁ ଧରି ମୁଣ୍ଡରେ ସିନ୍ଦୁର ଘଷି ଦିଆଯାଏ ଏବଂ ଗୋରୁ ମାଲିକକୁ ଖୁସିରେ କାନ୍ଧେଇ ଘରକୁ ନିଆଯାଏ । ଏହି ସମୟରେ ଅନ୍ୟ ଗ୍ରାମବାସୀମାନେ ମାଦଳ ବଜାଇ ଗୀତ ଗାଇ, ନାଚ କରି ଗୋରୁ ମାଲିକ ଘରକୁ ଯାଇଥାନ୍ତି । ମାଲିକ ଘରେ ପହଞ୍ଚିବା ପରେ ଗୋରୁ ମାଲିକ ଘର ଝିଅ ବା ବୋହୂମାନେ ପ୍ରଥମ ମାଲିକକୁ କାନ୍ଧେଇଥିବା ଅବସ୍ଥାରେ ଗୋଡ଼ ଧୋଇ ଦେଇଥାନ୍ତି । ତାପରେ କାନ୍ଧେଇଥିବା ଲୋକଙ୍କ ଗୋଡ଼ ଧୋଇ ଦିଅନ୍ତି । ପରେ ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀଙ୍କର ମଧ୍ୟ ଗୋଡ଼ ଧୋଇ ହାଣ୍ଡିଆ ବା ଜଳଖିଆ ଦେଇଥାନ୍ତି । ଯାହାର ଗୋରୁ ପୂଜାପତ୍ର ଖାଇଥାଏ ତାକୁ ପରବର୍ତ୍ତୀ ବର୍ଷ ଗୋପୂଜା ସମୟରେ ଗୋଟିଏ ହାଣ୍ଡିଆ ଓ ଗୋଟିଏ ନାଲି କୁକୁଡ଼ା ଖୁସିରେ ଦେବାକୁ ହୁଏ । ଏହାର କାରଣ ଠାକୁର ସେହିବର୍ଷ ତାଙ୍କଠାରେ ପ୍ରସନ୍ନ ହୋଇଛନ୍ତି ବୋଲି ଭୂମିଜମାନେ ବିଶ୍ୱାସ କରନ୍ତି ।

ପୂଜାଦିନ ରାତିରେ ସମସ୍ତଙ୍କୁ ସଚେତନ ବା ଜାଗ୍ରତ ରଖିବା ନିମନ୍ତେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ବା ଜାହାଲି (ଜାଗରଣ) କରି ପ୍ରତ୍ୟେକ ଘରେ ବୁଲୁଥାନ୍ତି । ପ୍ରତ୍ୟେକ ଘରେ ପହଞ୍ଚିବା ପରେ ଘରଲୋକ ସମସ୍ତଙ୍କୁ ଗୋଡ଼ ଧୋଇ କିଛି ଜଳଖିଆ

ଖାଇବାକୁ ଦିଅନ୍ତି । ଗ୍ରାମର ଆଗ୍ରହୀ ଓ ଉତ୍ସାହୀ ଯୁବକମାନେ ରାତି ସରା ଗୀତ ଗାଇ ମାଦଳ ବଜାଇ ଜାଗରଣ କରିଥାନ୍ତି । ଏହାକୁ ଭୂମିଜମାନେ ଜାହାଲି କହନ୍ତି ।

ଜାହାଲୀ ଗୀତ :

କଂରେ କଂରେ କଂରେ କଂରେ
ନେ ମୁଣ୍ଡା କଥାଃ ସାଲିମାରେ
ନେ ମୁଣ୍ଡା କଥାଃ ରାଚାରେ
କଂ ବାବା ବା ବାଆଲେନାକ ମେନେୟା କଂରେ
କଂ ଚାଉଲି ଗେଲେ ଗେଲେ ଲେନାକ ମେନେୟା କଂରେ
କାଞ୍ଜ ହିଲିୟାଃ ମେତାମ୍ କାଞ୍ଜ ଲାବାଲାଃ
କଂ ବାବା ବା ବାଆଲେନାକ ମେନେୟ କଂରେ
କଂ ଚାଉଲି ଗେଲେ ଗେଲେ ଲେନାକ ମେନେୟା କଂରେ

ଅର୍ଥ : ଏଇ ମୁଣ୍ଡା ମାନଙ୍କ ଚାଲରେ ତଥା ଅଗଣାରେ ଧାନଫୁଲ ଫୁଟିଥିଲା ଏବଂ ଚାଉଳର କେରା ଫଳିଥିଲା ବୋଲି ଲୋକେ କହନ୍ତି, ଏହି କଥାଟି କହିବାରେ ମୁଁ କାହାକୁ ଭୁଲାଉନାହିଁ କିମ୍ବା କାହାକୁ ଠକାଉ ନାହିଁ ।

କଂ.... ଭୂମିଜ ମାନଙ୍କର ଏକ ସ୍ୱର ଜାଗରଣ / ଜାହାଲି କରୁଥିବା ଗ୍ରାମବାସୀମାନଙ୍କୁ ବାଡ଼ି ବଗିଚାରେ ଥିବା ଶାଗ, କଖାରୁ, ପୋଇ ଓ ସାରୁ, ବୋଇତାଳୁ ଇତ୍ୟାଦି ବିଭିନ୍ନ ପ୍ରକାର ପନିପରିବା ଭେଟି ମିଳିଥାଏ । ଏହିସବୁ ପରିବାକୁ ଜାଗରଣ ଗ୍ରାମବାସୀମାନେ ଭାଗ କରିଥାନ୍ତି । ସେଇଥିପାଇଁ ସେମାନେ ଜାଗରଣ ସମୟରେ ଗାଆନ୍ତି -

ଗୀତ - ୨

ନେ ବାଲାଗି ଝିଙ୍ଗା ଲାଟା
ହାନା ବାଲ୍‌ଗିରେଲେ ନାମେୟା
ମାରାଂ ଆଲାଃ ହନ୍‌କିମିନ୍ ଲୋ
ଝିଙ୍ଗା ଓ କାଲେ ନାମେ
ହାଗା ଯେତା ଓ କାଲେ ନାମେ

ଅର୍ଥ - ଏ ବାଡ଼ିର ଜହ୍ନି ଲତା ଆର ବାଡ଼ି ପର୍ଯ୍ୟନ୍ତ ମାଡିଥାଏ । ଅଥଚ ସେମାନେ କିଛି ପାଉ ନାହାନ୍ତି । ତେଣୁ ଝିଅ ମାନଙ୍କୁ କହୁଛନ୍ତି ବଡ଼ ଘରର ଝିଅ ବୋହୂ ଲୋ ଆମେ କିଛି ପରିବା ପାଇ ପାରିଲୁ ନାହିଁ ।

ଗୀତ - ୩

କଂରେ କଂରେ କଂରେ
କଂ ତୁଲ ଡାକିନ୍ ସାଗାଃ କିନ୍
ଇଲି ନାକିନ୍ ଚିପା ଜାଦା କଂରେ
କେସାରୀ ସାକାମ୍‌ରେ ମାୟା ଚୁଗାଇମେ କଂରେ

ଅର୍ଥ - ଗୁଣ୍ଟୁଚି ମୂଷା ଦୁହେଁ ଗୁଙ୍ଗୁଚିଆ ମଞ୍ଚିରେ ହାଣ୍ଡିଆ ବସାଇ ହାଣ୍ଡିଆକୁ ପ୍ରସ୍ତୁତ କରୁଛନ୍ତି । ଅନ୍ୟଜଣେ କହୁଚି, ଖେସାରି ଡାଲି ପତ୍ରରେ ମତେ ହାଣ୍ଡିଆ ଜାଉ ଟିକିଏ ଦେ ।

ରାତିରେ ଏହିପରି ଜାହାଲି ଗୀତ ଗାଇ ଗାମବାସୀମାନେ ରାତି ପୁହାଇଥାଆନ୍ତି ଏବଂ ସକାଳେ ସମସ୍ତେ ପ୍ରତ୍ୟେକ ଘରେ ସହରାଇ ବଂଙ୍ଗା ବା ବନ୍ଦାଣ ପୂଜା କରିଥାନ୍ତି ।

## ସହରାଇ ବଂଙ୍ଗା (ବନ୍ଦାଣ ପୂଜା)

ସହରାଇ ବଙ୍ଗା ବା ବନ୍ଦାଣପୂଜା ଦିନ ସକାଳେ ଘରଦ୍ୱାର ଲିପାପୋଛା କରିବା ସଂଗେ ସଂଗେ ଗୋରୁ ଗୁହାଳ ମଧ ଲିପାପୋଛା କରାଯାଏ । ଗୁହାଳ ଦୁଆରରୁ ଦାଣ୍ଡ ତାଟି ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଧରଣର ଝୋଟି ଦିଆଯାଏ । ଝୋଟିର ସ୍ଥାନେ ସ୍ଥାନେ ଗୋବର ଗୋଲି ରଖି ତା' ଉପରେ ଅପାମାରଙ୍ଗ ଡାଳ ପୋତି ଦିଆଯାଇ ତା' ତଳେ ସିନ୍ଦୁର ଟିକା ଦିଆଯାଇଥାଏ ଓ ଗେଣ୍ଡୁଫୁଲ ରଖା ଯାଇଥାଏ । ଏହାର କାରଣ ପୁରାଣଯୁଗରେ ଗାଈ ମାନଙ୍କୁ ବଞ୍ଚାଇବା ପାଇଁ ଗୋବର୍ଦ୍ଧନ ପାହାଡରୁ ଔଷଧ ଅଣାଯାଇଥିଲା । ତେଣୁ ତାଙ୍କୁ ମନେରଖିବା ପାଇଁ ଦାଣ୍ଡ ପର୍ଯ୍ୟନ୍ତ ଝୋଟି କାଟି ଗୋବରର ଗୋବର୍ଦ୍ଧନ ପାହାଡ଼ ସଦୃଶ୍ୟ ଗୋବର ଗୋଲି ରଖାଯାଏ ଏବଂ ତା' ଉପରେ ଔଷଧ ଗଛ ସଦୃଶ୍ୟ ଅପାମାରଙ୍ଗ ଡାଳ ପୋତି ଦିଆଯାଏ । ଗୃହକର୍ତ୍ତା ନିର୍ଦ୍ଦିଷ୍ଟ ସମୟରେ ଗୁହାଳରେ ଗୋମାତାଙ୍କ ଉଦ୍ଦେଶ୍ୟରେ ପୂଜା ଆରମ୍ଭ କରିଥାଆନ୍ତି । ପୂଜାପାଠ ପୂର୍ବରୁ ସେ ପ୍ରଥମେ ମହୁଲ କାଠର ଏକ (ଗରେୟାକୁଣ୍ଟା) ଖୁଣ୍ଟ ଗୁହାଳରେ ପୋତି ଦିଅନ୍ତି । ଏହି ଗରେୟା ଖୁଣ୍ଟ ହିଁ ଗରେୟା ଦେବୀଙ୍କ ପ୍ରତୀକ ଭାବରେ ପୂଜା ପାଆନ୍ତି ।

ଉକ୍ତ ଖୁଣ୍ଟରେ ପୂଜା ସମୟରେ ଗୋଟିଏ କେରା ଧାନ, ଫୁଲ ଗରେୟାଖୁଣ୍ଟରେ ସିନ୍ଥି ସଦୃଶ ବାନ୍ଧନ୍ତି ଏବଂ ପୂଜା ଉପରେ ରଖାଯାଏ । ଧୂପ, ଦୀପ, ଘିଅ ସଳିତା, ସିନ୍ଦୁର, ଅରୁଆ ଓ ଉଷୁନା ଚାଉଳ, ଦୁଧ, ଧଳା, କଳା, ନାଲି, ହଳେଃ (ମାଟିଆ) ବାରବର୍ଣ୍ଣିଆ କୁକୁଡ଼ା ପୂଜାରେ ଲାଗିଥାଏ । ଗୋରୁ ଗାଈ ଗୁଡ଼ିକୁ ବିଭିନ୍ନ ରଙ୍ଗର ଟିପା ଚିହ୍ନରେ ସଜେଇ ଦିଆଯାଏ । ସେଦିନ ଗୋରୁ ଗାଈଙ୍କୁ ବାହାରକୁ ଛଡ଼ାଯାଏ ନାହିଁ । ଘରେ ବାନ୍ଧି ଖାଇବାକୁ

ଦ୍ଧିଆଯାଏ । ଏହି ପୂଜା ସମୟରେ ଗୋରୁ ଗାଈ ଗୁହାଳରେ ଥିବା ଅବସ୍ଥାରେ ହିଁ ପୂଜା କରାଯାଇଥାଏ । ସହରାଇ ବା ବନ୍ଦାଣ ପୂଜା ଗୋରୁ ଗାଈମାନଙ୍କୁ ନିରୋଗ ଉଦ୍ଦେଶ୍ୟରେ ହିଁ କରାଯାଇଥାଏ । ଗୃହମାଲିକ କହିଥାନ୍ତି, ''ହେମା ଗରେୟା ! ତୁ ମୋ' ଗୋରୁ ଗାଈମାନଙ୍କର ରକ୍ଷା କର୍ତ୍ତା । ତୋତେ ଆଜି ପୂଜା କରି ଘିଅପିଠା ଏବଂ ତୋର ଆନନ୍ଦପାଇଁ ଧୂପ, ଦୀପ, ଘିଅ, ସଳିତା ଦୁବଘାସ ଏବଂ ଧଳାକଇଁ ସଜାଇ ରଖିଛୁ । ତେଣୁ ମା ! ଗୋରୁ ଗାଈଙ୍କ ଉପରେ ନିଘା ରଖିଥା ।

ବନ୍ଦାଣ ପୂଜାରେ ପ୍ରଥମେ ଧର୍ମ ଦେବତା, ଗ୍ରାମ ଦେବତୀ, ଗରେୟା, ବୁରୁ ବଙ୍ଗା, ହାପାଲୁମ୍ ବଂଗା, ମହାଦେବ ବଂଗା, ଗଣା ହାଙ୍କାର ବଙ୍ଗା, ଗଣା ମାହାରା, ଗଣା ଉଡରା ବଙ୍ଗା, ଚନ୍ଦନ ଦେଉଳି ବା ଲେଦା ଦେଉଳି ବଙ୍ଗା, ବାଗାଲ ବଙ୍ଗା, ବାଗୁଡ଼ି ବଙ୍ଗା ପ୍ରଭୃତି ଦେବଦେବୀମାନଙ୍କୁ ପୂଜା କରାଯାଏ । ପୂଜା ସରିବାପରେ ଗୃହକର୍ତ୍ତା ପୂଜା କୁକୁଡ଼ାର ମୁଣ୍ଡକୁ ନେଇ ଲେଠେ କରି ଭୋଗ ଖାଇଥାଏ । ଗ୍ରାମଦେବତୀଙ୍କଠାରେ ପୂଜା କରାଯାଇଥିବା କୁକୁଡ଼ା ମାଂସକୁ କେବଳ ପୁଅ ଛୁଆମାନେ ଖାଇଥାନ୍ତି । ଅନ୍ୟ କୁକୁଡ଼ାକୁ ସମସ୍ତେ ଖାଆନ୍ତି । ଗରେୟାଦେବୀଙ୍କ ଠାରେ ଲାଗିଥିବା କୁକୁଡ଼ାର ମୁଣ୍ଡକୁ ଉଷୁନା ଚାଉଳ ସାଙ୍ଗରେ ପତୁଆକରି ବୋହୁମାନେ ଗୁହାଳ ଘରେ ପୂଜା କରନ୍ତି ଓ ସେଇ ଭୋଗକୁ ଘରର ବୋହୁମାନେ ଓ ଝିଅମାନେ ଖାଇଥାନ୍ତି । ବନ୍ଦାଣ ପୂଜା ସରିବାପରେ, ସନ୍ଧ୍ୟା ସମୟରେ ଗ୍ରାମବାସୀ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥାଏ । ତଥା ସମସ୍ତ ବୋହୁମାନେ ମଧ୍ୟ ବନ୍ଦାଣରେ ଅଂଶ ଗ୍ରହଣ କରିଥାନ୍ତି । ଗୋରୁ ଗାଈଙ୍କୁ ବନ୍ଦାପନା ସମୟରେ ଯେ କୌଣସି ଗୋଟିଏ ଗୋରୁ ବା ଗାଈର ମୁଣ୍ଡରେ ଧାନ ଫୁଲ ବା ଧାନ କେରାର ସିନ୍ଥିକୁ ବନ୍ଧାଯାଏ । ବୋହୁମାନେ ନୂଆବସ୍ତ୍ର ପରିଧାନ କରି ପ୍ରତ୍ୟେକ ଗୋଟିଏ ଗୋଟିଏ ଥାଳିଆରେ ଦୀପ, ଦୁବଘାସ, ଧଳାଧାନ, ଗୋବର ଗୋଲି, ଚନାଗୋଲି ନେଇ ଧାନଫୁଲ ବନ୍ଧାହୋଇଥିବା ଗୋରୁ ବା ଗାଈକୁ ବନ୍ଦାପନା କରିଥାନ୍ତି । ପ୍ରଥମେ ସେହି ଘରର ବୋହୁ ଗାଈକୁ ବନ୍ଦାପନା କରିଥାଏ । ପରେ ଗ୍ରାମର ଅନ୍ୟ ବୋହୁମାନେ ବନ୍ଦାପନା କରନ୍ତି । ବନ୍ଦାପନା ସମୟରେ ପ୍ରଥମେ ଦୀପ ରଖାଯାଇଥିବା ଥାଳିଆକୁ ତିନିଥର ଗାଈ ମୁହଁ ସାମନାରେ ବୁଲାଇ ତଳେ ଥାଳିଆକୁ ରଖାଯାଏ ଏବଂ ଦୀପର ଅଗ୍ନି ଶିଖାକୁ ଦୁଇ ହାତରେ ଚୁମାଣା (ଗାଈ ମୁହଁ ଆଡକୁ) ଦିଆଯାଏ । ତାପରେ ଗୋଟିଏ ହାତରେ ଗୋବର ଗୋଲିକୁ ଗୁହାଳ ଭିତରକୁ ଫୋପାଡ଼ି ଦିଅନ୍ତି ଏବଂ ଚୁନା ଗୋଲିକୁ ପଛପଟେ ଅର୍ଥାତ୍ ଗୁହାଳ ଦୁଆର ବାହାରକୁ ଫୋପାଡ଼ି ଥାନ୍ତି ।'' ଶେଷରେ ଦୁଇ ହାତରେ ଗୋଟିଏ ଗୋଟିଏ ଧାନ ସହିତ ଦୁବ ଘାସକୁ ଧରି ଗାଈର ମୁହଁ, ଆଖି ମଥାର ତିନିଜାଗାକୁ ତିନିଥର ଲେଖାଏଁ ଛୁଇଁଥାନ୍ତି । ଠିକ୍ ସେହିପରି ଅନ୍ୟ ବୋହୁମାନେ ବନ୍ଦାପନା କରନ୍ତି । ଏହାକୁ ଭୂମିଜମାନେ ''ଗାଈ ଚୁମାଣା'' କହନ୍ତି

। ଏହି ଚୁମାଣା ବା ବନ୍ଦାପନା ସମୟରେ ପୁଅ ପିଲାମାନେ ଗୀତ ଗାଇ ମାଦଳ ବଜାଇଥାଆନ୍ତି । ବୋହୁମାନଙ୍କ ଦ୍ୱାରା ବନ୍ଦାପନା ସରିବାପରେ ଗାଈଟିକୁ ବାହାରକୁ ଛଡ଼ା ଯାଇଥାଏ । ଛାଡିବା ସମୟରେ ଘରର ବୋହୁ ଧାନ କେରା ସିଟ୍କୁ ଟାଣି ଛିଡାଇ ରଖେ । ଗାଈକୁ ଦାଣ୍ଡ ପାରି ପର୍ଯ୍ୟନ୍ତ ନେଇ ଫେରାଇ ଆଣନ୍ତି । ଏହି ସମୟରେ ଘରର ବୋହୁ ଗାଈ ପଛେ ପଛେ ଝାଡୁରେ ଖରକି ଖରକି ନେଇ ଦାଣ୍ଡ ଦୁଆର ବାହାରେ ଏକ ଖପରା ନିଆଁକୁ ଆହୁତି ଦେଇ ପୁଣି ଝାଡୁରେ ଖରକି ଖରକି ଗୁହାଳ ଘର ଭିତର ପର୍ଯ୍ୟନ୍ତ ଆସିବେ । ତା'ପରେ ଗୃହମାଲିକ ସମସ୍ତ ଗ୍ରାମବାସୀ ଓ ବୋହୁମାନଙ୍କୁ ଜଳଖିଆ ବା ହାଣ୍ଡିଆ ଦେଇଥାନ୍ତି । ଏହି ବନ୍ଦଣା ପୂଜା ବ୍ୟକ୍ତିଗତ ଭାବେ ଆଗପଛ ହୋଇ ସମସ୍ତେ କରନ୍ତି । ଏଥିରେ ପ୍ରତ୍ୟେକ ଗ୍ରାମବାସୀ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ ତଥା ସହଯୋଗ କରିଥାଆନ୍ତି ।

## ବନ୍ଦାପନା ସମୟର ଗୀତ ବା ଚୁମାଣା ଦୁରାଂ

ରେଇ ରେ ରେ ରେଇ ରେ ରେ
ରେଇ ରେ ରେ ରେଇ ରେ ହୋ
ତ୍ରାଇଏନା ନାନା ତ୍ରାନା ନାନା ଯେ
ହାରିଓରେ ତ୍ରାଇରେନା ନାନା ତ୍ରାନା ନାନା ଯେ
ଅକୟେ ଚୁମାଣେ ଝିଲିମିଲି ଗରେୟା
ଅକୟେ ଚୁମାଣେ ଭରିଃ ଗାଈରେ
ହାରିଓରେ ଅକୟେ ଚୁମାଣେ ଉରି ଗାଈରେ
ଅକୟେ ଚୁମାଣେ ଲୁତୁର ରେୟାଃ ସାମତାମ
ଅକୟୋ ଅମେ ଉରିଃ ସିନ୍ଦୁରି ବ
ହାରିଓରେ ଅକୟେ ଅମେ ଭରି ସିନ୍ଦୁରିଦ
ମାଏ ଚୁମାଣେ ଟାନା ଝିଲିମିଲି ଗରେୟା
କିମିନେ ଚୁମାଣେ ଉରିଃ ଗାଈରେ
ହାରିଓରେ କିମିନେ ଚୁମାଣେ ଉରିଃ ଗାଈରେ
ଅଲାରେନ୍ ହନ୍‌କାଲା ଅମ ଯିୟାଃ ସିନ୍ଦୁରୀ
ମିଶିଏ ଚୁମାଣେ ଲୁତୁର ସାମନମ୍
ହରିଓରେ ଚୁମାଣେ ଲୁତୁର ସାମନମ୍
ରେଇ ରେ ରେ ଏକ ଭୂମିଇର ସ୍ୱର ।

ଅର୍ଥ - କିଏ ବନ୍ଦାପନା କରୁଅଛି ସୁସଜ୍ଜିତ ଗରୋୟାଙ୍କୁ
କିଏ ବନ୍ଦାପନା କରୁଅଛି ଗୋରୁ ଗାଈଙ୍କୁ

କିଏ ବନ୍ଦାପନା କରୁଅଛି କାନର ସୁନା ଅଳଙ୍କାରକୁ
କିଏ ଦେଉଛି ବଳଦକୁ ସିନ୍ଦୁର ଟୋପାଟିଏ
ମା ବନ୍ଦାପନା କରୁଅଛି ସୁସଜ୍ଜିତ ଗରେୟା ଦେବୀଙ୍କୁ
ବୋହୂ ବନ୍ଦାପନା କରୁଅଛି ଗୋରୁ ଗାଈଙ୍କୁ
ଘର ପୁତ୍ର ଦେଉଅଛି ଗୋରୁ ଗାଈଙ୍କୁ ସିନ୍ଦୁର ଟୋପା
ଭଉଣୀ ବନ୍ଦାପନା କରୁଅଛି କାନର ସୁନା ଅଳଙ୍କାରକୁ ।

## ଗଣା ହାଙ୍କାର -

ଏହା ଗୁହାଳ ଭିତରେ ଦକ୍ଷିଣକୁ ସାମନା କରି ପୂଜା କରାଯାଏ । ଏହି ଦେବତାଙ୍କ ନାମରେ ଏକ କଳା ରଂଗର କୁକୁଡ଼ା ଗଞ୍ଜା ବଳି ଦିଆଯାଏ ଏବଂ ପୂର୍ବପରି ଆବାହନ କରାଯାଏ । ଗଣା ହାଙ୍କାର ଦେବତା ଗୁହାଳର ପ୍ରହରୀ । ଏହି ଦେବତା ଅସନ୍ତୁଷ୍ଟ ହେଲେ ଗୋରୁ ଗାଈ ମରିଯିବେ ବୋଲି ଦୃଢ଼ ବିଶ୍ୱାସ ରହିଛି । ତେଣୁ ତାଙ୍କର ସନ୍ତୋଷ ବିଧାନ ପାଇଁ ଏହି ପୂଜା ହୋଇଥାଏ ।

## ଗଣା ମାହାରା -

ମାହାରା ଏକ ଗୁହାଳ ଦେବତା । ବନ୍ଦଣା ବେଳେ ଏହାଙ୍କର ପୂଜା ବିଧି ଗଣାହାଙ୍କାର୍‌ଙ୍କ ନିକଟରେ କରାଯାଏ । ମାହାରା ଦେବତାଙ୍କ ନାମରେ ଏକ ବାରବର୍ଣ୍ଣିଆ କୁକୁଡ଼ା ଗଞ୍ଜା ବଳି ଦିଆଯାଏ ଏବଂ ଦେବତାଙ୍କୁ ନିଜର ଦୁଃଖ, ଅପାରଗତା ଦର୍ଶାଇ ଅନୁକଂପା ଭିକ୍ଷା କରାଯାଏ । ବର୍ଷ ଯାକ ଶାନ୍ତିରେ ରହିବାକୁ ବର୍ଷରେ ଥରେ ଏହି ବଳି ଦିଆଯାଏ ଓ ଏହାର ମାଂସ ସମସ୍ତେ ଖାଆନ୍ତି ।

## ଗଣା ଉତରା -

ଗଣା ଉତରା ପ୍ରାଚୀନ ଗୁହାଳ ଦେବତା । ଏହାଙ୍କର ରୂପ ବରାହାକୃତି । ବନ୍ଦଣା ସମୟରେ ଗଣା ମାହାରା ପରି ଆରାଧନା କରି ଏକ ଖଡ଼ିଆ (ଧଳା ଓ ଫିକା ସବୁଜ ରଂଗର କୁକୁଡ଼ା) କୁକୁଡ଼ା ଗଞ୍ଜା ବଳି ଦିଆଯାଏ । ତା'ର ଭୋଗ ମାଂସ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ଖାଇଥାଆନ୍ତି ।

## ଚନ୍ଦନ ଦେଉଳି ବା ଲେଦା ଦେଉଳି -

ଏହି ଦେବତାଙ୍କ ନାମରେ ମଧ୍ୟ ଗୁହାଳରେ ପୂଜା କରାଯାଏ । ଏଥି ସକାଶେ ନାଲି, ଧଳା ଓ କଳା ମିଶ୍ରିତ (ଝିଞ୍ଜିରିଆ) ଏକ କୁକୁଡ଼ା ବଳି ଦିଆଯାଏ । ଏହାର ଉଦ୍ଦେଶ୍ୟ ଗୋରୁ ଗାଈ ନିରୋଗ ରହନ୍ତୁ ଏବଂ ଗୋ ବଂଶ ବୃଦ୍ଧି ହେଉ ।

**ବାଗାଲ୍ଲ -**

ଗୁହାଳ ଦୂରଠାରୁ ଦାଣ୍ଡ ତାଟି ଯାଏଁ ଝୋଟି ଦିଆଯାଏ । ଏଥିରେ ମଣିଷ ଆକୃତିରେ ଚିତ୍ର ଅଙ୍କନ କରାଯାଇଥାଏ । ସେହି ମଣିଷ ଚିତ୍ର ଗୋରୁ ଜଗୁଆଳ ଦେବତାର ପ୍ରତୀକ । ଭୂମିଜ ମାନଙ୍କର ବିଶ୍ୱାସ ଯେ ପ୍ରତିଦିନ ଗୋରୁ ଗାଈ ଚରାଇବାକୁ ନେଲାବେଳେ ସେଇ ଚିତ୍ରରେ ଅଙ୍କିତ ମଣିଷ ଗୋରୁଗାଈଙ୍କୁ ରକ୍ଷାକରିବା ପାଇଁ ସେମାନଙ୍କ ସହିତ ଲୁଚିକରି ଯାଇଥାଏ । ଗଭୀର ବିଶ୍ୱାସରେ କରାଯାଇଥିବା ମଣିଷ ଚିତ୍ରଟିର ନାମ 'ବାଗାଲ୍ଲ' । ଏହାଙ୍କର ପୂଜା ଗୁହାଳ ବାହାରେ ପୂର୍ବକୁ ମୁହଁକରି କରାଯାଏ । ଏଥିରେ ଗୋଟିଏ ଧଳା ରଙ୍ଗର କୁକୁଡ଼ା ବଳିଦିଆଯାଏ । ଗୋରୁ ଗାଈ ବଣ ଜଙ୍ଗଲରେ ଚରିବା ବେଳେ ଏହି ଦେବତା ସେମାନଙ୍କୁ ବାଘଭାଲୁ ଆକ୍ରମଣରୁ ରକ୍ଷା କରୁ ବୋଲି ଏମାନେ ଗୁହାରି ଜଣାଇଥାଆନ୍ତି ।

**''ବିର୍‌ବୁରୁ କାନ୍ଦାରେ ଆଡିଂତାନ ସମାଏରେ ବାନା କୁଲା, ହାଟ୍‌ଗା ମଟାଃ ତେୟାଦ୍ ଦୁଃକବିନ୍ ବାଞ୍ଚା କବିନ୍ ଆର୍ ଆମାବିନ୍ ତାନ୍ ଭୋଗକ୍ ଜମ୍‌କାତେ ଜଆର୍ ତେଲାଏ ବିନ୍ ।''**

ଅର୍ଥାତ୍ ବଣ ପାହାଡ଼ ଓ ଝରଣା ପାର୍ଶ୍ୱରେ ଗୋରୁଗାଈ ଚରିବା ସମୟରେ ବାଘଭାଲୁ ଓ ହେଟା ପ୍ରଭୃତିଙ୍କ ଆକ୍ରମଣରୁ ରକ୍ଷା କରିବାପାଇଁ ବିନମ୍ର ନିବେଦନ ଜଣାଇ କୋଟି କୋଟି ଦଣ୍ଡବତ କରୁଛି, ଭୋଗ ଦେଉଛି । ଏସବୁକୁ ଆନନ୍ଦ ମନରେ ଗ୍ରହଣ କରନ୍ତୁ ।

ଏହି ପୂଜାରେ ଅରୁଆ ଚାଉଳ, ସିନ୍ଦୁର, ଗେଣ୍ଡୁ ଫୁଲ ଆଦି ବ୍ୟବହାର କରାଯାଏ । ଏହି ପୂଜାରେ ଲାଗିଥିବା ଭୋଗ ବିବାହ ଦିଆଯାଇଥିବା ଝିଅ ମାନଙ୍କୁ ଦିଆଯାଏ ନାହିଁ । କେବଳ ପୂଜା କରୁଥିବା ବଂଶର ପୁଅ ଓ ବୋହୂମାନେ ଖାଇଥାଆନ୍ତି । ଖାଇବା ଖଲି, ଦୋନା ବଢ଼ା ଯାଇଥିବା ସ୍ଥାନଠାରୁ ଘୁଞ୍ଚାଯାଏ ନାହିଁ । ଏହାର ବ୍ୟତିକ୍ରମ ହେଲେ ଗୋରୁଗାଈଙ୍କୁ ବାଘ ଭାଲୁ ଆକ୍ରମଣ କରୁଥିବା ବିଶ୍ୱାସ କରାଯାଏ । ଏପରିକି ବାଘ ଆସି ଗୁହାଳରୁ ମଧ୍ୟ ଗୋରୁଗାଈଙ୍କୁ ଖାଇଯିବାର କିମ୍ବଦନ୍ତୀକୁ ଏମାନେ ଗଭୀର ବିଶ୍ୱାସ କରନ୍ତି ।

**ହାପାଲୁମ ବଙ୍ଗା (ଆଦିଂକଚା ବଙ୍ଗା)**

ଗୋରୁ ଗାଈଙ୍କ ପାଇଁ ପୂଜା ଅର୍ଚ୍ଚନା ସରିବାପରେ ଗୃହର ଇଷାନ୍ କୋଣରେ ସମସ୍ତ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଏହି ହାପାଲୁମ୍ ବଂଗା ପୂଜା କରାଯାଏ । ଈଶାନ କୋଣ ବା ଆଦିଂକଚାରେ ଉଷୁନା ଚାଉଳ ପୂଜାରେ ଲାଗେ ଏବଂ ମାଟିଆ ବା ଲାଲ୍ ରଂଗର କାଟୁଳି ବଳି ଦିଆଯାଏ । ଏହି ପୁଜା ଅନ୍ୟାନ୍ୟ ଦେବଦେବୀଙ୍କ ସହିତ ପୂର୍ବପୁରୁଷ ମାନଙ୍କୁ

ଆନନ୍ଦ ଦେବା ଉଦ୍ଦେଶ୍ୟରେ କରିଥାଆନ୍ତି । କେତେକ ଲୋକ ଏହାର ବ୍ୟତିକ୍ରମ କରିଥାଆନ୍ତି । ସେମାନେ ବନ୍ଦଣା ଦିନ ଈଶାନ କୋଣରେ ପୂଜା କରନ୍ତି ନାହିଁ । ଗରେଆ ଦେବତାଙ୍କ ଠାରେ ବଳି ପଡ଼ିଥିବା କୁକୁଡ଼ା ମାଂସ ଓ ଭାତ ଭୋଗ ରାତିରେ ଈଶାନ କୋଣରେ ପୂର୍ବ ପୁରୁଷମାନଙ୍କୁ ଅର୍ପଣ କରିଥାଆନ୍ତି ।

## ବାଗୁତି ବା ବାଘୁତି -

ଜଳର ଅଧିପତି ବରୁଣ ଦେବତା, ଆକାଶର ଅଧିପତି ଇନ୍ଦ୍ର, ଦଶଦିଗର ଅଧିପତି ଦିଗପାଳ ପରି ଜଙ୍ଗଲର ଅଧିପତି ବାଘୁତି ଦେବୀ । ଏହି ବନଦେବୀ ଦୁର୍ଗାଙ୍କ ପରି ରୂପ । ବାଘୁତି ଦେବୀ ବାଘ ବାଂଘୁଣୀଙ୍କ ସହିତ ଛାଇପରି ବିଦ୍ୟମାନ ଥିବା ଭୂମିଜ ସମାଜର ବିଶ୍ୱାସ । ବାଘ ବାଘୁଣୀ ଆକ୍ରମଣ କରିବା ପୂର୍ବରୁ ଯେତେବେଳେ ଗର୍ଜନ କରନ୍ତି ଏହି ବାଘୁଣୀ ଦେବୀ ଆକ୍ରମିତ ହେଉଥିବା ଗୋରୁ, ଗାଈ ବା ମଣିଷ ଦେହରେ ଲାଖି ଯାଆନ୍ତି । ଫଳରେ ସେମାନେ ଚେତାଶୂନ୍ୟ ହୋଇପଡ଼ନ୍ତି ଏବଂ ବାଘ ବା ବାଘୁଣୀ ନିର୍ବିଘ୍ନରେ ଶୀକାରକୁ ଖାଏ । ଏହିପରି ବିପଦରୁ ରକ୍ଷା ପାଇବା ପାଇଁ ବାଘୁଣୀ ଦେବୀଙ୍କ ପୂଜା ଗ୍ରାମ ବାହାରେ କରାଯାଇଥାଏ । ଏହି ପୂଜାରେ କଳା ରଙ୍ଗର କାଟୁଲି ବଳି ଦିଆଯାଏ । ଏଥିରେ ହାଣ୍ଡିଆ ପୂର୍ଣ୍ଣମାତ୍ରାରେ ବ୍ୟବହାର କରାଯାଏ । ବଳି ଦିଆଯାଥିବା କୁକୁଡ଼ା ମାଂସ ସହିତ ଅରୁଆ ଚାଉଳ ରାନ୍ଧି ଲେଠେ (ଖେଚୁଡ଼ି) ପ୍ରସ୍ତୁତ କରି ଖାଆନ୍ତି ।

## ଦାସାଇଁ ବଙ୍ଗା - (ଦାସାଇଁ ପୂଜା)

ଦାସାଇଁ ପୂଜା, ବିଶେଷ କରି ଯେଉଁ ଆଖଡ଼ାରେ ମନ୍ତ ତନ୍ତ ଶିକ୍ଷା ଦିଆଯାଏ, ସେହି ଆଖଡ଼ାରେ ଶିଷ୍ୟମାନଙ୍କ ଦ୍ୱାରା ଏହି ପୂଜା ପାଳନ କରାଯାଇଥାଏ କିମ୍ବା ପୂର୍ବରୁ କୌଣସି ଗ୍ରାମରେ ପାରଂପରିକ ଭାବରେ ଏହି ପୂଜା ପାଳନ କରାଯାଉଥିଲେ ସେହି ଗ୍ରାମର ଯୁବକ ଶିଷ୍ୟଗଣ ଏହି ପୂଜା ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ କରି ଗ୍ରାମେ ଗ୍ରାମେ ଦାସାଇଁ ନାଚ କରି କିଛି ଧାନ ଚାଉଳ ଭିକ୍ଷା କରିଥାନ୍ତି ।

ଦାସାଇଁ ପୂଜା ଦୁର୍ଗାପୂଜା ଦିନ ଆରମ୍ଭ ହୁଏ । ପୂଜାଦିନ ଶିଷ୍ୟମାନେ ତାଙ୍କର ଦାସାଇଁ ନାଚରେ ବ୍ୟବହାର କରୁଥିବା ବାଦ୍ୟ, ଯଥା- କରତାଳ, ତୁମ୍ବା, ବୁଆଂ, ଘଣ୍ଟା, ମୟୂର ଚନ୍ଦ୍ରିକା, ଘୁଙ୍ଗୁର, ଦର୍ପଣ, ବୋବେଇ ନିର୍ମିତ ଚାବୁକ ଇତ୍ୟାଦିକୁ ଆଣି ଏକତ୍ରିତ ରଖନ୍ତି । ଆଖଡ଼ା ଘରକୁ ଗୋବର ଧୂପରେ ପବିତ୍ର କରି ପୂଜା କରିଥାଆନ୍ତି । ପୂଜା ସମୟରେ ଏହିସବୁ ବାଦ୍ୟ ସରଞ୍ଜାମକୁ ସାମନାରେ ରଖି ପୂଜା କରି ବାଦ୍ୟରେ ସିନ୍ଦୁର ଦେଇ ମାନସିକ କରି ଥାଆନ୍ତି, ଯେପରି ଗ୍ରାମ ବୁଲିବା ସମୟରେ କୌଣସି ଅପ୍ରୀତିକର

ଘଟଣାମାନ ନଘଟୁ । ଗ୍ରାମ ବୁଲା ପର୍ବ ଶେଷ ହେବା ପରେ ସେହି·ମାନସିକଟି ଦେଇ ପୂଜା ସମାପନ କରାଯାଇଥାଏ । ପ୍ରଥମ ପୂଜା ସରିବା ପରେ ଆଖଡ଼ାରେ ତିନିଥର ନାଚି ଗ୍ରାମ ବୁଲିବାକୁ ବାହାରି ଥାଆନ୍ତି । ଦଶ ପନ୍ଦର ଦିନ ଗ୍ରାମ ବୁଲି ଶେଷଦିନ ଗ୍ରାମରେ ନାଚି ନାଚ ବନ୍ଦ କରନ୍ତି । ଯେଉଁଦିନ ମାନସିକ ପୂଜା ଦେଇଥାଆନ୍ତି, ସେହିଦିନ ଏକ ଭୋଜିର ଆୟୋଜନ କରାଯାଇଥାଏ । ଯୁବକ ତଥା ଛୋଟ ପିଲାମାନଙ୍କୁ ଭୋଜି ଦିଆହୁଏ । ଗ୍ରାମର ବୃଦ୍ଧ ତଥା ମା ମାଉସୀମାନଙ୍କ ପାଇଁ ହାଣ୍ଡିଆ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ସେହିଦିନ ବ୍ୟବହୃତ ହୋଇଥିବା ବାଦ୍ୟ ବୁଆଂ ର ବନ୍ଧାକୁ ଖୋଲିଦିଆଯାଏ । ଏହାକୁ ବୁଆଂଗାଲା କୁହାଯାଏ ।

ଦାସାଇଁ ପୂଜାରେ ଧର୍ମ, ଗ୍ରାମଦେବତୀ, ଧରମ୍ ଗୁରୁ, ସିଦଗୁରୁ, ତୁଳସୀଗୁରୁ, କରତାଳଗୁରୁ, ବୁଆଂଗୁରୁ, ଆଏନମ୍, କାଜଲ ଇତ୍ୟାଦି ଦେବାଦେବୀଙ୍କୁ ପୂଜା କରାଯାଇଥାଏ । ଏହି ପୂଜାରେ ଧଳା, ନାଲି ଏବଂ ଗୋଟିଏ ବାରବର୍ଣ୍ଣ କୁକୁଡ଼ା ଭୋଗ ଲାଗେ ।

ପ୍ରତ୍ୟେକ ଦୁର୍ଗାପୂଜା ସମୟରେ ହିଁ ଏହି ଦାସାଇଁ ପୂଜା ଅନୁଷ୍ଠିତ ହୁଏ ।

## ମାଗ୍ ବଙ୍ଗା (ମାଘପୂଜା)

ମାଘ ମାସରେ ମାଗ୍‌ବଙ୍ଗା ହୁଏ । ମକର ପରେ ଭୂମିଜମାନେ ପୁନର୍ବାର ଜଙ୍ଗଲକୁ ଯିବା ପୂର୍ବରୁ ଏହି ପୂଜା କରାଯାଇଥାଏ । ଜଙ୍ଗଲରେ ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା ପାଇବାପାଇଁ ଏହି ପୂଜା ଗ୍ରାମ ଠାକୁରାଣୀଙ୍କ ଠାରେ କରାଯାଏ । ଏଥିରେ ପ୍ରଥମେ ଧର୍ମ ଦେବତାଙ୍କ ପାଇଁ ଧଳା କୁକୁଡ଼ା ଓ ଗ୍ରାମ ଦେବୀଙ୍କ ପାଇଁ ନାଲି ରଙ୍ଗର ଗଞ୍ଜା ପୂଜାରେ ଲାଗେ । ଭୂମିଜ ତଥା ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟରେ ମକରଠାରୁ ନୂଆ ବର୍ଷ ହୁଏ । ତେଣୁ ସେହିଦିନ ଠାରୁ ବର୍ଷକଯାକ ସମସ୍ତେ ଭଲରେ ରୁହନ୍ତୁ ତଥା ଗ୍ରାମରେ କୌଣସି ପ୍ରକାର ମାରାତ୍ମକ ରୋଗ ଯଥା- ହଇଜା, ମିଳିମିଳା, ବସନ୍ତ ଇତ୍ୟାଦି ନ ହେଉ, ଏହି ଉଦ୍ଦେଶ୍ୟରେ ଗ୍ରାମ ଦେବୀଙ୍କ ପାଖରେ ପ୍ରତ୍ୟେକ ବର୍ଷ ମାଘ ମାସରେ ଥରେ ମାଗ୍ ବଙ୍ଗା ହୋଇଥାଏ । ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ପୂଜା ହୁଏ । ଅର୍ଥାତ୍ ମାଗ୍ ବଙ୍ଗା ସମସ୍ତ ଗ୍ରାମବାସୀ ମିଶି କରିଥାନ୍ତି । ପୂଜାର ସାତଦିନ ଭିତରେ ଦାଃ ଦଲମ୍ ଅର୍ଥାତ୍ ମାନସିକ କରି ରଖନ୍ତି ଏବଂ ପରବର୍ତ୍ତୀ ମାଘ ମାସରେ ପୁନଶ୍ଚ ମାଘ ପୂଜା ବା ମାଗ୍‌ବଙ୍ଗା ହୋଇଥାଏ ।

## ବୁରୁବଙ୍ଗା

ବୁରୁବଙ୍ଗା ଭୂମିଜ ସଂପ୍ରଦାୟର ବଡ଼ ଇଷ୍ଟ ଦେବତା । ଏହି ଦେବତାଙ୍କ ପୂଜା ମାର୍ଗଶୀର ଓ ପୌଷ ମାସରେ କରାଯାଇଥାଏ । ଏହି ପୂଜା ଘରର ଧନ ସଂପଦ, ଶାରିରୀକ

ସୁସ୍ଥତା ତଥା ଦୈନନ୍ଦିନ ଜୀବନର ସମସ୍ତ କର୍ମ ତଥା ଜିନିଷକୁ ସୁରକ୍ଷିତ ରଖି ସୁଖ ଶାନ୍ତିରେ ଜୀବନ ଅତିବାହିତ କରିବାପାଇଁ ଉଦ୍ଧିଷ୍ଟ । ଚାଷବାସ ଠାରୁ ଆରମ୍ଭକରି ଗୋରୁ ଗାଈ ପର୍ଯ୍ୟନ୍ତ ଭଲରେ ରୁହନ୍ତୁ । ଏହି ଉଦ୍ଦେଶ୍ୟରେ ଘରର ବଡ଼ ଦେବତା ବୁରୁବଙ୍ଗାକୁ ପ୍ରତ୍ୟେକ ବର୍ଷ ମାର୍ଗଶୀର ବା ପୌଷ ମାସରେ ପୂଜା କରାଯାଇଥାଏ । ଏହି ପୂଜା ଦୁଇ ଥର ହୁଏ, ଯଥା:- ବନ୍ଦାଣ ସମୟରେ ଗୋରୁ ଗୁହାଳରେ ଏବଂ ମାର୍ଗଶୀର ପୌଷରେ ଘର ବାହାରେ ପୂଜା କାରାଯାଇଥାଏ । ଏହି ପୂଜାରେ ଗୋଟିଏ ନାଲି ଗଞ୍ଜା ଲାଗିଥାଏ । ଅରୁଆ ଚାଉଳ ଓ ସିନ୍ଦୁର ତଳେ ପକାଯାଏ । କୁକୁଡ଼ାଟି ସେଗୁଡ଼ିକ ଖାଇ ସାରିବାପରେ ତା'ର ବେକ ମୋଡ଼ି ବଳି ଦେଇ ତାର ମାଂସ ଖାଆନ୍ତି । ଏହି ପୂଜା ବ୍ୟକ୍ତିଗତ ଭାବେହୁଏ ଏବଂ ଭୋଗ ମାଂସ କେବଳ ଘର ଲୋକହିଁ ଖାଇ ଥାଆନ୍ତି ।

## କାରାମ୍ ବଙ୍ଗା (କରମ୍‌ପୂଜା) :

କାରାମ ବଙ୍ଗା (କରମ୍ ପୂଜା ) ମୁଖ୍ୟତଃ ଦୁଇ ପ୍ରକାର :-

୧- ଅଲାଃ କାରାମ୍ (ଘରୋଇ କରମ୍‌ପୂଜା)

୨- ହାଟିଆ କାରାମ୍ ବା ଡାଙ୍ଗୁଆ କାରାମ୍ (ସମ୍ମିଳିତ କରମ୍ ପୂଜା)

୧- ଅଲାଃ କାରାମ୍ (ଘରୋଇ କରମ୍ ପୂଜା) :-

କାରମ ପୂଜା ଭାଦ୍ରବ ଏକାଦଶୀରୁ ଆରମ୍ଭ କରି କାର୍ତ୍ତିକ ପୁନେଇଁ ପର୍ଯ୍ୟନ୍ତ ହୋଇଥାଏ । କାରମ ପୂଜା ବିଶେଷକରି ଗୁରୁବାର ଓ ମଙ୍ଗଳବାରରେ ହିଁ ହୁଏ । ଅଲାଃ କାରାମ କହିଲେ ଯାହା ଘରେ କରମ ଦେବତା ଥାଆନ୍ତି ସେମାନେ ଯେଉଁ କାରମ ପୂଜା କରନ୍ତି ତାହାକୁ ଅଲାଃ କାରମ୍ ବା ଘରୋଇ କାରମ ପୂଜା କୁହାଯାଏ । କରମ ପୂଜା ପୂର୍ବରୁ ପ୍ରଥମେ ତାହା ପୂର୍ଣ୍ଣିମାରେ ଦିଆ ଉଡୁ ବା ବାବା ବାହାର କରିଆନ୍ତି । ଅର୍ଥାତ୍ ଯାହାର କରମ ପୂଜା କରିବାର ଥାଏ, ସେମାନେ ଗହ୍ମା ପୂର୍ଣ୍ଣିମାଦିନ ପ୍ରଥମେ ଘର ବାହାରେ ଲିପା ପୋଛା କରି ରାତିରେ ଗୋଟିଏ ଦୀପ ଲଗାଇ ଘର ବାହାରେ ରଖନ୍ତି । ଗ୍ରାମର ଯୁବକ ଯୁବତୀଙ୍କୁ ନିମନ୍ତ୍ରଣ କରି ଅଧରାତି ପର୍ଯ୍ୟନ୍ତ ନାଚ ଗୀତର ଆୟୋଜନ କରିଥାନ୍ତି । ସେଇ ବର୍ଷ ସେ କରମ ପୂଜା କରିବେ ବୋଲି କରମ ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପଟି ବାହାର କରିଥାଏ ।

ଭାଦ୍ରବ ମାସର ଏକାଦଶୀର ତିନିଦିନ ପୂର୍ବରୁ ତିନୋଟି ଅବିବାହିତା ଝିଅଙ୍କୁ ନେଇ ବା ଡାଲାରେ ବାଲି ଉଠାକାର୍ଯ୍ୟ କରିଥାନ୍ତି । ଜଣେ ଖଟୁଲି ଧରିଥାଏ । ଅନ୍ୟ ଜଣେ ଡାଲା ଧରିଥାଏ ଓ ତୃତୀୟ ଜଣକ ଗାଣ୍ଡୁ (ପିଢ଼ା) ଧରେ । ସେମାନେ ଗ୍ରାମବାସୀଙ୍କ ଗହଣରେ ପୋଖରୀ ବା ନଦୀକୁ ଯାଇ ଗାଧୋଇ ସାରିବା ପରେ ସମସ୍ତ ଜିନିଷକୁ ପାଣିରେ ଧୋଇଥାନ୍ତି ।

ଇଦିକାତେ ସେନଃ ମେୟୁ ଇନା ତାୟମ୍ କରମା, ବାର କାଣାସ ଟାକାକ ପଟଂ କାତେ ସେନ୍ ସେଟେର୍, କେଦ୍ କିୟା ବିଞ୍ଜକେ ବିଞ୍ଜାଏ ମେନ୍ କେଦାଃ ଚେଲେ ଆଞ୍ଜାଃ କାଜିଦମ୍ ଉଦ୍‌ବାଲି ଆଚି କାଗେ, କରମା ମେନ୍‌କେ ଦାଃ ହେ ଉଦୁବାଲି ଆଞ୍ଜ, ମେନଦ୍ ଆମ୍‌ମା, ମାରାଂ ମାରାଂ ଅଳାଃରେ ହନ୍ କିମିନ୍ କମ୍ । ଜମ୍ ତାଦ୍ କ ଆ ଇନାତେମ୍ ପାପ୍ ଆକାନା ଆମ ତାଃରେ ବାର୍ ଘାଘରା ଟାକା ପଏସା ମେନାଃ । ଇନାକଗେ ଦାନ୍ ଦକ୍ଷିଣା ଗେମ୍ ବିଞ୍ଜ ଏ ମେନ୍ କେଦାଃ ଅକାରେଞ୍ଜ ନାମ୍ କଆ କାମଣେ ଅକାରେଞ୍ଜ ନାମ୍ କଆ ବୁଝୁଂ । ଆମ୍‌ଗେ ଆଞ୍ଜାବାମଣେ ଆମ୍‌ଗେ ବୁଝୁଂ ଯ ଇନାକ୍ ଆମ୍ ଗେ ପଟଂ ଇଦ୍ ଗେମ, ଇନା ତାୟମ୍, କରମା ଇନାକ ପଟଂ ଇଦି କାତେ ସେନ୍ ସେଟେର କେଦାଃ । ଜାନୁମ୍ ଦୁମ୍ବା ତେ ଜାନୁମ୍ ଦୁମ୍ବା କରମା କେ ଲେଲ୍ କାତେଃ କୁଲି ଯିଆଃ । ଚେଲେ ଆଇଁଞ୍ଜା ଆର୍ଜି ଦମ୍ ଉଦୁବାଲିଆଚି କାଗେ, କରମା ମେନ କେଦାଃ ଆମାଃ କାଜି ଦଞ୍ଜ ଉଦୁବାଲିଆ, ମେନ୍‌ଦ ଆମ୍‌ସା ତାଲା ହରାରେ ହଲ କକେମ୍ ଏସେଦ୍ ଯାଦ୍ କଆ ଇନାତେ ଆମ୍‌କେଦ ପାପ୍ ହଇୟା କାନା । ଯୁ ଆମ୍ ତାଃରେ ଅକା ମଦ୍ ଘାଘାରା ଟକା ମେନାଃ ଇନାକ ବାମଣେ ବୁଝୁଂ କ ଦାନ ଆକେକରମ୍ ଆମାଃ ପାପ ଛାବାଆ, ଜାନୁ ଦୁମ୍ବା ମେନ୍ କେଦାଃ । ଅକାରେଞ୍ଜ ନାମ୍ କଆ ବାମଣେ ଅକାରେଞ୍ଜ ନାମ କଆ ବୁଝୁଂ । ଆମ୍‌ଗେ ଆଞ୍ଜାଃ ବାମଣେ ବୁଝୁଂ ନିୟା କଦ ଇଦି ମେମ୍ । ଇନା ଟାକାକ ପଟମ୍ କାତେ । ହରାଃ ସେନ୍ କେଦାଃ ନାମ କେଦା ସାଦମ୍ ଗଟ୍ । ସାଦମ୍ ଗଟ୍ କରମା କେ ଲେଲ୍ କାତେ କ କୁଲି ଯିଆ ଆଲେୟା କାଜି ଦମ୍ ଉଦୁବାଲି ଆଚି କାଗେ । ଲେ ଆପେୟାଃ କାଜିଦଞ୍ଜ ଉଦୁବାଲିଆ ମେନ୍ ଦ ବୁଗି ଯୁଦା ହଲ ଆପେୟାଃ ଚେତାନ୍‌ରେ ଦେଃ ନାତେନ୍ କ ହିଜୁଃ ଗାଃ ମେନ୍ ଦ, ଆପେ ଆକକ କେ, ହୁଆବ କ ଆପେ । ଆରପେ ପାଂଦା କଆ ଇନା ପାପ୍ ନୁରୁଆ କଦ୍ ପେୟା ଇନାତେ ଆପେ ତାଃରେ ଅକାବାର କାଣାସା ଟାକା ମେନାଃ ଇନାକ୍ ଦାନ ଗେପେ ଓ ସାଦମ୍ ଗଟକ ମେନ୍ କେଦାଃ ଆଗାରେଲ ନାମ ଗିୟା ବାମଣେ ଆକାରେଲ୍ ନାମ୍ ଗିୟା ବୁଝୁଂ ଆମ୍‌ମେ ଆଲେୟାଃ ବାମଣେ ବୁଝୁଂଦ । ଇନାକ ପଟମ କାତେ ଆମ୍‌ଗେ ଇଦି ଗେମ୍, ଇନାକ ପଟମ୍ କାତେ, କରମା ସେନଃ ରୁଆଲ ଯାନା । ହରାରେ ନାମ କେଦାଃ ଗଞ୍ଜୋଇ ସେଙ୍ଗେଲ ଏ ମେନ୍ ଯାଦା ଚେଲେ ଆଞ୍ଜାଂ କାଜିଦମ୍ ରଦୁବା ଲିଆଚି କାଗେ ହେ ଉଦୁବାଲିଆ ଞ୍ଜ । ମେନ୍ ଦ ଆମାଃ ଆମ୍‌ମା ତ୍ରେତୟା ଯୁଗରେ ପ୍ରଭୂ ରାମଚନ୍ଦ୍ର ଆଃ ମାଗାଃ ଡିମ୍ ଲଃ ଲାଃ ଏ ଇନା ପାପଂ ଆମ୍ କେଦ ଟଗା କାଦ୍ ମେୟା ଆମ୍ ତାଃରେ ଅକା ବାର କାଣାସା ଟାକା ମେନାଃ ଇନାକ୍ ଦାନ୍ ଗେମ୍ ଯୁ ଆମାଃ ପାପ ଚାବାଓ୍ୱା । ସେଙ୍ଗେଲେଃ ମେନ୍ କେଦାଃ ଅକାରେଦ୍ ଞ୍ଜ ନାମ୍ କଆ ବାମତେ ବୁଝୁଂ । ଆମଗେ ଆୟଇ ବାମ୍‌ଣେ ଆମଣେ ଆଞ୍ଜା ବୁଝୁଂ ଇନାଟାକାକ ପଟମ୍ କାତେ ଆସଗେ

ଇଦିଃ ମେୟୁ । କରମା ଇନାଟାକାକ ଇଦିକାତେ ମେନ୍ କେଦାଃ, ତାବେନ୍ ଗୁଲୁ ବୁଢ଼ି ତାଃ, ତାବେନ୍ ଗୁଲୁ ବୁଢ଼ି କରମା କେ ଲେଲ କାତେବ କୁଲି କିଆ, ଚେଲେ ଆଞ୍ଜ ଆର୍ଜିଦମ୍ ଉଦୁବାଲିଆଡି କାଗେ, ହେଗା ଉଦୁବାଲିଆଞ୍ଜ ମେନ୍ ଦ, ଆମାଃ ହଲକମ୍ ହିଲିଃ କଆ ମାରାଃ କାଠାଇତେ ବାବା ଇଦି କାତେ ହୁନିଂ କାଠାଇତେ ତାବେନ୍ ଏମ୍ ଅମା କଆ ଇନାତେ ଆମ୍ଦ ଇନା ମେୟାଃ ପାପ୍ ଉନୁର୍ ଆକାକ୍ ମେୟା । ଯୁ ଆସତାଃରେ ଉପୁନ୍ କାଣସା ଟାକା ପଇସା ମେନାଃ ଇନାକ୍ ଦାନ ଦକ୍ଷିଣା ଗେମ୍ । ତାବେନ୍ ଗୁଲୁ ବୁଢ଼ି ମେନ୍ କେଦାଃ । ଅକାରେଞ୍ଜ ନାମ ଗିଆ ବାମଣେ ଅକାରେଞ୍ଜ ନାମ୍ ଗିଆ ବୁଷ୍ଟୁଂ । ଆମ୍ଗେ ଆଞ୍ଜ ବାମଣେ ବୁଷ୍ଟୁଂ । ଇନାକ୍ ଝଡ୍ ପଟମ୍ ଇଦି ଗେମ୍, ଇନାକ୍ ଝଡ ପଟମ୍ କାତେ କରମା ହରାଃ ମେନ୍ କେଦାଃ ନାମ କେଦାଃ ଗାଇଗଟ୍ - କରମା କେ, ଲେଲ୍ କାତେ ଗାଇ ମେନ୍ କେଦାଃ ଚେଲେ ଆଞ୍ଜା କାଜିଦମ୍ ଉଦୁବାଲି ଆଚି କାଗେ । ହେଞ୍ଜ ଉଦୁବାଲିଆ ମେନ୍ଦ ବୁଗି ଯୁଦା ହଲକ ଆମ୍ତାଃ ଚୱାନୁ ଯତେନ୍ କ ହିଜୁରେମାଃ ପାଂଦାକଆମ୍ ଇନା ପାପ୍ଗେ ଆମଦ ନୁରା କାଦ୍ ମେୟା, ଆମ୍ ତାଃରେ ମଦ୍ କାଣାଗା ଟାକା ମେନାଃ ଯୁଇନାକ୍ ଦାନ୍ ଦକ୍ଷିଣା ଗେମ୍, ଆମାଃ ପାପ୍ କାଟାୱା, ଗାଇ ମେନ୍ କେଦାଃ ଅକାରେଦଞ୍ଜ ନାମ୍ କଆ ବାମଣେ ବୁଷ୍ଟୁଂ, ଆମଗେ ତାଞ୍ଜା ବାମଣେ ବୁଷ୍ଟୁଂ ଦ ଆମ୍ଗେ ନିୟା ଟାକାକ ପଟମ୍ ଇଦିଗେମ୍, କରମା । ଇନା ଟାକାକ ପଟଂ କାତେ ହରାଃ ମେନ୍ ନାମ୍ କେଦାଃ ମଇଷି ଗଚ । କରମାକେ ଲେଲ୍ କାତେ ମଇଷି ମେନ୍ କେଦାଃ, କାନାଃ ଆଞ୍ଜାଃ ଆଜିଦମ୍ ଉଦୁବାଲି ଆଜି କାଶେ । ଆମାଃ ଅର୍ଜିଦ୍ ମାଣାଇଞ୍ଜ ଉଦୁବାଲିଆ ମେନ୍ଦ । ଆମ୍ ତାଃ ମା ହଲ ତଆ ନୁ କ ହିଃ ଯାନାରେ ଦୁଆଃ କ ଆମ୍ ପାଂଦା କଆମ୍ ଇନା ପାପ୍ ଗେ ଆମଦ ହୟୁଗା କାଦ୍ମେୟା । ଆମ୍ ତାଃରେ ଅକାମଦ୍ କାଣାଷା ଟାକା ମେନାଃ ଯୁ ଦାନ ଦକ୍ଷିଣା ଗେମ୍ ଆମାଃ ପାପ୍ କଟାୱା, ମଇଷିଃ ମେନ୍ କେଦାଃ ଅକାରେଞ୍ଜ ନାମ ଗିଆ ବାମଣେ ଅକାରେଞ୍ଜ ନାମ୍ଗିଆ ବୁଷ୍ଟୁଂ ଆମ୍ଗେ ଆଞ୍ଜା ବାମଣେ ବୁଷ୍ଟୁଂ ଦ । ଆମ୍ଗେ ନିୟା ଟାକା କଦ୍ ପଟଂ କାତେ ଇଦିକେମ୍ । ଇନା ତାୟମ୍, କରମା ଇନାକ୍ ପଟଂ କାତେ ହରାଃ ସେନ୍ କେଦା । ହରାରେ ନାମ କେଦାଃ ପୋଖରୀ । ପୋଖରୀ କରମା କେ ଲେଲ କାତେ ମେନ୍ କେଦା ତେଲେଗା ଆଞ୍ଜ କାନିଦମ୍ ଉଦୁବ୍ ଲାଃ ଚି କାଗେ । କରମା ମେନ୍ କେଦାଃ ଆମାଃ କାଜିଦ ମାଣାଂ ଗେଞ୍ଜ କାଜି ଜେଦା ମେନଦ୍ ଆମାଃ ପୁଖୁରୀରେ କିମିନ୍ କରେ ରେୟା ଳେନ୍ କ ହିପୁଃ ରେ ମା ଉନୁମ୍ କଥା । ଇନା ପାପଗେ ଆମ୍ କେଦ୍ ନାମ ତେଦା ମେୟା । ଯୁ ଆମ ତାଃ ରେ ଅବା ଚାରି କୁଣରେ ଚାରୀ କାଣାସା ଟାକା ମେନାଃ ଦାନ ଦକ୍ଷିଣା ଗେମ୍ ଆମାଃ ପାପ୍ କଟାୱା ପୋଖରୀ ମେନ୍ କେଦା ଅକାରେଞ୍ଜ ନାମ୍ କଆ ବାମଣେ ବୁଷ୍ଟୁଂ । ଆମ୍ଗେ ଆଞ୍ଜା ବାମଣେ ବୁଷ୍ଟୁଂ ଦ ଆମ୍ଗେ ଇନା ଟାକାକଦ୍ ଇଦିଗେମ୍ । ଇନା ତାୟମ୍

କରମା ଟାକାକ ପଟଂ ଇଦିକାତେ ହରା ସେନଃ କେଦାଃ ନାମ୍ କେଦାଃ । ବାକାର ଦାରୁ, ବାକାର ଦାରୁ କରମା କେ ଲେଲ୍ କାତେ ମେତାଇ ତାନା । ଚେଲେଗା ଆଞ୍ଜା ଆର୍ଜିଦମ୍ କାଜି ଆଲି ଆଚି କାଗେ । କରମାଃ ମେନ୍ କେଦା ଆମାଃ ଆଜି ମାଣାଂ ଗେଞ୍ ଉଦୁବାଲିଆ । ମେନ୍ ମା, ଆମାଃ ଜଅ, ଜମ୍ ନାତେନ୍ ହଳକ ହିତୁଃ ରେମା ଝତ ଜଅ କମ ପକା ହାନ୍ତାଳ ତାଃ । ଇନା ପାପ୍ ଗେ ଆମ୍ କେଦ ନୁରା କାଦ୍ ମେୟା, ଯୁ ଆମ୍ ତାଃ ରେ ଅକାମଦ୍ କାଣାସା ଟାକା ମେନାଃ, ଇନାକ ଦାନ ଦକ୍ଷିଣା ଗେମ୍ ଆମାଃ ପାପ କଟାଓ୍ୱା - ବାକାର ଦାରୁ ମେନ୍ କେଦାଃ ଅକାଆ ରେଞ୍ଜ ନାମ୍ କଆ ବାମଣେ ବୁଷ୍ଟୁଂ, ଆମ୍ ଗେ ଆଞ୍ଜା ବାମଣେ, ଆମ୍ଗେ ତାଞ୍ଜା ବୁଷ୍ଟୁଂ, ନିୟା ଟାକା କଦ ଆମଗେ ଇଦିଃମେ ଯୁ, କରମା ଇନା ଟାକାକ ପଟଂମ୍ କାତେ ସେନ୍ କେଦାଃ ହରାରେ ଲଅା ଦାରୁଃ ନାମ୍ କେଦାଃ । ଲଆ ଦାରୁ କରମାକେ ଲେଲ୍ କାତେ, ଇସୁ ରାସିକା କାତେ । କରମାଃ କେ କୁଲି କିୟାଃ, ଚେଲେଗାଃ ଆଞ୍ଜାଃ ଆର୍ଜିଦମ୍ ଉଦୁବାଲିଆଚି କାଗେ । କରମାଃ ମେନ୍ କେଦାଃ ଆମା ଆର୍ଜି ଦାରାଂ ମାଣାଂ ଇଞ୍ଜ ଉଦୁବାଲିଆ । ମେନମା ହଳକ ଆମତାଃ ଲଆ ଜମକ ହିଜୁଃ ରେମା ଜତଜଅ କମ ପକା ଚାବାୟା । ଇନାତେ ଇନା ରେୟା ପାପ୍ଗେ ଆମଦ ଉୟୁଗା କାଦ୍ମେୟା । ଇନାତେ ଆମାତାଃରେ ଅକାମଦ୍ କାଣାଶା । ଟାକା ମେନାଃ ଇନାକ୍ ଦାନ ଦକ୍ଷିଣା ଗେମ୍ ଯୁ ଆମାଃ ପାପ କଟାଓ୍ୱା ଲଆ ଦାରୁଃ ମେନ୍ କେଦା ଅକାରେଞ୍ଜ ନାମ ଗିୟା ବାମଣେ ଅକାରେଞ୍ଜ ନାମ ଗିୟା ବୁଷ୍ଟୁଂ । ଆମଗେ ଆଞ୍ଜ ବାମଣେ ବୁଷ୍ଟୁଂ ଦ ଆମ୍ ଗେ ନିୟା ଟାକା କଦ ଇକିଗେମ୍ ଯୁ । କରମା ଝତ୍ ଟାକା କ ପଟମ୍ କାତେ ସେନ୍ କେଦା କିଛି ସମୟ ହୁବ୍ ଜିରାଓ୍ୱ କାତେ, ଅଳା ତେଃ ସେଟେର ଯାନାଃ । ଚିମ୍ ତୁଂ ଭାଦର ଚାଣ୍ଡୁ ଏକାଦଶୀ ସେଟେର ଯାନା କରମା ଆଦଦିନ୍ ମାଣାରେ, ରେୟାଳ କାତେ ଡାଙ୍ଗୁଆ କୁଲିହନକ ଜାଓ୍ୱା ହାଉରୁ ଇଚି କେଦ୍ କଆ, ତାର ଗାପା ତେରେ ପେଲା ବନ୍ଧୁ କେ ରାଃ କାତେ ଜାଓ୍ୱାକ ଜାଗାଓ୍ୱା କେଦାଃ । ଏକାଦଶୀ ହିଲାଂଦ କାରାମ୍ ବାରିଆ ମାଃ ଆଉ କାତେ ବାହାରେ କାରାମ୍ ଏ ବିଦ୍ କେଦା । ସୁସୁନ୍ ଦୁରାଂତେ, ଆଖାଳା ଜମ୍ କାଓ୍ୱ କାତେକ ଆଂ କେଦାଃ । ଏନ୍ ହୁଲାଂଆ ତେୟାଦ୍ ଆବୁ ଝତ୍ କାରାମ୍ ବୁନ୍ ବଙ୍ଗା ତାନା ନିୟାଗେ ଆବୁ ମୁଣ୍ଡାରୀ ସମାଜରେୟା ମିରିତିକା ସିର୍ଜନ ଦବୁନ ମେତାଃ ।

# ପୃଥିବୀର ସୃଷ୍ଟି

ପୂର୍ବେ ସ୍ୱର୍ଗପୁର ଓ ପାତାଳପୁର ଥିଲା । ମର୍ତ୍ତ୍ୟପୁର ନଥିଲା । ଏବେ ଯେଉଁଟା ମର୍ତ୍ତ୍ୟପୁର ହୋଇଛି ସେଇଟା କେବଳ ସମୁଦ୍ର ଥିଲା । ସେହି ସମୁଦ୍ରରେ କେବଳ ପଦ୍ମବନ ଭରି ରହିଥିଲା । ସେତେବେଳେ ସ୍ୱର୍ଗପୁରରେ ଠାକୁର, ଠାକୁରାଣୀ ଥିଲେ । ଠାକୁର ସବୁଦିନେ ବୁଲିବାକୁ ଯାଆନ୍ତି । ଦିନେ ଠାକୁର ବୁଲିବାକୁ ଯାଇଥିଲେ । ବାହୁଡ଼ିବା ବେଳେ ଠାକୁର ସମୁଦ୍ରରେ ସ୍ନାନ କଲେ । ସ୍ନାନ କରିସାରି ନିଜ ଶରୀରରୁ ଦୁଇଟା ହଂସ ଓ ହଂସୁଲୀ ତିଆରି କରି ସେମାନଙ୍କୁ ଜୀବଦାନ ଦେଲେ । କିଛିଦିନ ପରେ ହଂସ ଓ ହଂସୁଲୀ ବଡ଼ ହୋଇଗଲେ । ବଡ଼ ହୋଇ ସମୁଦ୍ର ଜଳରେ ପହଁରିବାକୁ ଲାଗିଲେ । ତାପରେ ଅନେକ ଦିନ ବିତିଗଲା । ହଂସୁଲୀ ଦୁଇଟା ଡିମ୍ବ ଦେଲା । ଡିମ୍ବ ଦୁଇଟି ଫାଟିବାରୁ ସେଥିରୁ ଦୁଇଟି ମଣିଷ ଛୁଆ ବାହାରିଲେ । ମଣିଷ ଛୁଆ ଦୁଇଟାକୁ ପଦ୍ମପତ୍ର ଉପରେ ଶୁଆଇ ଦେଲେ । ଦିନେ କ'ଣ ହେଲା ନା, ମଣିଷ ଛୁଆ ଦୁଇଟା କାନ୍ଦି ଉଠିଲେ । ଠାକୁରାଣୀ ସ୍ୱର୍ଗ ପୁରରେ ଏମାନଙ୍କର କ୍ରନ୍ଦନ ଶୁଣିବାକୁ ପାଇଲେ । ଠାକୁର ଭ୍ରମଣରୁ ଫେରିବା ପରେ ଠାକୁରାଣୀ ଠାକୁରଙ୍କୁ କହିଲେ, ''ହେ ଠାକୁର ଆଜି ସମୁଦ୍ରରେ ମଣିଷ ଛୁଆ ଦୁଇଟା କାନ୍ଦିବାର ମୁଁ ଶୁଣିଲି ।'' ଠାକୁର କହିଲେ- ''ତୁମେ ସ୍ତ୍ରୀ ଲୋକ ଗୁହାଳ ଘରେବସି ସବୁ ପ୍ରକାର କଥା ଶୁଣିବାକୁ ପାଅ, ମୁଁ ସବୁଆଡ଼େ ବୁଲି ଆସିଛି, କେଉଁଦିନ କିଛି ଦେଖିନାହିଁ କିବା ଶୁଣିନାହିଁ ।'' ଏହିପରି କହି ଠାକୁର ଠାକୁରାଣୀଙ୍କ କଥାମାନିଲେ ନାହିଁ ।

ତାପରେ ଠାକୁରାଣୀଙ୍କର କ'ଣ ମନ ହେଲା ସେ ଦୁଇଟା କାମଦୁଣୀଙ୍କୁ ସମୁଦ୍ରକୁ ଦେଖିବାକୁ ପଠାଇଲେ । କହିଲେ ଯାଅ ନାତୁଣୀ ! ମୁଁ ଯେ ସମୁଦ୍ରରେ ମନୁଷ୍ୟ ଛୁଆର କାନ୍ଦଣା ସ୍ୱର ଶୁଣିଥିଲି ତମେ ଯାଇ ତାହା ସତ କି ମିଛ ଦେଖିଆସ । କାମଦୁଣୀ ଦୁଇଜଣ ସମୁଦ୍ରକୁ ଆସିଲେ ଏବଂ ସର୍ବତ୍ର ବୁଲି ଦେଖିଲେ ଯେ ଗୋଟିଏ ପଦ୍ମପତ୍ରରେ ଦୁଇଟା ମଣିଷ ଛୁଆ ଶୋଇଛନ୍ତି । ଦୁଇଟା ହଂସ ହଂସୁଲୀ ସମୁଦ୍ର ଜଳରେ ପହଁରୁଛନ୍ତି । ତାପରେ କାମଦୁଣୀ ଦୁଇଜଣ ସ୍ୱର୍ଗପୁରକୁ ଫେରିଗଲେ । ସ୍ୱର୍ଗପୁରରେ ଠାକୁରାଣୀ କାମଦୁଣୀ ଦୁଇଜଣଙ୍କୁ ପଚାରିଲେ ''ତୁମେ ଯେ ସମୁଦ୍ରକୁ ଯାଇଥିଲ ସେଠାରେ କିଛି ଜିନିଷ ଦେଖିଲ'' ? ଉତ୍ତରରେ କାମଦୁଣୀ ଦୁଇଜଣ କହିଲେ- ''ହେ ଠାକୁରାଣୀ ! ସମୁଦ୍ରରେ ଆମେ ଦେଖିଲେ ଗୋଟିଏ ପଦ୍ମ ପତ୍ରରେ ଦୁଇଟା ମନୁଷ୍ୟ ଛୁଆ ଶୋଇଛନ୍ତି । ଗୋଟିଏ ପୁଅ ଏବଂ ଅନ୍ୟଟି ଝିଅ । ଦୁଇଟା ହଂସ ହଂସୁଲୀ ମଧ୍ୟ ସମୁଦ୍ର ଜଳରେ ପହଁରୁଛନ୍ତି ।''

ଏହି ସମୟରେ ଠାକୁର ବୁଲିବାକୁ ଯାଇଥିଲେ । ଯେତେବେଳେ ସେ ଘରକୁ ଫେରିଲେ ଠାକୁରାଣୀ ଠାକୁରଙ୍କୁ କହିଲେ- ‘‘ହେ ଠାକୁର ! ମୋ କଥା ତୁମେ ମାନିବନି କିନ୍ତୁ ମୁଁ ମଣିଷ ଛୁଆଙ୍କୁ ଦେଖି ଆସିଲି । ସେ ସବୁ ସତ ।’’ ଠାକୁର ଏକଥା ଶୁଣି ଠାକୁରାଣୀଙ୍କୁ କହିଲେ ‘‘ତା ହେଲେ ଛୁଆ ଦିଟାକୁ ଆଣ ।’’ ଠାକୁରାଣୀ ସେଇ କାମତୁଣୀ ଦୁଇଜଣଙ୍କୁ ଡକାଇ କହିଲେ - ‘‘ତୁମେ ଦୁଇଜଣ ସମୁଦ୍ରକୁ ଯାଅ । ଯେତବେଳେ ହଂସ ହଂସୁଲୀ ଦୁଇଜଣ ଦୂରକୁ ଚରିବାକୁ ଯାଇଥିବେ ତୁମେ ସେଇ ସମୟରେ ଛୁଆ ଦିଟାଙ୍କୁ ଗାମୁଛାରେ ବାନ୍ଧି ସ୍ୱର୍ଗପୁରକୁ ନେଇ ଆସିବ ।’’ ଆଦେଶ ପାଇ କାମତୁଣୀ ଦିଜଣ ସମୁଦ୍ରକୁ ଗଲେ ଏବଂ ଓର ଉଣ୍ଡି ମଣିଷ ଛୁଆ ଦି’ଟାଙ୍କୁ ଗାମୁଛାରେ ବାନ୍ଧି ସ୍ୱର୍ଗପୁରକୁ ନେଇ ଆସିଲେ । ସ୍ୱର୍ଗରେ ମଣିଷ ଛୁଆ ଦିଟାଙ୍କୁ ଠାକୁର ଠାକୁରାଣୀ ରଖିଲେ । ଖାଇବାପାଇଁ ଦୁଧ ଏବଂ ମାଖିବାପାଇଁ ତେଲ ହଳଦୀ ବରାଦ କଲେ । ଏହିପରି ଅନେକ ଦିନ ବିତିଗଲା । ଏ ଭିତରେ ଛୁଆ ଦିଟା ବାରବର୍ଷର ହୋଇଗଲେ । ଠାକୁର ଠାକୁରାଣୀ- ‘‘ଛୁଆଦିଟାତ ବଡ଼ ହୋଇଗଲେଣି । ଏମାନଙ୍କୁ କେଉଁଠି ରଖାଯିବ’’? ଶେଷରେ ଠାକୁର ଠାକୁରାଣୀ ସିଦ୍ଧାନ୍ତ କଲେ ଯେ ସେମାନଙ୍କ ପାଇଁ ଗୋଟିଏ ମର୍ତ୍ତ୍ୟପୁର ତିଆରି କରିବେ ଏବଂ ସେଇଠି ସେମାନଙ୍କୁ ରଖିଦେବେ । କିନ୍ତୁ ମର୍ତ୍ତ୍ୟପୁର ତିଆରି କରିବାକୁ ମାଟି କେଉଁଠି ପାଇବେ । ତାପରେ ସ୍ୱର୍ଗଲୋକରେ ରହୁଥିବା ପାଞ୍ଚ ପଣ୍ଡିତସହ ନଅ ମନ୍ତ୍ରୀଙ୍କୁ ଡାକାଇ ପଠାଇଲେ । ପାଞ୍ଚ ପଣ୍ଡିତ, ନଅମନ୍ତ୍ରୀ ଡାକରା ପାଇ ଠାକୁର ଠାକୁରାଣୀଙ୍କ ନିକଟରେ ଉପସ୍ଥିତ ହୋଇ ଡାକରାର କାରଣ ପଚାରିଲେ । ଠାକୁର ଠାକୁରାଣୀ ସେମାନଙ୍କୁ ମାଟି କେଉଁଠି ମିଳିବ ପଚାରିଲେ । ସେମାନେ ଅନେକ ସମୟ ଚିନ୍ତା କରି କହିଲେ ଯେ ଠାକୁରେ ଯଦି କଙ୍କଡ଼ା ରାଜାଙ୍କୁ ରାଜି କରାନ୍ତେ ତେବେ ସେ ପାତାଳପୁରରୁ ମାଟି ଉଠାଇଆଣି ପାରିବେ । ପାତାଳ ପୁରରେ ହିଁ ମାଟି ଅଛି । ତାପରେ ଠାକୁରା ଠାକୁରାଣୀ କଙ୍କଡ଼ା ରାଜାଙ୍କୁ ଡାକି ପଠାଇଲେ । ଡାକରା ପାଇ କଙ୍କଡ଼ା ଆସିଲା । ଠାକୁର ଠାକୁରାଣୀଙ୍କୁ ପ୍ରଣାମ ଜଣାଇ ଡାକରାର କାରଣ ପଚାରିଲେ । ଠାକୁର ଠାକୁରାଣୀ କହିଲେ ‘‘ହେ କଙ୍କଡ଼ା ରାଜା ! ତୁମେ ତ ଜଳରେ ରହୁଛ, ପାତାଳ ପୁରକୁ ଯାଇ ମାଟି ଖାଉଛ ସେଠାରୁ ମାଟି ଉଠାଇ ପାରିବ କି ନାହିଁ ।’’

କଙ୍କଡ଼ା ରାଜା କହିଲେ- ‘‘ହଁ ଠାକୁର ଠାକୁରାଣୀ ଆପଣ ହୁକୁମ୍ ଦେଲେ ମୁଁ ମାଟି ଉଠାଇ ପାରିବି ତେବେ ଏଥିପାଇଁ ମୋତେ କି ଆଶୀର୍ବାଦ ଦେବେ କୁହନ୍ତୁ ।’’ ମାଟି ଉଠାଇ ଆଣିଲେ ଠାକୁର ଠାକୁରାଣୀ ଆଶୀର୍ବାଦ ଦେବେ ବୋଲି କହିଲେ । ଆଦେଶ ପାଇ କଙ୍କଡ଼ା ରାଜା ପାତାଳ ପୁରକୁ ମାଟି ଆଣିବାପାଇଁ ଗଲେ । ପାତାଳ ପୁରରେ ପହଞ୍ଚି କଙ୍କଡ଼ା ଗୋଡ଼ ସାହାଯ୍ୟରେ ମାଟି ଆମ୍ପୁଡ଼ି ଧରି ଉପରକୁ ଉଠିବାକୁ ଲାଗିଲା । ସମୁଦ୍ର ଭିତର କିଛି ଦୂର

ଆସିବା ପରେ ମାଟି ସବୁ ସମୁଦ୍ର ଜଳରେ ଧୋଇଗଲା । ଫଳରେ କଙ୍କଡ଼ା ପୁଣିଥରେ ପାତାଳ ପୁରକୁ ଯାଇ ଗୋଡ଼ରେ ମାଟିକୁ ଭଲ ଭାବରେ ଧରି ଉପରକୁ ଆଣିବାକୁ ଚେଷ୍ଟା କଲା । କିନ୍ତୁ ମାଟି ସବୁ ସମୁଦ୍ର ଜଳରେ ପୁଣିଥରେ ଧୋଇଗଲା । ଏହିପରି ବାରବାର ତିନିବାର ଧୋଇଗଲା ପରେ କଙ୍କଡ଼ା ରାଜା ହାଲିଆ ହୋଇ ମାଟି ଉଠାଇ ପାରିଲେ ନାହିଁ । ଠାକୁର ଠାକୁରାଣୀ କହିଲେ- ''ହଁରେ ତୁ ମାଟି ଦେଇ ପାରିଲୁନି କିନ୍ତୁ ଆଗ ଆଶୀର୍ବାଦ ନେଇଗଲୁ ।'' ଏହାକହି ଠାକୁର କଙ୍କଡ଼ା ପିଠିରେ ଖଡ଼ମ (କଠଉ) ଦ୍ୱାରା ଆଘାତ କଲେ । ଫଳରେ କଙ୍କଡ଼ା ପିଠିରେ ଖଡ଼ମର ଚିହ୍ନ ରହିଗଲା । ଲାଜରେ କଙ୍କଡ଼ା ରାଜା ନିଜ ପ୍ରାସାଦକୁ ଫେରିଗଲେ । ଦ୍ୱିତୀୟ ଥର ପୁଣି ପାଞ୍ଚ ପଣ୍ଡିତ ଓ ନଅ ମନ୍ତ୍ରୀଙ୍କୁ ଡକାଗଲା । ସେମାନଙ୍କୁ ଠାକୁର ଠାକୁରାଣୀ ପାତାଳପୁରରୁ ମାଟି କେମିତି ଉଠାଯାଇ ପାରିବ ବୋଲି ପଚାରିଲେ । ସେମାନେ କହିଲେ ହେ ପ୍ରଭୁ ! କଚ୍ଛପ ରାଜା ହିଁ କେବଳ ପାତାଳ ପୁରରୁ ମାଟି ଉଠାଇ ପାରିବ । ତାପରେ କଚ୍ଛପ ରାଜାଙ୍କୁ ଡକାଗଲା । କଚ୍ଛପ ରାଜା ଆସିବାରୁ ଠାକୁର ଠାକୁରାଣୀ ତାକୁ କହିଲେ ''ହେ କଚ୍ଛପ ! ତୁମେ ତ ସମୁଦ୍ର ଜଳରେ ରହୁଛ । ପାତାଳପୁରରୁ ଯାଇ ମାଟି ଉଠାଇ ଆଣି ପାରିବ ? କଚ୍ଛପ ହଁ କହିଲେ ଏବଂ ପଚାରିଲେ ପାତାଳ ପୁରରୁ ଯାଇ ମାଟି ଆଣି ଦେଲେ ତାକୁ କି ଆଶୀର୍ବାଦ ମିଳିବ ? ଠାକୁର ଠାକୁରାଣୀ କହିଲେ- ''ଆଗ ମାଟି ଉଠାଇ ଆଣ ତାପରେ ଆଶୀର୍ବାଦ ଦିଆଯିବ ।''

କଚ୍ଛପ ପାତାଳ ପୁରକୁ ଗଲା । ମାଟିକୁ ଚାରି ଗୋଡ଼ରେ ଜାବୁଡ଼ି ଧରି ସମୁଦ୍ରଭିତରେ କିଛିଦୂର ଉଠାଇ ଆଣିବା ପରେ ମାଟିସବୁ ସମୁଦ୍ର ଜଳରେ ଧୋଇଗଲା । ଏହିପରି ତିନିଥର ମାଟି ଉଠାଇଲା ଏବଂ ତିନିଥର ଯାକ ଧୋଇଗଲା । ବିଫଳ ହୋଇ କଚ୍ଛପ ଠାକୁର ଠାକୁରାଣୀଙ୍କ ପାଖକୁ ଫେରି ଆସିଲା । ଠାକୁର ଠାକୁରାଣୀ କହିଲେ- ''ରେ ପାପୀ ! ମାଟିତ ଉଠାଇ ପାରିଲୁ ନାହିଁ । ସେଥିରେ ପୁଣି ଆଗତୁରା ଆଶୀର୍ବାଦ ମାଗୁଥିଲୁ ।'' ଏହା କହି କଚ୍ଛପର ମଥାକୁ ମାଡ଼ି ଦେଲେ ଯେ କଚ୍ଛପଟା ଚେପେଟା ହୋଇଗଲା । ତାପରେ କଚ୍ଛପ ଲାଜରେ ନିଜ ଘରକୁ ଫେରିଗଲା ।

ତୃତୀୟ ଥର ପୁଣି ପାଞ୍ଚ ପଣ୍ଡିତ ଓ ନଅ ମନ୍ତ୍ରୀଙ୍କୁ ଡକରା ହେଲା । ଠାକୁର ଠାକୁରାଣୀ ସେମାନଙ୍କୁ କହିଲେ- ''ତୁମେ ସବୁ ଦରମା ଖାଇ ଅଛ ଭଲ କରି ଦେଖ ପାତାଳ ପୁରରୁ ମାଟି କିଏ ଉଠାଇ ପାରିବ ।'' ଏହା ଶୁଣି ସେମାନେ ଭୟ ପାଇଲେ ଏବଂ ଭଲ କରି ଦେଖି କହିଲେ କେଞ୍ଚୁଆ ରାଜାହିଁ ମାଟି ଉଠାଇ ପାରିବ । ତାପରେ କେଞ୍ଚୁଆକୁ ଡକାଗଲା ।

ସମୁଦ୍ର ଜଳରେ ବଡ଼ ବଡ଼ କେଞ୍ଚୁଆ ଥିଲେ । ସେମାନେ ଠାକୁର ଠାକୁରାଣୀଙ୍କ ପାଖକୁ ଆସିଲାରୁ ଠାକୁର ଠାକୁରାଣୀ କହିଲେ ''ତୁମେ ତ ସମୁଦ୍ର ଜଳରେ ଅଛ । ପାତାଳ ପୁରକୁ ଯାଇ ମାଟି ଉଠାଇ ଆଣି ପାରିବ ? କେଞ୍ଚୁଆ କହିଲେ ଠାକୁର ଠାକୁରାଣୀଙ୍କ ଆଶୀର୍ବାଦ ପାଇଲେ ସେ।ମନେ ପାତାଳ ପୁରରୁ ମାଟି ଉଠାଇ ଆଣି ପାରିବେ । ଠାକୁର ଠାକୁରାଣୀ ଆଗ ମାଟି ଉଠାଇ ଆଣିଲେ ତାପରେ ଆଶୀର୍ବାଦ ଦେବେ ବୋଲି କହିଲେ ।

ତାପରେ କେଞ୍ଚୁଆ ପାତାଳପୁରକୁ ଗଲା । ସେ ଏମିତି ମାଟି ଖାଇଲା ଯେ ପାହାଡ଼ ଉଙ୍କିଆ ମୋଟା ହୋଇଗଲା ଏବଂ ଲସର ପସର ହୋଇ ଠାକୁର ଠାକୁରାଣୀ ପାଖକୁ ଉଠି ଆସିଲା । ତା ପାଖରେ ମାଟି ନଦେଖି ଠାକୁର ଠାକୁରାଣୀ ରାଗିକରି ମାଟି କଥା ପଚାରିଲେ । କେଞ୍ଚୁଆ କହିଲା, ହଁ ଠାକୁର ଠାକୁରାଣୀ ମାଟି ଉଠାଇ ଆଣିଛି । ଠାକୁର ଠାକୁରାଣୀ ଦିଅ ବୋଲି କହିବାରୁ କେଞ୍ଚୁଆ କହିଲା, ''ଆପଣ ମାନଙ୍କୁ ମାଟି କେମିତି ଦେବି । ମୁହଁ ବାଟେ ଉକାଳିଲେ, ଉକାଳିଲା ବୋଲି କହିବେ, ପଛବାଟ ଯଦି ଝାଡ଼ା ଫେରିବି ତେବେ ଝାଡ଼ା ଫେରିଲା ବୋଲି କହିବେ । ତେଣୁ ମୋତେ ସେମିତି କିଛି କରିବାକୁ ଲାଜ ମାଡୁଛି ।'' ଠାକୁର ଠାକୁରାଣୀ କହିଲେ ଯେ ଯାହାକଲେ ବି ଏଥିରେ ଲାଜ କରିବାର କ'ର ଅଛି ! ଏହାଶୁଣି କେଞ୍ଚୁଆ ଗୋଟିଏ ବଡ଼ ଡାଲା ବାହାର କରିବାକୁ କହିଲେ । ଡାଲା ଭର୍ତ୍ତି ହୋଇ ଉଛୁଳି ପଡ଼ିଲା ଏବଂ ପଦ୍ମବନର କିଛି ଦୂର ମାଡ଼ିଗଲା । ସେଇ ମାଟିକୁ ଠାକୁର ଠାକୁରାଣୀ ଗୁଣ୍ଡକରି ସମୁଦ୍ର ଜଳରେ ବୁଣିଦେଲେ । ଏମିତି ଭାବରେ ସମୁଦ୍ରକୁଅଧା କରିଦେଲେ । ଫାଳେ ମର୍ତ୍ତ୍ୟପୁର ଏବଂ ଆଉ ଫାଳେ ସମୁଦ୍ର । ଠାକୁର ଠାକୁରାଣୀ କେଞ୍ଚୁଆକୁ ଆଶୀର୍ବାଦ ଦେଲେ ଯେ ତାଙ୍କ ଝିଅକୁ କେଞ୍ଚୁଆ ଚୈତ୍ର୍ୟମାସ ବିବାହ କରିବ । ଆଶୀର୍ବାଦ ପାଇ କେଞ୍ଚୁଆ ନିଜ ଘରକୁ ଫେରିଗଲା । ତାପରେ ପ୍ରଶ୍ନ ଉଠିଲା ସମୁଦ୍ରରେ କେତେ ବାଟ ଯାଏ କେତେ ମାଟି ବୁଣାଗଲା । ଦେଖିବାକୁ କିଏ ଯିବ । ଏହି ସମୟରେ ଠାକୁର ଠାକୁରାଣୀ ଗରୁଡ଼ ପକ୍ଷୀକୁ ଜନ୍ମ ଦେଇ ତାକୁ ସମୁଦ୍ରରେ କେତେ ମାଟି ବୁଣା ହୋଇଛି ଦେଖି ଆସିବାକୁ କହିଲେ । ଗରୁଡ଼ ପକ୍ଷୀ କହିଲା, ''ମୁଁ ଯେ ଏତେ ଦୂର ଯିବି କ'ଣ ଖାଇବି ।'' ଏହା ଶୁଣି ଠାକୁର ସାପ, ପିମ୍ପୁଡ଼ି ମାନଙ୍କୁ ଜନ୍ମ ଦେଲେ । ଗରୁଡ଼ ପକ୍ଷୀ ଏହି ସାପ, ପିମ୍ପୁଡ଼ି ମାନଙ୍କୁ ଖାଇ ମାଟି ଦେଖିବାକୁ ଗଲା । ସେଠାରେ ଦେଖିଲା ଯେ, ମାଟି ଶକ୍ତ ହୋଇ ନାହିଁ କେବଳ ସମୁଦ୍ରରେ ଦଳ ଦଳ ହୋଇ ଭାସୁଛି । ଏ ଖବର ଠାକୁର ଠାକୁରାଣୀଙ୍କ ପାଖରେ ପହଞ୍ଚିବାରୁ ସେମାନେ ଗରୁଡ଼ଙ୍କୁ ନିଜ ଘରକୁ ପଠାଇଦେଲେ ଏବଂ କିଛି ଦିନ ପରେ ମାଟି ଶକ୍ତ ହୋଇଛି କି ନାହିଁ ପୁଣି ଦେଖିବାକୁ ପଠାଇଲେ । ସେତେବେଳେ ମଧ୍ୟ ଗରୁଡ଼ କ'ଣ ଖାଇବି ପଚାରିବାରୁ ଠାକୁର ଠାକୁରାଣୀ ଗୋରୁ, ଗାଈ, ମଇଁଷି ଇତ୍ୟାଦିଙ୍କୁ ଜନ୍ମ ଦେଲେ ।

ଗରୁଡ଼ ସେମାନଙ୍କୁ ଖାଇ ମାଟି ଦେଖିବାକୁ ଗଲା । ସେତେବେଳେ ମଧ ଗରୁଡ଼ ଦେଖିଲା ଯେ, ମାଟି ଶକ୍ତ ହୋଇନାହିଁ । କେବଳ ଦଳଦଳ ହୋଇ ଭାସୁଛି । ଠାକୁର ଠାକୁରାଣୀ ଏ ଖବର ପାଇ ପୁଣି ପାଞ୍ଚ ପଣ୍ଡିତ ଓ ନଅ ମନ୍ତ୍ରୀଙ୍କୁ ଡକାଇଲେ । ଠାକୁର ଠାକୁରାଣୀ ମାଟି କେମିତି ଶକ୍ତି ହେବ ସେମାନଙ୍କୁ ପଚାରିବାରୁ ସୋମନେ ଭଲ ବିହନ ବୁଣି ଦେଲେ ମାଟି ଶକ୍ତ ହେବ । ତାହାପରେ ଠାକୁର ଠାକୁରାଣୀ ଗଛ, ପତ୍ର, ଘାସଲତା, ସୃଷ୍ଟିକଲେ, ବିହନ ମଧ ବୁଣିଦେଲେ ।

କିଛିଦିନ ଭିତରେ ତୃତୀୟ ବାର ଠାକୁର ଠାକୁରାଣୀ ଗରୁଡ଼ଙ୍କୁ ଡାକି ପଠାଇ ମାଟି ଶକ୍ତ ହୋଇଛି କି ନାହିଁ ଦେଖିବାକୁ କହିଲେ । ଗରୁଡ଼ ଦେଖିଲା ମାଟି ଶକ୍ତ ହୋଇଯାଇଛି । ଗଛ ବଢ଼ି ଯାଇଛି, ମାଟିରେ ଚେର ଛନ୍ଦି ଯାଇଛି । ଏ ଖବର ପାଇ ଠାକୁର ଠାକୁରାଣୀ ପରସ୍ପର ଆଲୋଚନା କରି ଯୁଆଣ ହୋଇ ଯାଇଥିବା ଛୁଆ ଦୁଇଟିକୁ ମର୍ତ୍ତ୍ୟପୁରକୁ ଆଣିଲେ । ସେମାନଙ୍କୁ ମର୍ତ୍ତ୍ୟପୁରରେ ଚାଷ, ବାସ ଶିକ୍ଷା ଦେଲେ । ସେମାନେ ମର୍ତ୍ତ୍ୟରେ ଜଙ୍ଗଲକାଟି ଚାଷ କାର୍ଯ୍ୟ କରିବାକୁ ଆରମ୍ଭ କଲେ । ଅକ୍ଷୟ ତୃତୀୟା ପାଖେଇ ଆସୁଥାଏ । ଅକ୍ଷୟ ତୃତୀୟା ପାଳନ ପାଇଁ ହାଣ୍ଡିଆ ଆବଶ୍ୟକ । ତେଣୁ ଠାକୁର ଠାକୁରାଣୀ ପିଲା ଦୁଇଟିକୁ ବିଭିନ୍ନ ପ୍ରକାର ଚେର ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ପଠାଇଲେ । ଭାଇ, ଭଉଣୀ ଦୁଇଜଣ ବଣକୁ ଗଲେ । ବିଭିନ୍ନ ପ୍ରକାର ଗଛରେ ଚେର ସଂଗ୍ରହ କଲେ । ସବୁ ଗଛର ଚେରକୁ ଏକତ୍ରିତ କରି ଗୁଣ୍ଡ କଲେ । ସେଥିସହ ଅରୁଆ ଚାଉଳ ମଧ ଗୁଣ୍ଡ କଲେ । ଚେର ଗୁଣ୍ଡ ଓ ଅରୁଆ ଚାଉଳ ଗୁଣ୍ଡକୁ ଏକାଠି କରି ବଟିକା ତିଆରି କଲେ । ଗୋଟିଏ ପାଛିଆରେ କୁଟାଦେଇ ସେହି ବଟିକାକୁ ରଖିଲେ । ଦୁଇ ତିନି ଦିନ ପରେ ବଟିକାକୁ କାଢ଼ି ଆଣିଲେ । ଠାକୁର ଠାକୁରାଣୀ ସେମାନଙ୍କୁ ଭାତ ରନ୍ଧା କରାଇଲେ । ଏହି ଭାତ ଗୁଡ଼ିକୁ ଗୋଟିଏ ପଟିଆରେ ଘଣ୍ଟା କରାଇଲେ । ଭାତ ଥଣ୍ଡା ହୋଇ ସାରିଲା ପରେ ବଟିକା ଗୁଣ୍ଡକୁ ଭାତରେ ମିଶାଇଲେ । ହାଣ୍ଡିରେ ଭାତ ପୁରାଇଦେଇ ଢ଼ାଙ୍କୁଣୀ ମାରିଦେଲେ । ଦୁଇତିନିଦିନ ପରେ ଦେଖିଲେ ଯେ ପେଜ ପେଜ କରି ହାଣ୍ଡିଆ ପାଚି ଯାଇଛି । ଅକ୍ଷୟ ତୃତୀୟା ଦିନ ସେମାନେ ଧାନ ବୁଣିବା ଆରମ୍ଭ କଲେ । ପ୍ରଥମେ ପୂଜା ଅର୍ଚ୍ଚନା କଲେ । ତାପରେ ଝୁଣା, ଧୂପ ଦେଇ ଧାନ ବୁଣି ସାରି ଘରକୁ ଫେରି ଆସିଲେ । ଠାକୁର କହିଲେ ଯେ ସେହି ହାଣ୍ଡିଆ (ରସି) ରସକୁ ପିଇବେ ବୋଲି । ତାପରେ ରସକୁ ତିନିଜଣ ପିଇଲେ । ପୁଣି ଠାକୁର ସେହି ହାଣ୍ଡିଆ ମେରାକୁ (ବଳିଥିବା ଜାଉଭାତ) ଚକଟିବା ପାଇଁ କହିଲେ । ଚକଟି ସାରିଲା ପରେ ସେମାନେ ସମସ୍ତେ ସେଇ ହାଣ୍ଡିଆକୁ ଖାଇଲେ । ଝିଅ, ପୁଅ ଦୁଇଜଣ ନିଶା ହୋଇ ମାତିଗଲେ । ଠାକୁର ବେଶି ମାତିଲେ ନାହିଁ । ସନ୍ଧ୍ୟା ହେବାରୁ ଭାଇ ଭଉଣୀ

ଦୁଇଜଣଙ୍କୁ ଉଲଗ୍ନ ଅବସ୍ଥାରେ ଗୋଟିଏ ବିଛଣାରେ ଶୁଆଇ ଦେଇ ଠାକୁର ସ୍ୱର୍ଗପୁରକୁ ଚାଲିଗଲେ । ରାତିରେ ନିଶାଗ୍ରସ୍ତ ହୋଇ କାମରେ ମାତିଲେ । ପରଦିନ ଦେଖିଲେ ଯେ ଠାକୁର ଆଉ ନାହାନ୍ତି । ପୁଅ ପିଲାଟି ଠାକୁର ଠାକୁରାଣୀ ପାଖକୁ ଗଲା । ତାକୁ ଦେଖି ଠାକୁର ଠାକୁରାଣୀ ହସିଲେ ଏବଂ କହିଲେ "ଆରେ ତୁ କେମିତି ଆସିଲୁ ?" ପୁଅ ପିଲାଟି କହିଲା "ଆମକୁ ଭୁଲ କରିବା ପାଇଁ ଛାଡ଼ି ପଳାଇ ଆସିଲ ?" ଠାକୁର ଠାକୁରାଣୀ କହିଲେ, "ଆମେ ହୁକୁମ୍ ଦେଲୁ ତୁମେ ଯାଅ, କାମନା ବାସନାରେ ଲିପ୍ତ ହୁଅ ।" ତାପରେ ପୁଅ, ଝିଅ ଫେରି ଆସି ଠାକୁର ଠାକୁରାଣୀଙ୍କ ହୁକୁମ୍ ଅନୁସାରେ ଝିଅ ସହିତ ପ୍ରେମ ଫାଶରେ ଆବଦ୍ଧ ହେଲା । କିଛିଦିନ ପରେ ତାଙ୍କର ଦୁଇଟି ପିଲା ଜନ୍ମ ହେଲା । ଏହି ଦିନକୁ ବଡ଼ ଶୁଭଦିନ ରୂପେ ରଖିଲେ ।

ଆମ ମର୍ତ୍ତ୍ୟପୁରରେ ଯେତେ ପ୍ରକାର ଜାତି ଅଛି, ଜଣକ ପରେ ଜଣେ ଜନ୍ମ କରିଲେ । ଏହିପରି ଭାବରେ ଏକ ବଡ଼ ନଗର ସୃଷ୍ଟି ହେଲା । ଜନସଂଖ୍ୟା ବଢ଼ିଲା । କାହାରି କଥା କେହି ମାନିଲେ ନାହିଁ । ତାହା ଦେଖି ସମସ୍ତେ ବିଚାର କଲେ ଜଣକୁ ମୁଖିଆ ଭାବରେ ବାଛିବେ, ତାଙ୍କ ହୁକୁମ୍‌ରେ ସମସ୍ତ ଲୋକ ରହିବେ । ଏହିପରି ହେଲା । ସେହି ନଗରରେ ଜଣେ ରାଜା ହେଲେ । ତାଙ୍କ ନାମ ଆଚମ୍ବିତ । ତାଙ୍କର ଦୁଇଟି ରାଣୀ ଥିଲେ । ସେହି ଦୁଇଜଣଙ୍କର ନାମ ଅନଶ୍ୱରୀ, ଧନଶ୍ୱରୀ । ତାଙ୍କର କୌଣସି ପୁତ୍ର ଜାତ ହେଲେ ନାହିଁ । ସେଥିପାଇଁ ଲୋକମାନେ ସେହି ରାଜାଙ୍କୁ ଆଣ୍ଠୁକୁଡ଼ା ରାଜା କହୁଥିଲେ । ସେହି ରାଜାଙ୍କର ମୁହଁ ଦେଖିଲେ କୌଣସି କାର୍ଯ୍ୟ ହୁଏନାହିଁ । କିମ୍ବା ଦଶା ମଧ୍ୟ ଭଲ ପଡ଼େ ନାହିଁ । ସେଥିପାଇଁ ରାଜା ମନ ଦୁଃଖରେ ରାଜବାଟିରେ ବସି ରହନ୍ତି । ଦିନେ ସକାଳେ ଜଣେ ହାଡ଼ିସେହି ରାଜଭବନକୁ ଆସୁଥିଲେ । ରାଜାଙ୍କୁ ଦେଖି କହିଲେ "ମୁଁ ଆଜି ଆଣ୍ଠୁକୁଡ଼ା ରାଜାର ମୁହଁ ଦେଖିଲି ମୋର କୌଣସି କାମ ହେବନି ।" ଏକଥା ଶୁଣି ରାଜା ବିରକ୍ତ ହେଲେ । ରାଜା ମନେ ମନେ ସ୍ଥିର କଲେ ସେ ଆଉ କୌଣସି ଦିଗକୁ ଯିବେ ନାହିଁ ।

ଆଉଦିନେ ଜଣେ ବାବାଜୀ ଆସିଲେ । ରାଜା କହିଲେ "ମୁଁ ତ ଆଣ୍ଠୁକୁଡ଼ା ରାଜା, ମୋର ମୁହଁ ଦେଖିଲେ କିଛି କାର୍ଯ୍ୟ ଭଲ ହୁଏ ନାହିଁ । ତୁମକୁ କିଏ ଭିକ ଦେବ ?" ବାବାଜୀ କହିଲେ, "ଯଦି ଭିକ ଦେଇ ପାରିବ ନାହିଁ ତେବେ ଖାଲି ପାଣି ଟିକିଏ ଦିଅ ମୁଁ ପିଇବି ।" ରାଜା ଖାଲି ପାଣି ଆଣିଦେଲେ । ପାଣି ପିଇସାରି ବାବାଜୀ କହିଲେ, "ତୁମେ ସନ୍ତାନର ମୁଖ ଦେଖିବ । ତୁମେ ଗୋଟିଏ ବଗିଚା ତିଆରି କରିବ । ବାବାଜୀ କହିଲେ "ଷୋଳ କୋଶ ଲମ୍ବା ଓ ଚଉଡ଼ାର ବଗିଚା ତିଆରି କରିବ । ନଗରର ଲୋକମାନେ ମଧ୍ୟ ଏଥିରେ ସାମିଲ ହେବେ ।" ଏହା କହି ବାବାଜୀ ଅଦୃଶ୍ୟ ହୋଇଗଲେ ।

ତାପରଦିନ ସକାଳେ ରାଜା ନଗରର ଲୋକମାନଙ୍କୁ ଡାକିଲେ । ସବୁ ଲୋକ ଆସି ଦେଖିଲେ ବଗିଚାପାଇଁ ଖୁବ୍ ଧୂମ୍ ଧାମ୍‌ରେ କାମ ଚାଲିଛି । କିଏ ବାଡ଼ ଘେରୁଛି ତ କିଏ ଝଙ୍କା କାଟୁଛି । କିଏ ଗାତ ଖୋଳୁଛି ତ କିଏ ଫୁଲଗଛ ଲଗାଉଛି । ଏମିତି ବଗିଚାଟି ତିଆରି କରି ରାଜା ଜଗୁଆଳୀ ରଖିଲେ । ପ୍ରତିଦିନ ଫୁଲ ତୋଳି ଜଗୁଆଳୀ ରାଜାଙ୍କୁ ଦେଇଆସେ । ରାଜା ସବୁଦିନ ଦେବାଦେବୀଙ୍କୁ ସେହି ଫୁଲରେ ପୂଜା କଲେ । ସବୁଦିନ ଭଅଁର, ଭଅଁର ରାଣୀ ବଗିଚାକୁ ଆସି ଫୁଲ ରସ ଶୋଷନ୍ତି । ଫୁଲ ରସ ଶୋଷି ସାରି ଫେରି ଯାଆନ୍ତି । ଦିନେ କ'ଣ ହେଲାନା – ସ୍ୱର୍ଗପୁରର ଠାକୁରାଣୀ କରମାପୂଜା କରିବେ ବୋଲି ଯୋଗାଡ଼ କରୁଥାନ୍ତି । ନାଚ, କୀର୍ତ୍ତନ ଲାଗିଥାଏ । ସାତଶହ ସ୍ତ୍ରୀ ଲୋକ ଓ ଷୋଳ ଶହ ପୁରୁଷ ଲୋକ ନାଚୁଥାନ୍ତି । ସେହି ସମୟରେ ଭଅଁର, ଭଅଁର ରାଣୀ ଆଚମ୍ବିତ ରାଜାଙ୍କ ଫୁଲ ବଗିଚାକୁ ରସ ଶୋଷଣ କରିବାକୁ ଆସିଲେ । ଫୁଲରୁ ଫୁଲ ରସ ଶୋଷୁ ଶୋଷୁ ଭୁଲ୍‌ରେ ଗୋଟିଏ ଫୁଲ ତୋଳି ସ୍ୱର୍ଗପୁରକୁ ନେଇଗଲେ । ଏହି ସମୟରେ ଈଶ୍ୱର, ପାର୍ବତୀ କରମ ବସାଇଛନ୍ତି । ଭ୍ରମର ଭମ୍ରରରାଣୀ ଉଠି ଯାଉଥିବା ବେଳେ ଫୁଲଟିକୁ ନାଚଶାଳରେ ପକାଇଦେଲେ । ଫୁଲଟି ଯେତେବେଳେ ନାଚ ଶାଳାରେ ପଡ଼ିଗଲା, ବାସ୍ନାରେ ସର୍ବତ୍ର ମହକି ଉଠିଲା, ସେତେବେଳେ ଯେଉଁ ନାରୀମାନେ ନାଚୁଥିଲେ ସେମାନଙ୍କ ମଧ୍ୟରୁ କିଛି ନାରୀ କହିଲେ କ'ଣ ଟା ବାସ୍ନା ହେଉଛି । ସେତେବେଳେ ସେମାନେ ଭଅଁର ଓ ଭଆଁରଣୀକୁ ପଚାରିଲେ, ''ଫୁଲଟି କେଉଁଠୁ ଆଣିଲ ?'' ଭଅଁର ଭଅଁରରାଣୀ ଉତ୍ତର ଦେଲେ ଆମ୍ଭେ ଏହି ଫୁଲ ମର୍ତ୍ତ୍ୟପୁରର ଆଚମ୍ବିତ ରାଜାଙ୍କ ବଗିଚାରୁ ଆଣିଛୁ । ସେହି ସମୟରେ ଠାକୁର ଠାକୁରାଣୀ ଭଅଁରକୁ କହିଲେ ''ତୁମେ ଆମକୁ ସେହି ବଗିଚାକୁ ନେଇଚାଲ ।'' ଭଅଁର କହିଲା, ''ତୁମକୁ ଆମେ କିପରି ନେବୁ ? ଆମେ ତ ଉପରେ ଉଠି ଉଡ଼ି ଯାଉଛୁ ଓ ଉଡ଼ି ଉଡ଼ି ଆସୁଛୁ ।'' ଠାକୁର ଠାକୁରାଣୀ ତାଙ୍କୁ କହିଲେ, ଆମେ ଗୋଟିଏ ଉଡ଼ାନ୍ତା ରଥ ତିଆରି କରିବୁ'' ତାପରେ ଠାକୁର ଠାକୁରାଣୀ ଉଡ଼ନ୍ତା ରଥ ନିର୍ମାଣ କରି ସେହି ରଥରେ ଭଅଁର ଭଅଁରରାଣୀ ଓ ଠାକୁର ଠାକୁରାଣୀ ମର୍ତ୍ତ୍ୟକୁ ଆସିଲେ । ଠାକୁର ଠାକୁରାଣୀଙ୍କର ବାରମାସିଆ, ମୂଲିଆ ସମସ୍ତେ ଭଅଁର ହୋଇ ଆଗରେ ଆଗରେ ଉଡ଼ିଲେ । ତାଙ୍କ ପଛରେ· ଉଡ଼ନ୍ତା ରଥଟିକୁ ଉଡ଼ାଇନେଲେ ।

ମଧ୍ୟ ରାତ୍ରି ହୋଇଛି । ସେହି ସମୟରେ ସେମାନେ ଫୁଲ ବଗିଚାରେ ଓହ୍ଲାଇଲେ । ଜଗୁଆଳୀମାନେ ଶୋଇଥିଲେ । ରଥରୁ ଓହ୍ଲାଇ ସାରିବାପରେ କିଏ ଡାଳ ଭାଙ୍ଗି ରଥରେ ଲଦୁଥାଏ ତ କିଏ ଫୁଲ ତୋଳୁଥାଏ । ଏହିପରି କରୁ କରୁ ସେମାନେ ଅନେକ ଫୁଲଗଛ ଭାଙ୍ଗି ଦେଇ ସେହି ରାତିରେ ରଥକୁ ଉଡ଼ାଇ ନେଇଗଲେ । ଏହିପରି ଦୁଇତିନିଦିନ କଲେ

। ଆଚମ୍ଭିତ ରାଜା ଜଗୁଆଳୀଙ୍କୁ ପଚାରିଲେ, ''କିରେ ଫୁଲ ଗୁଡ଼ିକ ବିକ୍ରି କରି ଦେଉଛ ନା କ'ଣ ? ଦିନକୁ ଦିନ ଫୁଲ ଡାଳ ଗୁଡ଼ିକ କମିବାରେ ଲାଗିଛି ।'' ଜଣେ ଜଗୁଆଳୀ କହିଲା, ''ମଧ୍ୟ ରାତ୍ରିରେ କ'ଣ ଗୋଟିଏ ଜିନିଷ ଖାଲି ରଣ୍ ରଣ୍, ଦୁଲ ଦୁଲ ଶବ୍ଦ କରି ଆସେ । ମୁଁ ଜାଣି ପାରେ ନାହିଁ ।'' ଏହା ଶୁଣି ରାଜା ଜଗୁଆଳୀ ମାନଙ୍କୁ କହିଲେ, ''ଯାଅ । ନଗରର ଅଇଁଠା ପତ୍ର ଗୁଡ଼ିକୁ ସାଉଁଟି ଆଣି ବଗିଚାରେ ରଖିଦେବ ।'' ଜଗୁଆଳୀମାନେ ସେପରି କଲେ ।

ଭାଦ୍ରବମାସ ଏକାଦଶୀ ରାତିରେ ଉଡ଼ନ୍ତା ରଥ ନେଇ ଠାକୁର ଠାକୁରାଣୀ ବଗିଚାକୁ ଆସିଲେ । ଆଗପରି କିଏ ଫୁଲ ତୋଳିଲାତ କିଏ ବା ଡାଳ ଭାଙ୍ଗି ରଥରେ ଲଦିଲେ । ଏମିତି କରୁ କରୁ ବହୁତ ଗଛ ଭଙ୍ଗା ଭଙ୍ଗି କଲେ । ହଠାତ୍ ଯେତେବେଳେ ଜଗୁଆଳୀମାନେ ଉଠି ପଡ଼ିଲେ ଓ ଠାକୁର ଠାକୁରାଣୀଙ୍କୁ କହିଲେ, ତମେ କେଉଁଠାରୁ ଆସିଲ ? ଆମକୁ ଆଚମ୍ଭିତ ରାଜା ଜଗୁଆଳୀ ରଖିଛନ୍ତି । ବଗିଚାର ଏପରି ଅବସ୍ଥା ଦେଖି ଆମକୁ କ'ଣ ରାଜା ଭଲରେ ଛାଡ଼ିଦେବେ । ସେତେବେଳେ ଠାକୁର ଠାକୁରାଣୀ ରଥଟିକୁ ଉଠାଇବାକୁ ଚେଷ୍ଟା କଲେ । ମାତ୍ର ରଥଟି ହଲିଲା ନାହିଁ । ରଥଟି ଅପବିତ୍ର ହୋଇଯାଇଥିଲା । ସେତେବେଳେ ଠାକୁର, ଠାକୁରାଣୀ ରାଗରେ କହିଲେ ଯାଅ, ତୁମର ଆଚମ୍ଭିତ ରାଜାଙ୍କୁ ଡାକିଆଣ । ଆଦେଶ ପାଇ ଆଚମ୍ଭିତ ରାଜା ଯେତେବେଳେ ବଗିଚାକଥା ଶୁଣିବାକୁ ପାଇଲେ ଅଧାଦୂର ବାଟରୁ ଗାଳି ଦେଇ ଦେଇ ଆସିଲେ । ଠାକୁର ଠାକୁରାଣୀ ରାଜାଙ୍କୁ ରାଗରେ କହିଲେ- ''ପାପୀ ! ତୋର ଯେଉଁ ଦୁଇଟି ରାଣୀ ଅଛନ୍ତି ତାଙ୍କର କୌଣସି ପୁତ୍ର ନାହାନ୍ତି । ଏମିତି ପାପ ପାଇଁ ତୁମର କୌଣସି ପିଲାପିଲି ହୋଇନାହାନ୍ତି । ଏହାଶୁଣି ଆଚମ୍ଭିତ ରାଜା ସଂଗେ ସଂଗେ ଦୌଡ଼ିଯାଇ ଠାକୁର ଠାକୁରାଣୀଙ୍କ ଗୋଡ଼ତଳେ ପଡ଼ି କହିଲେ- ହେ ମହାପ୍ରଭୁ ଠାକୁର ଠାକୁରାଣୀ । ମୋତେ କ୍ଷମା କରିଦିଅ ଓ ମୋତେ ଆଶୀର୍ବାଦ ଦେଇଯାଅ, ଆମର ଯେପରି ପୁତ୍ର ହେଉ । ସେତେବେଳେ ଠାକୁର ଠାକୁରାଣୀ କହିଲେ, ''ଯାଅ- ଆମର ରଥଟିକୁ ପ୍ରତିଷ୍ଠା କର । ତାପରେ ତୁମକୁ ଆଶୀର୍ବାଦ ଦେବା । ଆଚମ୍ଭିତ ରାଜା କହିଲେ, ''ତୁମର ରଥଟିକୁ ମୁଁ କିପରି ପ୍ରତିଷ୍ଠା କରିବି ?'' ଠାକୁର ଠାକୁରାଣୀ କହିଲେ, ''ଯିଏ ସାତଦିନ ସାତରାତି ଭାତ ଖାଇନଥିବ ସିଏ ଆମ ରଥଟିକୁ ପ୍ରତିଷ୍ଠା କରିବ ।'' ଆଚମ୍ଭିତ ରାଜା କହିଲେ, ''ହେ ଠାକୁର ଠାକୁରାଣୀ, ସେପରି ଲୋକ ମୁଁ କେଉଁଠୁ ପାଇବି ?''. ସେତେବେଳେ ଠାକୁର ଠାକୁରାଣୀ କହିଲେ ''ଯା ତୋର ନଗରରେ ସେମିତି ଲୋକ ଅଛନ୍ତି ଡାକି ଆଣିବୁ ।'' ଆଚମ୍ଭିତ ରାଜା ତାଙ୍କ ନଗର ସାରା ବୁଲି ଦେଖିଲେ ତାଙ୍କ ଗାଁ ମୁଣ୍ଡରେ ଗୋଟିଏ ଘରେ ମା ଓ ଝିଅ ସାତଦିନ ସାତରାତି ଉପାସରେ ଅଛନ୍ତି । ସେମାନେ

କିପରି ଉପାସରେ ଅଛନ୍ତି ନା, ମା ଓ ଝିଅଙ୍କର ପଟେ ନାହିଁ । ମା ରାନ୍ଧିଲେ ଝିଅ ଖାଏ ନାହିଁ, ଝିଅ ରାନ୍ଧିଲେ ମା' ଖାଏ ନାହିଁ । ଏହିପରି ସେମାନେ ଉପାସରେ ଅଛନ୍ତି । ରାଜା ସେମାନଙ୍କ ପାଖରେ ପହଞ୍ଚି କହିଲେ, ''ତୁମେ ଦୁହେଁ ଆମର ରଥଟିକୁ ପ୍ରତିଷ୍ଠା କର ।'' ସେମାନେ କହିଲେ ''ତୁମ ରଥକୁ ପ୍ରତିଷ୍ଠା କରିବା ପାଇଁ କ'ଣ ଆମେ ଉପାସ ଅଛୁ ?'' ସଂଗେ ସଂଗେ ରାଜା କ'ଣ କଲେ ନା ଦୁଇଜଣଙ୍କୁ ଦୁଇ ଗଗରା ଟଙ୍କା ଢ଼ାଳିଦେଲେ । ଟଙ୍କା ଦେଖି ମା ଓ ଝିଅ ଦୁଇଜଣ ଖୁସି ମନରେ ରଥ ପାଖକୁ ଗଲେ । ଠାକୁର ଠାକୁରାଣୀ ମା' ଝିଅକୁ କହିଲେ, ''ଯାଅ ତୁମେ ପୋଖରୀରୁ ଶୀଘ୍ର ସ୍ନାନକରି ଆସିବ । ସ୍ନାନ କରି ସାରିଲେ । ମୁଣ୍ଡରେ ଘଟପୂର୍ଣ୍ଣ ପାଣି ବୋହି ପୋଖରୀରୁ ଚାଲି ଚାଲି ମା, ଝିଅ ସ୍ନାନ କରି ଜଳ ନେଇ ଆସିଲେ । ଠାକୁର ଠାକୁରାଣୀ ବରାଦ୍ କଲେ ଆଗ ରଥରେ ଗୋବର ପାଣି ଦବାକୁ । ତାପରେ ତୁଳସୀ ପାଣି ଦେଇ ପରେ ଧୂପ, ଝୁଣା ଦେଲେ ଓ ପୂଜା କରିଲେ । ସଂଗେ ସଂଗେ ଉଡ଼ନ୍ତା ରଥଟି ପ୍ରତିଷ୍ଠା ହୋଇଗଲା ଓ ରଣ୍ ରଣ୍ ଶବ୍ଦ କରି ଉଡ଼ିବାକୁ ଆରମ୍ଭ କଲା । ଠାକୁର ଠାକୁରାଣୀ ଯିବା ପୂର୍ବରୁ ଆଚମ୍ବିତ ରାଜାକୁ କହିଲେ, ''ଯା ତୋର ଦୁଇଟି ରାଣୀ ଅଛନ୍ତି ତାଙ୍କୁ ଗୋଟିଏ ବୃନ୍ତର ଦୁଇଟି ଫୁଲ ଖାଇବାକୁ ଦେବୁ । ତେବେ ତୋର ଦୁଇଟି ପୁତ୍ର ସନ୍ତାନ ହେବ । ସେମାନଙ୍କର ନାମ ରଖିବୁ ''କରମା ଓ ଧରମା'' ।

ଠାକୁର ଠାକୁରାଣୀ ସ୍ୱର୍ଗପୁରକୁ ଉଡ଼ନ୍ତା ରଥରେ ବାହୁଡ଼ିଗଲେ । ବର୍ଷେ କି ଦୁଇବର୍ଷ ପରେ ରାଜାଙ୍କର ଦୁଇରାଣୀଠାରୁ ଦୁଇଟି ପୁତ୍ର ସନ୍ତାନ ଜାତ ହେଲା । ବଡ଼ ପୁଅର ନାମ ଦେଲେ 'କରମା' ଓ ଛୋଟ ପୁଅର ନାମ ଦେଲେ 'ଧରମା'। କିଛିଦିନ ଗଲାପରେ କରମା ଓ ଧରମା ବଢ଼ିବାକୁ ଲାଗିଲେ । ବଡ଼ହେବା ପରେ ରାଜା ଦୁଇ ଭାଇଙ୍କୁ ବାହାକରାଇଦେଲେ । ବାହା କରି ଦେଲାପରେ ରାଜାଙ୍କର ସ୍ୱର୍ଗବାସ ହେଲା । କରମା ଓ ଧରମା ଦୁହିଁଙ୍କ ଉପରେ ସବୁପ୍ରକାର ରାଜ୍ୟଭାର, ଚାଷଭାର ରହିଲା । ସେମାନେ ଦୁଇଭାଇ ପରସ୍ପର ମଧ୍ୟରେ ବୁଝାମଣା କଲେ । ଜଣେ ଏକେଲା ଘରେ ରହି ସବୁ ବୁଝାସୁଝା କରିବ ଓ ଆଉଜଣକ ବେପାର ବାଣିଜ୍ୟ କରିବାକୁ ଯିବ । କରମା ବାଣିଜ୍ୟ କରିବାକୁ ଗଲା । ସାତଶହ ବଳଦ, ମୁଲ ସହ ମୂଲିଆ, ଟଙ୍କା ପଇସା ନେଇ ସେ ବାହାରିଗଲା । ବାଣିଜ୍ୟ କରିବାକୁ ଗଲା ଯେ, ବାରବର୍ଷ ଘରେ ମହାଦେବଙ୍କ ପୀଡ଼ା ଲାଗିଲା । ସମସ୍ତଙ୍କୁ ଘରେ ବହୁତ ଜ୍ୱର ହେଲା । ଉଷୁନାଧାନ ଗଜା ହେଲା । ଚାଳରେ କରମ ଗଛ ଉଠିଲା । ଯେତେପ୍ରକାର ଔଷଧ ଖାଇଲେ ଜ୍ୱର ଭଲ ହେଲା ନାହିଁ । ତାପରେ ପଣ୍ଡିତଙ୍କୁ ଯାଇ ଦେଖାଇଲେ । ପଣ୍ଡିତ ମାନେ କହିଲେ, ''ତୁମର ଜ୍ୱର ଏମିତି ଭଲ ହେବନି । ତୁମକୁ ମହାଦେବ ପୀଡ଼ା ଦେଇଛନ୍ତି । ତାଙ୍କୁ ସେବା କଲେ ଯାଇ ଜ୍ୱର ଭଲହେବ ।'' ସେତେବେଳେ

ଧରମା କହିଲା, ''କିପରି ସେବା କରିବା ?'' ପଣ୍ଡିତ କହିଲେ, ''ପ୍ରଥମେ କରମ ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପ ବାହାର କରିଦିଅ, ତାପରେ ଭାଦ୍ରବ ମାସ ଏକାଦଶୀର ତିନିଦିନ ପୂର୍ବରୁ ଅବିବାହିତ ଝିଅ ତିନିଜଣଙ୍କୁ ଡାଲାରେ ବାଲି ଉଠା କରାଇବ । ତାପର ଦିନ ଜାଗରଣ କରିବ । ତୃତୀୟ ଦିନ ଅର୍ଥାତ୍ ତ୍ରୟୋଦଶୀ ଦିନ ପୁଅ ପିଲା ଓ ଝିଅ ପିଲାମାନେ ଉପବାସ ରହି ଦୁଇଟି କରମ ଡାଳ କାଟି ଆଣି ବାହାରେ ପୋତିବେ । ପୁଅ ଝିଅ ଆଦେଶ ଅନୁସାରେ କାର୍ଯ୍ୟ ହେଲା । ସାତଶହ ସ୍ତ୍ରୀ ଓ ଶୋଳ ଶହ ପୁରୁଷ ନାଚଗୀତରେ ମାତିଥାନ୍ତି । ଏହି ସମୟରେ ତାର ଭାଇ କରମା ବାଣିଜ୍ୟରୁ ଫେରି ଆସି ମଧୁବନ ତୋଟାରେ ବସିଥିଲା । ସେତେବେଳେ କରମା କହୁଛି, ''ବେପାରରୁ ମୁଁ ଏତେ ସଂପତ୍ତି ଆଣିଛି ଅଥଚ ମୁଁ ଏକେଲା ଆପେ ଆପେ କିପରି ଘରକୁ ଯିବି ? ଧରମା ମୋତେ ଅଭ୍ୟର୍ଥନା କରି ଘରକୁନେଉ ।'' ଏହା କହି କରମା ନିଜେ ନଯାଇ ଦୁଇଜଣ ମୂଲିଆଙ୍କୁ ପଠାଇଲେ । ସେ ମୂଲିଆମାନେ ଖୋଜି ଖୋଜି ଧରମାକୁ ବହୁତ ସମୟ ପରେ ପାଇଲେ । ପାଇଲା ପରେ କହିଲେ, ''ଚାଲ ତୁମ ଭାଇ ବାଣିଜ୍ୟରୁ ଫେରିଆସି ମଧୁବନ ତୋଟାରେ ବସିଅଛି । ତୁ ଯାଇ ତାକୁ ଡାକି ଆଣିବୁ ।'' ଧରମା କହିଲେ ନାହିଁରେ ଭାଇ, ମୁଁ ଏଇନା ଯାଇ ପାରିବି ନାହିଁ । ଦୁଇଟି କରମ ଡାଳ କାଟି ଆଣି ବାହାରେ ପୋତିଛି । ସାତଶହ ସ୍ତ୍ରୀ, ଶୋଳଶହ ପୁରୁଷ ନାଚ କରୁଛନ୍ତି । କେତେ ଭାଇ ବନ୍ଧୁଙ୍କୁ ନିମନ୍ତ୍ରଣ କରିଛି । ତାଙ୍କୁ ଛାଡ଼ି ମୁଁ ଯାଇ ପାରିବି ନାହିଁ । ସମସ୍ତେ ମଧ କହିଲେ ଏତେଦୂର ବାଟ ଆସିଲାଣି ଏଇଠିକୁ ନିଜେ ଆସି ପାରୁନି । ଏହି କଥା ଯାଇ ମୂଲିଆମାନେ କରମାକୁ କହିଲେ । ତାହା ଶୁଣି କହିଲା -ବେପାରରୁ ମୁଁ ଏତେ ସଂପତ୍ତି ଆଣିଛି, ତାଙ୍କର ନାଟ ତାମସା ବେଶୀ ହେଲା ! କରମା ରାଗରେ ନିଜେ ଗଲା । ବାହାରେ ଗୋଟିଏ କରମ ଡାଳ ପୋତା ହୋଇଛି । ସାତଶହ ଝିଅ ଓ ଷୋଳ ଶହ ପୁଅ ନାଚ କରୁଛନ୍ତି । କରମା ରାଗରେ ନାଚ ଶାଳାକୁ ପଶି ଦୁଇ ହାତରେ ଦୁଇଟି କରମ ଡାଳ ଉପାଡ଼ି ଫୋପାଡ଼ି ଦେଲା ଯେ ଗୋବର ଗଦାରେ ପଡ଼ିଲା । ଲୋକମାନେ ସେଗୁଡ଼ିକୁ ସାଉଁଟି ଆଣି ବାହାରେ ପୋତିଲେ ଓ ପୁଣି ନାଚିଲେ । ରାଗରେ କରମା ଆଉଥରେ ଫୋପାଡ଼ି ଦେଲା ଯେ ସାତ ସମୁଦ୍ର ପାରି ହୋଇ ଲଙ୍କାରେ ପଡ଼ିଲା ।

ତାପରେ କରମା ମଧୁବନ ତୋଟାକୁ ଫେରିଗଲା । ଫେରିଯାଇ ଦେଖେ ତ ସାତ ଶହ ବଳଦ ନାହିଁ କି ଷୋଳଶହ ମୂଲିଆ ନାହାନ୍ତି । କାହାକୁ ନ ପାଇ ଏକୁଟିଆ ହୋଇଗଲା । ପୁଣି ସେ ଭାଇ ଘରକୁଫେରି ଆସିଲା । ତାର ଭାଇ ଧରମା କହିଲା, ଭାଇ ! ତୁ ତ ସାତଶହ ବଳଦ ଓ ଷୋଳଶହ ମୂଲିଆ ସହ ପ୍ରଚୁର ଟଙ୍କା ଆଣିଥିଲୁ । ସେଗୁଡ଼ିକ ଦେଖା । ତେବେ ଯାଇ ମୁଁ ଘରେ ପଶିବାପାଇଁ ଦେବି । ନହେଲେ ପଶିବାପାଇଁ ଦେବିନାହିଁ । କରମା

ଓ ତାସ୍ତ୍ରୀ ଦୁଇଜଣ ଭିନେ ହୋଇ ରହିଲେ । ଧରମା ମଧ୍ୟ ଅଲଗା ହୋଇ ରହିଲା । ଏହିପରି ଭାବରେ ଭିନେ ଭାନେ ହୋଇଗଲେ । କିଛିଦିନ ଗଲାପରେ ଦେଖାଗଲା ଯେ କରମାର ଆସ୍ତେ ଆସ୍ତେ ସଂପତ୍ତି ହାନୀ ଘଟୁଛି । ଏହା ସେହି ମହାଦେବଙ୍କ ଅଭିଶାପରୁ ହିଁ ହେଲା । ତାପରେ କାମଦାମର ସମୟ ଆସିଗଲା । ଚାଷବାସ ଜୋର ସୋର୍‌ରେ ଲାଗିଛି । ଧରମାର ରୁଆ କାମ ଚାଲିଛି । ଝିଅ ପିଲାମାନେ ରୁଇବାରେ ଲାଗିଛନ୍ତି ଓ ପୁଅପିଲାମାନେ ହିଡ଼ ଦେବାରେ ଲାଗିଛନ୍ତି । କରମା ଓ ତାର ସ୍ତ୍ରୀ ଧରମାର କାମ କରିବା ପାଇଁ ଗଲେ । ଦିନେ ସକାଳ ବେଳା ଖାଇବା ସମୟରେ ଧରମା ମୁଢ଼ି ଦେଉ ଦେଉ ସବୁ ସରିଗଲା । କରମା କହିଲା, "ଦେ ରେ ଭାଇ ମୋତେ ଭୁଜା ଦେ" ଧରମା କହିଲା, "ମୁଁ କଣ କରିବି ମୂଲିଆ ମାନଙ୍କୁ ଭୁଜା ଦେଉ ଦେଉ ସବୁ ସରିଗଲା । ତୁତ ଆମ ଘର ଲୋକ, ଘରେ ପଖାଳ ହେଲେ ବି ଖାଇଦେବୁ ।" ଦ୍ୱିପ୍ରହର ହେଲା କରମା ଗାଧୋଇ ପାଧୋଇ ଧରମା ଘରକୁ ଗଲା । ଧରମାର ସ୍ତ୍ରୀ କୁ କହିଲା, "ବୋହୂ ଗୋ ! ମୋ ପାଇଁ ମୁଢ଼ି କୁଳେଇଲାନାହିଁ, ମୋତେ ପଖାଳ ଦେ" । ଧରମା ବୋହୂ କହିଲା, "ବସ ମୁଁ ପଖାଳ ଆଣୁଛି ।" ଏହା କହି ପଖାଳ ବାଢ଼ିବାକୁ ଗଲା ଯେ ହାଣ୍ଡିରେ ଟିକିଏ ହେଲେ ପଖାଳ ନାହିଁ । ସଞ୍ଜ ହୋଇଗଲା । କରମା ତାର ସ୍ତ୍ରୀକୁ ମଜୁରୀ ଆଣିବାକୁ ପଠାଇଲା । ସେତେବେଳେ ଧରମା ମୂଲିଆ ମାନଙ୍କୁ ମଜୁରୀ ଦେଉଥାଏ । କରମାର ବୋହୂ କହିଲା, "ଦେରେ ମୋତେ ମୂଲ ଦେ । ଧରମା କହିଲା, ମୂଲିଆ ମାନଙ୍କୁ ଦେଇ ସାରେ, ତୁ ତ ଘର ଲୋକ, ପରେ ନେଇ ନବୁ ।" ଏମିତି କହୁ କହୁ ସବୁ ଧାନ ସରିଗଲା । ପଛରେ କହିଲା, "ମୂଲିଆମାନଙ୍କୁ ଦଉ ଦଉ ଧାନ ସରିଗଲା, ତୁ ତ ଘର ଲୋକ, ଚାଉଳ ହେଲେ ବି ନେଇନବୁ ।" ଏହା କହି ଚାଉଳ ହାଣ୍ଡି ଦେଖିବାକୁ ଗଲା ଯେ ଦେଖିବା ବେଳକୁ ଚାଉଳ ହାଣ୍ଡିରେ ଚାଉଳ ବି ନାହିଁ । କରମା ବୋହୂକୁ କହିଲା, ଚାଉଳ ବି ନାହିଁ । କରମାର ବୋହୂ ଖାଲି ହାତରେ ଘରକୁ ଫେରିଲା । କରମା ଦେଖି କହିଲା, "କାହିଁ ମଜୁରୀ କାହିଁ ?" ତା ବୋହୂ କହିଲା "ମୂଲିଆ ମାନଙ୍କୁ ଦେଉଁ ଦେଉଁ ସବୁଧାନ ସରିଗଲା । କହିଲେ ଚାଉଳ ହେଲେ ବି ନବୁ । କିନ୍ତୁ ଚାଉଳ ହାଣ୍ଡି ଦେଖିବା ବେଳକୁ ଚାଉଳ ବି ନାହିଁ । ତେଣୁ ମୁଁ ଘୁରି ଆସିଲି ।" ସେଦିନ ସେମାନେ ଉପାସ ରହିଲେ । ଏମିତି ଦୁଇ ତିନିଦିନ ଗଲା । କରମା କହିଲା- "ଆମେ ଯେ ତିନିଦିନ ଧରମାର କାମ କରିଲେ, ଆମ ବେଳକୁ ଭୂଜା ବି ଦେଲା ନାହିଁ, ମଜୁରୀ ବି ଦେଲା ନାହିଁ, ଚାଲ୍ ତୁ ଯେ କଡ଼ ବିଲରେ ରୁଇଥିଲୁ ସେ କଡ଼ରେ ତୁ ଓପାଡ଼ି ଫିଙ୍ଗିଦେବୁ । ମୁଁ ଯେ କଡ଼ରେ ହିଡ଼ ଦେଇଥିଲି ସେହି କଡ଼ରେ ମୁଁ ହିଡ଼ ହାଣି ଫୋପାଡ଼ି ଦେବି ।" ସେମାନେ ରାତିରେ ଲୁଚି ଲୁଚି ଉଠାଇ ଫୋପାଡ଼ିବାରେ ଲାଗିଛନ୍ତି । ସେହି

ସମୟରେ ସ୍ୱର୍ଗପୁରରୁ ଏକ ବାବାଜୀ ଛଦ୍ମବେଶରେ ଆସି ଆଗରେ ଠିଆ ହୋଇ କହିଲେ- "ହଁ ରେ ଶଳା ପାପୀ ! କଣ କରୁଛ ତମେ ମାନେ ? ପଛ ଆଡ଼େ ଦେଖ ।" ସେମାନେ ଦେଖିଲେ ଯେ ଆଗଆଡ଼େ ଯେମିତି ରୁଆ ହୋଇଥିଲା ସେମିତି ଅଛି । ବାବାଜୀ କହିଲେ, "ତୁ ତ କରମ ରାଜାଙ୍କୁ ସାତ ସମୁଦ୍ର ଆର ପାରି ଲଙ୍କାକୁ ଫୋପାଡ଼ି ଦେଇଛୁ । ସେଇଥିପାଇଁ ତୋତେ ଦାନା କନା ଜୁଟୁନାହିଁ । ଯାଅ କରମ ରାଜାଙ୍କୁ ଫେରାଇ ଆଣିବ ତେବେ ଯାଇ ତୁମକୁ ଦାନା କନା ଜୁଟିବ ।"

ଏହାଶୁଣି କରମା ଘରକୁ ଗଲା । ମନେ ମନେ ଭାବିଲା, ହାଏ କରମ୍ ରାଜା ଆମକୁ ଏତେ ଦୁଃଖ ଦୁର୍ଦ୍ଦଶା ଦେଲା । ଘରେ ତାର ବୋହୂକୁ କହିଲା, "ମୁଁ କରମ୍ ରାଜା ପଛରେ ଯିବି । ମୋତେ ପିଠା କରି ଦିଅ ।" ତାପରେ କରମାର ବୋହୂ କହିଲା, "ଘରେ ତ କିଛି ନାହିଁ, କେଉଁଥିରେ ପିଠା କରି ଦେବି ?" କରମା କହିଲା, "ଧରମାର ଢ଼େଙ୍କି ଶାଳାକୁ ଯାଆ । ପାଟରା କୁଣ୍ଡା (ଧୂଳିଆ କୁଣ୍ଡା) ଆଣ୍ ।" ତା ସ୍ତ୍ରୀ ଯାଇ କୁଣ୍ଡା ଆଣି ପିଠା କରି ଦେଲା । କରମା ପିଠାକୁ ଗାମୁଛା କାନିରେ ବାନ୍ଧି କରମ ରାଜାଙ୍କୁ ଖୋଜିବାକୁ ଗଲା । ଅନେକ ବାଟ ଗଲାପରେ ଗୋଟିଏ ଆମ୍ବ ତୋଟା ଦେଖିଲା । ପୁଣି ଗୋଟିଏ ଦିନ ଗୋଟିଏ ରାତି ଚାଲିବା ପରେ ବାଟରେ ଦେଖିଲା ଏକ ଡିମ୍ବିରିଗଛ । ଗଛରେ ଫଳ ଗୁଡ଼ିକ ପାଚି ପୁରା ଲାଲ ଦେଖାଯାଉଛି । ତାହା ଦେଖି କରମା ଭାବିଲା ଯାହା ହେଉ ପଛେ ପାଚିଲା ଡିମ୍ବିରି ଫଳ ଖାଇ କିଛି ବାଟ ଚାଲିବି । ଗଛ ତଳକୁ ଯାଇ ଦେଖିଲା ଯେ ଗଛ ତଳେ ଫଳ ପଡ଼ି ଲାଲ୍ ହୋଇ ଯାଇଛି । ସେଗୁଡ଼ିକ କୁଢ଼ାଇ ସାରି ଦେଖିଲା ଯେ ବିଜ୍ ବିଜ୍ ପୋକ୍ ହୋଇଛି । ସେ ଭାବିଲା ପଡ଼ି କରି କେତେ ଦିନ ହୋଇଥିବ ସେଥିପାଇଁ ପୋକ ହୋଇଗଲାଣି । ତାପରେ ଲାଲ ଫଳ ଗୁଡ଼ିକ ତୋଳି ଖାଇବ ଭାବି ଗଛକୁ ଉଠିଲା । ତୋଳିକରି ମେଲାଇ ଦେଖିଲା, ସେଥିରେ ବି ବିଜ୍ ବିଜ୍ ପୋକ । ତାହା ଦେଖି କରମା କହିଲେ, ହେ କରମ ରାଜା ମୋ ଠାରୁ ତୋର (ଡିମ୍ବିରି ଫଳର) ବେଶୀ ଦୁଃଖ ? ଡିମ୍ବିରି ଗଛ କହିଲା "ହେ ଭଗବାନ ! ତୁ ଯେ କରମା ରାଜାର ନାମ ଧରିଲୁ ତୁ କରମା ରାଜାର କିଏ ? ଆଉ ତୁ କୁଆଡ଼େ ଯିବୁ ?"

କରମା କହିଲା, "ମୁଁ ହେଉଛି ଧରମାର ଭାଇ । ମୋ ଠାରେ କରମା ଆବିର୍ଭାବ ହୋଇଛି । ମୁଁ କରମ ରାଜାଙ୍କୁ ଖୋଜିବାକୁ ସାତ ସମୁଦ୍ର ପାର ହୋଇ ଲଙ୍କାକୁ ଯିବି ।" ତାହା ଶୁଣି ଗଛ କହିଲା, "ମୋର ମିନତି ଟିକେ କରମରାଜାଙ୍କୁ ଜଣାଇଦେବୁ ।" କରମା ପଚାରିଲା, "ତୋର କି ମିନତି ଜଣାଇବି ? ଗଛ କହିଲା, "ମୁଁ ଯେ ଏଡ଼େ ଏଡ଼େ ଫଳ ପଚାଉଛି କେହି ମଣିଷ ଗଛରେ ପାଚିଥିବା ଫଳ ଖାଉନାହାନ୍ତି । ଏହି ମିନତୀଟା ଜଣାଇ ଦେବୁ ।" କରମା କହିଲା, "ହଉ ହେଲା ମିନତୀ ଜଣାଇ ଦେବି ।"

ପୁଣି ଅନେକ ବାଟ ଗଲାପରେ ଗୋଟିଏ କୋଳି ଗଛ ଦେଖିଲା । ଗଛରେ କୋଳି ଗୁଡ଼ିକ ପାଚିକରି ନାଲି ଟହ ଟହ ଦେଖାଯାଉଛି। ତାହା ଦେଖି କରମା ମନେ ମନେ କହିଲା, ପାଚିଲା କୋଳି ଗଛ ତଳ ଲାଲ ଲାଲ୍ ହୋଇଯାଇଛି । ଗଛ ଉପରକୁ କିଏ ଉଠୁଛି, ତଳେ ପଡ଼ିଥିବା ପାଚିଲା କୋଳି ଖାଇ କିଛି ଦୂର ଚାଲିବି ଭାବି ତଳୁ କୋଳି କୁଡ଼ାଇ କରମା ଦେଖିଲା ଯେ ବିଜ୍ ବିଜ୍ ପୋକ । ତା ପରେ କରମା କହିଲା ହେ କରମ୍‌ରାଜା ! ମୋଠାରୁ ତାର (କୋଳିଗଛର) ବେଶୀ ଦୁଃଖ । କୋଳି ଗଛ କହିଲା, ''ହେ ଭଗବାନ୍ ! ତୁମେ କରମ୍ ରାଜାର ନାମ ଧରିଲ, ତୁମେ କରମ୍ ରାଜାର କିଏ ? ଆଉ କୁଆଡ଼େ ଯିବ ?'' କରମା କହିଲା, ''ମୁଁ ହେଉଛି ଧରମାର ଭାଇ ମୋ ଠାରେ କରମ୍ ଆବିର୍ଭାବ ହୋଇଛି । ମୁଁ କରମ ରାଜାଙ୍କୁ ଖୋଜିବାକୁ ସାତ ସମୁଦ୍ର ପାର ହୋଇ ଲଙ୍କାକୁ ଯିବି । ଗଛ କହିଲା ''ମୋର ଟିକେ ମିନତୀ ଜଣାଇଦେବ''। କରମା କହିଲା, ''କହ ତୋର କି ମିନତୀ ଜଣାଇବି ।'' ଗଛ କହୁଛି, ''ମୁଁ ଯେ ଏତେ ଫଳ ପଚାଉଛି, କେହି ମଣିଷ ଗଛରେ ପାଚୁଥିବା ଫଳ ଖାଉ ନାହାନ୍ତି । ଏହି ମିନତୀ ଜଣାଇଦେବ ।'' କରମା କହିଲା, ''ହଉ ହେଲା ତୋର ମିନତୀ ଆଗ ଜଣାଇଦେବି ।''

କରମା ଚାଲି ଚାଲି ଅନେକ ବାଟ ଗଲା । ବାଟରୁ ଥାଇ ଦେଖି ପାରିଲା ଗୋଟିଏ ପୋଖରୀ । କରମା କହିଲା ଯାହା ହେଉ ପୋଖରୀ ପାଣି କରି କିଛି ଦୂର ବାଟ ଚାଲିବି । ପୋଖରୀରେ ପଶି ପାଣି ଧରି ଦେଖିଲା ଯେ ଖାଲି ବିଜ୍ ବିଜ୍ ପୋକ । ସେତେବେଳେ କରମା କହିଲା, ''ହେ କରମ ରାଜା ମୋ ଠାରୁ ତାର ବେଶୀ ଦୁଃଖ ।'' ପୋଖରୀ ଏହା ଶୁଣି କହିଲା- ''ହେ ଭଗବାନ ତୁ କରମା ରାଜାର ନାମ ଧରିଲୁ । ତୁ କରମ୍ ରାଜାର କିଏ ? ଆଉ ତୁ କୁଆଡ଼େ ଯିବୁ ?'' କରମା କହିଲା, ''ମୁଁ ହେଉଛି ଧରମାର ଭାଇ, ମୁଁ ସାତ ସମୁଦ୍ର ପାର ହୋଇ ଲଙ୍କାକୁ ଯିବି, କରମ୍ ରାଜାଙ୍କୁ ଖୋଜିବାକୁ ।'' ପୋଖରୀ କହିଲା, ''ମୋର ଗୋଟିଏ ମିନତୀ ଜଣାଇଦେବୁ ।'' ତୋର କି ମିନତୀ ବୋଲି କରମା ପଚାରିଲା, ପୋଖରୀ କହିଲା ''ମୋ ପାଣିରେ ଖାଲି ବିଜ୍ ବିଜ୍ ପୋକ । କେହି ମୋ ପାଣି ପିଇପାରୁ ନାହାନ୍ତି । ଏହି ମିନତୀ ଜଣାଇଦେବୁ ।'' କରମା କହିଲା, ''ଆଗ ତୋ ମିନତୀ ଜଣାଇଦେବି ।''

ଗୋଟିଏ ଦିନ ଗୋଟିଏ ରାତି ଚାଲିବା ପ... ବାଟରୁ ଥାଇ ଦେଖିଲା ଗୋଟିଏ ମଇଁଷି ଗୋଠ । ମଇଁଷି ଗୋଠକୁ ଦେଖି କରମା ଖୁସି ହେଲା । ଆହୁରି ଖୁସି ହୋଇ ମନେ ମନେ କହିଲା ଯାହା ହେଉ ମଇଁଷି କ୍ଷୀର ଖାଇ କିଛି ଦୂର ଚାଲିବି । ମଇଁଷି ଗୋଠ ପାଖକୁ ଯିବାରୁ ମଇଁଷି ଖୋଜିଲେ ବାଛୁରୀ ପଳାଇଲା । ବାଛୁରୀ ଖୋଜିଲେ ମଇଁଷି ପଳାଇଲା । ସେହିଭଳି ଦେଖି କରମା ବିରକ୍ତ ହୋଇ କହୁଛି, ''ହେ କରମ ରାଜା ! ମୋଠାରୁ ବେଶୀ

ଏମାନଙ୍କର ଦୁଃଖ ।'' ଏହା ଶୁଣି ମଇଁଷି ମାନେ କହିଲେ- ''ହେ ଭଗବାନ୍ ତୁ କରମ୍ ରାଜାର ନାମ ଧରିଲୁ । ତୁ କରମ୍ ରାଜାର କିଏ ? ଆଉ ତୁ କୁଆଡ଼େ ଯିବୁ ।'' କରମା ସାତ ସମୁଦ୍ର ପାର ହୋଇ ଲଙ୍କାକୁଯିବ ରାଜାଙ୍କୁ ଖୋଜିବାକୁ ବୋଲି କହିଲା, ମଇଁଷି ଗୋଠ କହିଲେ ''ଆମର ମିନତୀ ଟା କରମ୍ ରାଜାଙ୍କୁ ଜଣାଇଦେବୁ ।'' ତୁମର କି ମିନତୀ ବୋଲି କରମା ପଚାରିଲା । ମଇଁଷି ଗୋଠ କହିଲେ, ''ଆମ ପାଖକୁ ଭଲ ମନ୍ଦ ଲୋକ ଆସିବେ, କ୍ଷୀର ଖାଇବା ପାଇଁ ହେଲେ ମଇଁଷି ଖୋଜିଲେ ବାଛୁରୀ ପଳାଏ ଓ ବାଛୁରୀ ଖୋଜିଲେ ମଇଁଷି ପଳାଏ । ସେହି ମିନତୀ ଟା ଜଣାଇଦେବୁ ।'' କରମା କହିଲା ''ହେଉ ହେଲା ତୁମ ମିନତୀ ଟି ଆଗ ଜଣାଇ ଦେବି ।''

ଗୋଟିଏ ଦିନ ଗୋଟିଏ ରାତି ଚାଲିବା ପରେ ବାଟରୁ ଥାଇ ଦେଖିଲା ଗୋଟିଏ ଗାଈ ଗୋଠ । କରମା ମନକୁ ମନ କହୁଛି ଯାହା ହେଉ ଗାଈକ୍ଷୀର ଖାଇ କିଛି ଦୂର ବାଟ ଚାଲିବି । ଗାଈ ଗୋଠକୁ ଗଲା । ସେଠାରେ ମଧ୍ୟ ସେହିପରି ଗାଈକୁ ଖୋଜିଲେ ବାଛୁରୀ ନାହିଁ, ବାଛୁରୀ ଖୋଜିଲେ ଗାଈ ପଳାଏ । କରମା ବିରକ୍ତ ହୋଇ କହିଲା- ''ହେ କରମ୍ ରାଜା ! ଏମାନଙ୍କର ବେଶୀ ଦୁଃଖ ।'' ତାହା ଶୁଣି ଗାଈମାନେ କହିଲେ ''ହେ ଭଗବାନ୍ କରମ୍ ରାଜାର ନାମ ଧରିଲୁ । ତୁ କରମ୍ ରାଜାର କିଏ ?'' କରମା କହିଲେ ''ମୁଁ ଧରମାର ଭାଇ କରମା । କରମ୍ ରାଜାଙ୍କୁ ଖୋଜିବାକୁ ସାତ ସମୁଦ୍ର ପାରି ହୋଇ ଲଙ୍କାକୁ ଯିବି ।'' ଗାଈମାନେ ସେମାନଙ୍କର ମିନତୀଟି ଜଣାଇଦେବାକୁ କରମାକୁ କହିଲେ । କରମା କହିଲା- ''ତୁମ୍ଭମାନଙ୍କର କି ମିନତୀ ?'' ଗାଈ ଗୋଠ କହିଲେ, ''ଗାଈ ଖୋଜିଲେ ବାଛୁରୀ ନାହିଁ, ବାଛୁରୀ ଖୋଜିଲେ ଗାଈ ପଳାଉଛି । କରମା କହିଲା ''ତୁମର ମିନତୀଟି ଆଗ ଜଣାଇଦେବି ।''

ଗୋଟିଏ ରାତି ଚାଲିବାପରେ ବାଟରେ ଗୋଟିଏ ଛୋଟ ଗାଁରେ ରାଣ୍ଡି ବୁଢ଼ୀଟିଏ ମୁଢ଼ି ଭାଜୁଥିବାର ଦେଖିଲା । କରମା ମନେ ମନେ ଖୁସି ହୋଇଗଲା । ଭାବିଲା ଯାହା ହେଉ ପୋଡ଼ା ପୋଡ଼ି ମୁଢ଼ି ଦୁଇଟା ମାଗି ଖାଇବି । କରମା ବୁଢ଼ୀକୁ କହିଲା, ''ମୋତେ ମୁଢ଼ି ଦୁଇଟା ଦିଅ'' । ରାଣ୍ଡି ବୁଢ଼ୀ କହିଲା, ''ତୁମକୁ ମୁଁ କେମିତି ମୁଢ଼ି ଦେବି ? ପିଢ଼ା ସହ ବସିଛି ଯେ ପିଢ଼ାଟା ମୋ ଦେହରେ ଲାଗି ଯାଇଛି । ମୁଢ଼ି କାଢ଼ିବା କୁଞ୍ଚ ମଧ୍ୟ ହାତରେ ଲାଗି ରହିଛି ।'' କରମା କହିଲା, ''ହାଏ କରମ୍ ରାଜା ! ମୋ ଠାରୁ ତାର ବେଶୀ ଦୁଃଖ ।'' ରାଢ଼ୀ ବୁଢ଼ୀ କହିଲା- ''ତୁମେ ଯେ କରମ୍ ରାଜାର ନାମ ଧରିଲ, ତୁମେ ରାଜାର କିଏ ? ଆଉ କୁଆଡେ ଯାଉଛୁ ?'' କରମା କହିଲା, ''ମୁଁ ଧରମାର ଭାଇ କରମା । ମୋଠାରେ କରମ୍ ଆବିର୍ଭାବ ହୋଇଛି। ମୁଁ କରମ୍ ରାଜାଙ୍କୁ ଖୋଜିବାକୁ ସାତ ସମୁଦ୍ର ପାର ହୋଇ ଲଙ୍କାକୁ ଯାଉଛି ।'' ତାହା ଶୁଣି ବୁଢ଼ୀ କହିଲା, ''ମୋର ମିନତୀକୁ

କରମ୍ ରାଜାଙ୍କୁ ଜଣାଇ ଦେବୁ । ତୁମର କଣ ମିନତୀ ବୋଲି କରମା ପଚାରିଲା । ବୁଢ଼ୀ କହିଲ, ''ଭାଇ ମୋ ପାଖକୁ ବହୁତ ଲୋକ ମୁଢ଼ି ନେବା ପାଇଁ ଆସୁଛନ୍ତି ହେଲେ ମୁଁ ତ ପିଢ଼ାରେ ବସିଛି, ପିଢ଼ା ଲାଗି ରହିଛି । ହାତ ମୁଠାରେ କୁଞ୍ଚ ଧରି ରହିଛି । ସେହି ମିନତୀ ଟିକୁ ଜଣାଇ ଦେବୁ ।'' କରମା କହିଲା, ''ହଁ ମୁଁ ତୁମ ମିନତୀଟି ଆଗ ଜଣାଇଦେବି ।''

ସେଠାରୁ ବହୁତ ବାଟ ଗଲାପରେ କରମା ଗୋଟିଏ ଛୋଟ ଗାଁ ପାଇଲା ଓ ଗାଁରେ ଏକ ଚୂଡ଼ା କୁଟା ବୁଢ଼ୀ ଦେଖିଲା । କରମା ଦେଖିଲା ଗାଁରେ ଚୂଡ଼ା କୁଟା ବୁଢ଼ୀ ଦୁଲ୍ ଦାଲ ଶବ୍ଦ କରି ଚୂଡ଼ା କୁଟୁଛି । କରମା ଭାବିଲା ଯାହା ହେଉ ପାଟରା କୁଣ୍ଡା ଗୁଡ଼ା ହେଲେ ମାଗି କିଛି ଦୂର ଖାଇ ଖାଇ ବାଟ ଚାଲିବି । କରମା ବୁଢ଼ୀ ପାଖକୁ ଗଲା ଆଉ କହିଲା, ''ଦିଅ ଗୋ । ମୋତେ ଚୂଡ଼ା ଦୁଇଟା ଦିଅ ।'' ବୁଢ଼ୀ କହିଲା, ''ମୁଁ ଚୂଡ଼ା କେମିତି ଦେବି । ଢେଙ୍କି ଯଦି ମାଡ଼ିଲି ଗୋଡରେ ଲାଗି ରହିଛି ।'' କରମା କହିଲା- ''ହାଏ କରମ୍ ରାଜା ! ମୋ ଠାରୁ ତାର ବେଶୀ ଦୁଃଖ ।'' ବୁଢ଼ୀ କହିଲା, ''ତୁମେ ଯେ କରମ୍ ରାଜାର ନାମ ଧରିଲ, କରମ୍ ରାଜା ତୁମର କିଏ ?'' ଆଉ ତୁମେ କୁଆଡ଼େ ଯାଉଛ ?'' କରମା କହିଲା, ମୁଁ ଧରମାର ଭାଇ କରମା । କରମ୍ ରାଜାଙ୍କୁ ଖୋଜିବାକୁ ସାତ ସମୁଦ୍ର ପାର ହୋଇ ଲଙ୍କାକୁ ଯିବି ।'' ତାର ମିନତୀଟି ମଧ କରମ୍ ରାଜାଙ୍କୁ ଜଣାଇ ଦେବାକୁ କହିଲା । ବୁଢ଼ୀର କଣ ମିନତୀ ବୋଲି କରମା ପଚାରିଲା । ବୁଢ଼ୀ କହିଲା, ''ମୋ ପାଖକୁ ଭଲ ମନ୍ଦ ଲୋକ ଆସୁଛନ୍ତି ଚୂଡ଼ା ଦେବାପାଇଁ । ଢ଼ିଙ୍କିରେ ଗୋଡ଼ ଲାଗି ରହିଛି, ଚୂଡ଼ା ଦେବି କେମିତି ? କୁଆଡ଼େ ଯାଇବି ପାରୁନାହିଁ । ଏହି ମିନତୀଟି ଜଣାଇଦେବ । କରମା କହିଲା ''ହେଉ ତୁମ ର ଏହି ମିନତୀଟି ଜଣାଇଦେବି ।''

ସେଠାରୁ ବହୁତ ବାଟ ଗଲାରୁ ବାଟରେ ଗୋଟିଏ ଗଞ୍ଜେଇ ନିଆଁ ଦେଖିଲା । କରମା କହିଲା, ଛାଡ ଗୋ ମୋତେ ବାଟ ଛାଡ଼ି ଦେ'' ଗଞ୍ଜେଇ ନିଆଁ କହୁଛି ''ମୁଁ କୌଣସି ବାଟେ ଯାଇ ପାରୁ ନାହିଁ, କି ହଲ୍ ଚଲ ହୋଇ ପାରୁନାହିଁ । ତୁ ବାଟ ଭାଙ୍ଗି ପାରେଇ ଯା ।'' କରମା କହିଲା ''ହେ କରମ ରାଜା ମୋ ଠାରୁ ତାର ବେଶୀ ଦୁଃଖ !'' ତାହା ଶୁଣି ଗଞ୍ଜେଇ ନିଆଁ କହିଲା, ହେ ଭଗବାନ ! ତୁ ଯେ କରମ୍ ରାଜାର ନାମ ଧରିଲୁ, କରମ୍ ରାଜାର ତୁ କିଏ ?'' କରମା କହିଲା, ''ମୁଁ ଧରମାର ଭାଇ କରମା ମୋତେ କରମ୍ ଆବିର୍ଭାବ ହୋଇଛି ମୁଁ କରମ୍ ରାଜାଙ୍କୁ ସାତ ସମୁଦ୍ର ପାରି ହୋଇ ଖୋଜବାକୁ ଯାଉଛି । ଗଞ୍ଜେଇ ନିଆଁ କହିଲା, ''ମୋର ମିନତୀ ଟିକେ ତାଙ୍କୁ ଜଣାଇଦେବୁ ।'' କରମା ପଚାରିଲା ତୋର କି ମିନତୀ ଅଛି କହ । ଗଞ୍ଜେଇ ନିଆଁ କହିଲା ମୋ ଦେହରେ ଅନବରତ ନିଆଁ ଲାଗି ରହିଛି । ସେଥିପାଇଁ କୌଣସି ଦିଗକୁ ଯାଇପାରୁ ନାହିଁ । କି ହଲ ଚଲ୍ ବି ହୋଇପାରୁ ନାହିଁ । ଏଇ ମିନତୀ ଟା ଜଣାଇଦେବୁ ।'' ହଉ ତେବେ ତୋ କଥା ଆଗ ଜଣାଇବି ବୋଲି କରମା କହିଲା ।

ଚାଲି ଚାଲି ଗୋଟିଏ ଦିନ ଗଲାପରେ ଗୋଟିଏ ଘୋଡ଼ା ଗୋଠ ଦେଖିବାକୁ ପାଇଲା । ଭାବିଲା ଆଉ ନଚାଲି ଏଇ ଘୋଡା ଉପରେ ଚଢ଼ି ଯିବ । ଘୋଡ଼ା ଗୋଠକୁ ଗଲାରୁ ଆଗପଟ ଗଲେ ଘୋଡ଼ା କାମୁଡ଼ିଲା, ପଛପଟେ ଗଲେ ନାତ ମାରିଲା । ଏମିତି ହୋଇ ବିରକ୍ତ ହୋଇଗଲା । ସେତେ ବେଳେ କରମା କହିଲା, ''ହେ କରମ୍ ରାଜା ମୋଠାରୁ ତାର ଦୁଃଖ ବେଶୀ ।'' ଘୋଡା କହିଲା ତୁମେ ଯେ କରମ୍ ରାଜାର ନାମ ଧରିଲ, କରମ୍ ରାଜା ତୁମର କିଏ ?'' କରମା କହିଲା, ''ମୁଁ ଧରମାର ଭାଇ କରମା । କରମ୍ ରାଜାକୁ ଖୋଜିବାକୁ ସାତ ସମୁଦ୍ର ସେ ପାରି ଲଙ୍କାକୁ ଯାଉଛି । ଘୋଡ଼ା କହିଲା, ''ମୋର ବିନତୀ ଟିକେ କରମ୍ ରାଜାଙ୍କୁ ଜଣାଇ ଦେବ'' । ତୁମର ବିନତୀ କଣ ବୋଲି କରମା ପଚାରିଲା । ଘୋଡ଼ା କହିଲା, ''ଆମ ପାଖକୁ ଯେଉଁ ଭଲମନ୍ଦ ଲୋକ ଆସୁଛନ୍ତି ଘୋଡ଼ା ଚଢ଼ିବେ ବୋଲି ମୁହଁ ଆଡ଼େ ଗଲେ କାମୁଡ଼ିବାକୁ ଖୋଜୁଛୁଁ, ପଛ ଆଡ଼େ ଗଲେ ନାତ ମାରୁଛୁ । ଏଇ ବିନତୀ ଟି ଜଣାଇଦେବ ।'' କରମା କହିଲା, ''ତୁମର ମିନତୀ ଟିକୁ ଆଗ ଜଣାଇଦେବି ।''

କରମା ବହୁତ ବାଟ ଗଲାପରେ ଗୋଟିଏ କଣ୍ଟା ପୁଞ୍ଜାକୁ ମଝି ରାସ୍ତାରେ ଛିଡ଼ା ହେବାର ଦେଖିଲା । କରମା ତାକୁ ବାଟ ଛାଡ଼ିବା ପାଇଁ କହିଲା, କଣ୍ଟା ପୁଞ୍ଜା କହିଲା, ''ଯାଅ ବାଟ ଭାଙ୍ଗିକି ଯାଅ । ମୁଁ ତ କୁଆଡ଼େ ଯାଇ ପାରୁନାହିଁ କି ହଲି ପାରୁନାହିଁ ।'' କରମା କହିଲା, ''ହାଏ କରମ୍ ରାଜା ! ମୋ ଠାରୁ ତାର ବେଶୀ ଦୁଃଖ ।'' କଣ୍ଟା ପୁଞ୍ଜା କହିଲା, ''ତୁମେ କରମ୍ ରାଜାର ନାମ ଧରିଲ । କରମ ରାଜା ତୁମର କିଏ ?'' କରମା କହିଲା, ''ମୁଁ ଧରମାର ଭାଇ କରମା । କରମ୍ ରାଜାଙ୍କୁ ମୁଁ ସାତ ସମୁଦ୍ର ପାରି ଲଙ୍କାକୁ ଖୋଜିବାକୁ ଯାଉଛି ।'' କଣ୍ଟା ପୁଞ୍ଜା କହିଲା, ''ମୋର ବିନତୀଟିକୁ କରମ୍ ରାଜାଙ୍କୁ ଆଗ ଜଣାଇ ଦେବ ।'' କରମା ପଚାରିଲା ''ତୁମର ବିନତୀ କଣ ?'' କଣ୍ଟା ପୁଞ୍ଜା କହିଲା, ''ବାଟ ମଝିରେ ଅଛି, କୁଆଡ଼େ ଯାଇ ପାରୁନାହିଁ ।'' କରମା କହିଲା, ''ତୁମର ବିନତୀଟିକୁ ଆଗ ଜଣାଇଦେବି ।''

ଏମିତି ଗୋଟିଏ ଦିନ ଗୋଟିଏ ରାତି ଚାଲିବା ପରେ ବାଟ ମଝିରେ ଗୋଟିଏ ରାତି ଚାଲିବା ପରେ ବାଟ ମଝିରେ ଗୋଟିଏ ସାପ ଦେଖିବାକୁ ପାଇଲା । ସାପଟି ବାଟ ମଝିରେ ଆଁ କରି ରହିଛି । କରମା ତାକୁ ବାଟ ଛାଡ଼ିବାକୁ କହିଲା, ସାପ କହିଲା ''ମୁଁ କୁଆଡ଼େ ଯାଇ ପାରୁନାହିଁ କି ହଲି ପାରୁନାହିଁ । ତୁମେ ବାଟ ଭାଙ୍ଗି ପାରେଇ ଯାଅ ।'' କରମା କହିଲେ ''ହାଏ କରମ୍ ରାଜା ମୋଠାରୁ ତାର ବେଶୀ ଦୁଃଖ ।'' ସାପ କହିଲା, ''ତୁମେ କରମ୍ ରାଜାର ନାମ ଧରିଲ, କରମ୍ ରାଜା ତୁମର କିଏ ?'' କରମା କହିଲା ମୁଁ ଧରମାର ଭାଇ କରମା । କରମ୍ ରାଜାଙ୍କୁ ସାତ ସମୁଦ୍ର ପାରି ଲଙ୍କାରେ ଖୋଜିବାକୁ ଯାଉଛି ।'' ସାପ

କହିଲା,''ମୋର ବିନତୀ ଟିକେ ଜଣାଇଦେବ ।'' କରମା ପଚାରିଲା, ''ତୁମରମିନତୀ କ'ଣ ?'' ସାପ କହିଲା, ''ମୁଁ କୁଆଡ଼େ ଯାଇ ପାରୁନାହିଁ କି ହଲିପାରୁ ନାହିଁ । କରମା କହିଲା ହେଉ, ଆଗ ଜଣାଇ ଦେବି ।''

ଗୋଟିଏ ଦିନ ଗୋଟିଏ ରାତି ଯାକ ଚାଲିବା ପରେ ବାଟ ମଝିରେ ଗୋଟିଏ ରାକ୍ଷସ ଦେଖିଲା । ରାକ୍ଷସଟି ବାଟ ମଝିରେ ଆଁ କରି ଛିଡ଼ା ହୋଇଛି । କରମା ତାକୁ ବାଟ ଛାଡ଼ିବାକୁ କହିଲା । ରାକ୍ଷସ କହିଲା, ''ମୁଁ କୁଆଡ଼ ଯାଇ ପାରୁନାହିଁ, କି ହଲି ପାରୁନାହିଁ । ତୁମେ ରାସ୍ତା କାଢ଼ି ଚାଲିଯାଅ ।'' କରମା କହିଲା, ''ହାଏ କରମ୍ ରାଜା ! ମୋ ଠାରୁ ତା'ର ବେଶୀ ଦୁଃଖ ।'' ରାକ୍ଷସ କହିଲା, ''ତୁମେ ଯେ କରମ୍ ରାଜାର ନାମ ଧରିଲ କରମ୍ ରାଜା ତୁମର କିଏ ?'' କରମା କହିଲା, ''ମୁଁ ଧରମା ଭାଇ କରମା । କରମ୍ ରାଜାଙ୍କୁ ସାତ ସମୁଦ୍ର ସେପାଖ ଲଙ୍କାକୁ ଖୋଜିବାକୁ ଯାଉଚି ।'' ରାକ୍ଷସ କହିଲା, ''ମୋର ବିନତୀଟିକ କରମ୍ ରାଜାଙ୍କୁ ଆଗ ଜଣାଇଦେବ ।'' କରମା ପଚାରିଲା, ''ତୁମର ବିନତୀ କ'ଣ ?'' ରାକ୍ଷସ କହିଲା, ''ମୁଁ କୁଆଡ଼େ ଯାଇ ପାରୁନାହିଁ କି ହଲି ପାରୁନାହିଁ । କରମା କହିଲା, ''ଆଚ୍ଛା ତୁମର ବିନତୀ ଟିକୁ ମୁଁ ଆଗ ଜଣାଇଦେବି ।''

ଏମିତି ଗୋଟିଏ ଦିନ ଗୋଟିଏ ରାତି ପରେ କରମା ସମୁଦ୍ର ପାଖରେ ପହଞ୍ଚିଲା ଏବଂ କହିଲା, ''ହେ କରମ୍ ରାଜା ମୋର କି ଦୁଃଖ ଦୁର୍ଦ୍ଦଶା ! ଏତେ ଏତେ ବିପଦରୁ ପାରି ହୋଇ ଆସିଲି, ଆଉ ଗୋଟେ ସମୁଦ୍ର କିପିର ପାରି ହୋଇଯିବି ।'' ସେହି ସମୁଦ୍ର କୂଳରେ ଗୋଟେ କାଳା କୁମ୍ଭୀର ଥିଲା । ସେହି କୁମ୍ଭୀର କରମାର କଥା ଶୁଣିବାକୁ ପାଇଲା । କୁମ୍ଭୀର କହିଲା, ''ତୁମେ କରମ୍ ରାଜାଙ୍କର ନାମ ଧରିଲା କରମ୍ ରାଜା କିଏ ?'' କରମା କହିଲା, ''ମୁଁ ଧରମାର ଭାଇ କରମା । କରମ୍ ରାଜାଙ୍କୁ ସାତ ସମୁଦ୍ର ପାର ହୋଇ ଲଙ୍କାକୁ ଖୋଜିବାକୁ ଯାଉଛି ।'' କୁମ୍ଭୀର କହିଲା, ''ତେବେ ମୋର ବିନତୀଟିକୁ କରମ୍ ରାଜାଙ୍କୁ ଜଣାଇଦେବି ।'' କରମା କହିଲା, ''ତୁମ ସମୁଦ୍ର ଜଳରେ ଯାଅ, ତୁମର ପୁଣି କଣ ବିନତୀ ଅଛି ?'' କୁମ୍ଭୀର କହିଲା, ମୋର ପିଠିରେ ଗୋଟିଏ ଜାମୁକୋଳି ଗଛ ଅଛି । ସେଥିପାଇଁ ମୁଁ କୁଆଡ଼େ ଯାଇ ପାରୁନାହିଁ ।'' କରମା କହିଲା, ''ହେଲେ ମୁଁ ସମୁଦ୍ର ପାର ହେବି କେମିତି ? କୁମ୍ଭୀର କହିଲା, ''ମୋ ପିଠିରେ ବସ, ତୁମ୍ଭକୁ ମୁଁ ପାରି କରିଦେବି ।'' ସେତେବେଳେ କରମା କହିଲା ''ତୁମେ ଗୋଟିଏ ଜଳଜନ୍ତୁ । ତୁମ ପିଠିରେ ବସିବାପାଇଁ ମୋତେ ଡର ମାଡୁଛି ।'' କୁମ୍ଭୀର କହିଲା, ''ନା ମୋତେ ଅବିଶ୍ୱାସ କର ନାହିଁ । କଥାରେ ଅଛି, ବିଶ୍ୱାସ ଘାତକତା କରେ ସେ ନର୍କକୁ ଯାଏ ।'' କରମା କହିଲା, ''କଥା ତ ଠିକ୍ ଅଛି, ହେଲେ ଗୋଟିଏ ସତ୍ୟ କରିବ ।'' ଦୁଇ ଜଣ ସତ୍ୟ ମଧ କଲେ ।

ସତ୍ୟପାଠ–
''ସତ୍ୟ ସତ୍ୟ ବ୍ରହ୍ମା ସତ୍ୟ
ଏ ସତ୍ୟ ଯେ ନ, ମାନିବ
ଆଖି ଫୁଟି ପ୍ରାଣ ଯିବ ।''

ତାପରେ କରମା କୁମ୍ଭୀର ପିଠିରେ ଚଢ଼ିଲା । ସମୁଦ୍ରଟି ପାର ହୋଇ ଆଉ କିଛି ଦୂର ଯାଇଛି, କରମ୍ ରାଜାର ପାଣି ଭାରୁଆକୁ ପାଇଲା । କରମା ପାଣି ଭାରୁଆକୁ ପଚାରିଲା, ''କେଉଁଠି କରମ୍ ରାଜା ଅଛନ୍ତି ?'' ପାଣି ଭାରୁଆ ପାଣି ବୋହି ବୋହି ଥକି ଯାଇଛି । ତେଣୁ ସେ କିଛି ଉତ୍ତର ଦେଇ ପାରିଲା ନାହିଁ । ଭାରୁଆର ଏ ଅବସ୍ଥା ଦେଖି କରମା କହିଲା- ''ହେ କରମ୍ ରାଜା ! ମୋ ଠାରୁ ତାର ବେଶୀ ଦୁଃଖ ।'' ଭାରୁଆ ହଠାତ୍ କହିଲା, ''ତୁମେ କରମ୍ ରାଜାର ନାମ ଧରିଲ ତୁମେ କରମ୍ ରାଜାଙ୍କର କିଏ ?'' କରମା କହିଲା ''ମୁଁ ଧରମାର ଭାଇ କରମା । କରମ୍ ରାଜାଙ୍କୁ ନେବାପାଇଁ ଆସିଛି ।'' ତେବେ ମୋର ମିନତୀ କୁକରମ୍ ରାଜାଙ୍କୁ ଜଣାଇ ଦେବ ବୋଲି ଭାରୁଆ କରମାକୁ କହିଲା । କରମା କହିଲା ''ତୁମର କଣ ମିନତୀ ?'' ଭାରୁଆ କହିଲା, ''ମୁଁ ଦିନରାତି ରାଜାଙ୍କ ଘରେ ପାଣି ବୋହୁଛି । କେମିତି ଏଥିରୁ ମୁକ୍ତି ପାଇବି, ସେହି ବିନତୀଟିକୁ ଆଗ ଜଣାଇଦେବି ।'' ତାପରେ କରମା କରମ୍ ରାଜାଙ୍କ ପାଖକୁ ଗଲା । ଦେଖିଲା ଯେ କରମ୍ ରାଜା ଗୋଟାପଣେ କାଦୁଅ ହୋଇଛନ୍ତି । କରମା ଯାଇ ରାଜାଙ୍କ ଗୋଡ଼ ପାଖରେ ପଡ଼ିଗଲା । ରାଗରେ କରମ୍ ରାଜା କରମାକୁ ବହୁତ ଗାଳି ଦେଲେ । କରମା ଗୋଡ଼ ପାଖରେ ବସି କାଦୁଅ ଗୁଡ଼ିକୁ ଧୋଇ ସଫା କରିଦେଲା ଏବଂ କହିଲା, ''ଚାଲ ମହାପ୍ରଭୁ ଆପଣଙ୍କୁ ନେଇଯିବି । ମୋର ଯେତେ ଦୋଷ କ୍ଷମା କରି ଦିଅନ୍ତୁ । କରମ୍ ରାଜା କହିଲେ, ''ମୁଁ ବର୍ତ୍ତମାନ ଏମିତି ଯିବି ନାହିଁ । ଭାଦ୍ରବମାସ ଏକାଦଶୀ ଦିନ ଯିବି । ସେଦିନ କରମ କରି ପୂଜା କରିଲେ ଯାଇ ମୁଁ ଯିବି । ଏବେ ତୁ ଯା ସ୍ନାନ ସାରି ଖାଇ କରି ଆସିବୁ ।'' କରମା କରମ୍ ରାଜଙ୍କୁ କହିଲା, ''ମୁଁ ତ କୌଣସି ଜିନିଷ ଆଣି ନାହିଁ, ଧରମାର ତ୍ରିଙ୍କି ପାଖରୁ ଖାଲି ପାଟରା କୁଣ୍ଡା ଆଣି ସେଥିରେ ତିଆରି ପିଠା ଆଣିଛି ।'' କରମ୍ ରାଜା ''ସେଗୁଡ଼ିକ ସବୁ ଲଡୁ ଓ ରସଗୋଲା ହୋଇଯିବ ।'' କରମା ସ୍ନାନ କରି ଆସି ଦେଖିଲା ସତକୁ ସତ କୁଣ୍ଡାପିଠା ଗୁଡ଼ାକ ଭଲ ଭଲ ଲଡୁ ଓ ରସଗୋଲା ହୋଇ ଯାଇଛି । କରମା ସେଗୁଡ଼ିକୁ ଖାଇ କରମ୍ ରାଜାଙ୍କ ପାଖକୁ ଆସିଲା । କରମ୍ ରାଜାଙ୍କୁ କହିଲା, ''ହେ କରମ୍ ରାଜା ! ସେମାନଙ୍କୁ ମୁଁ କ'ଣ କହିବି ?'' ସେତେବେଳେ କରମ୍ ରାଜା ଖୁସି ହୋଇ କହିଲେ, ''ଯା ତୁ ଯାହା କହିବୁ ତାହା ହେବ ।'' କରମା ଏହାପରେ କରମ୍ ରାଜାଙ୍କୁ ମୁଣ୍ଡିଆ ମାରି ଘରକୁ ଫେରିଲା ।

କରମା ଫେରିବା ବାଟରେ ପ୍ରଥମେ ପାଣି ଭାରୁଆକୁ ଭେଟିଲା । ଭାରୁଆ କହିଲଣ, ''କଣ ମୋ ମିନତୀଟି ଜଣାଇଥିଲ ?'' କରମା କହିଲା, ''ତୁମ ମିନତୀ ଟି ଆଗ ଜଣାଇଛି । ତୁମେ ଯେ ରାଜାଘର ଜିନିଷପତ୍ର ସାଇତି କି ରଖିନାହଁ, ସେଥିପାଇଁ ତୁମକୁ ପାପ ଲାଗିଛି । ତୁମ ଘରେ ଗୋଟିଏ କଳସୀରେ କଳସିଏ ଟଙ୍କା ଅଛି । ସେଗୁଡ଼ିକୁ ତୁମେ ଦାନ କରି ଦିଅ, ତେବେ ତୁମ ପାପ ଖଣ୍ଡନ ହେବ ।'' ଭାରୁଆ କହିଲା କେଉଁଠୁ ପାଇବି ବ୍ରହ୍ମଣ, କେଉଁଠୁ ପାଇବି ବୈଷ୍ଣବ ? ତୁମେ ହିଁ ବ୍ରାହ୍ମଣ, ତୁମେ ହିଁ ବୈଷ୍ଣବ । ସବୁକୁ ବାନ୍ଧି ବୁନ୍ଧି ନେଇଯାଅ ।'' କରମା ସବୁ ବାନ୍ଧି ବୁନ୍ଧି ଯାଇ ସମୁଦ୍ର କୂଳରେ ପହଞ୍ଚିଲା ।

କାଲା କୁମ୍ଭୀର କହିଲା, ''କଣ ମୋ ବିନତୀଟିକୁ ଜଣାଇଥିଲ ?'' କରମା କହିଲା, ''ମୋତେ ପାରି କରିଦିଅ ତେବେ କହିବି ।'' କରମା କୁମ୍ଭୀର ପିଠିରେ ବସି କହିଲା, ''ତୁମେ ଯେ କେତେ ଲୋକ ଓ ଝିଅ ବୋହୂଙ୍କୁ ଖାଇ ଦେଉଛ, ସେଥିପାଇଁ ତୁମକୁ ପାପ ଲାଗିଛି । ତୁମେ ଦୁଇ କଳସ ଟଙ୍କା ଓ ଗହଣା ଖାଇ ଯାଇଛ । ସେଗୁଡ଼ିକୁ ଦାନ ଦକ୍ଷିଣା କର । ତେବେ ଯାଇ ପାପ ଖଣ୍ଡନ ହେବ ।'' କୁମ୍ଭୀର କହିଲା, ''ବ୍ରାହ୍ମଣ ବୈଷ୍ଣବ କୋଉଠୁ ପାଇବି ? ତୁମେ ଏସବୁ ବାନ୍ଧି ବୁନ୍ଧି କି ତୁମେ ନେଇଯାଅ ।'' କରମା ସବୁ ବାନ୍ଧି ବୁନ୍ଧି ଚାଲିଲା । ଯାଇ ପହଞ୍ଚିଲା ରାକ୍ଷସ ପାଖରେ ।

ରାକ୍ଷସ କହିଲା, ''କଣ ମୋ ବିନତୀଟିକୁ ଜଣାଇଥିଲ ?'' କରମା କହିଲା, ''ତୁମେ ଯେ ଲୋକମାନଙ୍କୁ ଖାଇ ଯାଉଛ ସେଇ ପାପ ତୁମକୁ ଲାଗିଛି । ତୁମ ପାଖରେ ଦୁଇ କଳସୀ ଟଙ୍କା ଅଛି । ସେଗୁଡ଼ିକ ଦାନ ଦକ୍ଷିଣା କର ତେବେ ଯାଇ ପାପ ଖଣ୍ଡନ ହେବ ।'' ରାକ୍ଷସ କହିଲା, ''କୋଉଠୁ ବ୍ରାହ୍ମଣ, ବୈଷ୍ଣବ ପାଇବି ? ତୁମେ ସବୁକୁ ବନ୍ଧାବନ୍ଧି କରି ନେଇ ଯାଅ ।'' କରମା ସବୁ ବନ୍ଧାବନ୍ଧି କରି ଚାଲିଲା ।

ବାଟରେ ପାଇଲା ସାପକୁ । ସାପ କରମାକୁ ଦେଖି ପଚାରିଲା, ''କଣ ମୋ ବିନତୀଟିକୁ କରମ ରାଜାଙ୍କୁ ଜଣାଇଥିଲ ?'' କରମା କହିଲା, ''ହଁ ତୁମ ବିନତୀଟିକୁ ଜଣାଇଥିଲି । ତୁମେ ଯେ ଝିଅ, ବୋହୂମାନେ ପାଣି ଆଣିବା ପାଇଁ ଗଲେ କାମୁଡ଼ି ଦିଅ । ସେଇ ପାପ ତମକୁ ଲାଗିଛି । ତୁମ ପାଖରେ ଦୁଇ ଗରା ଟଙ୍କା ଅଛି, ସେଗୁଡ଼ିକୁ ଦାନ ଦକ୍ଷିଣା କରିଦିଅ, ତୁମର ପାପ ଘୁଞ୍ଚିଯିବ ।'' ସାପ କହିଲା, ''ବ୍ରାହ୍ମଣ, ବୈଷ୍ଣବ କେଉଁଠି ପାଇବି ? ସବୁ ତୁମେ ନେଇଯାଅ ।'' କରମା ସବୁ ବାନ୍ଧି ବୁନ୍ଧି ପହଞ୍ଚିଲା କଣ୍ଟା ପୁଞ୍ଜା ପାଖରେ ।

କଣ୍ଟା ପୁଞ୍ଜା କରମାକୁ ପଚାରିଲା, ''ମେ ବିନତୀ ଟିକୁ ଜଣାଇଲ ?'' କରମା କହିଲା, ''ତୁମ ବିନତୀଟିକୁ ଜଣାଇଥିଲି । ତୁମେ ଲୋକମାନଙ୍କୁ ରାସ୍ତା ଛାଡ଼ିଲନାହିଁ, ବାଟ

ମଝିରେ ଛିଡ଼ା ହୋଇଥିଲ । ସେହି ପାପ ତୁମକୁ ଲାଗିଛି । ତୁମ ପାଖରେ ଏକ କଳସୀ ଟଙ୍କା ଅଛି ସେଗୁଡ଼ିକୁ ଦାନ କର ତେବେ ତୁମ ପାପ ଘଣ୍ଡନ ହେବ ।'' କଣ୍ଟା ପୁଞ୍ଜ କହିଲା, ''ମୁଁ କେଉଁଠୁ ବ୍ରାହ୍ମଣ, ବୈଷ୍ଣବ ପାଇବି ? ତୁମେ ବ୍ରାହ୍ମଣ, ତୁମେ ବୈଷ୍ଣବ ସବୁ ବନ୍ଧା ବନ୍ଧି କରି ତୁମେ ହିଁ ନେଇ ଯାଅ । କରମା ସବୁ ଟଙ୍କା ଧରି ଚାଲିଲା ।

କରମାକୁ ଦେଖି ଘୋଡ଼ା କହିଲା- ''କଣ ମୋ ମିନତୀ କରମ୍ ରାଜାଙ୍କୁ ଜଣାଇଥିଲ ?'' କରମା କହିଲା, ''ତୁମ ବିନତୀ ଜଣାଇଥିଲି । ଭଲ ମନ୍ଦ ଲୋକ ତୁମ ପିଠିରେ ଚଢ଼ିବାକୁ ଆସିଲେ ତୁମେ ଯେ କାମୁଡ଼ିବାକୁ ଓ ନାତ ମାରିବାକୁ ଖୋଜୁଛ ସେହି ପାପଟି ତମକୁ ଲାଗିଛି । ତୁମ ପାଖରେ ଦୁଇ କଳସୀ ଟଙ୍କା ଅଛି ସେଗୁଡ଼ିକୁ ଦାନ କର, ତେବେ ଯାଇ ତୁମର ପାପ ଖଣ୍ଡନ ହେବ ।'' ଘୋଡ଼ା କହିଲା, ''ତୁମେ ବ୍ରାହ୍ମଣ ତୁମେ ହିଁ ବୈଷ୍ଣବ । ତେଣୁ ତୁମେ ସବୁ ନେଇ ଯାଅ ।'' ସବୁ ବନ୍ଧା ବନ୍ଧି କରି କରମା ଗଞ୍ଜେଇ ନିଆଁ ପାଖରେ ପହଞ୍ଚିଲା ।

କରମାକୁ ଦେଖି ଗଞ୍ଜେଇ ନିଆଁ କହିଲା, ''କଣ ଠାକୁରଙ୍କୁ ମୋର ମିନତୀଟା ଜଣାଇଲ ?'' କରମା କହିଲା, ''ହଁ ତୋର ମିନତୀଟା ଜଣାଇଛି । ତୁ ଯେ ତ୍ରେତୟା ଯୁଗରେ ଭଗବାନ ମହାପ୍ରଭୁ ରାମଚନ୍ଦ୍ର ମାତାଙ୍କ ହାତକୁ ପୋଡ଼ି ଦେଇଥିଲୁ । ସେହି ପାପଟା ତୋତେ ଲାଗିଛି । ତୋ ପାଖରେ ଯେଉଁଦୁଇ କଳସୀ ଟଙ୍କା ଅଛି ସେଗୁଡ଼ିକ ସବୁ ଦାନ କରି ଦେ । ତାହେଲେ ତୋର ପାପ ଖଣ୍ଡନ ହୋଇଯିବ ।'' ଗଞ୍ଜେଇ ନିଆଁ କହିଲା, ''କେଉଁଠୁ ବ୍ରାହ୍ମଣ ପାଇବି, କେଉଁଠୁ ବୈଷ୍ଣବ ପାଇବି ? ତୁ ବ୍ରାହ୍ମଣ, ତୁ ବୈଷ୍ଣବ, ତେଣୁ ସବୁ ପୁଟୁଳା କରି ନେଇଯା ।'' କରମା ସବୁ ନେଇ ଚାଲିଲା ।

ବାଟରେ ଚୁଡ଼ା କୁଟା ବୁଢ଼ୀ କରମାକୁ ଦେଖି କହିଲା, ''କଣ ମୋ ମିନତୀଟି କରମ୍ ଠାକୁରଙ୍କୁ ଜଣାଇଥିଲ ?'' କରମା କହିଲା, ''ହଁ ଠାକୁରଙ୍କୁ ତୁମ ମିନତୀଟିକୁ ଜଣାଇଥିଲି । ତୁମେ ଯେ ଲୋକମାନଙ୍କୁ ଠକି ଛୋଟ ସେରରେ ଚୁଡ଼ା ଦିଅ । ବଡ଼ ସେରରେ ଧାନ ନିଅ । ସେଇ ପାପଟି ଲାଗିଛି । ତୁମ ପାଖରେ ଚାରି କଳସୀ ଟଙ୍କା ଅଛି । ସେହି ଟଙ୍କାକୁ ବ୍ରାହ୍ମଣ, ବୈଷ୍ଣବଙ୍କୁ ଦାନକର । ତେବେ ଯାଇ ତୁମ ପାପ ଖଣ୍ଡନ ହେବ ।'' ଚୁଡ଼ା କୁଟା ବୁଢ଼ୀ କହିଲା, କେଉଁଠୁ ପାଇବି ବ୍ରାହ୍ମଣ, କେଉଁଠି ପାଇବି ବୈଷ୍ଣବ ? ତୁମେ ବ୍ରାହ୍ମଣ ତୁମେ ବୈଷ୍ଣବ । ତେଣୁ ସବୁ ବନ୍ଧା ବନ୍ଧି କରି ତୁମେ ନେଇ ଯାଅ ।'' କରମା ସବୁ ବନ୍ଧା ବନ୍ଧି କରି ନେଇ ଚାଲିଲା । ଆଉ ପହଞ୍ଚିଲା ରାଢ଼ୀ ବୁଢ଼ୀ ପାଖରେ ।

କରମାକୁ ଦେଖି ରାଢ଼ୀ ବୁଢ଼ୀ କହିଲା, ''କଣ ମୋ ବିନତୀଟିକୁ ଜଣାଇଥିଲ ? କରମା କହିଲା, ''ତୁମ ବିନତୀଟି ଠାକୁରଙ୍କୁ ଜଣାଇଥିଲି । ତୁମେ ଯେ ବେଶି ପଇସା

ନେଇ ଛୋଟ ସେରରେ ମୁଢ଼ି ବିକ୍ରି କଲ ସେହି ପାପ ତୁମକୁ ଲାଗିଛି । ତୁମ ଘରେ ଚାରି କଳସୀ ଟଙ୍କା ଅଛି ସେ ଗୁଡ଼ିକୁ ଦାନ କର। ବ୍ରାହ୍ମଣ, ବୈଷ୍ଣବଙ୍କୁ ଦିଅ । ତେବେ ଯାଇ ପାପ ଖଣ୍ଡନ ହେବ । ରାଢ଼ୀ ବୁଢ଼ୀ କହିଲା କେଉଁଠୁ ବ୍ରାହ୍ମଣ, ବୈଷ୍ଣବ ପାଇବି ? ତୁମେ ବ୍ରାହ୍ମଣ, ତୁମେ ବୈଷ୍ଣବ ତୁମେ ସବୁ ବନ୍ଧାବନ୍ଧି କରି ନେଇ ଯାଅ । କରମା ସବୁ ବାନ୍ଧି କରି ଯାଇ ପହଞ୍ଚିଲା ଗାଈ ଗୋଠ ପାଖରେ ।

କରମାକୁ ଦେଖି ଗୋଟିଏ ଗାଈ କହିଲା, ଆମ ବିନତୀଟିକ କରମ୍ ରାଜାଙ୍କୁ ଜଣାଇଥିଲୁ କି ? କରମା କହିଲା, ''ହଁ ଜଣାଇଥିଲି । ଲୋକମାନେ ପାଖକୁ କ୍ଷୀର ଖାଇବାକୁ ଆସିଲେ ଲାତ ମାର । ତେଣୁ ସେଇ ପାପ ତମ ମାନଙ୍କୁ ଲାଗିଛି । ତୁମ ପାଖରେ ଏକ କଳସୀ ଟଙ୍କା ଅଛି । ସେଗୁଡ଼ିକ ଦାନ କଲେ ପାପ ଖଣ୍ଡନ ହେବ । ଗାଈଟି କହିଲା କେଉଁଠୁ ବ୍ରାହ୍ମଣ ଓ ବୈଷ୍ଣବ ପାଇବା ? ତୁ ବ୍ରାହ୍ମଣ ତୁ ବୈଷ୍ଣବ ସବୁ ବନ୍ଧାବନ୍ଧି କରି ନେଇଯା ।'' କରମା ସବୁ ଟଙ୍କା ନେଇ ଚାଲିଲା ।

କରମାକୁ ଦେଖି ମଇଁଷିମାନେ କହିଲେ, ''କଣ ଭାଇ ଆମ ବିନତୀଟିକୁ ଠାକୁରଙ୍କୁ ଜଣାଇଥିଲୁ ?'' କରମା କହିଲା ହଁ ତୁମେ ମାନେ ଯେ ଲୋକ ସବୁ କ୍ଷୀର ଖାଇବାକୁ ଆସିଲେ ନାତ ମାରୁଛ, କାମୁଡୁଛ, ସେହି ପାପଟା ତମ ମାନଙ୍କୁ ଲାଗିଛି । ତୁମ ପାଖରେ ଏକ କଳସୀ ଟଙ୍କା ଅଛି । ସେଗୁଡ଼ିକ ଦାନ କରିଦିଅ, ପାପ ଖଣ୍ଡନ ହୋଇଯିବ ।'' ମଇଁଷି ମାନେ କହିଲେ, ''କେଉଁଠୁ ପାଇବା ବ୍ରାହ୍ମଣ ବୈଷ୍ଣବ ? ତୁମେ ଆମପାଇଁ ବ୍ରାହ୍ମଣ ତୁମେ ହିଁ ବୈଷ୍ଣବ । ତେଣୁ ତୁମେ ସବୁ ଟଙ୍କା ନେଇ ଯା ।'' କରମା ଟଙ୍କା ସବୁ ବନ୍ଧା ବନ୍ଧି କରି ଚାଲିଲା ।

କରମା ଯେତେବେଳେ ପୋଖରୀ ପାଖରେ ପହଞ୍ଚିଲା, ପୋଖରୀ କହିଲା, ''କଣ ମୋ ମିନତୀ କରମ୍ ରାଜାଙ୍କୁ ଜଣାଇଥିଲୁ ?'' କରମା କହିଲା, ''ହଁ ଜଣାଇଥିଲି । ତୁ ବଡ଼ଘରର ଝିଅ ବୋହୂମାନେ ସ୍ନାନ କରିବାକୁ ଆସିଲେ ବୁଡ଼ାଇ ଦେଉ । ସେହି ପାପ ତୋତେ ଲାଗିଛି । ତୋର ଚାରି କୋଣରେ ଚାରି କଳସୀ ଟଙ୍କା ଅଛି । ସେଗଡ଼ିକୁ ଦାନ କର ପାପ ଖଣ୍ଡନ ହେବ ।'' ପୋଖରୀ କହିଲା, ''କେଉଁଠୁ ମୁଁ ବ୍ରାହ୍ମଣ, ବୈଷ୍ଣବ ପାଇବି ? ତୁ ମୋ ପାଇଁ ବ୍ରାହ୍ମଣ, ତୁ ମୋ ପାଇଁ ବୈଷ୍ଣବ । ତୁ ସବୁ ବନ୍ଧାବନ୍ଧି କରି ନେଇ ଯା ।'' କରମା ସବୁ ନେଇ କୋଳିଗଛ ପାଖରେ ପହଞ୍ଚିଲା ।

କରମାକୁ ଦେଖି କୋଳିଗଛ କହିଲା, ''କଣ ମୋ ବିନତୀଟିକୁ ଠାକୁରଙ୍କୁ ଜଣାଇଥିଲ ?'' କରମା କହିଲା, ''ହଁ ତୁମେ ଯେ ଲୋକମାନଙ୍କୁ କୋଳି ଖାଇବା ପାଇଁ ଆସିଲେ ପୋକରା ହୋଇଯାଅ । ସେ ପାପ ଲାଗିଛି । ତୁମ ପାଖରେ ଏକ କଳସୀ ଟଙ୍କା

ଅଛି, ସେ ଗୁଡ଼ିକୁ ଦାନ କଲେ ପାପ ଖଣ୍ଡନ ହେବ । କୋଲିଗଛ କହିଲା, କେଉଁଠୁ ପାଇବି ବ୍ରାହ୍ମଣ କେଉଁଠି ପାଇବି ବୈଷ୍ଣବ। ତୁମେ ମୋର ସବୁ । ତେଣୁ ତୁମେ ବନ୍ଧାବନ୍ଧି କରି ସବୁ ନେଇଯାଅ ।'' କରମା ସବୁ ବନ୍ଧାବନ୍ଧି କରି ଚାଲି ଯାଇ ପହଞ୍ଚିଲା ଡିମ୍ବିରି ଗଛ ପାଖରେ ।

କରମାକୁ ଦେଖି ଡିମ୍ବିରୀ ଗଛ ବହୁତ ଖୁସି ହୋଇ ପଚାରିଲା ''କଣ ମେ ବିନତୀ ଜଣାଇଥିଲ କି ନାହିଁ ?'' କରମା କହିଲା ହଁ ତୁମ ବିନତୀଟି ଆଗ ଜଣାଇଥିଲି । ତୁମେ ଯେ ଲୋକମାନେ ଫଳ ଖାଇବାକୁ ଆସିଲେ ପୋକରା ହୋଇ ଯାଉଛ । ସେହି ପାପ ଲାଗିଛି ତୁମକୁ । ତୁମ ପାଖରେ ଏକ କଳସୀ ଟଙ୍କା ଅଛି । ସେଗୁଡ଼ିକୁ ଦାନ କରିଦିଅ ।'' ଡିମ୍ବିରି ଗଛ କହିଲା, ''ମୁଁ କେଉଁଠୁ ବ୍ରାହ୍ମଣ, ବୈଷ୍ଣବ ପାଇବି ?'' ତୁମେ ମୋ ପାଇଁ ବ୍ରାହ୍ମଣ ତୁମେ ମୋ ପାଇଁ ବୈଷ୍ଣବ । ସବୁ ବନ୍ଧା ବନ୍ଧି କରି ତୁମେ ନେଇଯାଅ ।'' କରମା ସବୁ ବନ୍ଧାବନ୍ଧି କରି ଚାଲିଲା । କିଛି ସମୟ ବିଶ୍ରାମ କରିବା ପରେ କରମା ଘରେ ପହଞ୍ଚିଲା ।

ଯେବେ ଭାଦ୍ରବ ମାସର ପହିଲି ଏକାଦଶୀ ପହଞ୍ଚିଲା, ସେତେବେଳେ କରମା ତିନିଦିନ ଆଗରୁ ଅବିବାହିତା ଝିଅମାନଙ୍କୁ ବାଲି ଉଠା କରାଇଲା । ଭାଇ, ବନ୍ଧୁଙ୍କୁ ଡକାଇ ତା'ପର ଦିନ ଜାଗରଣ କଲା । ଏକାଦଶୀ ଦିନ କରମ ଡାଲ ଦୁଇଟି କାଟି ଆଣି ବାହାରେ ପୋତିଲା । କରମା ଘରେ ନାଚ, କୀର୍ତ୍ତନ ହେଲା । କରମା ସେଇଦିନଠୁଁ ଆନନ୍ଦରେ ଜୀବନ ବିତାଇଲା ।

ସେହିଦିନଠାରୁ ସମସ୍ତେ କରମ ଠାକୁରଙ୍କୁ ପୂଜାକରି ଆସୁଅଛୁ । ଏହାହିଁ ଆମ ମୁଣ୍ଡାରୀ ବା ଭୂମିଜ ସଂପ୍ରଦାୟର ସୃଷ୍ଟି ସମ୍ବନ୍ଧୀୟ ତଥ୍ୟ କୁହାଯାଏ ।

# ହାଲାମ୍ ଗାଲିଆଃ କାଜି

ହାତୁ ମୁଡ଼ିରେ ମୟଦ୍ ଇଗୁ ମାରାଂ ଉଲି ବାଗାନ୍ ତାଇକେନା । ଇନା ବାଗାନ୍‌ରେ ମୟଦ୍ ହାଲାମ୍ ଗାଲିଇ ଆୟାଃ ହନକଲଃ । ରାସିକାରେକ୍ ତାଇକେନାଃ । ଯେତାଏଃ ଯଦି ଇନା ବାଗାନ୍‌ତେ ଦାରୁ ମାଃ କଅ ହିଜୁଗାଃ ଏନ୍ ଦିପିଲାଂ ହାଲାମ୍ ଗାଲି କାଆ ବାସି ଲେଦକଆ । ଖାଗିଲି ଖାଗିଲିତେ ହୁଆଃ ଲେଦ୍‌କଆ । ଇନାତେ ଯତ ହଲକଅ ବରଲେଦା ହାଲାମ୍ ଗାଲିଆ ଚଲନ୍ ବେଓ୍ୱାରେଗେ ତାଇକେନା । ଚେଟେ ସିଙ୍ଗିଦିପିଲୁଂ ଉଲି ଇସିନ୍ ଯନ୍‌ରେ ଏନ୍ ହାଲାମ୍ ଗାଲି ଯତ ହଲକକେ ତିଉଃ କାତେ ଯମନା ଗେନ୍‌ଏ ଅମା ଲେଦକଆ । ମୁସିଂ ବାରହଲ ଇନା ବାଗାନ୍ ନାଗେନ୍ କିନ ଏପେରାଂ ଯାନା । ନିଜେ ନିଜେରେୟାମେନ୍ତେ କିନ୍ ମେନ୍‌କେଦା । ଆର୍ ମଦହଲଦଅ ବାଗାନ୍ ଆତମ୍ ବିୟୁର ଝାଣ୍ଡି ନାଗେନ୍ ଆଗୁନ୍‌ଜାନା । ଅତଃ ମଦ୍ ହଲବଅ ଉଲିଦାରୁ ମାଃ ନାଗେନ୍ ଆଚୁନ୍‌ଜାନା ହାଲାମ୍ ଗାଲିଇନା ଲେଲ୍‌କାତେଃ । ଇଶୁ ଉତୁଷେ ଏଅର କେଦା । ଇସୁ ଦିନ୍‌ରେୟା ପୁରୁଣା ଉଲି ବାଗାନ୍ । ଇନା ନାଗେନ୍ ଏପେରାଂ ଗପଏଃ ହବାଅ ତାନା । ନିକିନାଃ ନାଗେନ୍‌ତେ ନିଆଁ ଉଲି ବାଗାନ୍ ରାପୁଦଃତାନା । ନିଜେ ତାୟୁନାଗେନ୍ ବାସାଅ କାଇଁନା ମେୟା । ହାଲାମ୍ ଗାଲି ଇସୁଃ ଉତୁକେଦାଃ ଏନ୍ ହଲକିନାଃ ଯାପାଃ ତେୟ଼ କା ସେନଃ ଧାଲିତାନାଃ । କାନାରେଆ ହଲକିନାଃ ତିଇରେ କଟୁରୀ ମେନାଗା । ହାଲାମ୍ ଗାଲି ଉତୁତେ ନାସାଇ ହାନ୍‌ସାଇ ଧାଉଲବାଲା ଯାଦାଃ । ନାସାଇ ହାନ୍‌ସାଇ ମୟଦ୍ ରାଜା ଇନା ହରାତେ ସେନେଃ ତାନେଃ ତାଇକେନାଃ । ହାଲାମ୍ ଗାଲି ରାଜାକେ ଲେଲ୍‌କାତେ ଧାଉଲ୍ ସେନଃ ଯନାଃ ଆର୍ ରାଜା କାଟା । ସାବ୍ କେଦାଃ ରାଜା ଉତୁଃ କେଦାଃ ପାଚେତରାଂ ଗାଲିଟା ଦୁକ୍‌ରେ ଟଗାକାନାଃ । ଗାଲିଟାକେ କାଟା ଲତାର୍ ତେୟାଦ୍ ଅଟଃ କିୟା । ଅଟଃ କିଃ ତାୟମ୍ ଗାଲି ଉଲି ବାଗାନ୍ ସାଇତେ ସେନ୍ କେଦାଃ । ଇନା ତାୟମ୍ ତାୟମତେ ରାଜା ସେନ୍ କଦୋଃ ଉଲି ବାଗାନ୍ ସେଟେର୍ ଯାଦ୍‌ଲଃ ଏନ୍‌ବାର ହଲକିନାଃ ଏପେରାଂ ସେନ୍‌ତାଦାଃ । ରାଜାକେ ଲେଲ୍‌କାତେ ଏନ୍‌ବାର ହଲ ପଶକାଅ ଜାନାକିନ୍ । ରାଜା କୁଲି ଯାଦ୍ କିନ୍‌ଲଃ ଉଲି ବାଗାନ୍ ନିଜେ ନିଜେ ରେୟା କିନ୍ ମେନ୍ କେଦା । ରାଜା କାନାଃ ବିଚାରେୟା ଯେତାଅ ଦିଶା କାଃନାମକେଦାଃ ଇନା ସମୟରେ ମୟଦ ହାଲାମ୍ କଏଃ ଆସେ ନାଗେନ୍ ଇନା ହରାତେ ସେନଃ ତାନ୍ ତାଇକେନାଃ । କାରନ କାନାଃ ଆୟମେ ନାଗେ ନ ଆକିନା ଯାପାଃତେ ସେନଃ ଯାନାଃ । ଉଲିବାଗାନ୍ ନାଗେନ୍ ଏନ୍‌ବର ହଲ ଏପେରାଂ ଚପଏତାନା କିନ୍ । ଆୟମକାତେ କିଏ ହାଲାମ୍ ରାଜାକେ ଢଆରକାତେ କାଜିଆ ଇଯାନାଃ । ରାଜା ଆଇଁ ବା ଷାଠିଏ ବୟସରେନ୍

ହାଲାମ୍ । ଯାପାଃ ହାତୁ କତେ ଆଞ୍ଜକଏ । ଆଗୁ ଚାଉଲିକ ଇସିନ୍ ନାଗେନ୍‌ତେ ଯାପାଃ ବିର ତେୟାଦ୍ ରଳଃ ସାନ୍‌କ ଆଉକାତେ ନିଆ ରେଆଲ ଉଲି ବାଗାନ୍‌ରେ ଇନିସ୍ ବାସାଂ କାତେ ଯମକାତେ ବୁଗିରେ ତାୟୁଦାନାଇଁ । ଏନ୍ ଦିପିଲାଂ ଆଞ୍ଚାଃ ସୁଙ୍ଗୁତି ନେଏଁ ହାଲାମ୍ ଗାଳି ଇସୁ ସିର୍ମାତେୟାଦ୍ ନେ ହାଲାମ୍ ଗାଳିନେରେ ମେନାଇଁ ଇମିନାଂ କାଆଗେ, ଠର ଯାଦା ଗମକେ ଆୟାଃ ଦିଆଁତେ ନିଆଁ ଉଲି ବାଗାନ ମେନାଗା । କାରେଦ ହନାଂ ଇସୁଦିନରେ ନିଆ ଉଲିବାଗାନ୍ ନାବା ଯାନା ହନାଂ । କଏ ହାଲାମାଃ ଯାଗାର ଆୟମକାତେ ରାଜା ଯତ କାଲିଳଅ ଠଅର କେଦା । ହାଲାମ୍ ଗାଳି [illegible] ହୁବ୍‌କାତେ ହାଲାମା ଝତଆ କାଜିକ ବଅଃ ଡାବୁଂଃ କାତେ ଯତ ବୁଝାଅ କେଦାଃ । ଭାଜାକେ ଅତଃ ଯେତାଃ ବୁଝାଅ ନାଗେନ୍ ବାକି କାଆ ତାଇଯନା ଯତ ଠଅଗ କେଦା । ଏପେରାଂ କେନ୍ ହଲକିନ୍ ଦଣ୍ଡ ଅମାକିନ୍ ନାଗେ ହୁକୁମ୍ ଅମକେଦାଃ । ଏପେରାଂ ହଲକିନ୍ ଯଠକାଜି ମାନାତିଂ ଯାନାକିନ୍ ଇନା ଉଲିବାଗାନ୍ ଆକିନାଃ ମେତେଅ କାଆଗେ ମେନ୍‌ତେକିନ୍ ମେନ୍ କେଦାଃ ।

ରାଜା ହାଲାମ୍ ଗାଳିଟାକେ ଆଁୟା ଇସୁ ଗାସିକା କାତେ କାଜି ଆଇଜାନା । ସାର୍‌ତେଗେ ହାଲାମ୍ ଗାଳି କା ତାଇ କେନରେଦ ହନାଂ ନିଆଁ ଉଲିବାଗାନ୍‌ଟା କାତାଇ ଯାନା ହନାଂ । ଜୁ ଢ଼ିସିଂ ତେୟାଦ୍ ନିଆଁ ବଗିଇଚା ଦଅ ଆମଗାଁଃଗେ ଆର୍ ଆମାଃ ସଂପତ୍ତିଗେ ।

(ଟୁଣ୍ଡୁଯାନା)

ବିଷନ ସିଂ (ସିଲି), ଖାଡେଆବାସା, ମୟୂରଭଂଜ ।

# ବୁଢ଼ା ମାଙ୍କଡ଼ ଗପ

ଇନା ତାୟମ୍ ଆୟାଃ ମା କେୟ ବାବାଃ ମେତାକିୟା ମାଆ ଗା ଆମ୍ ମା ନେ ହନ୍‌କେ ଦଶମାସ ଦଶଦିନ୍ ଲାଇରେ ମ ଗଗାଓ ଲିଆ । ଆଏ ନାତେନ୍ ଇଇ ଦାଆ ଚିମିନ୍ଂ ନର୍କରେ ଘାଣ୍ଡଓ କାତେମ୍ ହାରା ବୁରୁ ଲିଆ, ଆୟ ନାତେନ୍ ଆମ୍‌କେ ତିସିଂ ଏଙ୍ଗାରେୟା ହନ୍ ଦୁଲାରେ ନେ ଆର୍ତ୍ତରେ ଆମକେ ଦେଖାଓ ତୁକାତେ ହଇ ଆମେୟା ନେ ମା ନିୟା ପିଟାଟା ଜମ୍‌କେମ୍ । ଆମ ହଲକଲାଃ ବାଞ୍ଚାଓ ର ଆଲ ଆ । ମାଃ ମେଡ଼୍ କେଦାଃ କାଗେ ବାବା କାଗେ, ଆଏ ନାତେନ୍ ଦ ଆଞ୍ଜ କାଞ୍ଜ ଗଜେନାଃ ଆଞ୍ଜ ମନେ କେରେ ଗାପାଗେ ଚିମିନ୍ ଆୟେ ଲେକାନ୍ ହନ୍ ଇଞ୍ଜ ଜନମ ରୁଆଲ କଆ ଅକୟ ଗଜା କାନିଃ ଗଏଯାନା ଆଏ ନାତେନ୍ ଆଞ୍ଜ ଜିଆଞ୍ଜ ଜମ୍ ଗଜେନା ଯେତେ ବାବା ବୁଝାଏ ଆଇ ଯାନ୍ ରେୟ କାଗେ ମେନ୍ତେ ଗେଃ ମେଡ଼୍ କେଦା ଆର କାଏ ଜିମ୍ କେଦା ଇନା ତାୟମ୍ କିମିନ୍ ତାଃରେ କାଜି ଟୁଣ୍ଡୁଯାନା । ବାବା ନିମ୍‌କେ ରାବ କାତେଃ ମେତାଇ ତାନା ମା, ଆମ ଆମାଃ କିଶାନ୍ ନାତେନ୍ ଇୟାପିଟା ଜମ୍ କାତେ ଜନମ୍ ଜନମ୍ ନାତେନ୍ କାଜି ଜଗାଓ ତୁମାମେ, ସତୀ ସାବିତ୍ରୀ ମୁଣିଂ କିଷାନ୍ ନାତେନ୍ କାନାଃ କାଃ ତେକା ଲେଦାଃ, ଇନାତେ ଆଞ୍ଜା ମେନ୍ ଆମ୍ ମାରା ରାଣ୍ଡିୟଃ ଗେୟା ଚିୟା ହଲବାର ସତର କ ମେତା ମେୟା ଆୟା କିଶାନାଃ ବଅଜମ୍ କେଦା ମେନ୍ତେ, ଇନାତେ ଆଞ୍ଜାଃ ଆଦିଁ ଆମ୍ ଆୟତେ ହଇୟା ମେୟା, ମୟଦ୍ ମାରା ସତୀ କାତେ ଦୁନିଆରେ ଲୁତୁମ୍ ଜଗାଓ ତୁକାମ୍ ନେ ମାନିୟା ପିଟାଟା ଜମ୍ ଗେମ୍ ଆମାଃ କିଶାନେ ବାଞ୍ଚାଓଆଁ ଏନ୍ ହନ୍ ଦ ଗିତିଃ ହାପେ କାତେ ଝତ୍ ଆତେନ୍ ତାନା, ଇନ୍ ତୁଂ କିମିନେଃ ମେନେ କେଦାଃ କାଗେ ବାବା କାଗେ, ଆଞ୍ଜାଦ ଏନ୍ ସତୀ, ସାବିତ୍ରୀ ତାଞ୍ଜ ଦରକାର ବାନଃ, ଆଞ୍ଜଦ କାନାଃ ସେନା କାନା ଗଞ୍ଜ, ଆଇଞ୍ଜ ନେରେୟା ତେୟାଦିଞ୍ଜ ଉଡୁଂ ସେନଃ ଯାନ୍‌ରେ ଗାପାଗେଞ୍ଜ କନେୟା ଧାଲିନା, ଆଞ୍ଜ ଆଏ ନାତେନ୍ ଆଞ୍ଜା ଜୀବନ ଚିୟାଃ ହାସାରିଞ୍ଜକ୍ ମେଶାୟା । ଅକୟ ଗଜା କାନାଃ ତ ଗଜାଃ କାନାଃ ଆୟାଃ ନାତେନ୍ ଦ ଆଞ୍ଜ ଦ କାଞ୍ଜ ଜମ୍ ଗଜେନା ଗାପା ଗେ ପଞ୍ଛେଞ୍ଜ ସେନ୍ ଗିଡ଼ିୟାଃ । ଏନ୍ ହନ୍ ବିତିଃ ହାପେ କାତେଃ ଆତେନ୍ ତାନ୍ ତାଇକେନାଃ ବାବା ଇନା ତାୟମ୍ ଏ ମେନ୍ ଯାଦାଃ, ଚେଲେୟା ବାବୁ, ଆଞ୍ଜାଃ କାଦିଦ୍ ସାରତେ ଚି ଇପାଇ ଏଲା ବାବୁ ବିରିଦ୍ ହିଜୁଃ ମେ ଆଞ୍ଜାବ ହରା ତେଲାଂ ଚାଣ୍ଡାଂୟା;

ନେ ଦୁନିଆ ଅକୟଓ ଅକୟାଃ ନିଇ କାହେକେ ଏନ୍ ହନ୍ ବିରିଦ୍ କାତେ ମେନ୍ କେଦା ବାବା ଆମା କାଦି ଗେ ସାର ତେୟାଃ, ଆଞ୍ଜ ଆମ୍ ତାଃରେ ଅତି ମାରାଂଇଞ୍ଜ ଗୁନା ଗାଦା, ନେ ସଂସାର ରେୟା ମାୟାରେ ବଲାକାତେ ଆଞ୍ଜ ଝତଗ ରିଲିଂ ଗିନି ଲାଃ ନେ ଦୁନିଆରେ ଅକୟ ଓ ଅକୟାଃ ନିଇ କା ହେକେ ।

# କେହି ନୁହେଁ କାହାର

ଏକଦା ଜଣେ ବାବାଜୀ ବଣ ଭିତରେ ମଠ ତିଆରି କରି ରହୁଥିଲେ । ସେହି ବଣ ନିକଟରେ ଗୋଟିଏ ଛୋଟ ଗାଁ ଥିଲା । ସେହି ଗାଁର ଲୋକେ ବାବାଜୀଙ୍କ ମଠକୁ ଭଜନ କୀର୍ତ୍ତନ ପାଇଁ ଯାଉଥାଆନ୍ତି । ସେ ମଧ୍ୟରୁ ସେ ଗାଁର ଗୋଟିଏ ପିଲା ବାବାଙ୍କ ସହିତ ପ୍ରାୟ ସବୁବେଳେ ରହୁଥିଲା । କେବେ ଇଚ୍ଛା ହେଲେ ଘରକୁ ଆସେ ନଚେତ୍ ସେଇ ମଠରେ ସେ ଆନନ୍ଦରେ ବାବାଙ୍କ ସହ ରହେ । ବାବା ସବୁଦିନେ ପିଲାଟିକୁ ଗୋଟିଏ କଥା ବୁଝାନ୍ତି ଯେ ଏ ଦୁନିଆରେ କେହି କାହାର ନୁହଁନ୍ତି । ବାବାଙ୍କର ଏହି କଥା ପିଲାଟିର ମନରେ ଥାଏ । ପ୍ରତ୍ୟେକ ଦିନ ବାବା ଭିକ୍ଷା କରିବାପାଇଁ ଯାଆନ୍ତି । ପିଲାଟି ମଠ ଜଗେ । ବାବା ଭିକ୍ଷା କରି ଆସିଲେ ଦୁହେଁ ଖେଚୁଡ଼ି କରି ଖାଆନ୍ତି । ସନ୍ଧ୍ୟା ହେଲେ ଭଜନ କୀର୍ତ୍ତନ କରନ୍ତି । ବାବା ପିଲାଟିକୁ କୁହନ୍ତି, ବାବୁ ! ତୁ ମୋ ପାଖରେ ଏହିପରି ସବୁ ଦିନେ ରହିବୁ । ସଂସାରର ମୋହ ମାୟାରେ ପଡ଼ିବୁନାହିଁ । କାରଣ ମୋର ମୋର ବୋଲି ଆମେ ଯାହାଙ୍କୁ କହୁ,ସେମାନେ କେହି ନିଜର ନୁହନ୍ତି। ସବୁ ମାୟା, ବାବାଙ୍କ ପାଖରେ ରହୁ ରହୁ ପିଲାଟିର ଯୁବାବସ୍ଥା ଆସିଗଲା । ତାର ବାପା ମାଙ୍କର ଭାଳେଣୀ ପଡ଼ିଲା, କିପରି ପୁଅକୁ ବାବାଙ୍କ ପାଖରୁଆଣି ହାତକୁ ଦି'ହାତ କରିବେ । ନହେଲେ ସଂସାର ତାଙ୍କର ଭାସିଯିବ । ଗାଁ ଲୋକ ମଧ୍ୟ କେତେ କଥା କହିଲେ, ପିଲାଟା ବାବାଜୀ ହୋଇଗଲା । ତେଣୁ ପିଲାଟିର ବାପା ମା ଉପାୟ ଚିନ୍ତାକରି ପିଲାଟିକୁ ବାବାଙ୍କ ନିକଟରୁ ଭୁଲାଇ ଆଣି ତୁରନ୍ତ କନ୍ୟାପାତ୍ରି ଦେଖି ବାହା କରିଦେଲେ । ବାହା ହେବା ପରେ ପିଲାଟି ନୂଆ ବୋହୂଟିର ପ୍ରେମ ଫାଶରେ ଆବଦ୍ଧ ହୋଇଗଲା । ଆଉ ବାବାଙ୍କ ନିକଟକୁ ଯିବାକୁ ଇଚ୍ଛା କଲା ନାହିଁ କିମ୍ବା ଯାଇ ପାରିଲା ନାହିଁ । ସୁଖର ସଂସାର ଭିତରେ ବୁଡ଼ି ରହିଲା । ଏହିପରି ସାଂସାରିକ ଆନନ୍ଦ ଭିତରେ କିଛିଦିନ ଅତିକ୍ରାନ୍ତ ହୋଇଗଲା । ଦିନେ ହଠାତ୍ ପିଲାଟିର ବାବାଙ୍କ କଥା ମନେ ପଡ଼ିଲା । ସେ ଭାବିଲା ବାବା ତାକୁ ଭୁଲ୍ ଉପଦେଶ ଦେଇଥିଲେ । ଯେ ଏ ସଂସାରରେ କେହି କାହାର ନୁହଁନ୍ତି । ହେଲେ ହୁଏତ ଅନ୍ୟ କେହି ତାର ନିଜର ହୋଇ ନପାରନ୍ତି କିନ୍ତୁ ତା ସ୍ତ୍ରୀ ତ ତାର ଅତି ଆପଣାର । ତାର ସେବା ଯତ୍ନର ଊଣା କରିନାହିଁ । ସ୍ନେହ, ଶ୍ରଦ୍ଧା, ପ୍ରେମ କେଉଁଥିରେ ବି କମ୍ ନାହିଁ । ଏପରିକି ସେ ନଖାଇଲେ ତା ସ୍ତ୍ରୀ ମଧ୍ୟ ଖାଏ ନାହିଁ। ଏହି କଥାଭାବି ସେ ଠିକ୍ କଲା ଯେ ବାବାଙ୍କ ସହ ଦେଖା ହେଲେ ଏକଥା ବାବାଙ୍କୁ ପଚାରିବ ।

କିଛିଦିନ ପରେ ଦିନେ ବାବା ଝରଣାକୁ ଗାଧୋଇବାକୁ ଆସିଥିଲେ । ଗାଧୋଇସାରି ଫେରିବା ବାଟରେ ପିଲାଟି ସହିତ ଦେଖାହେଲା । ଭଲ ମନ୍ଦ କଥାବାର୍ତ୍ତା ହେଲେ । ବାବା କହିଲେ, ''କିରେ ବାବୁ ! ଆଉ ତୋର ଦେଖା ନାହିଁ କାହିଁକି ? ମଠକୁ ମଧ୍ୟ ଯାଉନାହୁଁ ।'' ପିଲାଟି କହିଲା- ''ବାବା ! ଆପଣ ମୋତେ ଭୁଲ୍ ଉପଦେଶ ଦେଇଥିଲେ । ଆପଣ କହିଥିଲେ ଏ ଦୁନିଆରେ କେହି କାହାର ନୁହନ୍ତି । ବାବା ! ହୁଏତ ସମସ୍ତେ ମୋର ନିଜର ହୋଇ ନପାରନ୍ତି । କିନ୍ତୁ ମୋ ସ୍ତ୍ରୀ ମୋର ଏକାନ୍ତ ଆପଣାର । କାହିଁକିନା ମୋ ପ୍ରତି ତାର ଅତ୍ୟନ୍ତ ଶ୍ରଦ୍ଧା ତଥା ପ୍ରେମ । ମୋ ସେବାରେ ତିଳେମାତ୍ର ତାର ଊଣାନାହିଁ । ଏପରିକି ମୁଁ ନଖାଇଲେ ସେ ମଧ୍ୟ ଖାଏନାହିଁ । ତେଣୁ ମୁଁ ଭାବୁଛି ଆପଣ କହିଥିବା କଥା ଭୁଲ୍ ।'' ସବୁ କଥା ଶୁଣି ସାରି ବାବା କହିଲେ- ''ବାବୁ ତାହାହେଲେ ମୋ କଥାକୁ ପରୀକ୍ଷା କରିବାକୁ ଚାହୁଁ । କିନ୍ତୁ ଗୋଟିଏ ସର୍ତ୍ତରେ । ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ତୋତେ ଗୋଟିଏ କାମ କରିବାକୁ ପଡ଼ିବ । ଯଦି ମୋ କଥା ରଖିବୁ ତେବେ ମୁଁ ପରୀକ୍ଷା କରି ଦେଖାଇଦେବି , ନହେଲେ ନାହିଁ ।'' ପିଲାଟି ରାଜି ହେବାରୁ ବାବା କହିଲେ ''ତୋତେ ଘରେ କିଛିଦିନ ସାଧାରଣ ଜ୍ୱର ହେବାର ଅଭିନୟ କରିବାକୁ ପଡ଼ିବ ଏବଂ ମୁଁ କହିବା ମୁତାବକ ନିର୍ଦ୍ଦିଷ୍ଟ ଦିନରେ ଖାଲି ଖାଲିକା ମରିଯିବାର ଅଭିନୟ ମଧ୍ୟ କରିବାକୁ ହେବ । ତାପରେ ମୁଁ କ'ଣ କରିବି, ତୁ କେବଳ ନୀରବରେ ଶୋଇ ସବୁ ଶୁଣୁଥିବୁ ।

ଏହାପରେ ପିଲାଟି ବାବାଙ୍କ କଥା ଅନୁସାରେ କାର୍ଯ୍ୟ କରି ଚାଲିଲା । ପ୍ରଥମେ ସାଧାରଣ ଜ୍ୱରର ଅଭିନୟ ଦେଖାଇ ତାପରେ ବାବା କହିଥିବା ନିର୍ଦ୍ଦିଷ୍ଟ ଦିନରେ ମରିଯିବାର ଅଭିନୟ ମଧ୍ୟ କଲା । ବାପା, ମା, ବୁଢ଼ୀମା, ସ୍ତ୍ରୀ ସମସ୍ତେ କାନ୍ଦି ବୋବାଇ ଅଥୟ ହୋଇଗଲେ । ଗାଁ ଲୋକେ କେତେ ହାୟ ହାୟ କଲେ । ପିଲାଟି ଭାରି ଭଲଥିଲା । ଭଗବାନ ତାକୁ ଦାଉ ସାଧିଲା । କେତେ ଲୋକ କେତେ କଥା କହି ଯାଉଥାଆନ୍ତି । ତାପରେ ତାକୁ ଦାହ କରିବାକୁ ସଜବାଜ ହେବା ସମୟରେ ବାବା ସେହି ଗାଁ ବାଟଦେଇ ଭିକ୍ଷା କରିବାକୁ ଯାଉଥିଲେ । ହଠାତ୍ ତାଙ୍କ ଭକ୍ତ ପିଲାଟି ଘରୁ କାନ୍ଦଣା ଶୁଣି ଗାଁ ଲୋକଙ୍କୁ ତାଙ୍କ ଘରେ କ'ଣ ହୋଇଛି ବୋଲି ପଚାରିଲେ । ଗାଁ ଲୋକ କହିଲେ, ''ବାବା ଆପଣଙ୍କ ନିକଟରେ ଯେଉଁ ପିଲାଟି ଥିଲା, ହଠାତ୍ ତାର କ'ଣ ହେଲା କେଜାଣି ସେ ମାରାପଡ଼ିଲା ।'' ବାବା ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲେ ଓ କହିଲେ ''କ'ଣ ହେଲା ! ମୋ ଭକ୍ତ ପିଲା ମରିଗଲା । ଏହା କହି ବାବା ଭକ୍ତ ପିଲାଟିକୁ ଦେଖିବାପାଇଁ ପିଲାଟିର ଘରକୁ ଗଲେ । ବାପା, ମା ବାବାଙ୍କୁ ଦେଖି ବାହୁନି ବାହୁନି କାନ୍ଦିବାକୁ ଲାଗିଲେ । ବାବା ଆମର ସଂସାର

ଭାସିଗଲା । ବାବା କହିଲେ, ''ତୁମେ ମାନେ ଟିକିଏ ନୀରବ ରୁହ, ମୁଁ ଦେଖେ ପିଲାଟିର କ'ଣ ହୋଇଛି ।'' ପିଲାଟିର ନାଡ଼ିକୁ ଧରି କିଛି ସମୟ ପରେ ବାବା ଦୀର୍ଘ ନିଶ୍ୱାସ ପକାଇ କହିଲେ ଗୋଟିଏ କାମ କଲେ ପିଲାଟି ହୁଏତ ବଂଚି ଯାଇ ପାରନ୍ତା । ସମସ୍ତେ କହିଲେ ''ବାବା କୁହନ୍ତୁ, ଆମକୁ କ'ଣ କରିବାକୁ ହେବ ?'' ବାବା କହିଲେ ''ବୋହୂଟି ଆଗ ଉଷୁନା ଚାଉଳକୁ ବାଟି ଏକ ପିଠା ତିଆରି କରୁ, ତା ପରେ ମୁଁ ମନ୍ତ୍ର ତନ୍ତ୍ର କରିବି, ହୁଏତ ମୁଁ ତାକୁ ବଞ୍ଚାଇ ଦେଇ ପାରିବି ।'' ଏହାଶୁଣି ବୋହୂଟି ତୁରନ୍ତ ପିଠାପାଇଁ ଲାଗି ପଡ଼ିଲା । ପିଠା କରି ସାରି ବୋହୂଟି ବାବାଙ୍କୁ ଆଣି ଦେଲା । ଏହାପରେ ପିଠାକୁ ମନ୍ତ୍ର ତନ୍ତ୍ର କରି ବାପା ପିଲାଟିର ବୁଢ଼ୀମାକୁ ଦେଲେ । ବାବା ବୁଢ଼ୀମାଙ୍କୁ କହିଲେ ''ବୁଢ଼ୀ ମା ! ତୁମେ ଅନେକ ଦିନ ବଞ୍ଚିଲଣି, ତୁମ ନାତିଙ୍କ ପାଇଁ ଗୋଟିଏ ଭଲ କାମ କରି ଦେଇଯାଅ । କଥା କଣକି, ତୁମେ ଏଇ ପିଠାଟି ଖାଇଦେଲେ ତୁମେ ମରିଯିବ, ତୁମର ନାତି ବଞ୍ଚିଯିବ । ନୂଆକରି ତୁମ ନାତିଟି ବାହା ହୋଇଛି, ନୂଆ ବୋହୂଟି କାହିଁକି ବିଧବା ହେବ ।'' ଏହାଶୁଣି ବୁଢ଼ୀ କହିଲା, ''ନାରେ ବାବା ନା ମୁଁ ଆଉ କିଛିଦିନ ହେଲେ ବଞ୍ଚିବି, ମୋତେ ମରିବାକୁ କୁହନି । ଯିଏ ମରିଛି ତ ମରିଛି ମୁଁ କାହିଁକି ତା ପାଇଁ ମରିବି ।'' ଏହାପରେ ସେହି ପିଠାଟିକୁ ପିଲାର ବାପାଙ୍କୁ ବାବା ଦେଲେ ଏବଂ କହିଲେ, ''ମଉସା ! ତୁମେ ଏଇ ପିଠାଟି ଖାଇଦିଅ, ତୁମ ପିଲାଟି ବଞ୍ଚିଯିବ । ନହେଲେ ତୁମର ଗୋଟିଏ ବୋଲି ପୁଅ, ସଂସାର ତୁମର ଭାସିଯିବ ।'' ପିଲାଟିର ବାପା କହିଲେ, ''ନା ନା ମୁଁ ତାହା ପାରିବିନି, ମୁଁ ଇଚ୍ଛାକଲେ କାଲି ତା ପରି ପିଲା ଆଣି ଦେଇ ପାରିବି । ସିଏ ଯାଇଛି ତ ଯାଇଛି, ମୁଁ କାହିଁକି ତା ପାଇଁ ଜୀବନ ଦେବି ?'' ପିଲାଟି ଶୋଇ ରହି ସବୁ ଶୁଣୁଥାଏ । ଏହାପରେ ବାବା ପିଲାଟିର ମାଙ୍କୁ କହିଲେ, ''ମା ତୁମେ ଏଇ ପିଲାଟିକୁ ଦଶମାସ ଦଶଦିନ ଗର୍ଭରେ ଧାରଣ କରିଥିଲ । କେତେ ଗୁହ, ମୁତ ନର୍କରେ ଘାଣ୍ଟି ଚକଟି ହୋଇଛ । ସେଇଥିପାଇଁ ତୁମେ ମମତାର ପ୍ରତିମୂର୍ତ୍ତି ସ୍ୱରୂପ ଛିଡ଼ା ହୋଇ ସମାଜକୁ ଦେଖାଇଦିଅ ଯେ ପୁଅ ପାଇଁ ମା ଜୀବନ ମଧ୍ୟ ଦେଇପାରେ । ତେଣୁ ଏଇ ପିଠାଟି ଖାଇ ତୁମ ପୁଅକୁ ବଞ୍ଚାଇ ଦିଅ ।'' ଏହାଶୁଣି ମା କହିଲେ, ''ନା ବାବା ନା ମୋ ଦ୍ୱାରା ଏକାମ ହୋଇପାରିବ ନାହିଁ । ମୁଁ ଇଚ୍ଛାକଲେ କାଲି ଏମିତି ପିଲା ଜନ୍ମ ଦେଇ ପାରିବି । ଯିଏ ମରିଗଲା, ତା ପାଇଁ ମୁଁ କାହିଁକି ମରିବାକୁ ଯିବି ?'' ବାବା ଯେତେ ବୁଝାଇଲେ ମଧ୍ୟ ପିଲାଟିର ମା ପିଠାଟି ଖାଇବାକୁ ମାନ କଲେ । ତାପରେ ବୋହୂ ପାଖରେ କଥା ରହିଲା । ବାବା ବୋହୂକୁ ଡାକି କହିଲେ, ''ମା, ତୁ ଏଇ ପିଠା ଖାଇ ସ୍ୱାମୀଙ୍କୁ ବଂଚାଇ ଦେ । ଜନ୍ମ ଜନ୍ମକୁ କଥା ରଖି ଦେଇଯା । ସତୀ ସାବିତ୍ରୀ ଦିନେ ସ୍ୱାମୀପାଇଁ କ'ଣ ନ କରିଥିଲେ । ମୋ କହିବା କଥା, ତୋ ସ୍ୱାମୀ ମଲେ ତୁ ବିଧବା ହୋଇଯିବୁ । ଲୋକେ

ତୋତେ ବାର ସତର କହିବେ, ବୋହୂଟି ତାର ସ୍ୱାମୀକୁ ଖାଇଲା, ତେଣୁ ତୋତେ ମୋ କଥା ମାନିବାକୁ ପଡ଼ିବ । ଏ ଦୁନିଆରେ ସତୀ ସାବିତ୍ରୀ ପରି କଥା ରଖି ଦେଇଯା । ନେ ମା' ଏଇ ପିଠାଟି ଖାଇଦେ ? ତୋ ସ୍ୱାମୀ ବଂଚି ଯାଉ ।'' ଏହାଶୁଣି ବୋହୂଟି କହିଲା ''ନା ନା ମୋର ସେ ସତୀ ସାବିତ୍ରୀ ହେବାଦରକାର ନାହିଁ । ମୁଁ ତ କାଲି ପରଦିନ ବାହା ହୋଇଛି । ମୋର କ'ଣ ହୋଇ ଯାଇଛି ଯେ, ମୁଁ ଏଠାରୁ ବାହାରିଗଲେ କାଲି ଆଉ କେଉଁଠି ବାହା ହୋଇପାରିବି । ମୋ ଜୀବନକୁ କାହିଁକି ମାଟିରେ ମିଶାଇ ଦେବି । ଯିଏ ମରି ଯାଇଛି, ତା ପାଇଁ ମୁଁ କାହିଁକି ଜୀବନ ଦେବି । ଦରକାର ପଡ଼ିଲେ, ମୁଁ କାଲିକି ବାପ ଘରକୁ ପଳାଇବି ।'' ପିଲାଟି ଶୋଇ ରହି ସବୁ ଶୁଣୁଥାଏ ।

ବାବା ଏହାପରେ କହିଲେ, ''ବାବୁରେ ! ସବୁକଥା ତ ଶୁଣିଲୁ, ମୋ କଥା ସତ କି ମିଛ ଜାଣିଲୁ । ଏବେ ଚାଲ, ମୋ ଚଲାପଥରେ ପାଦପକା । ଏ ଦୁନିଆରେ କେହି ନୁହଁନ୍ତି କାହାର ।'' ସେ ପିଲାଟି ଉଠି ପଡ଼ି କହିଲା, ''ବାବା ମୋର ଭୁଲ୍ ହୋଇଛି । ଆପଣଙ୍କ କଥା ସତ୍ୟ । ଏ ମାୟା ସଂସାରରେ ବୁଡ଼ିଯାଇ ମୁଁ ସବୁ ଭୁଲିଯାଇଥିଲି । ପ୍ରକୃତରେ ଏ ଦୁନିଆରେ କେହି କାହାର ନୁହଁନ୍ତି ।''

# ବାନା କନେୟା

ମୟଦ୍ ହାତୁରେ ବାରିଆ ହାଲାମ୍ ବୁଡ଼ିକିନ୍ ତାଇକେନା, ବୁଡ଼ିୟା ହାମାଲ୍ ହଲ୍କ ସମୟରେ ବୀରତେ ତାଲା ହାଲାଂ କିନ୍ ସେନଃ କେନା, ଉତିତାନ୍ ତାଲା କିନ୍ ହାଲାଂକେଦାଃ । ମେନ ଦ ଏନ୍ ବୁଡ଼ିୟାଃ ବିରରେ ଛୁଟିକା ହୋଇଯାନା, ହାଲାମ୍ ବୁଡ଼ି କିନ୍ ଉତୁଃ କେଦାଃ ତାଲା କମା ସାଙ୍ଗିଗେ କିନ୍, ହାଲାଂ ତାଦା ଆକିନ୍ ଆକିନ୍ କିନ୍ କୁପୁଲି, ଯାନା ତାଲା ଲାଂ ଇଦିୟାଚି ନେ ହନ୍‌ଟାଲାଂ ଇଦି ଗିୟା । ଏନ୍ ବୁଡ଼ି ହନ୍ ଟାଲାଂ ଇଦି ଗିୟା ହାଲାମ୍ ମେ ମନେ କେଦା କାଗେ ହନ୍‌ଟାଦ ବାଗେ ତୁକାକାତେ ତାଲା କଲାଂ ଇଦିଆ, ନିୟା ଚେତନ୍‌ରେ ଆଦିନାଃରେ ପେଣେଃ ତାୟମ୍ ହାଲାମାଃ କାଜିଗେ ତାଇଯାନା ଆର ହଲାଟାଦ୍ ତାଲା ସାକାମ୍‌ରେ କିନ୍ ଗିତିଃ ତୁକା କାତେ ତାଲାକ୍ ଦିପିଲ କାତେ କିନ୍ ଇଦି କେତା ଇନା ତାୟମ୍ ହନଟା ଅର୍ ବିରନ୍ ବିର୍ ତାଲାରେ ଏସେକାର ଗେ ଗିତିଃ ଗିଡ଼ିୟା କାନାଃ, ହନଟା ରେଙ୍ଗଃ କିଂଚି ଉତିଯୁର୍‌ତେ ଇୟାମ୍ କେଦାଃ । ଏଙ୍ଗା ଆପୁମା ବାନାଃ କିନା ଅକୟ ଆୟାଃ ଇୟାମେଃ ଆୟ ମମେୟାଃ ଇନା ସମାୟରେ ମୟଦ୍ ମିର ମଇଷି ବିରେ ହନର ତାନ୍ ସମାୟରେ ଆୟମ୍ ନାମ୍ କେଦାଃ ଅକାରେ ମାନ୍ସୀ ହନ୍ଲଏ ଗେରାଂ ତାନା । ଆତେନ୍ ଆତେନ୍ ତେ ହିଃ କାତେଃ ଲେଲ୍ କିୟାଦ୍ ମୟଦ୍ କୁଲି ହନଟା ତାଲା ସାକମରେ ଗିତିକାତେ ଇୟାମ୍ ଗେରା ତାନା ପାଚେ ଏଙ୍ଗାଆପୁ ଅକା ସାଇସାନ୍ ସାକାମ୍ ଆଗୁକିନ୍ ସେନାକାନାଃ ମେନ୍ତେ ମଇଷି ହଲକ୍ ତାଙ୍ଗି କେକଆ ମେନ୍ଦ ଯେତାୟ ହଲ କାକ ସେଟେର ଯାନା । ହନାଃ ଦାୟା ଗେରାଂ ଆୟମ୍ କାତେ, ହନ ତାଃ ସେଟେର ଯାନା । ହନାଃ ଦାୟାଗେରାଂ ଆୟମ୍ କାତେ, ହନ ତାଃ ତେ ସେନ ଯାନାଃ, ଚିଲ୍‌କା ତେବା ସାବ୍ ରାକାବ୍ ଗିୟା । ମଇଷି ଭଗବାନ୍ ଗେ ଧେୟାନ୍ କାତେଃ ମେନ କେଦାଃ ନେ ହନ୍ ମୟଦ୍ ଏଙ୍ଗା ଆପୁତେ ହଇଆ କାନ୍‌ରେଦ୍ ଆଞ୍ଜା ବିରିଂରେ ଜୁପା ଗଃ କାଃ ଆର ବେଧୁଆହନ୍ ଏ ହୋଇଆ କାନାଃରେଦ ଆଲ କାଃ ଜୁପାଗାଃ, ନିୟା ମେନ୍ କାତେ ମଇଷି ଆୟାଃ ବିରିଂଟା ହନ୍‌ତା ବିରିଂ ରେ ଭିଲାଏ କେଦା । ମେନ୍‌ଦ ହନାଟା ଜୁପାଗେନ୍ ଯାନା । ହନ୍ସା ଜୁପାଃ ଗେନ୍ ଯାନ୍‌ଚି । ଆୟାଃ ବାସାତେ ତୁଲ ଇଦି କିୟା । ଆର ଆୟା ତଆଃ ଜରକାତେ ଅମାଇଯାନା । ଏନ୍‌କା ଏନ୍‌କାତେ ହନଟା ମାରାଂ ଆଉ ଯାନା । ମଇଷି ଆତିଞ୍ଜାଏ ସେନଗାଃ ହନଟା ଏନ୍ ବାସା ଜାପାରେ ଇନୁଂ ଜାମାଃ, ମୁଣିଂ ହଟାଃ ମେନ୍ ଯାଦା ଆଞ୍ଜି ଏଙ୍ଗା ଆପୁକିନ୍ ତାଇନ୍ ଯାନ୍ ରେଦ ହୁନାଂ ହାଟାଃ ଟୁଙ୍କି କକିନ୍ ଆଉ ଆଞ୍ଜା ଯାନା ହନାଂ, ଏନା କତେଞ୍ଜି ଇନୁ ଜମ ଯାନା ହନାଂ, ଇନା କାଜି ମଇଷି ଆୟମ୍ ନାମ୍ କେଦାଃ । ଆୟାଜାପାଃ ହିଃ କାତେ କୁଲି ଯିୟାଃ ବୁଡ଼ି ଙ୍କାନାମ୍ ମେନ୍ ଯାଦ୍ ତାଇ କେନା, ହନଟାଃ ମେଡ଼୍ ଯାଦାଃ ଜେତାଓ କାଗେ, ମଇଷି ମେନ୍ ଯାଦା ମାଗିବୁଡ଼ି ଉଦୁବ୍ ଲେମ୍, ଇନା

ତାୟମ ହନ୍‌ଟା ମେଡ଼୍ କେଦାଃ ଆଞ୍ଜ ଏଡ଼ଂଗା ଆପୁକିନ୍ ତାଇନ୍ ଯାନ୍ ରେଦ ହାଟାଃ ଟୁଙ୍ଗି ହନା କିନ୍ ଆଉଆଞ୍ଜା ଯାନା ହାନାଂ ଇନା କାଜି ଆୟ କାତେ ମଇଷି ଜୀ ବିତାର୍‌ରେ ଇୟାମ୍ ହାପେ କେଦାଃ ଆରେ ମେତାଇତାନା ଇନା କାଜି ଠିକ୍ କୋୟା ଆଗୁଆ ମେଆଞ୍ଜ । ଇନାତାୟ ମଇଷି ଅକା ହରାତେ ହଲକ ହାଟା ତେକେ ସେନଗାଃ ଇନା ହରା ଯାପାଃ ଲସଦ୍‌ରେ ଗଜାଃ କାନ୍ ଲେକା ଥାଲିୟା କାନାଃ । ଏନ୍‌ହରାତେ ହାଟାଃ ଟୁଙ୍କି ବାଲା ହାଟାକ ସେନଃ ତାନ୍ ତାଇକେନା ଲେଲ୍ ଯିଆକ ମଇଷିଟା ଇସଦ୍‌ରେ ଡବେ ଆକାନା । ଦାୟା ଗେ କ ଲେଲ କିୟା ଆକଆ ହାଟା ଟୁଙ୍କି ଦକାତେ କ ମେନ ଯାଦା ମା ବୁନ୍ ଅର ରାକାବ୍ ତାଇୟା ଅକାରଣେ ଗଜଆଃ । ଆର୍ ତୁଲ୍ ରାକାବ୍ ଗେକ୍ ରାକାବ୍ ଲିୟା, ଆକକେ ରଥ ହୁଟିଃ ଏ ନାମ୍ ଯାନା ହଲକ ଆକଆ ହାଟାଃ ଟୁଙ୍କି ବାଗେ କାଏ ତକ ନରିଯାନା । ମଇଷି ଇନାକ ଆଗୁକାତେ ଆୟାଃହନ ବିଟିକେ ଅମାଇ ଯାନା । ଏନ୍‌କାଗେ ଇନ୍‌କାତେ ହନଟା ଇନୁମ୍ ହିଲିନ୍ ଯାନା । ଏନ୍‌କାଗେ ଅତଃ ମୁଶିଂ ମଇଷି ଆଟିଂଏ ସେନା କାନ୍ ସମାୟରେ ଏନ୍‌ହନ୍ ଧୁଲାରେ ଇନୁମ୍ ଇନୁମ୍ ତେ । ମେନ ଯାଦାଃ ଆଞ୍ଜାଃ ଏଙ୍ଗା ଆପୁନିନ୍ ତାଇନ୍ ରେଦ୍‌ଆଞ୍ଜା ନାୟତେନ୍ ସନଃ ପେଣ୍ଡ ସଜ ସାପାକ୍ କନିନ୍ ଆଉ ଆଞ୍ଜା ଜାନା ହନାଂ ଇନାକ ତୁସିଂ କାତେ ସୁମୁନ୍ ଯାନାଞ୍ଜ ହନାଂ ମଇଷି ଅଲାତେ ହିଜୁଃ ରୁ ଆଲ୍ ତାନ୍‌ରେ ଇନା କାଜି ଆୟମ୍ କି ଆ ହିଃ କତେ ହନ୍ କେ ମେତାଇ ତାନାଃ କାନା ବୁଡ଼ିମ୍ ଜାଗାର୍ ଯାଦ୍ ତାଇକେନା, ହନାଟା ମେନ୍ କେଦାଃ କାଗେତ ଯେତାଓ କାଞ୍ଜଗେ ମଇଷି ମେଡ଼୍ କେଦାଃ ମାଟି ବୁଡ଼ି ଉଦୁବାଞ୍ଜମେ ଇନା ତାୟମ୍ ହନ ଟାଃ ଉଦୁବ କେଦାଃ । ଆଞ୍ଜା ଏଙ୍ଗା ଆପୁକିନ୍ ତାଇଯାନ୍ ରେଦ୍ ହନାଂ ଆଞ୍ଜ୍ ନାତେନ୍ ସନଃ ପେଣ୍ଡ୍ ସଇ୍ ସାପାକ୍ କଦି୍ ଆଉ ଆଞ୍ଜ ଯାନା ହନାଃ । ମଇଷି ମେନକେଦା ଇନା କାଜି ଆଲମ୍ ଉଡୁ ଗଆ ବୁଡ଼ି ଆଗୁଆ ମେଆଞ୍ଜ ଇନା ତାୟମ୍ । ମାଣାଂ ଲେକାତେ ହାଟ୍ ହରା ଆତରେ, ଲସ୍‌ରେ ଡବେ ଆକାନାଃ ହାଟ୍ ତେନ୍ କ ଏନ୍ ହାରା ତେ କ ସେନଃ ତାନ୍ ତାଇକେନା । ଲେଲ: କିଆକ ମଇଷିଟା ଡବେୟା କାନାଃ ଗଏ ଏମାନ୍ ଆଃ ଉଡୁଃ କାତେ ଆକଆ ସଜ ସାପାକ୍ କ ଦ୍ କାତେ ମଇଷି ଟା କ ଆର୍ ରାକାବ୍ କିୟା, ଯେକ ଅର୍ ରାକବ୍ ଲିଆ, ଆକକେ ହାର ଏ ଛୁଟାଉଏ ଯାନ୍ । ହାଟ୍ ହଲକ ଆକଆ ସଇ୍ ସାପାକ କ ନିରକାଗେ କାତେକ ନିର ପଟନ୍ ଯାନା । ଇନା ତାୟମ୍ ମଇଷି ଏନ୍ ସଜ କ ଆଗୁକାତେଃ ଏନ୍ ହନ୍ କେଃ ଅମାଇ ଯାନା । ଏନ୍ ହନ୍ ସନଃ ପେଣ୍ଡ୍ ଆର୍ ସଜ ସାପାକ୍ ଲାଗାଓ କାତେ ଇନୁଃ ବାଲାଃ । ଏନ୍‌କାଗେ ଦିନ୍ ମଇଷି ଏନ୍‌ହନ୍ କେ କାଗେ ତୁଲା କାତେ ଆଡିଂ ଏ ସେନ ଗାଃ, ଏନ୍‌କା ଏନ୍‌କାତେ କୁଲି ହନ୍‌ଟା ମାରାକାତେ ତୁଆନ୍ ଯାନାଃ ଉଡି ସୁଗାଲ କୁଲି ହନଏ ବାଇଯାନା ।

ମୁଶିଂ କାନାଃ ଚେକା ଆକାନା, ମୟଦ ରାଜା ଆୟା ସୈନ ସାମନ୍ତ ଇଡିକାତେ ଏନ୍ ବିର୍‌ତେ ସନ୍ଦେରାଃ ସେନାଃକାନା । ମେନ୍‌ଦ ସେନ୍‌ଦେରା ତାନ୍ ସମୟରେ ରାଜା ବିଣ୍ଡି ନୁ

ହାୟା କିୟା, ଆୟା ସୈନ୍ୟକ ମେତାକ ତାନା ମାଟିଆ ବିର୍‌ରେ ଲେଲେ ପେ ଅକାରେ ସୁକୁଲ୍ ଉତ୍ତୁଂତାନା ଏଣ୍ଡେୟା ତେୟାଦ୍ ସେଙ୍ଗେଲ ହୁଡ଼ି  ଆଉ ଗେପେଚି ବିଣ୍ଡିଂହୁଡ଼ିଃ ନୁୟା ଆୟାଃ ସୈନ୍ୟ ସାମନ୍ତ କ ଗଟାକ କୟଃ ବାଲା ଲେଲ୍ ନାମ କେଦା ମେନ୍ ଦ ଏନ୍ କୁଲିହନ୍ ଅକାରେ ଅକାରେ ମାଡ଼ିଉତ୍ତୁ ତାନ୍ ତାଇକେନାଃ ଏଣ୍ଡେକ ଲେଲ୍‌ନାମ୍ କେଦାକ ଆର ଏଣ୍ଡେକ ସେନଃ ଯାନା ଏନ୍ କୁଲିହନ୍ ଲେଲ୍‌ତେ ସେଙ୍ଗେଲ୍ କାନାଃକ ଆସେ ଗିୟା, ଆୟା ଚେହେରା ଲେଲ ତେଗେ କ ବାଲାୟ ଗିଡ଼ି ଯାନା, ଆର, ରାଜାଃ ତାଃ କ ସେନ୍ ରୁଆଲ କାତେକ ମେତାଇ ତାନା, ରାଜାଃ ସେଙ୍ଗେଲ ଆଉଲେ ସେନ୍ କେନା ସେଙ୍ଗେଲ କାନାଃ ଲେ ଆଉୟା ଏନ୍ କୁଲି ହନ୍ ଲେଲ୍ କାତେ ଗେଲେ ରୁଆଲା ହିଃ ଯାନା, ଆମାଃ ରାନି କ ନେୟାଦ୍ ଶହେ ରାନି ଲେକାଃ ବାଇ ଆକାନାଃ ଇନାକ୍ ଆୟମ୍ କାତେ ରାଜାଃ ମେନ୍ କେଦାଃ ଦଚି ତବେ ବୁନ୍ ସେନଗାଃ, ଇନା ତାୟମ୍ ଏନ୍ କୁଲିହନ୍ ତାଃ କ ସେନଃ ଯାନା । ଇନା ସମାୟ ରେଦ ମଇଷି ଦ କା ତାଇକେନା । ଆୟତାଃ ସେଟେର କାତେ ସେଙ୍ଗେଲ କ ଆସେ ଗିୟା । ସାର୍ ତେଗେ ସାରତେଗେରାଜା ଲେଲ ତେଗେ ଆଚମ୍ବିତ ଗିଡ଼ି ଯାନାଃ, ଆଏକେ ସେଙ୍ଗେଲ୍ କ ଆସେ କିଆ, ସେଙ୍ଗେଲେ ଅମାକଆ ସେଙ୍ଗେଲ ଆଗୁକାତେ ଅ ଅଣେଃ କାତେ ଅଡଃ ଗେକ ଆସେ ଗିୟା ଅଡଃ କ ଆସେ ଗିଆ ସେଙ୍ଗେଲେଃ ଅମାକଆ ଅଡଃ ଗେକ ସଏଁ ଏଣେଃ ଗେୟା ଅଡଃ କ ଆସେ ଗିୟା । ଏନ୍ କା ଏନ୍ କାତେକ ବେକାର ଚାବା କିଆ ଆର ଏନ୍ କୁଲିହନ୍ ରାଗାଦ୍ ତେମେତାକ ତାନା, ଡୁଇଡୁଇ ର ଲେକା ବଲପେ, ନୁଇ ଡୁଇ ଡାଆସ ଲେକା ଉତ୍ତୁଂ ଅଃ ପେ, ଏନ୍‌କା ମେତାକ ଯାନ୍‌ଚି ଅଲାତେ ବଲକାତେ କ ଥଲ କାଟା ଲୁଟା ତୁକାଇ ଯାନା ଆର ହାଣ୍ଡେଦ୍ ତୁରୁକ୍ ତୁକାଇ ଯାନା, ଆରକ୍ ରୁଆଲା ଯାନା ଇନା ତାୟମ୍ ମଇଷି ହିଃ କାତେ ରାଃ ଜିଆ ବୁଡ଼ି ଦୁଆର ନିଃ ଗେମ୍ ହାସୁତାନାଞ୍ଜ ଦାଃ ଓ୍ବଞ୍ଜନୁୟା ମେନ୍ ଦ କୁଲି ହନ୍‌ଟା ଦୁଆର କାଃ ନିଃ ଧାଲିତାନା ମଇଷି ଅ ଦୁଆର କାଃ ନିଃ ଧାଲିୟାନାଃ ଦାଃ ତେତାଂତେ ମଇଷିୟା ଜୀବନ୍ ସେନଃ ତାନ୍‌ରେ ମେତାଇ ତାନା ବୁଡ଼ି ଦୁଆର ମା କାମ ନିଃ ଧାଲିଆ ତାନା ଆଞ୍ଜ ଜୀବନ୍ ସେନଃ ତାନା, ଆଞ୍ଜ ଗାହ ଯାନ୍‌ରେ ଆଞ୍ଜା ବାରିୟା ଦିଲିଂତୁଦ୍ ଇଦି ଗେମ୍ ଇନାରେ ଝଟ୍‌ଆଃ ଜିନିଷିମ୍ ନାମେୟାଃ । ଲେଙ୍ଗା ତିତେ ଲେଙ୍ଗା ଦିରିଞ୍ଜ ଜମ୍ ତିତେ ଜମ୍ ଦିରିଞ୍ଜ ତୁଦ୍ ଇଦି ଗେମ୍ ଇନାମେଜ୍ କାତେ ମଇଷିଟା ତୁଆର ଜାପାଃ ରେଗେ ଗଏ ଜାନାଃ, କୁଲିହନ୍‌ଟା ଉତିଃ ଇୟାମ୍ କେଦାଃ । ଇନା ତାୟମ୍ ରାଜା ସୈନ୍ୟ ସାମନ୍ତ ଆଗୁକାତେ ଏନ୍ କୁଲି ହନ୍‌ଟା ଇଦି ନାତେନ୍ କ ହିଃ ଯାନାଃ ଲେଲ ଯିଆକ୍ ଏନ୍ କୁଲି ହନାଃ ଦୁଆର ସାଃ ମାଣାଂରେ ମଇଷି ଗଜା ଆକାନା, ଏନ୍ ମଇଷି ଟାକେ ତୁଲ୍ ଅଃ କାତେ ଆୟା ଦୁଆର ନିଃକାତେ ଆୟକ ରାଳାଂ ଦୁଃ କିୟା ଆରକ ମେତାଇ ତାନା ଅମ୍ବଦ ଆଲେୟା ରାଜାଃ ତାଃ ରେଲେ ରାନିଲେ ଇଦି ମେୟା, ମେନ୍ଦ ଏନ୍ କୁଲି ହନ୍ ଏମେନ୍ କେଦାଃ । କାଗେ ଆଞ୍ଜାଦ

ଆଞ୍ଜଃ ମା ଗଏ ବାଗେ ତିଞ୍ଜା ଆୟା ହୟନ୍ କାମି କାଞ୍ଜ ଚାବା କେରେଦ୍ କାଞ୍ଜା ସେନଗାଃ । ଇନା ତାୟମ୍ ରାଜା ହଲ କୁଲ୍ କେଦ୍ କଆ ନାଉଆ ଧବା ହିଃ କାତେ ହୟନ୍ କାମିକ ଚାବା କେଦା ଆରକ ଇଦି ଗିୟ ମେନ୍ତେକ ମେନ୍ କେଦା କୁଳି ହନ୍ ଏ ମେତାଦ୍ କଆ ଏନ୍ କ' ଁନେଦ କାଞ୍ଜ ସେଁନ୍ ଗାଃ ଯୁ ସେନଃ ପେ, ସିନ୍ଦୁରୀ ରେୟାଃ ସଳକ ବାଇପେ, ଢ଼ଲ ବାଜା ବା'ଜଁଟ' ପାଲାଙ୍କି ଆଉ କାତେ ହିଜୁଃ ପେ ତବେ ରେଦଞ୍ଜ ସେନଗାଃ । ସାଙ୍ଗେ ସାଙ୍ଗ ରାଜା ସିନ୍ଦୁରୀ ରେୟା ସଲକଃ ବାରଇଚି କେଦ୍ କଆ ଢ଼ଲ ବାଜା ବାଜାଣା ପାଲାଙ୍କି ଆନ୍ତେ କ ହିଃ ଯାନା ଆର ପାଲିଙ୍କିରେ ଏନ୍ କୁଳିହନ୍ ଲାଦି କାତେ କି ଇଦି କିଆ, ଅରନ୍ ବରନ୍ ବିର୍ ତାଲାରେ 'ଝତ୍ ହଲ ଦାଃ ତେତାଂ କେଦ୍ କଆ, କନେୟା ଦ କାତେ ଦାଃ କ ଦାଣା ଜାନା ଅକଆରେୟ ଦାଃ ରେୟା ସଂଦାନ କାକ ନାମ୍ କେଦା ଇନାତାୟମ୍ ଉପୁନିଆ ମେରାଲ୍ ଦ ଗଦ୍କାତେ ଉପୁନ୍ କୁଣତେକ ଥେର କେଦା ମଦ୍ କୁଣରେ ଟମ୍ଃ ମେନ୍ତେ ସାଢ଼ି ଯାନ୍‌ଟି ଝତକ ଧାଉଲୁ କେଦାଃ ହୁଡ଼ି ଚୁଆହନ୍‌ରେ ଦାଃ ତାଇକେନା ଇନାକ ନୁ କେଦା, ଇନା ସମାୟ ରେମା ପାଲାଙ୍କିରେ କନେୟା ହନ୍ ମୁମୁଁଏ ତାଇକେନା ମୟଦ୍ ବାନା କୁଳି ହିଃ କାତେ ପାଲାଙ୍କି ବିତାର ରିନିଃ କନେୟା ଏକ ମେତାଇ ତାନା, ଦେ ଆମାଃ ଆମାଃ ତୁସିଂତାଦ୍ ସଜ ସପା ବକ ଆମାଞ୍ଜ କାରେଦଞ୍ଜ ଜମ ମେୟା ବରତେ ସାପାବକ ଅମାଇ ଯାନା ଇନାକ୍ ଇଦି ଦାୟମେ ମେତାଇ ତାନା ଦେ ଆଣ୍ଡି କିଟିରିଃ ଆମାଞ୍ଜମେ କାରେଦ୍‌ଞ୍ଜ ଜମମେୟ । ବରରେ କିଟିରିୟଃ ଆପାଳାଇ ଯାନା, ଇନା ତାୟମବାନା ମେନ୍ ଯାନାଃ ଏନ୍ ପାଲିଙ୍କି ତେୟା ଉଡୁଂମେବରତେ ପାଲାଙ୍କି ତେଲାଦ୍ ଉଡୁଂ କାତେ ନିରଆତାମ୍ ଏନ୍ ଯାନା ବାନା କନେୟା ଲେକା ସଜ ସାମ୍ଭଲ କାତେ ପାଲିଙ୍କିରେ ଦୁବ୍ ହାପେୟାଃ କାନାଃ । ବର ବରେୟା ହାତିକ ଦାଃ ନୁଃ କାତେକ ରୁଆ ହିଃ ଜାନା ପାଲାଙ୍କି ତାଃ, ଆର୍ ରାଜା କନେୟା ଏକ କୁଳି ପିୟାଃ ଦାଃ ଏମ୍ ନୁୟାଚି ? ବାନା କନେୟାଃ ଜେତା କା କାଗର କାତେ ଖାଲି ଉହୁଁଃ ମେନ୍ତେ ମେନ୍ ଯାଦାଃ । ଝତ୍ ହଲକ ମେନ୍ କେଦାଃ କାଃ ତୋତତିୟ ତରାଂ, ମେନ୍ତାତେ ପାଲାଙ୍କି ଗଃ କାତେ ସିଧା ସେନ୍ ଗେକ୍ କାମିଯାନା, ଏନ୍ କୁଳିହନ୍ ଇୟାମ୍ ଗେରାଂ କାତେ, ତାୟମ୍ ତାୟମ୍‌ତେ ସେନ୍ ତାଦାଃ

''ଫେରଆ ଚାହଁଗୋ, ଲାଲ୍ ସାହେବ
ଘୁରିଆ ଚାହଁଗୋ ଲାଲ୍ ସାହେବ
ହାମିଯେ ରାନିତୁମାର ପଡ଼ିଆ ରଇଲ, ବନେର୍ ଭିତରେ ।
ଭୂମିଜତେ – ''କୟଃ ରୁଆଲ୍ ଗେମ୍ ଲାଲ ସାହେବ
ହେତାରୁ ଆଲେମ୍ ଲାଲ୍ ସାହେବ ।

''ଆଞ୍ଜ ଆମାଃ ରାନି ତାଇ ଯାନାଞ୍ଜ ଦିରକୋ ବିତାରରେ'' । ଏନ୍ କୁଳିହନାଃ ଗେରା ଆୟମ୍ କାତେ ରାଜାଃ ମେନ୍‌ଯାଦା ହାଲଚି ହାପେ କଃ ପେ ଅକୟ ମୟଦ୍ ଏ

ଇୟାମ୍ ଗେରାଂ ଡାନାଂଗେ, ଆୟମଃ ଡାନା ଇନା ଡାୟମ୍ ବାନା ବନେୟା ମେନ୍ ଯାଦାଃ । ଚଲ ଚଲ ବନେର ଚଢ଼େଇ ଏମନ୍ ହରେକ୍ ବରନ୍ ଡାକ୍ ବେନ୍, ସେନେପେ ସେନେପେ, ବିଗନେ୍ ତେଣେଦ ଏନ୍ କାଗେ । ହରେକ୍ ବରନ୍‌କ ରାଃ ଯାକ, ଆର୍ ଏନ୍ କାମେ ଗଃ କାତେକ ସେନ୍ କେଦା । ଆକଆ ଡାୟମ୍ ଡାୟମ୍‌ତେ ଆଏ ଜାର୍ ଇଦିକାତେ ରାଜାକଆ ହାତୁ ମୁଡ଼ିରେ ମୟଦ୍ ଆଟ୍‌କୁଲା ହାଲାମ୍ ବୁଢ଼ିତାକିନ୍ ଅଲାଃରେ ଡାଇଯାନାଃ, ବାନା କନେୟା ଇଦିକାତେ ଅଲାଃ ତେକ ସେଟେର୍ କିଆ କାଟା ହାବୁଂ ଦିପିଲୁଂକ ଲେଲ୍ ଜିଆତ କାନାଃକାଟ ଇମ୍‌ତୁଂ ବାନା କନେୟା ମେନ୍‌ଯାଦା ଟାଂ ଟାଂ ଚି ଚୁଂ ଚୁଂ ହଲମା ଞଜା୍ ବେସଗେୟ କାଟା ଗେସେନା ଚାଲପାଂ ଏନ୍‌କା ତେଗେ ବାନା କନେୟାଃ ରାଜା ଅଲାଃରେ ଡାଇଯାନା ରାଜାଗାଃ ଉଁଟୁ ଗାଧାକ, ଗୁପିନାତେ ହଲକାକ ନାମ କେଦ୍ କ ଆ, ଏନ୍ ହାଲାପ୍ ବୁଢ଼ି ରାଜା କେକିନ୍ ମେତାଇ ଯାନା ଆଲିଂ ଅଲାଃରେ ମୟଦ୍ କୁଲିହନ୍ ମେନାୟା ଆୟ ରେୟ ଆମାଃ ଉଁଟୁ ଗାଧାକ ଗୁପିକକାଃ ଆର୍ ଏନ୍ କୁଲିହନ୍ ଦିନ୍‌ଗେ ରାଜା କଆଃ ଉଟୁ ଗାଧାକ ସାତ ବୁରୁପାରମ୍‌ତେ ଗୁପି ନାତିନ୍ ଏ ଇଦିକଆ, ଆର୍ ଆୟାଃ ମଇଷି ମାଗାଃ ଦିରିଞ୍ଜ ତେୟାଦା ସାନରେୟା ଢ଼େଲୁଆଂ ଉଡୁଂ କାତେ ରାନି ହନ୍‌ଲେ କାବାରକାତେ ଝୁଲାଟା ଦାରୁରେ ହାକାକାତେ ଝୁଲା କାନିଆ, ଆରଏ ଦୁରାଂୟା ।

ଦୁରାଂ- ''ଉଁଟୁରେ ଗାଧାଗାଧାରେ ସାତ ବିରେ ଚରିଆସ

ଉଟୁରେ ଗାଧା ଗାଧାରେ ସାତ ଝରନାର ପାନିପିଅ ।

ହାମିତ ଝୁଲା ସନେ କେର୍ ଢ଼ିଲୁଆ'' ଆର ଉଟୁ ଆର ଗାଧା କଦ, କା ଆତିଂ କାତେ ଆୟେ କେ ଗେ କ କୟଆ କାନଆ । ଆୟୁବ୍ ଯାନ୍‌ଚି ଝୁଲା ତେୟାଦ୍ ହାଗୁଲୁ କାତେ ଆୟା ସଇକ ଏନ୍ ବିରିଂ ବିତାର୍‌ରେ ଉରାଓ କାତେ ଗୁପିହନ୍ ଲେକାନା କିଚିରିଃ କ କିଚିରିଃ କାତେ ହାରଇ ଇଦିକିଆଃ ମେଡ୍ ଦ ଗାଧା ଉଟୁଁକ ମାଣି ମାଣି ତେକ୍ ରଗା ଚାବା । ଯାନା, ରାଜା ଉଟୁଁ ଗାଧାକ ଲେଲକାତେ ଆୟାଃହଲକ୍ ମେତାକ ଡାନାଃ ଉଟୁଁ ଗାଧା ମାକ ରଗା ଚାବା ଯାନା ଯୁଚି ଲେଲ୍‌ଗିଃପେ, ଉଟୁ ଗାଧାକଦ୍ ଗୁପିଯାଦ୍ କଆଃ ଚିକାଗେ, ତାର ଗାପାତେରେ ଏନ୍‌କାଗେ ଏନ୍ କୁଲହନ ଉୁଁଟୁ ଗାଧାକଗୁପି ନାତେନ୍ ଏ, ଇଦି କେଦ୍ କଆ, ଏନକାଗେ, ଆୟାଃ ଏନ୍ ଦିରିଞ୍ଜ ତେୟାଦ୍ ଆୟା ସଇ ସାପାକ୍‌କ ଉଡୁଂ କାତେ, ରାନି ଲେକା ସଇ ସାମ୍ ପଲ କାତେ ସନାରେୟା ଢ଼େଲୁଆଂ ହାକାକାତେ ଝୁଲାନ୍ ଯାନାଃ ଉଟୁଁ ଗାଧାକ କା ଆତିଂ କାତେ ଆୟେକେଗେ, କୟ କାତେକ ଡାଇଆ କାନା । ରାଜାଃ ବାର୍‌ହଲ ସେନ୍‌କାତେ କିନ୍ ଲେଲ୍ ଜିଆଦ୍ । ରାନି ହନା ତେୟାଦ୍ ଅତଃ ଗେ ସୁଗାଲ କୁଳି ହନ୍ ଏ ସାଜଓ୍ୱା କାନାଃ, ଆର ସନାରେୟା ଢ଼େଲୁଆରେ ଝୁଲାନ୍ ଡାନା । ଉଟୁଁ ଗାଧାକ କା ଆତିଂ କାତେ·ଆୟେ ଗେକ କୟଗା ଜୟା ହିଃ କାତେ ରାଜାକେ ଇନା

କାଜି ଦୁବାଇଯାନା ରାଜା ଓ ମୁସିଂ ସେନ୍ କାତେ ଲେଲ୍ କିଆତଦ ଏନ୍‌କାଗେ ଏନ୍ କୁଳିହନ୍ ଉଟୁଁ ଗାଧାକ ଉଡ୍ଡୁଂ ଇଦିକାତେ ବିର୍‌ରେ ସେଟେର କାତେ ଆୟାଃ ଏନ୍ ଦିରିଞ୍ଜା ତେୟାଦ୍ ଆୟା ସଜକ ଉଡ୍ଡୁଂ କାତେ ରାନି ଲେକାଃ ସାଜାଏନ୍ ଯାନାଃ । ଆର୍ ସନାରେୟାଃ ଝୁଲା ହାକା କାତେକ ଝୁଲାନ୍ ଯାନାଃ, ଆର ଏ ଦୁରାଂ ତାନାଃ, ଉଟୁ ଗାଧାକ କା ଆଡିଂକାତେ ଆଏ ଗେକ କୟଃ ତାନା । ରାଜା ଦାନାଂ ଦାନାଂ ତେ ସେନ୍ କାତେ, ଏନ୍ ଦାରୁରେ ଜାପାଃ ହାପେନ୍ ଯାନାଃ, ଲେଲ୍ ଯିଆଃ ଆୟାଃ ରାନିଆ ତେୟାଦ୍ ଅଡଗେ, ସୁଗାଲାଃ, କୁଳିହନ୍‌ଟା ଝୁଲା ଭାଗାଓ ଯାନ୍‌ଚି, ହାଗାଲୁନ୍ ଯାନାଃ ଆର୍, ଆୟା ସନା ଡ଼ିଲୁଆଟା ଏନ୍ ଦିରିଂରେ ଉରାଓ କେଦାଃ, ଆର୍ ଆୟାଃ ସଜ ସାପରା କ ଅଟଃଗେନ୍ ସମାୟରେ ରାଜା ଆୟାଃ ଆନ୍‌ଚଲ୍‌ରେ ରାଚାଃ କିୟା, ଆର୍ ଏନ୍ କୁଳହନ୍ କେଃ ମେଡାଇତାନା ଆମ୍ ନାରେ ଡାଇକାତେ ନାକା କାମିମ୍ ଇଡୁ ଆନାମେନ୍ତେ କାଞ୍ଜା ଇଡୁ ଆନା ଆମ୍ କେଦଅ ଇଦିରୁ ଆଲ ମେୟା । ଇମ୍‌ଟୁଂ ଏନ୍ କୁଳିହନ୍ ଏ ମେନ୍ କେଦାଃ ଆଞ୍ଜଦ ଆମ୍ ତାଃ କାଞ୍ଜା ସେନଗାଃ ରାଜା କୁଳିକିୟା ଚିୟା କାମ୍ ସେନଃ ଗାଃ । ଏନ୍ କୁଳିହନ୍ ଏ ମେନ୍ କଦୋଃ ମାଣାଂ ତେ ଏନ୍‌କା ଆଞ୍ଜକେ ହଇରାଣ କାତେ ବାନା କୁଳି କେମ୍ ଇଦି ନିୟା ଯୁ ବାନା କୁଳି କେ ହରା ଉଡ୍ଡୁଂ ଗିଃ ମେ ଇନା ତାୟମ୍ ଯାଇଞ୍ଜ ସେନଃ ଗାଃ ରାଜାଃ ମେଡ୍ କେଦାଃ ସେନ ଗାଃ, ରାଜାଃ ମେନ୍ କେଦାଃ ତିଲିକା ତେଞ୍ଜ ହାର ଗିଡ଼ିଗିୟା, ଆମ୍ ତିସିଂଞ୍ଜ ତେୟାଦ୍ ମାଡ଼ି ଆଲମ୍ ଜମେୟା ଝତହଲକ କୁଳିକେମ୍‌ରେ ମେତାକମ୍ ମୟଦନାୱା ଡାଡ଼ି ମାଣା ଉର୍ କାତେ ଆଞ୍ଜାଝତ୍ ରାନିକ ଚୁମାଣା ପଦିସ୍ତା କେରେ ଯାଇଞ୍ଜ ଯମେୟା । ଚୁମାଣା ତାନ୍ ସମାୟରେ ବାନାକେ ଉଦୁର ହାଡ଼୍‌ଗୁକାଢେ ହାସାତେ ତାପାଃ ଗିବ ପେ, ରାଜା ଏନ୍ କାଗେ କାମି କେଦାଃ ରାଜାଃ ଅଲାଃତେ ସେନ୍‌କାତେ ମାଡ଼ି କାଃ ଜମ୍ କେଦାଃ, ଝତ୍ ହଲକ କୁଳି କିଆ ରାନିକକ କୁଳିକିଆ, ମେନ୍ କେଦାଃ ମୟଦ୍ ନାୱା ଡାଡି ମାଣାଂ ବାଇଲେପେ ଇନାତାୟମ୍ ଆଞ୍ଜାଃ ଝତ୍ ରାନିକ ମେଷାତେ ଚୁମାଣା ପଦିସ୍ତାୟାକ୍ ଇନାତେ ଯାଇ ଜମେୟା; ପ୍ରଜାକ ଇନା ଆୟମ୍ କାତେ ମୁସିଂ ରେଗେ ନାୱା ଡାଡିକ ଉର୍‌କେଦା । ଆର୍ ଝତ୍ ରାଣିକ ଚୁମାଣା କାତେ କ ପଦିସ୍ତା ସମାୟରେ ଝତ୍ ରାଣିକ ମୟଦ୍ ମୟତେ ଡାଡି ପା ପାଃରେ ଜଆର୍ ଯତେନ୍ ଏ ମେଣଦ୍ କଆ ଚିମିଟୁଂ ବାନା ରାନି ଜିଆର ଏ ସେନଃ ଯାନା ଝତ ହଲ ତେକ ଉଦୁର ହାଗୁଳ କିଆ, ଆର ହାସାତେକ ତପାକିଆ ଇମ୍‌ଟୁଂ ବାନାଃ ମେଡ୍ ଧାର ଆଯାନାଃ ହାଲତି ଆଞ୍ଜା ସୁଙ୍ଗୁଡିକ ମେନାଃ କଗେୟା କାଉଡ଼ି ଗେକ ଲେକା ଅପେୟା ଇମ୍‌ଟୁଂ ତେୟାଦ୍ ବାନାଦ ହଲକ ନାମ କରେ ମାଣାଂ ମେଦ୍ ରେଗେକ ରାବୁଲ୍ କଆ । ଇନା ତାୟମ୍ ଏନ୍ କୁଳି ହନ୍ କେ ରାଜା ରାନି ଲେକା ଇଦି କିୟା ଏନ୍ ଦୁଲା ତେୟଦ୍ ସୁଦାଇ ଦିନ୍ ନାତେନ୍ ରାଜା ରାନି କିନ୍ ତାଇ ଯାନା ।

# ଭାଲୁ ବୋହୂ

ଗୋଟିଏ ଗ୍ରାମରେ ଦୁଇଜଣ ସ୍ୱାମୀ, ସ୍ତ୍ରୀ ବାସ କରୁଥିଲେ । ସ୍ତ୍ରୀଟିର ଅନ୍ତସତ୍ତ୍ୱା ହେବା ସମୟରେ ଥରେ ସେମାନେ ଦୁହେଁ ଜଙ୍ଗଲକୁ ତାଳ କୁଡ଼ାଇବାକୁ ଯାଇଥିଲେ । ଜଙ୍ଗଲରେ ବହୁତ ତାଳ କୁଡ଼ାଇଲେ; କିନ୍ତୁ ସେହିଠାରେ ସ୍ତ୍ରୀଟିର ଛୁଟିକା ହେଲା । ସ୍ୱାମୀ, ସ୍ତ୍ରୀ ଚିନ୍ତାକଲେ ଏତେ ତାଳ ନା । ତାଳ ଗୁଡ଼ିକୁ ନେବା ଦୁହିଁଙ୍କ ଭିତରେ ଯୁକ୍ତି ଚାଲିଲା । ସ୍ତ୍ରୀଟି କହୁଥାଏ ପିଲାଟିକୁ ନେବା, ସ୍ୱାମୀ କହୁଥାଏ ତାଳ ଗୁଡ଼ିକୁ ନେବା । ଦୁହିଁଙ୍କ ଯୁକ୍ତିତର୍କ ପରେ ସ୍ୱାମୀର କଥା ରହିଲା । ପିଲାଟିକୁ ତାଳ ପତ୍ରରେ ଶୁଆଇ ଦେଇ ତାଳ ଗୁଡ଼ିକ ବୋହି ଘରକୁ ଫେରିଗଲେ । ଏହାପରେ ପିଲାଟି ଏକାକୀ ଅଗନା ଅଗନୀ ବନସ୍ତ ଭିତରେ ଶୋଇ ରହିଥାଏ। ପିଲାଟିକୁ ଭୋକ ଲାଗିବାରୁ ସେ କାନ୍ଦିବାକୁ ଆରମ୍ଭ କଲା । ବାପା, ମା ପାଖରେ ନାହାନ୍ତି, କିଏ ବା ପିଲାଟିର କାନ୍ଦଣା ଶୁଣିବ । ସେହି ସମୟରେ ଗୋଟଏ ବଣ ମଇଁଷି ବଣରେ ଚରୁଥାଏ ।ସେ ପିଲାଟିର କାନ୍ଦଣା ଶୁଣି ପାରିଲା । ମନରେ ଭାବିଲା କେଉଁଠି ଏକ ମଣିଷ ଛୁଆ କାନ୍ଦୁଅଛି । ଶୁଣୁ ଶୁଣୁ ସେ ପିଲାଟି ପାଖରେ ଆସି ଦେଖେତ ଏକ ଶିଶୁ କନ୍ୟା ତାଳପତ୍ରରେ ଶୋଇ କାନ୍ଦୁଅଛି । ସେ ମନକୁ ମନ କହିଲା, ହୁଏତ ତାର ପିତା ମାତା କାଠ ପତ୍ର ସଂଗ୍ରହ କରିବାକୁ ଜଙ୍ଗଲ ଭିତରକୁ ଯାଇଛନ୍ତି । ସେଥିପାଇଁ ପିଲାଟିକୁ ଏଠାରେ ଶୁଆଇ ଦେଇଛନ୍ତି । ମାତ୍ର ଅନେକ ସମୟ ଅପେକ୍ଷା କଲାପରେ ମଧ ଶିଶୁ କନ୍ୟାଟି ନିକଟକୁ କେହି ଆସିଲେ ନାହିଁ । ମଇଷିଟି ଦୟା ପରବଶ ହୋଇ ଶିଶୁ କନ୍ୟା ନିକଟକୁ ଆସିଲା । କିନ୍ତୁ ମଇଁଷିଟି କିପରି ବା ପିଲାଟିକୁ ଉଠାଇ ଧରିବ । ମଇଁଷିଟି ଭଗବାନଙ୍କ ନାମ ଡାକି କହିଲା, ଯଦି ଏହି ପିଲାଟି କୌଣସି ବାପା, ମା'ଙ୍କ ଔରସରୁ ଜନ୍ମ ହୋଇଥାଏ ତେବେ ମୋର ଶିଙ୍ଗ ତାକୁ ଛୁଇଁବା କ୍ଷଣି ଶିଙ୍ଗରେ ଲାଗିବ ନାହିଁ । ଏହା କହି ଶିଙ୍ଗରେ ପିଲାଟିକୁ ଛୁଇଁ ଦେଲା । ପିଲାଟି ସାଙ୍ଗେ ସାଙ୍ଗେ ମଇଁଷି ଶିଙ୍ଗରେ ଲାଗିଗଲା। ପିଲାଟିକୁ ମଇଁଷି ତାର ବସାକୁ ଟେକି ନେଇ ନିଜ ପାଖରେ କ୍ଷୀର ଝରାଇ ପିଲାକୁ ପିଇବାକୁ ଦେଲା। ଏମିତି ପିଲାଟି ମଇଷି ପାଖରୁ କ୍ଷୀର ଖାଇ ଖାଇ ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ପ୍ରତ୍ୟେକ ଦିନ ମଇଁଷି ଜଙ୍ଗଲକୁ ଚରିବାକୁ ଯାଏ । ପିଲାଟି ମଇଁଷି ବସା ନିକଟରେ ଖେଳି ବୁଲେ । ଦିନେ ପିଲାଟି କହୁଥିଲା, ''ମୋ ବାପା, ମା'ଥିଲେ ମୋ ପାଇଁ କୁଲା ଟୋକେଇ ଆଣି ଦେଇଥାନ୍ତେ, ମୁଁ ସେଗୁଡ଼ିକ ନେଇ ଖେଳିଥାନ୍ତି ।'' ଏକଥା ମଇଁଷି କାନରେ ବାଜିଲା । ମଇଁଷି ପିଲାଟିକୁ ପଚାରିଲା ''ଝିଅ କ'ଣ କଥା କହୁଥିଲୁ ।'' ପିଲାଟି କହିଲା, ''ନାଁ ମା କିଛି ନୁହେଁ ।'' ପୁନଶ୍ଚ ମଇଁଷି ପଚାରିଲା ''ମା କହିଦେ କି କଥା କହୁଥିଲୁ ।'' ପିଲାଟି କହିଲା ''ମୋ

ବାପା ମା ଥିଲେ ମୋ ପାଇଁ କୁଲା ଟୋକେଇ ଆଣି ଦେଇଥାନ୍ତେ । ମୁଁ ସେଗୁଡ଼ିକ ନେଇ ଖେଳିଥାନ୍ତି ।'' ଏକଥା ମଇଁଷି ହୃଦୟରେ ଅନେକ ଦୁଃଖ ଦେଲା । ସେ ପିଲାଟିକୁ କହିଲା, ''ମା ଏଇ କଥା ଭାବୁଛୁ? ଠିକ୍ ଅଛି, ମୁଁ ଆଣି ଦେବି । ଏହାପରେ ମଇଁଷି ହାଟ ବିକାଳୀମାନେ ଯାଉଥିବା ରାସ୍ତା କଡ଼ରେ ଏକ କାଦୁଅ ଜାଗାରେ ମଲାପରି ପଡ଼ିଗଲା । ହାଟକୁ କୁଲା, ଟୋକେଇ ବିକିବାକୁ ନେଉଥିବା ଲୋକମାନେ ତାକୁ ଦେଖି ଭାବିଲେ ବିଚରା ମଇଁଷିଟି ମରିଯିବ । ଦୟା ପରବଶ ହୋଇ ତାଙ୍କ ଜିନିଷତକ ତଳେ ରଖିଦେଇ ମଇଁଷିଟିକୁ ଟାଣି ଉଠାଇବାକୁ ଚେଷ୍ଟାକଲେ । ମଇଁଷିଟିକୁ ଉଠାଇ ସାରିବାପରେ ମଇଁଷି ସେମାନଙ୍କୁ ବିନ୍ଧିବାକୁ ଲାଗିଲା । ସମସ୍ତେ ତାଙ୍କ ଜିନିଷପତ୍ର ଟୋକେଇ ଛାଡ଼ି ଭୟରେ ଦୌଡ଼ି ପଳାଇଲେ । ସେମାନେ ଛାଡ଼ି ଯାଇଥିବା କୁଲା ଟୋକେଇ ସବୁ ଆଣି ଶିଶୁ କନ୍ୟାକୁ ଖେଳିବାକୁ ଦେଲା । ପିଲାଟି ସେଗୁଡ଼ିକ ନେଇ ଆନନ୍ଦରେ ଖେଳିଲା । ସେହିପରି ଆଉଦିନେ ପିଲାଟି କହୁଥାଏ ''ମୋର ବାପା ମା ଥିଲେ ମୋ ପାଇଁ ଜାମା, ପ୍ୟାଣ୍ଟ, ଅଳଙ୍କାର ଇତ୍ୟାଦି ଆଣି ଦେଇଥାନ୍ତେ ।'' ଏକଥା ମଧ୍ୟ ମଇଁଷି ବଣରୁ ଫେରିବା ସମୟରେ ଶୁଣିବାକୁ ପାଇଲା । ମଇଁଷି ଆସି ପିଲାଟିକୁ ପଚାରିଲା ''ମା ତୁ କଣ କହୁଥିଲୁ?'' ଝିଅଟି କହିଲା ''ମା କିଛି ନୁହେଁ ।'' ମଇଁଷି ପୁଣି ପଚାରିଲା ''ମା କହିଦେ ।'' ଝିଅଟି କହିଲା ''ମୋ ବାପା ମା ଥିଲେ ମୋ ପାଇଁ ଜାମା, ପ୍ୟାଣ୍ଟ ଓ ଅଳଙ୍କାର ଆଣି ଦେଇଥାନ୍ତେ । ମୁଁ ସେ ସବୁକୁ ପିନ୍ଧି ନାଚି କୁଦି ଖେଳିଥାନ୍ତି ।'' ମଇଁଷି କହିଲା, ''ଏହି କଥା ଚିନ୍ତା କରୁଛୁ ମା ! ମୁଁ ତୋତେ ଆଣିଦେବି ।'' ମଇଁଷି ପୁଣି ହାଟ ବିକାଳୀ ଯିବା ବାଟରେ କାଦୁଅରେ ମଲାପରି ପଡ଼ି ରହିଲା । ହାଟବିକାଳୀମାନ ଭାବିଲେ ମଇଁଷିଟି ମରିଯିବ । ତେଣୁ ସମସ୍ତେ ତାଙ୍କ ଜିନିଷପତ୍ର ତଳେ ରଖି ମଇଁଷିଟିକୁ ଟାଣି ବାହାର କରିବା ସମୟରେ ସେ ସେମାନଙ୍କୁ ଘଉଡାଇବାକୁ ଲାଗିଲା । ଲୋକମାନେ ଭୟରେ ତାଙ୍କ ଜିନିଷପତ୍ର ଛାଡ଼ି ଧାଇଁ ପଳାଇଗଲେ । ଏହାପରେ ମଇଁଷି ସେ ସବୁକୁ ଆଣି ଝିଅକୁ ଦେଲା । ପିଲାଟି ଜାମା, ପ୍ୟାଣ୍ଟ, ଅଳଙ୍କାର ପିନ୍ଧି ଆନନ୍ଦରେ ଖେଳିଲା । ମଇଁଷି ସବୁଦିନ ପରି ଜଙ୍ଗଲକୁ ଚରିବାକୁ ଯାଏ । କ୍ରମେ କ୍ରମେ ଝିଅଟି ବଢ଼ି ଯୌବନରେ ପଦାର୍ପଣ କଲା ।

ଦିନେ କଣ ହୋଇଛିନା ଜଣେ ରାଜା ତାଙ୍କର ସୈନ୍ୟ ସାମନ୍ତ ନେଇ ସେଇ ଜଙ୍ଗଲକୁ ଶିକାର ପାଇଁ ଆସିଥିଲେ । ଜଙ୍ଗଲରେ ରାଜାଙ୍କୁ ପିକା ଟାଣିବାକୁ ଇଛା ହେବାରୁ ତାଙ୍କର ସୈନ୍ୟସାମନ୍ତଙ୍କୁ କହିଲେ, ''ଦେଖ ଜଙ୍ଗଲରେ କେଉଁଠି ଧୂଆଁ ବାହାରୁଛି । ସେହିଠାରୁ ଯାଇ ନିଆଁ ସଂଗ୍ରହ କରି ଆଣ । ମୁଁ ପିକା ଟାଣିବି ।'' ରାଜାଙ୍କର ସୈନ୍ୟ ସାମନ୍ତ ଚାରି ଦିଗକୁ ଲକ୍ଷ୍ୟ କଲେ । କୌଣସି ଦିଗରୁ ଧୂଆଁ ଦେଖିବାକୁ ପାଇଲେ ନାହିଁ । କିଛି ସମୟ

ପରେ ଦେଖିଲେ ଯେ ଏକ ଜାଗାରୁ ଧୂଆଁର ଧାର ଉପରକୁ ଉଠୁଛି । ସେମାନେ ସେଇ ଧୂଆଁକୁ ଲକ୍ଷ୍ୟ କରି ଚାଲିଲେ । ସେମାନେ ଯାଇ ମଇଁଷି ଝିଅ ପାଖରେ ପହଞ୍ଚିଲେ । ସେଠାରୁ ନିଆଁ ଆଣିବ କ'ଣ, ସେଇ ଝିଅର ଚମତ୍କାର ରୂପ ଶୋଭା ଦେଖି ରାଜାଙ୍କ ନିକଟକୁ ଫେରିଯାଇ କହିଲେ, ''ମହାରାଜ ! ଆମେ ନିଆଁ ଆଣିବାପାଇଁ ଯାଇଥିଲୁ, କିନ୍ତୁ ନିଆଁ ଆଣିବୁ କଣ ସେଠାରେ ଗୋଟିଏ ଚମତ୍କାର ଝିଅକୁ ଦେଖି ଫେରି ଆସିଲୁ । ଆପଣଙ୍କ ରାଣୀମାନଙ୍କଠାରୁ ସେ ଶହେ ଗୁଣରେ ସୁନ୍ଦର ଦେଖା ଯାଉଛି ।''

ତାହା ଶୁଣି ରାଜା କହିଲେ, ''ଚାଲ ତାଙ୍କ ନିକଟକୁ ଯିବା ।'' ତାପରେ ସମସ୍ତେ ସେଇ ଝିଅ ନିକଟକୁ ଗଲେ । ରାଜା ଦେଖିଲେ ସତକୁ ସତ ଝିଅଟି ଅପୂର୍ବ ସୁନ୍ଦରୀ । ରାଜା ତାଙ୍କୁ ନିଆଁ ମାଗିଲେ । ଝିଅଟି ନିଆଁ ଆଣିଦେଲା । ନିଆଁକୁ ନେଇ ସେ କୌଣସିଠାରେ ଟେକି ଲିଭାଇ ପୁଣି ମାଗିଲେ । ପୁନଶ୍ଚ ଝିଅଟି ନିଆଁ ଆଣିଦେଲା । ପୁଣି ରାଜା ସେମିତି କଲେ । ଯଦ୍ୱାରା ଝିଅଟି ବିରକ୍ତ ହୋଇ କହିଲା ''ଯେମିତି ଆସିଥିଲ ସେମିତି ପଳାଇଯାଅ'' । ଏମିତି କଥା ରାଜାଙ୍କୁ କହିବାରୁ ସମସ୍ତେ ରାଗିଯାଇ ଝିଅଟିକୁ ଘର ଭିତରେ ବାନ୍ଧି ବାହାରରୁ କବାଟ କିଳି ଦେଇ ପଳାଇଗଲେ । ମଇଁଷି ଜଙ୍ଗଲକୁ ଚରିବାକୁ ଯାଇଥାଏ । ସେ ଆସି ଦେଖେତ କବାଟ ବନ୍ଦ ହୋଇଛି । ମଇଁଷି ଝିଅକୁ ''ଝିଅ କବାଟ ଖୋଲି ଦେ' ମୋ ଦେହ ଖରାପ ଲାଗୁଛି, ମୁଁ ପାଣି ପିଇବି ।'' ଝିଅଟି ବନ୍ଧା ହୋଇଥିବାରୁ କବାଟ ଖୋଲି ପାରିଲା ନାହିଁ । ମଇଁଷି ମଧ୍ୟ କବାଟ ଖୋଲି ନପାରି ଶୋଷରେ ପ୍ରାଣବାୟୁ ଉଡ଼ିଯିବା ସମୟରେ କହିଲା, ''ଝିଅ ! ତୁ ତ କବାଟ ଖୋଲିଲୁ ନାହିଁ, ମୋ ଜୀବନ ଚାଲି ଯାଉଛି, ମୁଁ ମଲେ ମୋର ଦୁଇଟି ଶିଙ୍ଗକୁ ଉପାଡ଼ି ନେବୁ । ସେଥିରୁ ତୁ ସବୁ ପାଇବୁ । ବାମ ପଟର ଶିଙ୍ଗ ବାମ ହାତରେ, ଡାହାଣ ପଟର ଶିଙ୍ଗ ଡାହାଣ ହାତରେ ଉପାଡିବୁ ।'' ଏତିକି କହିବାପରେ ଦୁଆର ନିକଟରେ ମଇଁଷିର ପ୍ରାଣବାୟୁ ଉଡ଼ିଗଲା ।

ଏହାପରେ ରାଜା ପୁଣି ସୈନ୍ୟ ସାମନ୍ତ ସହ ସେଇ ଝିଅ ନିକଟରେ ପହଞ୍ଚିଲେ । ଦେଖିଲେ ଯେ ଝିଅର ଦୁଆର ନିକଟରେ ଏକ ମଇଁଷି ମରି ପଡ଼ି ରହିଛି । ରାଜାଙ୍କର ସୈନ୍ୟମାନେ ସେହି ମଇଁଷିଟିକୁ ବାହାର କରି ଝିଅଟିକୁ ଉଦ୍ଧାର କଲେ ଓ କହିଲେ ''ଆମ ରାଜାଙ୍କ ପାଇଁ ତୁମକୁ ରାଣୀ କରି ନେବୁ ।'' ଝିଅଟି କହିଲା, ''ମୋ ମା ମରିଯାଇଛି, ତାର ଶୁଦ୍ଧିକ୍ରିୟା ନ କରିବା ପର୍ଯ୍ୟନ୍ତ ମୁଁ ଯାଇ ପାରିବି ନାହିଁ । ରାଜା ଏହା ଶୁଣି ସୈନ୍ୟସାମନ୍ତଙ୍କୁ ଧୋବା, ବାରିକ, ବ୍ରାହ୍ମଣ ଆଣିବାକୁ ପଠାଇଲେ ଓ ଶୁଦ୍ଧିକ୍ରିୟା ଶେଷ କରିଦେଲେ । ତାପରେ ରାଜା କହିଲେ, ''ବର୍ତ୍ତମାନ ଆମେ ତୁମକୁ ରାଣୀ କରିନେବୁ ।'' ଝିଅଟି କହିଲା, ''ମୁଁ ସେମିତି ଯିବି ନାହିଁ, ଯାଅ ସିନ୍ଦୁରରେ ଏକ ସଡ଼କ ତିଆରି କର ଏବଂ ସବାରୀ ତଥା

ବାଜା ସାମଗ୍ରୀ ଆଣ, ତେବେ ଯାଇ ମୁଁ ଯିବି ।'' ସାଙ୍ଗେ ସାଙ୍ଗେ ରାଜାଙ୍କ ନିର୍ଦ୍ଦେଶରେ ସିନ୍ଦୁରର ଏକ ସଡ଼କ ନିର୍ମାଣ କରାଗଲା । ସବାରୀ ଓ ବାଜା ସାମଗ୍ରୀ ଆଣି ଝିଅଟିକୁ ସବାରୀରେ ବସାଇ ନେଇଗଲେ । ଅଗନା ଅଗନୀ ବନସ୍ତ ମଧ୍ୟ ଦେଇ ଯିବା ସମୟରେ ସମସ୍ତଙ୍କୁ ଶୋଷ ଲାଗିଲା । କନ୍ୟାକୁ ରଖି ସମସ୍ତେ ପାଣି ଖୋଜିବାକୁ ଲାଗିଲେ । କୌଣସି ଆଡ଼େ ପାଣିର ସନ୍ଧାନ ପାଇ ପାରିଲେ ନାହିଁ । ଏହାପରେ ଚାରୋଟି ଅଁଳା ଫଳ ବିଛାଇ ଚାରି କୋଣକୁ ଫୋପାଡ଼ିଲେ । ତିନିକୋଣରୁ କିଛି ଶବ୍ଦ ମିଳିଲା ନାହିଁ । ଚତୁର୍ଥ କୋଣରେ ଫଳଟି ପାଣି ଉପରେ ପଡ଼ିବାର ଶବ୍ଦ ହେଲା । ସମେସ୍ତ ସେଇ ଆଡକୁ ଦୌଡ଼ିଗଲେ । ଦେଖିଲେ ଗୋଟିଏ ଛୋଟିଆ ଚୁଆରେ ପାଣି ଅଛି । ସେମାନେ ସମସ୍ତେ ସେଠାରେ ପାଣି ପିଇଲେ ।

ଏହି ସମୟରେ ସବାରୀରେ ଏକାକୀ କନ୍ୟାଟି ବସିଥାଏ । ଗୋଟିଏ ମାଈ ଭାଲୁ ସବାରୀ ନିକଟକୁ ଆସିଲା ଏବଂ ସବାରୀ ଭିତରେ ଥିବା ବୋହୂଟିକୁ କହିଲା, ''ଦେ ତୋର ଅଳଙ୍କାର ମୁଁ ପିନ୍ଧେ । ଅଳଙ୍କାର ନ ଦେଲେ ମୁଁ ତୋତେ ଖାଇଦେବି ।'' ଝିଅଟି ଭୟରେ ଅଳଙ୍କାର ସବୁ ଭାଲୁକୁ ଦେଇଦେଲା । ଏହାପରେ ଭାଲୁ କହିଲା, ''ଦେ ତୋର ପାଟ ଓଢ଼ଣୀ, ମୋତେ ଦେଇଦେ, ନ ହେଲେ ମୁଁ ତୋତେ ଖାଇଦେବି । ଭୟରେ ଝିଅଟି ତାର ପାଟ ଓଢ଼ଣୀ ଭାଲୁକୁ ଦେଇଦେଲା ।'' ଏହାପରେ ପୁଣି ଭାଲୁ କହିଲା, ''ଏଇ ସବାରୀରୁ ବାହାରି ପଳାଇ ଯା ନ ହେଲେ ମୁଁ ତୋତେ ଖାଇଦେବି ।'' ଏହା ଶୁଣି ଝିଅଟି ଡରରେ ସବାରୀ ଛାଡ଼ି ଦୂରକୁ ପଳାଇଗଲା । ଭାଲୁ କନିଆଁ ବେଶ ହୋଇ ସବାରୀରେ ଚୁପ୍ କରି ବସି ରହିଥାଏ । ରାଜା ଝିଅଟିକୁ ପଚାରିଲେ ''ପାଣି ପିଇବୁକି ? ଭାଲୁ ବୋହୂ କିଛି ନ କହି ଖାଲି ଉଁ ହୁଁ କରୁଥାଏ । ସମସ୍ତେ କହିଲେ ତାକୁ ଶୋଷ ହେଉ ନଥିବ । ଏହା କହି ସବାରୀ ବୋହି ଚାଲିବାକୁ ଲାଗିଲେ । ସେଇ ଝିଅଟି ତାଙ୍କ ପଛେ ପଛେ ବାହୁନି ବାହୁନି ଚାଲିଥାଏ ।

ଗୀତ – ''ଫେରି ଚାହଁହେ ଲାଲ୍ ସାହେବ୍,
ଘୂରି ଚାହଁ ହେ ଲାଲ୍ ସାହେବ୍
ମୁଁ ଯେ ରାଣୀ ତୁମରି ପଡ଼ି ରହିଲି
ଜଙ୍ଗଲ ଭିତରେ ।''

ସେଇ ଝିଅଟିର କାନ୍ଦଣା ଶୁଣି ରାଜା ସମସ୍ତଙ୍କୁ ନୀରବ ରହିବାପାଇଁ କହିଲେ ଏବଂ କହିଲେ ''କେଉଁଠୁ ଏକ ଝିଅର କାନ୍ଦଣା ଶୁଣାଯାଉଛି ? ଏହା ଶୁଣି ଭାଲୁ ବୋହୂ କହିଲା,

''ଚଲ ଚଲ ବନେର୍ ଚଢ଼େଇ ଏମନ୍ ହରେକ୍ ବରନ୍ ଡାକବେ ।'' ଚାଲ ଚାଲ ବଣର ଚଢ଼େଇ ଏମିତି ବିଭିନ୍ନ ପ୍ରକାର ଡାକିବେ । ଏହାଶୁଣି ସମସ୍ତେ ପୂର୍ବ ପରିଚାଲିବାକୁ ଲାଗିଲେ । ତାଙ୍କ ପଛେ ପଛେ ଝିଅଟି ଯାଇ ରାଜାଙ୍କର ଗାଁ ମୁଣ୍ଡରେ ଏକ ବୁଢ଼ା ବୁଢ଼ୀ ଘରେ ପହଞ୍ଚିଲା । ତାଙ୍କର ପିଲା ଛୁଆ କିଛି ନଥିଲେ । ସେମାନଙ୍କୁ ଯାଇ କହିଲା, ''ମୁଁ ଏଠାରେ ରହି ତୁମର ଗୋରୁ ଗାଈ ଚରାଇବି ଏବଂ ତୁମର ସେବା କରିବି'' । ତାପରେ ବୁଢ଼ା ବୁଢ଼ୀ ଖୁସି ହୋଇ ତାକୁ ରଖିଲେ ।

ଭାଲୁ ବୋହୂକୁ ନେଇ ରାଜା ଘରେ ପହଞ୍ଚିଲେ । ଗୋଡ଼ ଧୋଇବା ସମୟରେ ଦେଖିଲେ ଯେ ଭାଲୁ ଗୋଡ଼ । ସେଇ ସମୟରେ ଭାଲୁ ବୋହୂ କହିଲା, ''ମୋ ଗୋଡ଼ ସିନା ଖରାପ ଦିଶୁଛି କିନ୍ତୁ ମୁଁ ତ ଠିକ୍ ଅଛି ।'' ସେପରି କହି ଭାଲୁ ବୋହୂ ରାଜା ଘରେ ରହିଲା । ଝିଅଟି କିନ୍ତୁ ସେଇ ବୁଢ଼ା ବୁଢ଼ୀଙ୍କର ଗୋଈ ଗୋରୁ ଚରାଉଥାଏ । ଏହି ସମୟରେ ରାଜାଙ୍କ ଘରେ ଗଧ ଏବଂ ଓଟମାନଙ୍କୁ ଚରାଇବା ପାଇଁ ଜଗୁଆଳୀ ପାଉ ନଥାନ୍ତି । ଏହାଶୁଣି ବୁଢ଼ାବୁଢ଼ୀ କହିଲେ, ''ଆମ ଘରେ ଏକ ଝିଅ ଛୁଆ ଅଛି । ସେହି ପିଲାଟି ଆପଣଙ୍କ ଓଟ ଓ ଗଧମାନଙ୍କୁ ଚରାଉ ।'' ଏହାପରେ ସେଇ ଝିଅ ରାଜାଙ୍କର ଓଟ ଆଉ ଗଧକୁ ପ୍ରତ୍ୟେକ ଦିନ ଚରାଇବାପାଇଁ ସାତ ଜଙ୍ଗଲ ପାର ହୋଇଯାଏ । ସେଠାରେ ତାର ମଇଁଷି ମା'ର ଶିଙ୍ଗରୁ ସୁନାର ଝୁଲଣ ବାହାର କରି ଗଛରେ ଟାଙ୍ଗେ ଓ ରାଣୀପରି ସାଜି ସବୁଦିନେ ଝୁଲଣରେ ଝୁଲି ଝୁଲି ଗୀତ ଗାଏ ।

ଗୀତ-

''ଓଟ ଓଟରେ ଗଧ ଗଧରେ ସାତ ଜଙ୍ଗଲରେ ଚରିଆସ ।
ଓଟ ଓଟରେ ଗଧ ଗଧରେ ସାତ ଝରଣାର ପାଣି ପିଅ ।
ମୁଁ ତ ଝୁଲୁଛି ସୁନାର ଝୁଲଣାରେ''

ଏହି ଗୀତ ଶୁଣି ଓଟ ଓ ଗଧମାନେ ନ ଚରି ଝିଅଟିକୁ ହିଁ ଚାହି ରହିଥାଆନ୍ତି ।

ସନ୍ଧ୍ୟା ହେଲେ ଝିଅଟି ଝୁଲଣାକୁ ଓହ୍ଲାଇ ସେଇ ମଇଁଷି ଶିଙ୍ଗରେ ଭର୍ତ୍ତିକରି ଓଟ ଓ ଗଧ ମାନଙ୍କୁ ଘରକୁ ଫେରାଇ ଆଣେ । ଓଟ ଓ ଗଧମାନେ ନଖାଇ ନପିଇ ଆସ୍ତେ ଆସ୍ତେ ରୋଗା ହେବାକୁ ଲାଗିଲେ । ରାଜା ଏପରି ଅବସ୍ଥା ଦେଖି ତାଙ୍କର ପରିଚାରକ ମାନଙ୍କୁ କହିଲେ, ''ଯାଅ ସେ ଝିଅଟିକୁ ଲକ୍ଷ୍ୟ କରିବ, ସେ ଓଟ ଓ ଗଧ ମାନଙ୍କୁ ଚରାଇବାକୁ ନେଇ କ'ଣ କରୁଛି ?'' ତା'ପର ଦିନ ପୁଣି ସେଇ ଝିଅଟି ଓଟ ଓ ଗଧ ମାନଙ୍କୁ ନେଇ

ସାତ ଜଙ୍ଗଲ ପାରି ହୋଇ ଚରାଇବାକୁ ନେଇଗଲା ଓ ସେହିପରି ସିଙ୍ଗରୁ ଝୁଲଣା ଓ ତାର ପୋଷାକ ପତ୍ର, ଗହଣା ବାହାର କରି, ଝୁଲଣାକୁ ଗଛରେ ଟାଙ୍ଗି ରାଣୀପରି ସାଜି ଗୀତ ଗାଇ ଗାଇ ଝୁଲିବାକୁ ଲାଗିଲେ । ଓଟ ଓ ଗଧ ମାନେ ତାକୁ ହିଁ ଚାହିଁ ରହିଥାଆନ୍ତି । ଏସବୁ ରାଜାଙ୍କର ପରିଚାରକମାନେ ଦେଖି ରାଜାକୁ ସବୁକଥା ଜଣାଇଲେ । ଏହାଶୁଣି ରାଜା ନିଜେ ଦେଖିବାକୁ ଗଲେ । ସତକୁ ସତ ଦେଖିଲେ ଯେ ସେହିପରି ଝିଅଟି ଶିଙ୍ଗରୁ ଝୁଲଣା ବାହାର କରି ରାଣୀପରି ସାଜି ଝୁଲଣାରେ ଝୁଲି ଝୁଲି ଗୀତ ଗାଉଛି । ଓଟ ଓ ଗଧ ମାନେ ତାକୁ ହିଁ ଚାହିଁ ରହିଛନ୍ତି । ରାଜା ଚୁପି ଚୁପି ଗଛ ଉହାଡ଼ରେ ରହି ସବୁ ଦେଖିଲେ । ଅପୂର୍ବ ସୁନ୍ଦରୀ ଝିଅଟି ଝୁଲି ସାରିବାପରେ ଓହ୍ଲାଇ ଆସି ତାର ଝୁଲଣା ଓ ସମସ୍ତ ସାଜ ସରଞ୍ଜାମକୁ ଶିଙ୍ଗରେ ଭର୍ତ୍ତି କରିବା ସମୟରେ ରାଜା ତାର ପଣତ କାନିକୁ ଟାଣି କହିଲେ, ‘‘ତୁମେ ଏଠାରେ ରହି ଏମିତି କାମ କରୁଛ ବୋଲି ମୁଁ ଜାଣି ନଥିଲି । ମୁଁ ତୁମକୁ ଆଜି ନେଇଯିବି ।’’ ଏହାଶୁଣି ଝିଅଟି କହିଲା, ‘‘ମୁଁ ତୁମ ପାଖକୁ ଫେରିଯିବି ନାହିଁ। ଆଗରୁ ମୋତେ ହଇରାଣ କରି ଭାଲୁ ବୋହୂକୁ ନେଇଗଲ । ଯାଅ ! ଯଦି ସେହି ଭାଲୁ ବୋହୂକୁ ବାହାର କରିଦେବ, ତେବେ ମୁଁ ସେଠାକୁ ରାଣୀ ହୋଇଯିବି ।’’ ରାଜା କହିଲେ ମୁଁ ତାକୁ କେମିତି ବାହାର କରିବି ?’’ ଝିଅଟି କହିଲା, ‘‘ଆଜିଠାରୁ ତୁମେ କିଛି ଖାଇବ ନାହିଁ । ପଚାରିଲେ କହିବ, ଗୋଟିଏ ନୂଆ କୂଅ ତାଡ଼ି ବୋହୂମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇ ସାରିବା ପରେ ଯାଇ ତମେ ଖାଇବ । ଆଉ ଯେତେବେଳେ ସବୁ ରାଣୀମାନେ ପ୍ରତିଷ୍ଠା ସମୟରେ କୂଅ ପାଖରେ ପହଞ୍ଚିବେ ତୁମେ ଭାଲୁବୋହୂକୁ କୂଅ ଭିତରକୁ ଠେଲିଦେବ ।’’ ରାଜା ମଧ୍ୟ ଝିଅଟିର କଥା ଅନୁଯାୟୀ ସେଇଆ କଲେ । ଗୋଟିଏ ନୂଆ କୂଅ ତଡ଼ାଗଲା । ସବୁ ବୋହୂ ମିଶି ପ୍ରତିଷ୍ଠା ନିମିତ୍ତ କୂଅ ପାଖକୁ ବନ୍ଦାପନା ପାଇଁ ଗଲେ । ବନ୍ଦାପନା ପରେ ସବୁ ବୋହୂମାନେ ଜୁହାର ହେବା ସମୟର ଭାଲୁବୋହୂକୁ ରାଜା କୂଅ ଭିତରକୁ ଠେଲିଦେଲେ । ରାଜା କର୍ମଚାରୀମାନେ ତା ଉପରେ ମାଟି ଚଲାଇ ଦେଲେ । ସେ ସମୟରେ ଭାଲୁବୋହୂ କହୁଥାଏ ‘‘ରୁହ ମୋର ବଂଶର ଭାଲୁମାନେ ଅଛନ୍ତି ତୁମ କାମରେ କଉଡ଼ି ତୁମକୁ ଗଣିଦେବେ ।’’ ଭାଲୁବୋହୂ ମଲାପରେ ସେଇ ଝିଅଟିକୁ ରାଜା ସବୁଦିନ ପାଇଁ ରାଣୀ କରି ରଖିଲେ ।

# ଖାର୍‌ପା କାମିରେୟା କୁଲାଇ

ଇସୁଦିନ୍ ମାଣାରେ ସାତ୍ ହାଗାୟା ଆର୍ ଆକଆଃ ମୟଦ୍ ଡାଙ୍ଗୁଆମିଶି ମୟଦ୍ ହାତୁରେକ ତାଇକେନା । ସାତହାଗା ବିତାର୍‌ରେ ମୟଦ୍ ହାଗା କାଃ ଆଣାଦି କେନାଃ । ଅଡ ଛଅ ହାଗାଦକ ଆଣଦୀ କେନାଃ । ଏନ୍ ଡାଙ୍ଗୁଆ ହାଗା ମିଶି ମଦ୍‌ଠାୟାଁ ରେକିନ୍ ତାଇକେନା । ଆର୍ ଏଟା ହାଗାଦକ୍ ଆକ ଆକଆ ଅଲାଃରେ କୁଲଗିୟକ୍ ତାଇକେନା । ମୁଶିଂ ଛଅ କିମିନ୍ ଆର୍ ଆକଆ ଇରୁଏଲ୍‌ତେ କୁଲିଲଃ ବିରତେଆଲାଃ ସିଦ୍‌କ ସେନକାନା । ବୀର ବିତାରେ ମୟଦ୍ ବିଂ ପେଟାଲିକ ନାମ୍‌କେଦା ଏନ୍ କିମିନ୍‌କୋ । ଆକଆ ଇରୁଏଲ୍‌ତେ କୁଲିକେକ ମେତାଇଯାନା । ନିୟାପେଟାଲି ଇଦିକାତେ ଆମାଃ ଦାଦାଲଃ ତିକିକାତେ ଜମଗେଦିନ୍ । କୁଲିହଲଟା ଯେତାଓ କା ବୁଜାଟିଂ କାତେ ପେଟାଲିଟା ତିକିକାତେ ଆୟା ଦାଦାକେ ଆମାଇଯାନା । ଆର୍ ହାତୁ କୁଲିହନ୍‌ତାଃ ଗିତିଃହର ସେନଃ ଯାନା । ଆର୍ ହାତୁ କୁଲିହନ୍‌ତାଃ ଗିତିଃହର ସେନଃ ଯାନା । ନିଦା ବିତାରେ ଏନ୍ କୁଲିହନା ଦାଦାମୟଦ୍ ମାରାଂ ବିଂଯାନାଃ । ସିମ୍‌କ ରାଗେ ଲଃ ଏନ୍ ବିଞ୍ଜ ଆକାନ୍ ଦାଦାତାଏ ଦୁରାଂଏ ଏଟେଃ କେଦା ।

''କୋକରେ କୋ<br>
ବିଞ୍ଜାଦ୍ ମେନାଇ<br>
ବୁରୁବିଞ୍ଜ ଜାନାଇଟି<br>
ସାଙ୍ଗସୁଲି ଯାନା ।''

ସିମ୍‌ରାଗେ ଦିପୁଲୁ ହେ ବୁଡ଼ି ଆମାଃ ଦାଦା ମୟଦ୍ ବୁରୁବିଞ୍ଜ ଯାନାଃ । ଟିମ୍‌ତୁଂ କୁଲିହଟା ଅଲାତେଃ ସେଟାଏ ହିଃଯାନା । ଅଲାଃ ବିତାର୍ ମୟଦ୍ ମାରାଂବିଞ୍ଜ ଲେଲ୍‌ତେ ଆଚମ୍ବିତ ଯାନା । ବିଞ୍ଜଟା ମେନକେଦାଃ ଆଲମ୍ ବରୟା ମିଶି ଆଞ୍ଜାଦ୍ ଆମାଃ ଦାଦା । ବିଞ୍ଜ ପେଟାଲି ଜମ୍‌କାତେ ଆଞ୍ଜଦଞ୍ଜ ବିଞ୍ଜଯାନା । ଏନ୍ ବିଞ୍ଜ ଆକାନ୍ ହାଗା ଆୟା ମିଶିକେ ହୁଡ଼ିଃ ଟାବେନ୍ ଆର୍ ବଜା ଆଉ ନାତେନ୍ ଏ ମେତାଇଯାନା । କୁଲି ହନ୍‌ଟା ମୟଦ୍ ଖାଞ୍ଚିରେ ବୁଜା ଟାବେନ୍ ଆଗୁକାତେ ବିଞ୍ଜ୍ ମାଣାରେ ଜଗାଓକେଦାଃ । ବିଞ୍ଜହାଗା ଆୟା ମିଶିକେ ମେତାଇଯାନା । ମୟଦ୍ ଧାରଛୁରୀ ଖାଞ୍ଚିରେ ସଗେଉକୁ ନାତେନ୍ ଏ ମେତାଇଯାନା । ଏନ୍‌କା ସଜ ସମ୍ଭଲକାତେ ବିଞ୍ଜଟା ବିର୍‌ତେ ସେନଃଯାନାଃ । ଆର୍ ଆୟା ମିଶିକେ ଏନ୍ ଖାଞ୍ଚି ଆଉକାତେ ଆୟାଃତାୟମ୍ ତାୟମ୍‌ତେ ହିଜୁଃ ନାତେନ୍ ଏ ମେତାଇଯାନାଃ । ବିଞ୍ଜ୍ ଆକାନ୍ ହାଗା ବିର୍ ବିତାର୍‌ରେ ମୟଦ୍ ଠାୟାଃରେ ତାଇନ୍‌ଯାନାଃ । ଅକାରେ ଟିଏନ୍ ବିଞ୍ଜ ପେଟାଲିଟା ତାଇକେନା । ଏଣ୍ଡେ ସେଟେରେକାତେ ବିଞ୍ଜହାଗା ଆୟା ମିଶିକେ ଦାରୁରେ ଦେଃ ଯତେନ୍‌ଏ ମେତାଇଯାନା । ଆର୍ ଆଏଦ୍ ଦାରୁ ସୁବାରେତାଇକାତେ ଦୁରାଂ କେଦାଃ ।

ହୁରାଂ- ''ହେସେଲ ଜୁରୁଜୁରୁ
କାର୍‌କେଟା ଲିଡ଼ି ଲିଡ଼ି ନେଡ୍ ନେଡ୍
ବୁରୁବିଞ୍ଜ କିନ୍ ଉରାଃ
ଚି ସାଙ୍ଗ୍‌ସୁଲି କିନ୍ ରୋୟାଃ ।''

ଇନା ତାୟମ୍ ମୟଦ୍ ବୁରୁବିଞ୍ଜ ଆର୍ ମୟଦ୍ ଆଣ୍ଡିଆ ବିଞ୍ଜ ଉଡୁଂକାତେ କିନ୍ ହିଃ ଯାନା । ବିଞ୍ଜ୍ ଆକାନ୍ ହଲ ଏନ୍ ବିଞ୍ଜ୍ କିନ୍ ଖାଞ୍ଚିରେୟା । ବୁଜା ତାବେନ୍ ଜମ୍ ନାତେନ୍ ଏ ଅମାଦ୍‌କିନା ଇନାକିନ୍ ଜମ ଦିପୁଲୁ ଆକିନାଃ ଆଲାଂ ସିଦ୍‌ଯାନା । ବୁରୁବିଟାଃ ଏନ୍ ବିଞ୍ଜ୍ ଆକାନ୍ ହଲକେ ମେତାଇତାନାଃ । ଆମଯୁଦି ଏନ୍ ମାଦ୍ ବାତାଟା ଆମାଃ ଆଲାଂତେମ୍ ସମାନ୍‌ଏୟା ତବେ ଆମ୍‌ଦ ବିଞ୍ଜ ଜାତିରେଲେ ମେଶାମିୟା । ବିଞ୍ଜ୍‌ଆଃ କାଜିଲେକାତେ । ବିଞ୍ଜ୍ ଆକାନ୍ ହାଗା ଆୟା ଆଲାଂତେ ମାଦ୍ ବାତାଟା ସମାନ୍‌କେଦାଃ ଆର୍ ବିଞ୍ଜ୍ ଜାତୀରେକ ମେଶାକିୟା ।

ଇନାତାୟମ୍ ଆଏମୟଦ୍ ବୁରୁଝାର୍‌ନାତେ ସେନଃଯାନାଃ । ଆର୍‌ଆୟା ମାରାଂ ହଲ୍ଲତେ ଝାର୍‌ନା ଦାଃଏ ଏସେଦ୍‌କାତେ ସମୟଦ୍ ବାନ୍ଧା ଥଲକେଦାଃ । ଆର୍‌ଆୟା କାଜିଲେକାତେ ଆୟାଃ ମିଶିକେ କିମିନ୍‌କ ଝାର୍‌ନାରେ ହାଇସାବ୍ ନାତେ ଏ ରାଃ ଇତିକିୟାଃ, ଆର୍ ଏନ୍ କୁଲିହନ୍‌ଟା ଝାର୍‌ନା ଆତମ୍‌ରେ ତିଙ୍ଗୁକାତେ ଆୟା ବୁତାକ୍ ହାଇସାବ୍ ନାତେନ୍ ଏ ମେତାଦ୍‌କଆ । ଆୟାବୁ ତାକ୍‌ହାଇ ସାବ୍‌ରେୟ ବାଲୟ ଆକାନ୍ ସମୟରେ ବିଞ୍ଜ୍‌ଆୟାଃ ମାରାହଲ୍ଲ ଅର ଅଚଃ କେଦା ଆର୍ ବାନ୍ଦା ରାପୁଦ୍ ଯାନା ଝତ୍ କିମିନ୍‌କ ଆତୁଗଏ ଯାନା ।

# କୁବୁଦ୍ଧିର ପରିଣାମ

ଏକଦା ସାତଭାଇ ଏବଂ ସେମାନଙ୍କର ଜଣେ ଅବିବାହିତା ଭଉଣୀ ଗୋଟିଏ ଗାଁରେ ରହୁଥିଲେ । ସାତଭାଇଙ୍କ ମଧ୍ୟରୁ ଛଅ ଜଣ ବିବାହ କରିଥିଲେ ଏବଂ ଜଣେ ଅବିବାହିତ ଥିଲା । ଅବିବାହିତ ଭାଇ ଭଉଣୀ ଦୁଇଜଣ ଗୋଟିଏ କୁଡ଼ିଆରେ ଏବଂ ଅନ୍ୟ ଭାଇମାନେ ନିଜ ନିଜ କୁଡ଼ିଆରେ ନିଜ ନିଜ ସ୍ତ୍ରୀମାନଙ୍କ ସହ ରହୁଥିଲେ । ଥରେ ଛଅ ବୋହୂ ସେମାନଙ୍କର ନଣନ୍ଦ ସହିତ ଗାଁ ଜଙ୍ଗଲ ଭିତରକୁ ଶାଗ ଆଣିବାପାଇଁ ଗଲେ । ଜଙ୍ଗଲ ମଧ୍ୟରେ ସେମାନେ ଗୋଟିଏ ସାପ ଅଣ୍ଡା ପାଇଲେ । ସେହି ଛଅ ବୋହୂ ସେମାନଙ୍କର ନଣନ୍ଦକୁ କହିଲେ, ''ତୁ ଏହି ଅଣ୍ଡାକୁ ନେଇଯା, ସେଇଟିକୁ ସିଝାଇ ତୋ ଭାଇ ସହିତ ଖାଇବୁ ।'' ଝିଅଟି କିଛି ବୁଝି ନପାରି ଅଣ୍ଡାଟିକୁ ନେଇ ଘରେ ସିଝାଇ ତା ଭାଇକୁ ଖାଇବାକୁ ଦେଲା ଏବଂ ସେ ଗାଁରେ ଥିବା ଝିଅମାନଙ୍କର ଗୀତିଃଘର (ଗାଁର ଯୁବତୀଝିଅମାନେ ଏକତ୍ର ଶୋଇବା ସ୍ଥାନ)କୁ ଚାଲିଗଲା । ରାତିରେ ସେଇ ଝିଅର ଭାଇଟି ଗୋଟିଏ ସାପରେ ପରିଣତ ହୋଇଗଲା । ପାହାନ୍ତା ବେଳେରେ ସେହି ସାପ ପାଲଟି ଯାଇଥିବା ଭାଇଜଣଙ୍କ ଗାଇବାକୁ ଆରମ୍ଭ କଲା –

''କୋକରେ କୋ
ବିଞ୍ଜଦ୍ ମେନାଇ
ବୁରୁବିଞ୍ଜ୍ ଜାନାଇଚି
ସାଙ୍ଗ୍‌ସୁଲି ଯାନା ।''

୧ ''କୁକୁଡ଼ା ରାବିବା ବେଳେ ହେ ଝିଅ । ତୋ ଭାଇ ଗୋଟିଏ ପାହାଡ଼ିଆ ସାପ କିମ୍ବା ଗୋଟିଏ ମାଇସାପରେ ପରିଣତ ହୋଇଯାଇଛି ।''

ଝିଅଟି ଯେତେବେଳେ ସକାଳୁ ଘରକୁ ଫେରିଲା ଗୃହ ମଧ୍ୟରେ ଏକ ବିରାଟକାୟ ସାପ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସାପଟି କହିଲା- ''ଭୟ କରନି ଭଉଣୀ, ମୁଁ ତୋର ଭାଇ । ସାପର ଅଣ୍ଡା ଖାଇବା ହେତୁ ମୁଁ ସାପରେ ପରିଣତ ହୋଇ ଯାଇଛି ।'' ସେଇ ସାପରୂପୀ ଭାଇ ଭଉଣୀଟିକୁ କିଛି ଚୂଡ଼ା ଓ ମୁଢ଼ି ଆଣିବାପାଇଁ କହିଲା । ଝିଅଟି ଗୋଟିଏ ପାଛିଆରେ ଚୂଡ଼ା, ମୁଢ଼ି ଆଣି ସାପ ଆଗରେ ରଖିଲା । ସାପଟି ଭଉଣୀକୁ ଗୋଟିଏ ଧାରୁଆ ଛୁରୀ ସେହି ପାଛିଆରେ ଲୁଚାଇ ରଖିବାକୁ କହିଲା । ଏଇଭଳି ଭାବେ ପ୍ରସ୍ତୁତ ହୋଇ ସାପଟି ଜଙ୍ଗଲ ମଧ୍ୟକୁ ଗଲା ଏବଂ ତା ଭଉଣକୀ ପାଛିଆ ସହିତ ପଛେ ପଛେ ଆସିବାକୁ କହିଲା । ସାପରୂପୀ ମଣିଷଟି ବଣ ମଧ୍ୟରେ ଏକ ସ୍ଥାନରେ ରହିଲା । ଯେଉଁଠିକି ସାପର

ଅଣ୍ଡାଟି ମିଳିଥିଲା । ସେଠାରେ ପହଞ୍ଚି ସାପଟି ତା ଭଉଣୀକୁ ଗଛ ଉପରକୁ ଉଠିବାକୁ କହି ସେ ନିଜେ ସେଇ ଗଛ ମୂଳରେ ରହିଲା ଏବଂ ଗୀତ ଗାଇଲା-

"ହେସେଲ୍ କୁରୁ କୁରୁ
କାର୍‌କେଟା ଲିଡ଼ିଲିଡ଼ି
ନେଡ୍ ନେଡ୍
ବୁରୁବିଙ୍ଗ୍ କିନ୍‌ଉରାଃ
ଚି ସାଙ୍ଗ୍‌ସୁରୀ କିନ୍ ରୋମ୍ୟାଃ"

ବୁରୁବିଙ୍ଗ୍ ଓ ସାଙ୍ଗ୍‌ସୁରୀ (ଅଣ୍ଡିଆର ପାହାଡ଼ିଆ ସାନ ଏବଂ ତାହାର ସାଥୀ) ସେମାନଙ୍କର ଗାତରୁ ବାହାରି ଆସିଲେ । ସାପରୂପୀ ମଣିଷଟି ସେମାନଙ୍କୁ ଚୂଡ଼ା ଓ ମୁଢ଼ି ପାଛିଆଟି ଖାଇବାକୁ ଦେଲା । ସେମାନେ ଖାଇବାରୁ ସେମାନଙ୍କ ଜିଭ କଟିଗଲା । ପାହାଡ଼ିଆ ସାପଟି ସାପରୂପୀ ମଣିଷକୁ କହିଲା, "ତୁମେ ଯଦି ବାଉଁଶ ପାତିଆକୁ ନିଜ ଜିଭରେ ସମାନ କରିପାରିବ ତେବେ ତୁମକୁ ଆମେ ସାପ ଜାତିରେ ମିଶାଇବୁ ।" ସାପଟିର ସର୍ତ୍ତ ମୁତାବକ ସାପରୂପୀ ମଣିଷଟି ବାଉଁଶଟିକୁ ନିଜ ଜିଭରେ ସମାନ କଲା ଓ ସାପ ଜାତିରେ ମିଶିଗଲା ।

ଏହାପରେ ସେ ଏକ ପାହାଡ଼ିଆ ଝରଣା ପାଖକୁ ଗଲା ଏବଂ ନିଜର ବୃହତ୍‌କାୟ ଶରୀର ଦ୍ୱାରା ଝରଣା ପାଣିରେ ବନ୍ଧ ତିଆରି କଲା । ତାର ନିର୍ଦ୍ଦେଶ ଅନୁଯାୟୀ ସାପଟିର ଭଉଣୀ ନିଜ ଭାଉଜମାନଙ୍କୁ ଝରଣାରେ ମାଛ ଧରିବାପାଇଁ ଆମନ୍ତ୍ରଣ କଲା ଓ ନିଜେ ଝିଅଟି ଝରଣା କୂଳରେ ଠିଆ ହୋଇ ଭାଉଜମାନଙ୍କୁ ମାଛ ଧରିବାକୁ କହିଲା । ଝିଅଟିର ଭାଉଜମାନେ ଯେତେବେଳେ ମାଛ ଧରିବାକୁ ବ୍ୟସ୍ତ ଥାଆନ୍ତି, ସେତିକିବେଳେ ସାପରୂପୀ ଭାଇଟି ନିଜର ବିଶାଳ ଦେହକୁ ପାଣିରୁ କାଢ଼ିନେଲା । ଫଳରେ ତାର ଛଅଜଣ ଯାକ ଭାଉଜ ପାଣି ସୁଅରେ ଭାସିଯାଇ ମୃତ୍ୟୁବରଣ କଲେ ।

# କୁଲା ଆର୍ କୁମ୍ବୁଲୁ

ମୁଣ୍ଡିଂ ମୟଦ୍ କୁମ୍ବୁଲୁ ମୟଦ୍ ରାଜାଆଃ ସାଦମ୍ 'ରାଜାଆଃ ସାଦମ ଗଣାତେ ସାଦମ କୁମ୍ବୁଲୁ ନାତେନ୍‌ଏ ସେନଃ ଯାନା । ଆଏ ସାଦମ ଗଣାରେ ବଲନ୍‌ତାନ୍ ସମାୟରେ ମୟଦ୍ କୁଲା ଆଏକେ ଲେଲକିଆଃ। ଆର୍ କୁମ୍ବୁଲୁକେ ଜମିଗିଆ ମେନ୍ତେ ସାଦାମ୍ କଲଃ ତିଙ୍ଗୁ ମେଶାନ୍‌ଯାନାଃ । ସାଦମ୍ ଗଣାରେ ବଲକାତେ କୁମ୍ବୁଲୁ ଝଟ ସାଦ୍‌ମକିଆ ଚାଏଲମ୍ ସାବ୍‌କାତେ ବେସେ ସାଦମ୍ ଦାଣାନେ ଆଟୁଆକାନାଃ । ନେକାଗେ ତି ସାବ୍ ସାବ୍‌ତେ କୁଲାଆଃ ଚାଏଲମ୍ ହାତଆକାତେଃ ଉତଃଯାଦା । ନିଇଦ ହାବାଓତାନା ସାଦମବିତାରେ ବୁଗିନ୍ ସାଦମ୍ । ଆର୍ କୁଲାକେ ସାଦମ୍‌ଉତୁଃ କାତେ କୁଲାଃ ଦେୟା ଚେତାନତେଃ ଦେଃ ଯାନା । ନିୟାକ କାମିରେ କାପାର୍‌କାଓ କୁଲା କୁମ୍ବୁଲୁକେଃ ବର ଆଇଯାନାଃ । କୁମ୍ବୁଲୁ ଆୟାଃ ଦେୟାରେଃ ଦେଃ ଲଃଗେ କୁଲାଟା ଉଡୁଜୁର୍‌ରେ ନିରଏ ଏଟେଃକେଦା । କୁଲାଟା ନିଦାସରା ବିର୍‌ବୁରୁ ବିତାର୍‌ରେ ଧାଉକୁ ବିୟୁର୍‌ରେନ୍‌ଯାନାଃ । କୁମ୍ବୁଲୁଓ ବରତେ ମେଡ଼୍‌କେଦାଃ । ହେ ରାଜାକଆ ସାଦମ୍ ମାଣିମାଣିତେ ସେନେମେ । ମେନ୍‌ଦ କୁମ୍ବୁଲୁଆ ନିୟାକାଜି ଆୟମ୍‌କାତେ କୁଲାବରତେ ତାହୁଁଧାପା ନିରକେଦାଃ । ଚିମିତୁଂ ସେତାଃଯାନା କୁମ୍ବୁଲୁଃ ଠରକେଦାଃ ଆୟଦ ମୟଦ୍ ବରଗେ ଲେଲଃତାନ୍ କୁଲାଃ ଦେୟାରେ ଦୁବାକାନାଃ । ସୁବିଧା ଲେଲକାତେ କୁମ୍ବୁଲୁ ମୟଦ୍ ଦାରୁ ଦାଲାରେ ଝୁଲା ଟେକାଓ୍ୱଏନ୍ ଯାନାଃ । ଆର୍ ହୁଡ଼ିଃ ସାୟାଦ୍ ନଃ କେଦାଃ । କୁଲାଟାଓ ଦେଏ ହଲଟା ଆଏତାଃ ତେୟାଦ୍ ଫାର୍‌କାନ୍ ଯାନ୍‌ଚି ରାସିକା ନଃ ଯାନାଃ । କୁଲାଟା ସାଗିଞ୍ଜିଏ ସେନଃ ଯାନ୍‌ଚି କୁମ୍ବୁକୁ ଦାରୁ ଦାଲାତେୟାଦ୍‌ଏ ହାଲଗୁନ୍‌ଯାନା। ଆର୍ ଲାଗାଗେ ଠର୍‌କେଦ୍‌ଚି ମୟଦ୍ ପଲିଆରେ ଗିତିଃ ହାପେଯାନା । ନିୟା ସମାୟରେ ମୟଦ୍ ତୁୟୁ କୁମ୍ବୁଲୁକେ ଗିତିଗା କାନ୍‌ଲେଲ୍‌କାତେ ଉତୁଃ ଯାଦାଃ ନିଃ ଦ ମୟଦ୍ ଗଏ ହଲଟାହେକେ । ଆରଗଏ ହଲଟାକେ ଆୟା ବାସା ବୁରୁତାଃତେ ଇଦି ନାତେନ୍ ମୟଦ୍ ସୁଙ୍ଗତି ଦାଣାଯାନାଃ । ନିୟା ସମାୟରେ ଏନ୍ କୁଲାକେ ତୁୟୁ ନାମ୍‌କିୟା ଆର ଗୟାକାନ୍ ହଲଆଃ କାଜିଃ ଉଦୁବାଇଯାନା । କୁଲାଟା ଉତି ବର ବରତେ ଗଏ ହଲଟାକେ ଲେଲେନ୍‌ଏ ରାଜିନ୍ ଯାନାଃ । ଆଏ ଆମ୍ବୁନୁଂଏ ବରଣଦାଃ ଦ ତୁୟୁଲଃ ଆୟା ହଲ୍ଟା ଥଲକାତେ ଗଏ ହଲଟାକେ ଲେଲେନ୍‌ଏ ସେନଃଯାନାଃ ବାରହଲ ଗାଲେ ଆଦ୍‌ଆବିନାଃ । ଚାଏଲମ୍ ତେକିନ୍‌ଥଲ୍ ଆକାନା ଆର୍ ପଡ଼ିଆତେକିନ୍ ସେନଃଯାନା ଅକାରେ ହଲଟାଃ ଗିତିୟାକାନଃ । କୁଲାଟା ଏନ୍‌ହଲକେ ଲେଲ୍‌କାତେ ଅତଃ ମାଣାଟତେ କାଏ ସେନଃଯାନା । ମେନ୍‌ଦ ତୁୟୁ କୁଲାକେଦ କାଏ ଆଲାଃଜିଆଃ । କୁଲାଙ୍ଗେ ଯେତେ ବୁଝାଓ ଜିଃରେୟ କୁଲାକାନା ବୁଝାଓତାନାଃ । ଆବିନାଃ ଜାପାଗାର ଆୟମ୍‌କାତେ ଦୁଲୁମ୍ ଆକାନ୍‌ହଲଟା ବିରିଦ୍‌ଯାନାଃ । ଯେ କୁମ୍ବୁଲୁକେ ବିରିଦ୍‌ଏ ଲେଲ୍‌ଲିଆ କୁଲାଅଡୁ ନାମିୟା । ଜିଓ୍ୱୀ ଆର୍‌କିଦ୍‌କାତେ ନିରେ ଆଚୁନ୍‌ଯାନାଃ । କୁଲାଃ ଚାଏଲମ୍‌ରେ ତୁୟୁଆଃ ଚାଏଲମ୍ ଥଲାକାନ୍‌ତେ କୁଲା ଧାଉକୁତାନ୍ ସମାୟରେ ତୁୟୁ ହରାଆତମ୍ କରେୟାଃ ଧିରିକରେ ଥୁଗୁଲିକାତେ ଗୁଏଯାନାଃ । କୁମ୍ବୁଲୁ ଆୟା ଭାଗ୍ୟଉତି ବୁଗିୟାମେନ୍ତେ ଉତୁଃକାତେ ଏନ୍ ଦୁଲାଂଆ ତେୟାଦ୍ କୁମ୍ବୁଲୁ କାମି ବାଗେକେଦାଃ ।

# ବାଘ ଓ ଚୋର

ଥରେ ଗୋଟିଏ ଚୋର ଜଣେ ରାଜାଙ୍କ ଘୋଡ଼ାଶାଳାରୁ ଘୋଡ଼ା ଚୋରି କରିବାପାଇଁ ଗଲା । ସେ ଘୋଡ଼ାଶାଳାରେ ପ୍ରବେଶ କରିବା ସମୟରେ ଗୋଟିଏ ବାଘ ତାହାକୁ ଦେଖିନେଲା ଏବଂ ଚୋରକୁ ଖାଇବା ଆଶରେ ଘୋଡ଼ାଙ୍କ ସହିତ ଛିଡ଼ା ହୋଇଗଲା । ଘୋଡ଼ାଶାଳାରେ ପଶି ଚୋରଟି ପ୍ରତ୍ୟେକ ଘୋଡ଼ାର ଲାଞ୍ଜରେ ହାତମାରି ଭଲ ଘୋଡାଟେ ବାଛିବାକୁ ଲାଗିଲା । ଏହିପରି କରୁ କରୁ ବାଘର ଲାଙ୍ଗୁଡ଼ରେ ହାତମାରି ଭାବିଲା, ଏଇଟା ହେଉଛି ସବୁଠାରୁ ଉତ୍ତମ ଘୋଡ଼ା ଏବଂ ବାଘକୁ ଘୋଡ଼ା ଭାବି ବାଘର ପିଠି ଉପରକୁ ଚଢ଼ିଗଲା । ଏ ସବୁରେ ଅଭ୍ୟସ୍ତ ନଥିବା ବାଘ ଚୋରଟିକୁ ଡରିଗଲା । ଚୋରଟି ତା ପିଠି ଉପରେ ବସିବାକ୍ଷଣି ବାଘଟି ଖୁବ୍ ଜୋର୍‌ରେ ଦୌଡ଼ିବାକୁ ଆରମ୍ଭ କଲା । ବାଘଟି ରାତିସାରା ଜଙ୍ଗଲ ଓ ପାହାଡ଼ ମଧ୍ୟରେ ଧାଇଁ ଧାଇଁ ବୁଲିବାକୁ ଲାଗିଲା । ଚୋର ମଧ୍ୟ ଭୟଭୀତ ହୋଇ କହିଲା, "ହେ ରାଜକୀୟ ଘୋଡ଼ା, ଧିରେ ଧିରେ ଚାଲ ।" କିନ୍ତୁ ଚୋରଟିର ଏଭଳି କଥା ଶୁଣି ବାଘ ଆହୁରି ଡରିଯାଇ ତାର ବେଗକୁ ଦ୍ୱିଗୁଣିତ କରିଦେଲା । ଯେତେବେଳେ ସକାଳ ହୁଏ ଚୋର ଜାଣିଲା ଯେ ସେ ଗୋଟିଏ ଭୟଙ୍କର ବାଘ ଉପରେ ବସିଛି । ସୁବିଧା ଦେଖି ଚୋରଟି ଏକ ଗଛ ଡାଳକୁ ଧରି ଝୁଲି ପଡ଼ିଲା ଏବଂ ଆସ୍ୱସ୍ତ ଅନୁଭବ କଲା ।

ବାଘଟି ମଧ୍ୟ ମଣିଷ ଚଢ଼ାଳି ଉଭେଇ ଯିବାର ଦେଖି ବହୁତ ଖୁସି ହେଲା । ବାଘଟି ଦୂରକୁ ପଳାଇ ଯିବାରୁ ଚୋରଟି ଗଛରୁ ଓହ୍ଲାଇଲା ଏବଂ ଥକି ଯାଇଥିବାରୁ ଗୋଟିଏ ପଡ଼ିଆରେ ଶୋଇ ପଡ଼ିଲା । ଏହି ସମୟରେ ଏକ ଗଧିଆ ଚୋରକୁ ଶୋଇଥିବାର ଦେଖି ଭାବିଲା, ଏହା ଏକ ମଲା ମଣିଷ ବୋଲି ଏବଂ ଶବଟିକୁ ତା ଗୁମ୍ଫାକୁ ନେବାପାଇଁ ଏକ ସାଙ୍ଗଟେ ଖୋଜିଲା । ଏହି ସମୟରେ ସେହି ବାଘକୁ ଗଧିଆ ଭେଟିଲା ଓ ମଲା ମଣିଷ କଥା କହିଲା । ବାଘଟି ଅତି ସାବଧାନତା ସହକାରେ ମଲା ମଣିଷଟିକୁ ଦେଖିବା ପାଇଁ ରାଜି ହେଲା । ସେ ଏତେ ଭୟଭୀତ ହୋଇ ଯାଇଥିଲା ଯେ ଗଧିଆ ସହିତ ନିଜ ଦେହକୁ ବାନ୍ଧି ସେଇ ମଲା ମଣିଷଟିକୁ ଦେଖିବାପାଇଁ ଗଲା । ଦୁଇଜଣ ପରସ୍ପରର ଲାଞ୍ଜକୁ ବାନ୍ଧିହେଲେ ଓ ପଡ଼ିଆକୁ ଗଲେ ଯେଉଁଠି ସେଇ ଚୋରଟି ଶୋଇଥିଲା । ବାଘଟି ଚୋରକୁ ଦେଖି ଆଉ ଆଗକୁ ଗଲାନାହିଁ । ଗଧିଆ କିନ୍ତୁ ବାଘକୁ ଛାଡ଼ିବା ପାଇଁ ନାରାଜ । ତାକୁ ଯେତେ ବୁଝାଇଲେ ମଧ୍ୟ ବାଘ କ'ଣ ବୁଝେ । ସେମାନଙ୍କର କଥାବାର୍ତ୍ତା ଶୁଣି ନିଦ୍ରିତ ଥିବା ଚୋର ଉଠି ପଡ଼ିଲା । ଚୋରକୁ ଉଠିବାର ଦେଖି ବାଘ କ୍ଷିପ୍ର ବେଗରେ ଦୌଡ଼ିବାକୁ ଲାଗିଲା । ବାଘର ଲାଙ୍ଗୁଡ଼ରେ ଗଧିଆର ଲାଙ୍ଗୁଡ ବନ୍ଧା ହୋଇଥିବାରୁ ବାଘ ଦୌଡ଼ିବା ଫଳରେ ଗଧିଆଟି ପଥର ଦେହରେ ଛେଚି ହୋଇ ମରିଗଲା । ଚୋରଟି ନିଜକୁ ବହୁତ ଭାଗ୍ୟବାନ ମନେ କରି ନିଜର ଚୋରବୃତ୍ତିକୁ ସବୁଦିନ ପାଇଁ ଛାଡ଼ିଦେଲା ।

# ଭୂମିଜ ଲୋକ ଗୀତ ଓ ଢ଼ଗ

# ଯାତ୍ରୁର ଗୀତ

(୧) ଓ ବଲେ ଆଇଁଆ ଗା ସମାଏ ଡାଇକେନ୍ ରେଦ୍
ପିତାଲ ଟାଟିରେ ମାନି ସୁନୁମ୍
ଓ ବଲେ ଆଇଁ ଆଗା ନାସାଲ ଗଡ଼େ ବିରିଦ୍ ଲେନ୍ ରେଦ
ନାଓ୍ୱାଁ କୁଡ଼ିଆଃ ରେଦ୍ ଚୁଟାଲ ଡାବେନ୍
ଓ ବଲେ ଆଇଁଆଗା ସମାଏ ଗଡ଼େ ସେନାଃ ତାନା
ପିତାଲ ଟାଟିମାନି ସୁନୁମ୍ ଅଞ୍ଜେଦ୍ ଯାନା
ଓ ବଲେ ହିୟାତିଂଆ ମନେ ଆଞ୍ଚାରେ ପିତାଲ ଟାଟି
ମାନି ସୁନୁମ୍ ଆଞ୍ଜେଦ୍ ଯାନା
ବଲେ ଚାକାତିଂଅ ସାନାଇଁଞ୍ଚରେ ଚୁଟାଲ
ଡାବେନ୍ ଦ ଚାବାଯାନା

(ଓ) ମୋର ଯେତେବେଳେ ଯୁବ ସମୟଥିଲା ମୋ ପାଇଁ ସେତେବେଳେ ପିତଳ ଗିନାରେ ସୋରିଷ ତେଲ ଭରପୁର ହୋଇଥିଲା । ମୋର ଯେତେବେଳେ ଯୁବ ସୁଲଭ ଉଦ୍ଦୀପନା ଉଦ୍ରେକ ହେଉଥିଲା, ସେତେବେଳେ ନୂଆ ଟୋକେଇରେ ଚୂଡ଼ା ଖାଉଥିଲି । ମୋର ଯେତେବେଳେ ବୟସ ବଢୁଛି, ସମୟ ଚାଲି ଯାଉଛି ପିତଳ ଗିନାରେ ଥିବା ସୋରିଷ ତେଲ ଶୁଖି ଯାଉଛି ଏବଂ ଟୋକେଇରେ ଥିବା ଚୂଡ଼ା ମଧ୍ୟ ସରିଯାଉଛି । ସେଥିପାଇଁ ମୋତେ ଦୁଃଖ ଲାଗୁଛି ।

(୨) ଓବଲେ ନେକାଲମ୍ କାପେ ଥମିଇଁରେ
ବାବାଲେକା ବାନ୍ଦି ଡାଇଁପେ
ଓ, ବଲେ ନେକାଲେମ୍ କାପେ ଚାଲିଇଁରେ
ସାରୁଲେକା ରଆ ଡାଇଁପେ ।
ଓ, ବଲେ ନେକାଲେମ୍ କାପେ ନମେଇଁରେ
ବାଙ୍କୁ ରେଇଁ ନିର୍ ବଲଆ

ଓବଲେ ବଲେ ନେକାଲମ୍ କାପେ ଚାଲିଇଁରେ
ମିର୍ଜା ରେଇଁ ନଜର ସଲଃ ଗେନ୍
ଓବଲେ ବଲେ ବାଙ୍କୁରେ ଜୁଲି ଦୁମାଂ
ଗୋ ବାଙ୍କୁରେଇଁ ନିର୍ ବଲଆ
ଓବଲ ବଲେ ନେକାଲମ୍ କାପେ ଚାଲିର୍ଇରେ
ଗୋ ମିର୍ଜାରେଇଁ ନଜରସଲଃ ଗେନ୍

(ଓ) ହେ ମୋର ଭାଇମାନେ ଶୁଣ ! ଏବର୍ଷ ମୋର ଯଦି ବାହାଘର ନ କରିବ ତେବେ ଧାନ ଭଳି ପୁଟୁଳି ବାନ୍ଧି ମୋତେ ରଖିଦିଅ ଏବଂ ଏବର୍ଷ ଯଦି ମୋର ହାତକୁ ଦିହାତ ନକର ସାରୁଭଳି ଖୁସୁଲି ବାନ୍ଧି ରଖିଦିଅ । ପୁଣି ଏ ବର୍ଷ ଯଦି ମୋତେ ବାହା ନଦିଅ ତେବେ ମୁଁ ସ୍ୱଇଚ୍ଛାରେ ବାଙ୍କୁ ବଂଶରେ ପଶିଯିବି ନଚେତ୍ ମୁଁ ମିର୍ଜା ଗାଁକୁ ଖସି ପଳାଇବି ।

(୩) ଅବଲେ ବଲେ ନେ କାଲମ୍ ଲାମାଃ ନିସୁ ଯ' ଲେନା
ନେକାଲମ୍ ଗାଳିକ ନାଣାନ୍ଦୀ
ଅବଲେ ବଲେ ନେକାଲମ୍ ବ୍ରଜ ବା ଡାଲିଲେନା
ନେକାଲମ୍ ସାରାକ କାଣାନ୍ଦୀ
ବଲେ ନେକାଲମ୍ ଲାମାଃ ଜାଂ ସିକିତେ
ନେକାଲମ୍ ଗଳିକ ନାଣାନ୍ଦୀ
ବଲେ ବଲେ ନେକାଲମ୍ ବ୍ରଜ ବା ଡାଲିତେ
ନେକାଲମ୍ ସାରାଃକ କୁଣ୍ଡନ୍ଦୀ
କଲେ ହିୟାତିଂଅ ମନେଇଁଆ ନେକାଲାମ୍ ଗାଳିକ
ନାଣାନ୍ଦୀ, ବଲେ ଚାକାତିଂଆ ସାନାଇଁଆ ନେକାଲମ୍ ସାରା କୁଣ୍ଡନ୍ଦୀ ।

(ଓ) ଏ ବର୍ଷ ଲାମା (ବଣଜାତଫଳ) ବହୁତ ଗୁଡ଼ିଏ ଧରିଛି । ତେଣୁ ଏ ବର୍ଷ ମାଙ୍କଡ଼ ମାନଙ୍କର ଶୁଭବିବାହ ହେବ । ପୁଣି ଏବର୍ଷ ଅନେକ ସୂର୍ଯ୍ୟମୁଖୀ ଫୁଲ ଫୁଟି ଥବାରୁ ପାତି ମାଙ୍କଡ଼ମାନଙ୍କର ମଧ୍ୟ ବିବାହ ଆସର ଜମିବ । ସୁତରାଂ ଏବର୍ଷ ଲାମାଃ ଜାଂ ମୁଦ୍ରାରେ ମାଙ୍କଡ଼ମାନଙ୍କର ବିବାହ ହେବ । ପୁନଶ୍ଚ

ସୂର୍ଯ୍ୟମୁଖୀ ଫୁଲରେ ପାତି ମାଙ୍କଡ଼ ମାନଙ୍କର ମଧ୍ୟ ବିବାହ ଆସର ଆକର୍ଷଣୀୟ ହେବ ।

(୪) ଅବଲେ ବଲେ ସାଙ୍ଗିଞ୍ ଦିଶୁମ୍‌ରେ ଦାଦାଭାଇ
ନାଲ ରେପେଅ ମିଇଁଆ
ଅବଲେ ଜିଲିଂ ଗାମାଡ଼୍‌ରେ ଦାଦା ଭାଇ
ନାଲ୍‌ରେପେ ଚାଲିଇଁଆ
ଅବଲେ ବଲେ ଗଣାତେକ ନିଗାପେରେ ଦାଦାଭାଇ
ନାଲରେପେ ଅମିଇଁଆ
ଅବଲେ ପୁଇଲା ତେକ ସଂଅାଁପେରେ ଦାଦା ଭାଇ
ନାଲରେପେ ଚାଲିଇଁଆ
ଅବଲେ ବଲେ ସେଙ୍ଗେଲ୍‌ତେ, ସୁକୁଲ୍‌ତେ ଦାଦା ଭାଇ
କା'ରେପେ ଲେଲିଇଁଆ
କଲେ କୁମୁତେ କନ୍ଦୁଗୁତେ ଦାଦାଭାଇ
କା'ରେପେ ଚିନାଇଁଆ

(୪) ହେ ଭାଇ ! ମୋତେ ଦୂର ଦେଶରେ ବିବାହ ଦିଅ ନାହିଁ ଏବଂ ବହୁଦୂର ଯାଗାରେ ମଧ୍ୟ ମୋତେ ହାତକୁ ଦି'ହାତ କରନାହିଁ । ହେ ଭାଇ ! ତାଙ୍କ ଗୁହାଳଟି ଖୋଲି ଦେଲେ ମଧ୍ୟ ମୋତେ ଦୂରରେ ବାହାଦିଅ ନାହିଁ । ପୁନଶ୍ଚ ଗୌଣୀ ଭରି ଧାନ ମାପି ଦେଲେ ମଧ୍ୟ ମୋତେ ଦୂରରେ ହାତକୁ ଦିହାତ କରନାହିଁ । କାରଣ ମୋତେ ଦୂରରେ ବାହାଦେଲେ ଅଗ୍ନିରେ ବା ତା ଧୂଆଁରେ ମୋତେ ଦେଖିବାକୁ ପାଇବନାହିଁ । ତେଣୁ ଦୂର ଦେଶରେ ମୋତେ ବାହାଦିଅ ନାହିଁ ।

(୫) ତେରକ ହିଜୁଃ ତାନା ନାଜି, ତେରକ୍ ସେଟେରତାନା,
ସେଙ୍ଗେଲ୍ ଶୁଶୁର୍‌ବାଂ ତେର୍କ ହିଜୁଃତାନା,
ତେର୍‌କ ହିଜୁଃତାନା ନାଜି, ତେର୍‌କ ସେଟେର୍‌ତାନା,

ବୁବୁମ୍ ବାଗିଲିକ ତେରକ ସେଟେରତାନା (୧)
ଉକୁ ତାଇଁ ମେରେ ନାଜି, ଦାନାଂ ତାଇଁ ମେଜେ,
ଡୁମା ଲେକାନ୍ କଅଁସାରେ ନୁକୁ ତାଇଁ ମେରେ,
ଜୁକୁତାଇଁ ମେରେ ନାଜି ତାନାଂ ତାଇଁମେରେ,
ଥାଳି ଲେକାନ୍ ସୁନୁପିରେ ଦାନାଂ ତାଇଁ ମେରେ (୨)
ନୁକୁ କେଦ୍ ମେୟାଁ ବାବୁଇ ଦାନଂ କେଦ୍‌ମେୟା,
ଡୁବା ଲେକାନ୍ କଅଁସାରେ କାଡ଼୍ ନୁକୁଜାନା,
ନୁକୁକେଦ୍ ମେୟାଁ ବାବୁଇଁ ଦାନାଂ କେଦ୍‌ମେୟାଁ
ଥାଳି ଲେକାନ୍ ସୁନୁପିରେ କାମ୍ ଦାନାଂ ଜାନା (୩)
ବଲେ - ହିୟା ତିଞ୍ଜ ମନେଇଁଞା
ଡୁମା ଲେକାନ୍ କଅଁସାରେ କାମ୍ ନୁକୁଜୀଞ୍ଜ
ଚାକା ତିଞ୍ଜ ବେଲାଇଁଞା
ଥାଳି ଲେକାନ୍ ସୁନୁପିରେ କାମ୍ ଦାନାଂ ଜୀଞ୍ଜ (୪)
(ଓଡ଼ିଆ) - ଘୋଡ଼ାଇ ରଖ ମୋତେ, ଘୋଡ଼ାଇ ରଖ ମୋତେ
ବିରୁଡ଼ି ମାଡ଼ି ଆସୁଛନ୍ତି ।
ଘୋଡ଼ାଇ ରଖ ମୋତେ ଘୋଡ଼ାଇ ରଖ
ବାଘୁଆ ମହୁମାଛି ମାଡ଼ି ଆସୁଛନ୍ତି,
ଲୁଚାଇ ଦିଅ ମୋତ ଲୁଚାଇ ଦିଅ
ଉହାଡ଼ି ରଖ ମୋତେ ଉହାଡ଼ି ରଖ,
ଥାଳି ଭଳି ସୁନା ବାସନରେ ଲୁଚାଇ ଦିଅ,
ଲୁଚାଇ ଦେଲି ସଖି, ଉହାଡ଼ି ଦେଲି
ବେଲା ଭଳି ବାସନରେ ଲୁଚିଲୁ ନାହିଁ,
ଥାଳି ଭଳି ବାସନରେ ଲୁଚିଲୁ ନାହିଁ ।
(ବୋଲି) - ହୃଦୟ ଦେଇ ମୁଁ କହୁଛି
ଥାଳି ଭଳି ସୁନା ବାସନାରେ ଲୁଚିଲୁ
ବେଲା ଭଳି ବାସନାରେ ଲୁଚିଲୁ ନାହିଁ ।

(୬) ସାଏ ସାଏ ତେମ ଲେଲେଙ୍

ବଲେ ମଚ ମଚ ମଚକନି ମଚ ହେ,

ମଚ ଲେକାମ୍ ଲାନ୍ଦାଇଞ୍ଜା

ଓବଲେ ବଲେ ଡାଙ୍ଗୁଆ ସୁମୁଂଗେ ଗା,

ମଚ୍ ଲେକାମ୍ ଲାଳାଇଞ୍ଜା

ବଲେ ଡିଣ୍ଡା ସୁମୁଂ ଗେ ଗା,

ସାଏତେମ୍ ଲେଲେଞ୍ଜା ।

(ଓଡ଼ିଆ)- କରାଟ ଫୁଲ ପରି ମୋତେ

କୋଣେଇ କୋଣେଇ ଚାହଁ,

ମଚକିନି (ଏକପ୍ରକାର ଗଛ) ଗଛପରି ମୋତେ,

ମନେ ମନେ ଦେଖି ହସି ଦିଅ ।

କେବଳ ଅଭଡ଼ା ସମୟରେ ହିଁ ମୋତେ

ମନେ ମନେ ଦେଖି ହସିଦିଅ

କେବଳ ଅଭଡ଼ା ସମୟରେ ହିଁ ମୋତେ କୋଣେଇ କୋଣେଇ ଚାହଁ ।

(୭) କୁଲିମେରେ ଜାଗାର୍ ମେରେ,

ଜାଗାର୍ କାମ୍ ଜାଗାର୍ ।

ନେ ଜୀବନ୍ ସେନ୍ ଜାନ୍‌ରେଗା ଅଡକାଃ ନାମ୍‌ଓ୍ୱା;

ଜାଂ ଜିଲୁ ହାସା ହଲମ୍ ସେଙ୍ଗେଲ୍ ଏ ଜମେୟାଃ ।

(ଓଡ଼ିଆ) - କହିଲେ ପଚାରିଲେ,

କଥା ମଧ୍ୟ କୁହ ନାହିଁ

ଏଇ ଜୀବନ ଥରେ ଚାଲିଗଲେ

ଆଉ କ'ଣ ମିଳିବ ?

ହାଡ଼, ମାଂସ, ଚମଡ଼ା ଶରୀର

ନିଆଁରେ ପୋଡ଼ିଯିବ ।

(୮) ଆମ୍‌ଗାଁ ଗାତିଂ ଅକସାଇ ମନେ ଏନ୍‌ସାଇୟେମ୍ ସେନେଘନେ

ଝରନ୍ ଦାଃ ଲେକାତାମାଃ ଜିଃ କୁଲାମ୍ ମନେ ।

ଆମ୍‌ଗା ଗାତିଂ ଏଙ୍ଗାମ୍ ମେନାଇ ଆମାଃ

ଆପୁମ୍ ମେନାଇ

କାଦାଲା ସାକାମ୍‌ଲେକା ଗାତିଂ ଗିପାଲ୍

ଗପଲେନ୍

ଆଇଙ୍ଗା ଜିଃ କୁଲାମ୍ ଫଣ୍ଡେ ଗାଡ଼ାଦାଃ

ଲେକା ଫଣ୍ଡେ

ବାଈାଓ ଟାଲାଂ ତେଗେ ହବାଅ ଜୀବନ

ମଦ୍‌ଡଣ୍ଡେ

ଆଇଁଦ ଗାତିଂ ଏଙ୍ଗାଇୟ ବାନୁଇ

ଆଇଁଗା ଆପୁଆ ବାନୁଇ

ବୁରୁ ବିର୍ ଚିରୁ ଲେକାଇଁ ଗାଲାଂ ପେରେୟାକାନା

(ଓଡ଼ିଆ) ସାଙ୍ଗ ! ତୁମରତ ମନ ଯେଉଁଆଡ଼େ,

ଯାଉଛୁ ସେହି ଆଡ଼କୁ

ଝରଣା ପାଣି ପରି ହୃଦୟ ମନ ତୁମର,

ତୁମରତ ସାଙ୍ଗ, ମାତା ଅଛନ୍ତି, ପିତା ଅଛନ୍ତି ।

କଦଳୀ ପତ୍ର ପରି ସାଙ୍ଗ, ତୁମେ ଦୋହଲୁଅଛ ।

ମୋ ହୃଦୟ ଏକ ଗୋଳିଆ ନଦୀ ପରି,

କ୍ଷଣିକ ପାଇଁ ମୋତେ ବଞ୍ଚିବାକୁ ହେବ

ମୋର ତ ସାଙ୍ଗ, ମା ନାହାନ୍ତି, ବାପା ବି ନାହାନ୍ତି

ବଣ ପାହାଡ଼ରେ ଜୁଣ ପରି ମୁଁ ବୁଣା ହୋଇଛି ।

# ଗେନା

୧- ଆଲାଗା ମାରୁ ଅ' ସାଲୁରେ ସାଲୁ ତିଙ୍ଗୁ ତାଙ୍ଗିଇମେ
ଆଲାଗା ମାରୁ ଅ' ସାଲୁରେ ସାଲୁ ଜାପାଃ ତାଙ୍ଗିଇମେ
ଆଲାଗା ମାରୁ ରଆ' ହେସାରେ ସାଲୁ ତିଙ୍ଗୁ ତାଙ୍ଗିଇମେ
ଆଲାଗା ମାରୁ ପଆ ବାଲେରେ ସାଲୁଜାପା ତାଙ୍ଗିଇମେ ।

(ଓ) ହେ ସାଙ୍ଗ, ମୋତେ ଟିକିଏ ଅପେକ୍ଷା କର, ହେ ସାଙ୍ଗ
ମୋ ପାଖରେ ପାଖରେ ରହି ମୋତେ ଅପେକ୍ଷା କର ।
ହେ ସାଙ୍ଗ, ରୋପଣ କରାଯାଇଥିବା ଅଶ୍ୱସ୍ତ ଗଛ ମୂଳରେ
ଓ ପୁହା ବରଗଛ ମୂଳରେ ରହି ମୋତେ ଅପେକ୍ଷା କର ।

୨- ଆଲାଗା ମାରୁ ବଃ ଚେତାନ୍ ରେନା' ଦାଇ ବିଣ୍ଡା
ବିଣ୍ଡା ଚେ଼ତାନ୍ ରେନା ଦାଇ କାଣାସା
ଆମା ଉମୁଲ ଗେନା ଦାଇମେ ଲେଲ୍ ତାନା
ଟେପେଲ୍ ମେଦଃ ଦଲେତାନ୍
ହିଆତିଂଅ ମନେ ଆଇଁଗା ବଃଚେତାନ୍ ରେନାଦାଇ କାଣାସା
ଚାକାତିଂଅ ସାନାଇଁ ଆଗା ଟେପେଲମେ'ଦ ଦଲେତାନ୍

(ଓ) ହେ ମୋର ଭଉଣୀ ! ତୁମ ମୁଣ୍ଡ ଉପରେ ଚୁମୁଲା, ଚୁମୁଲା ଉପରେ କଳସୀ । ତୁମ ରୂପର ଛାଇରେ ଦେଖାଯାଉଛି, ସତେ ଯେପରି କଳସୀ ହଲିବା ସହିତ କୁଞ୍ଚକାନି (ପତାତକାନି) ମଧ ଦୋହଲି ଯାଉଛି । ଏହାଦେଖି ମୋ ମନ ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଛି ।

୩- ଆଲାଗା ମାରୁ ମାଲାଂ ଅଲା ବିତାଇ ରେନା ଦାଇ
ସାଙ୍କେ ସାକାମ୍ ସେକେଃ କେନ୍ (୧)
ଆଲାଗା ମାରୁ ହୁଡ଼ିଂ ଅଲା ସଙ୍ଗାରେନାଦାଇ
କାଂସା ତୁବ୍ ଟିକିଂକେନ୍ (୨)
ଆଲାଗା ମାରୁ ନକଏ ଦାରାଂ ବଲଆ କାନାଦାଇ
ସାଙ୍କେ ସାକାମ୍ ସେକେଃକେନ୍

ଆଲାଗା ମାରୁ ଜାମାଇ ଦାରାଂ ସଲଂଆ କାନାଦାଇ
କାଂସା ତୁବା ଟିକିଂ କେନ୍
ଆଲାଗା ମାରୁ ହିୟାତିଂଅ ମନେଇଁଆଗା ସଙ୍କେ
ସାକାମ୍ ସେକେଃ କେନ୍
ଆଲାଗା ମାରୁ ଟାକାତିଂଅ ସାନାଇଁଆଗା
କାଂସାତୁବା ଟିଲିଂ କେନ୍ ।

(ଓ) ଲୋ ଭଉଣୀ, ବଡ଼ଘର ଭିତରେ କାହିଁକି ଶଙ୍ଖା ଶବ୍ଦ ହେଉଛି ଓ ସାନ ଘର ଭିତରେ କାହିଁକି କଂସା ବାସନର ଶବ୍ଦ ଶୁଭୁଛି ? କିଏ ଏ ଘର ଭିତରକୁ ପଶି ଥିବାରୁ ଏହି ପରି ଶବ୍ଦ ଶୁଭୁଛିକି ? ଲୋ ଭଉଣୀ ! ଜ୍ୱାଇଁ ବୋଧହୁଏ ଘର ଭିତରକୁ ପଶି ଆସିଛନ୍ତି, ସେଇଥିପାଇଁ ଶଙ୍ଖା ଶବ୍ଦ ହେଉଛି । ଜ୍ୱାଇଁ ବୋଧହୁଏ କିଛି ଲୁଚାଇ ଖାଉଛନ୍ତି, ସେଥିପାଇଁ କଂସା ବାସନ ଶବ୍ଦ ହେଉଛି ।

୪- ଆଲାଗା ମାରୁ ଦେଗା ସାରୁ ମାହୁକାମ୍ ଚିମ୍ ହାଲାଙ୍ଗ୍ତାନା ଦାଇଗୋ
ଲେକା ଲେକାମ୍ ହାଲାଙ୍ଗ୍ତାନ୍
ଆଲାଗା ମାରୁ ଦେଗା ସାରୁ ସାରଜମ୍ ଚିମ୍ ତୁମ୍ୟାଲତାନା ଦାଇଗୋ
ଲୋଦୋବ୍ ଲେକାମ୍ ବାଆ ତାଦା
ଆଲାଗା ମାରୁଦେଗା ସାରୁ ଆମ୍ଲେଲେକୋ ହିଜଃଲେନା ଦାଇଗୋ
ଲେକା ଲେକାମ୍ ହାଲାଙ୍ଗ୍ତାନା
ଆଲାଗା ମାରୁ ଦେଗା ସାରୁ ଆମ୍ ଚିନାକୋ ସେଟେରଲେନା ଦାଇଗୋ
ଲୋଦୋବ୍ ଲେକାମ୍ ବାଆତାଦା ।

(ଓ) ହେ ଭଉଣୀ ! ତମେ କ'ଣ ମହୁଲ ଫୁଲ ସଂଗ୍ରହ କରିବାରେ ବ୍ୟସ୍ତ କିମ୍ବା ଅଣ୍ଟା ବକ୍ର କରି କ'ଣ କରୁଛ ? ହେ ଭଉଣୀ ! ତମେ ଶାଳ ଫୁଲ ସଂଗ୍ରହ କରିବାରେ କ'ଣ ବ୍ୟସ୍ତ ? ହେ ଭଉଣୀ ! ତମେ ମହୁଲ ଫୁଲ ଓ ଶାଳ ଫୁଲ ସଂଗ୍ରହରେ ରତ, କିନ୍ତୁ ଗାଁକୁ ଆସିଥିବା 'ନୂତନ ଅତିଥି ମାନେ ତୁମକୁ ବୋହୂ ବେଶରେ ନେବାକୁ ବସିଲେଣି ହେ ଭଉଣୀ ଶାଳପତ୍ର ଲଗା ଖୋସାରେ ତମେ ବହୁତ ସୁନ୍ଦର ଦିଶୁଛ ।

୫- ଆଲାଗା ମାରୁ ଦେଙ୍ଗା ସାରି ଦେଙ୍ଗା ସାରି ଦାଇ
ଟୀରେ ଦ୍ ନାଲମ୍ ସାବିଙ୍ଗଆ

ଅଲାଗା ମାରୁ ଦେଜା ସାରି ଦେଜା ସାରି ଦାଇ
ହଟଃ ରେଦ ନାଲାମ୍ ଗାଡ଼ିଇଁଆ
ଆଲାଗା ମାରୁ ଡୀରେଦ ମେନା ତାଇଁଆଦାଇ
ଡୀରେଦ ନାଲମ୍ ସାବିଇଁଆ
ଆଲାଗା ମାରୁ ହଟଃରେଦ୍ ମେନା ତାଇଁଆଦାଇ
ହଟଃରେଦ୍ ନାଲମ୍ ଗାତିଇଁଆ ।
ଆଲାଗା ମାରୁ ଡୀରେଦ୍ ସନା ମୁଦାମ୍ ଦାଇ
ଡୀରେଦ ନାଲମ୍ ସାବିଇଁଆ
ଆଲାଗା ମାରୁ ହଟଃରେଦ ଗାଲାଂ ହିସିରୀଦାଇ
ହଟଃରେଦ ନାଲାମ୍ ଗାତିଇଁଆ ।

(ଓ) ଛାଡ଼ି ଦିଅଲୋ ଭଉଣୀ ମୋ ହାତ ଧର ନାହିଁ,
ଛାଡ଼ି ଦିଅଲୋ ଭଉଣୀ ମୋ କାନ୍ଧରେ ହାତ ପକାଅ ନାହିଁ ।
ମୋ ହାତରେ ଅଛି ସୁନା ମୁଦି, ମୋ ହାତ ଧରନାହିଁ,
ମୋ ବେକରେ ଅଛି ଗଜରା ମାଳ, ମୋ କାନ୍ଧରେ ହାତ ପକାଅନାହିଁ ।

୬- ଆଲାଗା ମାରୁ ପିଣ୍ଡିଗି ଚେତାନ୍ ଚେତାନ୍‌ତେ
ଚାଉରା ଲାତାର୍ ଲାତାର୍‌ତେ
ଟୁଣ୍ଡି ସୁକୁରୀ ତୁକୁବ୍ ତୁକୁବା ଗା
ବୁଜା ମେରଂ ବାଲ୍‌ବାଜିଃ ।
ଆଲାଗା ମାରୁ ଦଲାଟିବୁ ଲେଲେ ଜମାଗା ଟୁଣ୍ଡି ସୁକୁରୀ
ତୁକୁବ୍ ତୁକୁବ ଦଲାଟିବୁ ଚିନା କାମାଗା ନୁଚାମେରଂ ବାଲ୍‌ବାଜିଃ ।

(ଓ) ପିଣ୍ଡା ଉପର ଉପର ଦେଇ ସିଙ୍ଗ ଭାଙ୍ଗିଯାଇଥିବା ଛେଳିଟି ଡିଆଁ ମାରି ମାରି ତଳକୁ ଗଡ଼ି ଗଡ଼ି ଯାଉଛି ଓ ତୁଳସୀ ଚଉରା ତଳ ତଳ ଦେଇ ଲାଞ୍ଜ ଖଣ୍ଡିଆ ଘୁଷୁରୀଟି ତା ମୁହଁରେ ମାଟି ତାଡ଼ି ତାଡ଼ି କାଣ୍ଡି କରି ପକାଉଛି ।

୭- ଆଲାଗା ମାରୁ ରିଙ୍ଗି ସିଙ୍ଗି ବାଙ୍ଗାଲାରେ ଗାତିଂ
ସାଲାକିନ୍ ଗାଡ଼ିଆରେ
ଆମ୍ ଚିରେମ୍ ଉଡୁଂ ଲେନା ଗାତି, ଆମ୍ ଚିରେମ୍ ପାୟାର ଲେନା

ଆଲାଗା ମାରୁ ବା ଲେକାମ୍ ଉତୁଂ ଲେନା ଗାତିଂ
ବା ଲେକାମ୍ ଗସ ଯାନା
ଆଲାଗା ମାରୁ ଡାଲି ଲେକାମ୍ ଉପାଲ୍ ଲେନା ଗାତିଂ
ଡାଲି ଲେକାମ୍ ମାଏଲା ଯାନା ।

(ଓ) ଚାକଚକ୍ୟ ବଙ୍ଗଳା ନିକଟ କଇଁ ପୋଖରୀରେ ତୁମେ କି ପ୍ରିୟତମା ମୋର ବହାରିଥିଲ ! ତୁମେ କି ସେଇ ସ୍ୱଛନୀଳ ଜଳ ରାଶିରେ ପହଁରୁଥିଲ ! ସୁଗଠିତ ଶରୀର ତୁମର ଫୁଲ ପରି ପ୍ରସ୍ଫୁଟିତ ହୋଇଥିଲା ସତ, କିନ୍ତୁ କ୍ଷଣିକ ମଧ୍ୟରେ ଫୁଲ ପରି ମଉଳି ଗଲା । ଫୁଲ ଟାଙ୍ଗୁଡ଼ି ପରି ତୁମର ଉଦୀୟମାନ ରୂପ ସମ୍ଭାର ଫୁଲ ପରି ମଉଳିଗଲା । ହେ ପ୍ରିୟତମା ! ସମୟର ସ୍ରୋତରେ ସବୁ ଓଲଟ ପାଲଟ ହୋଇଗଲା ।

୮- ହାତୁ ମୁଡ଼ି ପୋଖରୀରେ ରାଙ୍ଗା ସାଲାକିଦ୍ ବାଆଲେନା
ହାତୁ ମୁଡ଼ି ପୋଖରୀରେ କୁଳିକ ରେୟାଲ କେନା
ଆଲାଗା ମାରୁ ଦେଗା ସାରୁ
ବାଆୟାକ ଗଦ୍‌କେଦା ଦାଦା
ବାଆୟକ ତୁଦ୍ କେଦା
ଆଲାଗା ମାରୁ ଦେଗା ସାରୁ
ବାଆୟାକ ସଗେ କେଦା ଦାଦା ବଅମା ସୁପିଦ୍‌ରେ
ଦାଃୟାକ ଦିପିଲ କେଦା ଦାଦା ବଅମା ଚେତାନ୍‌ରେ ।

(ଓ) ଗାଆଁ ମୁଣ୍ଡ ପୋଖରୀରେ କଇଁଫୁଲ ଫୁଟିଥିଲା ।
ଗାଆଁ ମୁଣ୍ଡ ପୋଖରୀରେ ଝିଅସବୁ ଗାଧୋଉଥିଲେ
ଫୁଲ ସବୁତୋଳିଲେ ଭାଇ ଫୁଲ ସବୁ ଛିଡ଼ାଇଲେ
ଫୁଲ ସବୁ ଆଣି ମଥା ବେଣୀରେ ଖୋସିଲେ
କଳସି ପାଣି ଟେକି ମଥା ଉପରେ ରଖିଲେ ।

# କରମ ଗୀତ

୧- ସାକାମ୍ ପେରେ ସୁନୁମ୍ ସିନ୍ଦୁରୀ
ଡିଗି ବିଗି ଲେ ସେବା ମେଆ
କାଟାବ୍ କାତେଲେ ସାଲାମ୍ ଜଆରାଃମେ
ଭୋଗ ତଆଲେ ଅମା ମେୟା ।
ଦିଆ ଓଙ୍ଗାଲେ ବଲମା ମେ
ଜୁଳି କାରାମ୍‌ଲେ ବିଦାମେ
ବାଃ ଚାମଡ଼ା ଆଲାଃ ସଭାମେ
ଭୋଗ ତଆଲେ ଅମାମେ ।

(ଓ) ପତ୍ର ପୂର୍ଣ୍ଣ ତେଲ ଓ ସିନ୍ଦୂର ଭର୍ତ୍ତି ପୂଜା ସାମଗ୍ରୀରେ ଆମେ ତୁମର (ଈଶ୍ୱର) ପୂଜା କରିବା । ଉପବାସ ରହି ଆମେ ତୁମ ଚରଣରେ ଶରଣ ନେଇ ଭୋଗଦେଇ ଆମେ ତୁମର ସେବାକରିବା । ସଳିତାର ଶିଖା ଉଠୁଥିବା ଅଗ୍ନି ଉଚ୍ଚତାର ଭୋଗ ଆମେ ତମକୁ ଦବା । ଦୁଇଟି କରମ୍ ଡାଳ ଆଣି ତୁମ ପାଇଁ ଆମେ ପୋତିବା ଏବଂ ଫୁଲ ଚାଙ୍ଗୁଡ଼ାରେ ଭର୍ତ୍ତି ଫୁଲ ଆଉ ଭୋଗ ତୁମକୁ ଅର୍ପଣ କରିବା ।

୨- ସାଲ୍‌କିଦ୍ ବାଆ ରାଙ୍ଗା ରାଙ୍ଗା
ଚାମଡ଼ା ଲାତାର ଜୁଳି ଜୁଳି କାରମ୍ ଗାଃ
ଆସେ ଆଲେ ଆମ୍‌କେ ଦେଙ୍ଗା
ଜଆର ଠାକୁର କାରାମ୍ ବଙ୍ଗା
ଆମଗେ ଆପୁ ଆମଗେ ବୁରୁବଙ୍ଗା
ଲେଲେ ଗେମ୍‌ଗା ଆକାଲ ରିଙ୍ଗା ଅଡଃ ଦୁକୁ ଦେଙ୍ଗା
ଆସେ ଆଲେ ଆମ୍‌କେ ଦେଙ୍ଗା

(ଓ) ନାଲି କଇଁଫୁଲ ଚାରିଆଡ଼େ ଝୁଲାଇ ଦିଆଯାଇଛି । ତାରି ତଳେ ତୁମର ପ୍ରତୀକ ଭାବରେ ଯୋଡ଼ା କରମଡାଳ ପୋତା ଯାଇଛି । ଆମେ ତୁମ ଠାରୁ ସାହାଯ୍ୟ, ସହାନୁଭୂତି ମାଗୁଛୁ । ସେଥିପାଇଁ ଆମେ ତୁମକୁ ବାରମ୍ବାର ପ୍ରଣାମ କରୁଅଛୁ । ତୁମେ ଆମ ପିତା, ତୁମେ ହିଁ ଆମର ଶ୍ରେଷ୍ଠ ଦେବତା । ହେ ପ୍ରଭୂ ! ତୁମେ ଆମର ଅଭାବ, ଅନାଟନ ଓ ଦୁଃଖ ସବୁ ଦୂର କର । ଏସବୁ ଦୂର କରିବାପାଇଁ ଆମେ ତୁମ ନିକଟରେ ପ୍ରାର୍ଥନା କରୁଛୁ ।

୩- ଏକାଦଶୀ ରେମ୍ ହିଜୁଃଲେନା ଦ୍ୱାଦଶୀରେଲେ ବିଦାୟୀ ଲେମା ।

କରମା ଧରମା ରଂ ରାସିକା ହନ୍ ଶାଣା

ସୁସୁନ୍ ଦୁରାଂ ବାଇବାଜଣା

ଇଦି ମେଅଲେ କରମ୍ ଠାକୁର ଗଙ୍ଗା ଯମୁନା

ଅତଃ ଆଲଚିମ୍ ହାଣାଅ ଅମ୍‌କେଦାଲେ ଦାନ ଦକ୍ଷିଣା

କରମା ଧରମା ରଂ ରାସିକା ହନ୍ ଖାଣା

(ଓ) ଏକାଦଶୀରେ କରମ୍ ଦେବତା ଆସିଥିଲେ, ଦ୍ୱାଦଶୀରେ ବିଦାୟ ନେଲେ । କରମା ଧରମା ଏବଂ ତାଙ୍କର ଛୁଆପିଲା ନାଚଗୀତରେ ବିମୋହିତ ହୋଇଗଲେ । ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇ ଆମେ ତୁମକୁ ଗଙ୍ଗା ଯମୁନା ପର୍ଯ୍ୟନ୍ତ ନେଇ ଛାଡ଼ିବୁ । ଆଉ ତୁମେ ମନ ଊଣା କରିବନାହିଁ, ଯେହେତୁଆମେ ଦାନ ଦକ୍ଷିଣା ଦେଇଛୁ । କରମା, ଧରମା ଆନନ୍ଦ ଉତ୍ସବ ଭିତରେ ବୁଡ଼ି ରହି ଆମଠାରୁ ପୂଜା ଭୋଗ ଗ୍ରହଣ କଲେ ।

୪- ଭାଦର ମାସେ ଆନାଗନା ଚାଣ୍ଡୁଗୋ ମୁଲୁଃଯାନା

ଢ଼ଲ ଦୁମାଂ ସାଡ଼ିତାନା ବାଜାଣା ପାରିଲିତାନା ଦୁରାଂ ବାଜାଣା

ହାଉସି ପେରେ କଳା ହନକ୍

ଝାଲାଅ ଗାସାରକ ଦୁରାଂ ତାନାକ

ବାନାଃ ହାଣା କୁୟାଶା ପାରାଲିତାନା

ଦୁରାଂ ବାଖାଣା

ଜାଓରେୟାଃ ଆଦିମ ବିନ୍ତ

ଇଲି ନୁ କରେବୁ ତୁନ୍‌ଖିଃ

ଇଲିନୁରେ ଏମାନ୍ ତେମାନ୍ ଚାକାଣା

ପାରାଲିତାନା ଦୁରାଂ ବାଖାଣା ।

(ଓ) ଭାଦ୍ରବ ମାସରେ ଯିବା ଆସିବା କରୁ କରୁ ପୂର୍ଣ୍ଣିମା ଚାନ୍ଦ ଆକାଶରେ ଦେଖା ଦେଇଛି । ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର ଶବ୍ଦରେ ମର୍ତ୍ତ୍ୟ ଜଗତ ଉଚ୍ଛୁଳି ପଡୁଛି । ରସିକ ଯୁବକମାନେ ବିଭିନ୍ନ ଗୀତ ଗାଇ ଉନ୍ମତ୍ତ ହୋଇ ଉଠୁଛନ୍ତି । ସଂଗୀତର ଲହର ଛୁଟି ଚାଲିଛି ।

ଆମ ଭିତରେ ମାନ ଅଭିମାନ ନାହିଁ । ଆମେ ପୁରୁଣା ଆଦିମ ସଂସ୍କୃତିକୁ ବଜାୟ ରଖିବୁ । ହାଣ୍ଡିଆ ଖାଇବାପାଇଁ ଆମେ ବିଭିନ୍ନ ପ୍ରକାର ଚାଖଣା ସଂଗ୍ରହ କରିବୁ ।

୫- ଏଲାନା ଦଲାନା ପାଟଶାଣୀ ପୁର
କରମ ରାଜା ଲେଲ୍‌ତେ
କାନା ନାପେ ଲେଲାଇଆ
କାରାମ ଡାଲାଃନା ରଙ୍ଗା ସାଲାକିଦ୍
ବା ଦାରୁରେ ବା ଲେନା
ଜଃ ଦାରୁରେ ଜଃ ଜାନା
ମେତାମ୍ ମାଦୁକାମ୍ ଦାରୁରେ କୁଇଣ୍ଡି ଜଃ ଜାନା (ଘୋଷା)
ମୁନୁଗା ଦାରୁ ଚୁଟିରେ ସୁଇ ଚେଣେନା ତୁକା ତାଦା
ମେତାମ୍ ରିୟୁକ୍ ଚିକୁଲ୍‌ନା ଗଲେତାନା
ବାଲଗି ଆତମ୍ ଆତମ୍‌ତେ
କେଡାଇଁ ଗୁପିକେନ୍
ମେତାମ୍ ଯାଦୁଗୁ ଲାପୁର୍ ସନଃ ଗା
କିରି ଆଇଁ ପେ
ମେତାମ୍ ଆଇଁଜକା କନେଆ ଗା
ଦୁତା ମାଇଁ ପେ
ସାବାଲା ବୁରୁ ଆତମ୍‌ରେ କେଡ଼ାଏ ଗଜାକାନ୍
ଛୁରୀବାନରେ କଟୁରୀ ବାନାଃ
କାନାଃ ତେଞ୍ଜ ହାଦିୟା
ମେତାମ୍ ବଡେଆ ତେନା ଗେଦିପେ
ରେଗେ ତେଗେ ।

(ଓ) ଆସଲୋ, ପାଟଶାଣୀପୁରରେ କରମ୍ ରାଜାର ପୂଜା ହେଉଛି, ଦେଖିବାକୁ ଯିବା । କ'ଣ ଦେଖିବ ! କରମ ରାଜାର ଅଙ୍ଗ ପ୍ରତ୍ୟଙ୍ଗରେ ନାଲି କଇଁ ପେଚ୍ଛି ପେଚ୍ଛି ଗୁଚ୍ଛା ହୋଇଛି । ଫୁଲ ଗଛରେ ଫୁଲ ଫୁଟିଛି, ଫଳ ଗଛରେ ଫଳ ଧରିଛି । ସେହିପରି ମହୁଲ ଗଛରେ ମହୁଲ ଧରିଛି ଏବଂ ସଜନା ଗଛରେ ସଜନା ଫୁଲ ଫୁଟିଛି । ଡାଳରେ ଟିପିରି ଚଢ଼େଇ ବସା ବାନ୍ଧିଛି । ସେ ଚଢ଼େଇ ସୁଁ ସୁଁ କରି ଗୀତ

ଗାଉଥିଲା ବେଳେ ମୁଁ ବାଡ଼ କଡ଼େ କଡ଼େ ପଣ୍ଡା ଜଗୁଥିଲି । ମୋ ପାଇଁ ଗୋଟିଏ ଚିକ୍ ଚିକ୍ ଜାମା କିଣି ଦିଅ ଏବଂ ମୋ ମନ ମୁତାବକ ଗୋଟିଏ କନିଆଁ ଖୋଜିଦିଅ ।

୬- ସେନ୍ ତାଦାୟ ଜଟାଧାରା
ସାବ୍ ତାଦାୟ ଧେନୁକୁ ଧାରୀ ବିର୍ ତାଲାରେ ।
ବିର୍‌ତାଲାରେ ହୋ ଆଛା ଲେକାନ୍ କୁଳିହନ୍
ମେନାଇ ସଙ୍ଗେରେ ।
(କଲି) ରୂପ୍‌ତାୟାଃ ଦ୍ଵମ୍ୟା ଲେକା
ଲେଲଃ ତାନା ଭୟଙ୍କାର
ବିର୍ ତାଲାରେ
ବିର୍ ତାଲାରେ ହୋଃ ଆଛା ଲେକାନ୍
କୁଳିହନ୍ ମେନାଇ ସଙ୍ଗେରେ
(ଓ) ଚାଲିଅଛି ଜଟାଧାରୀ, ଧରିଛନ୍ତି ଧନୁଶର
ଜଙ୍ଗଲ ମଝିରେ ।
ସାଙ୍ଗରେ ଅଛନ୍ତି ସୁନ୍ଦରୀ ନାରୀ
ତାମ୍ର ବର୍ଣ୍ଣ ରୂପତାର,
ଦେଖିବାକୁ ଭୟଙ୍କର,
ଚାଲିଛନ୍ତି ଜଙ୍ଗଲ ମଝିରେ ।
ଦେଖ, ସଂଗେ ଅଛନ୍ତି ରୂପସୀଟିଏ ।

୭- ତିସି ଦଗା ଏକାଦଶୀ ପରବ
କାନାଃ ତାବୁ ମନେରେ ଗରବ
ସନା ଥାଳିରେ ଜୁଲ୍ ତାନ୍‌ବାତୀ
ଆଲା ଆକାନ୍ ଜୁଲାକାନ୍ ଆଖାଲା ରାତି
ତିସିଦଗା ପୁନେଇ ପରବ୍
କାନଃ ତାବୁନ୍ ମନେରେ ଗରବ
ରୂପା ଥାଳିରେ ଜୁଲ୍‌ତାନ୍ ବାତୀ
ଆଲା ଆକାନା ଜୁଲାକାନ୍ ଆଖାଲା ରାତି ।

(ଓ) ଆଜି ଆମର ଏକାଦଶୀ ପରବ ।
ନଥିବ ଆମ ମନରେ ଗରବ
ସୁନା ଥାଳିରେ ଜଳୁଛି ଆରତୀ
ଆଲୋକିତ ନଏ ଆଖଡ଼ା ରାତି
ଆଜି ଆମର ପୁନେଇ ପରବ ।
ନଥିବ ଆମ ମନରେ ଗରବ
ରୂପା ଥାଳିରେ ଜଳୁଛି ଆରତୀ
ଶୋଭା ପାଉଛି ଆମର ଆଖଡ଼ା ରାତି ।

୮- ଅଠରସ ପଞ୍ଚଦ୍ର ସାଲ, ପୁନେରୁଇ ନଭେମ୍ବର
ଗୁରୁବାର ଦିଲାଂରେ ଜନମ ଲେନା
ବିରସା ଭଗବାନ୍ ।
ଓ ଦାଦା ଓ ଦାଇରେ ଜନମ୍ ଲେନାଃ ବିର୍‌ସା ଭଗବାନ୍ ।
ଆବାତାୟା ସୁମାନା, କର୍ମିତାୟାମ୍।
ସୁଙ୍ଗୁତି ତାୟା ଝୁଇଲା ରୁତୁ ହାରା ରାକାବ୍ ଲେନା
ଓ ଦାଦା ଓ ଦାଇରେ ଜନମ ଲେନା ବିରସା ଭଗବାନ୍
ବିର୍ ବୁରୁ ହନ୍‌ର୍‌କାତେ ଦାଃ ତେ ତାଂ ସାତ୍‌ତିଂ କାତେ
ରାସିଗା ନଃ ଗେ ତାଇକେନା ଝୁଇଲା ରୁତୁ ନ ରଂକାତେ
ଓ ଦାଦା ଓ ଦାଇରେ ଜନମ ଲେନା ବିର୍‌ସା ଭଗବାନ୍ ।

(ଓ) ଅଠର ଶହ ପଞ୍ଚସ୍ତରୀ ମସିହା ନଭେମ୍ବର ୧୪ ତାରିଖରେ ବିର୍ସା ଭଗବାନ ଜନ୍ମ ଗ୍ରହଣ କରିଥିଲେ । ପିତା ସୁମନ୍, ମାତା କର୍ମିଙ୍କ ଗର୍ଭରୁ ଗୁରୁବାର ଦିନ ତାଙ୍କର ଜନ୍ମ । ସାଙ୍ଗରେ ତାଙ୍କର ତୁମ୍ବା (ତୁମ୍ବା) ଏବଂ ବଇଁଶୀ । ବଣ ଜଙ୍ଗଲରେ ବୁଲି, ଭୋକ ଶୋଷ ଭୁଲି ବଇଁଶୀ ଏବଂ ତୁମ୍ବା ସୁନ୍ଦର ଭାବେ ପରିବେଷଣ କରୁଥିଲେ । ହେ ଭାଇ, ହେ ଭଉଣୀ, ବିର୍ସା ଭଗବାନ୍ ଏଇଠି ଜନ୍ମ ଗ୍ରହଣ କରିଥିଲେ ।

ଶ୍ରୀ ହରିଶ୍ଚନ୍ଦ୍ର ସିଂ (ସୁନ୍ଦରୁବ୍)

୯- କିସାନ୍ ଅଳାଃରେମ୍ ଜନମ ଲେନା,
ରେଙ୍ଗେ ଅଲାରେକ୍ ଅମ୍‌କେମୋକ୍
ବୁଡ଼ିରେ ହାନାର୍ ସାଦାଓ୍ୱା ମେରେ,

ବୁଡ଼ିରେ ହଞ୍ଚାର୍ ସାଦାଓ୍ବା ମେରେ
ନିଦାସିଙ୍ଗି ମେନ୍‌ଦାଃମ୍ ଜରଏ,
ମାଡ଼ି ତୁବାରେ ।
ବୁଡ଼ିରେ କିସାନ୍ ସାଦାଓ୍ବ ମେରେ,
ବୁଡ଼ିରେ ହିଋମ୍ ସାଦାଓ୍ବା ମେରେ
ନିନା ସିଙ୍ଗି ମେନ୍ ଦାଃମ୍ ଜରଏ ,
ଜମେ ତୁବାରେ ।

(ଓ) ଧନୀ ଘରେ ଜନ୍ମ ହୋଇଥିଲେ,
ଗରୀବ ଘରେ ବିବାହ ଦେଲେ ।
ଝିଅକୁ ଶାଶୁ ଗଞ୍ଜଣା ଦେଲେ,
ଝିଅକୁ ଶ୍ୱଶୁର କଷ୍ଟ ଦେଲେ,
ଦିନରାତି ଆଖିରୁ ଲୁହ ଝରାଇବ,
ଭାତ ବେଲାରେ ।
ଝିଅକୁ ସ୍ୱାମୀ କଷ୍ଟ ଦେଲେ,
ଝିଅକୁ ସଉତୁଣୀ ଗଞ୍ଜଣା ଦେଲେ,
ଦିନରାତି ଆଖିରୁ ଲୁହ ଝରାଇବ,
ଖାଇବା ବେଲାରେ ।

୧୦- ବାରିପଦା ମଦୁବନ ବାଃ ବାଗାନ୍‌ରେ
ବାଃ ଲେକାମ୍ ପୁଟାଓ୍ବ ଲେନାଗା ବାଗାନ୍ ତାଲାରେ
ବାଃ ଦରେ ସଓ୍ବାନ ସେନତାନ୍ ବାଃ ଦରରେ ବାସ୍ନା ସେନତାନ୍
ବାଃ ଲେଲେତେ ଆଇଁ ଦରେ ଥିଙ୍ଗୁ ଗିଡ଼ିଡ୍ ଜାନା
ବାରିପଦା ଟେସନ୍ ବାଜାର ବାଃ ବାଗାନ୍‌ରେ,
ବାଃ ଲେକାମ୍ ଫୁଟାଓ୍ବ ଲେନାଗା ସମାଜ ତାଲାରେ
ବାଃ ଦରେ ସଓ୍ବାନ୍ ସେନ୍‌ତାନ୍
ବାଃ ଦରେ ବାସ୍ନା ସେନତାନ୍
ବାଃ ଲେଲତେ ଆଞ୍ଜଦଙ୍ଗ ଥିଙ୍ଗୁ ଗିଡ଼ିନ୍‌ଜାନା ।

(ଓ) ବାରିପଦା ମଧୁବନ ଫୁଲ ବଗିଚାରେ
ଫୁଲ ପରି ଫୁଟିଥିଲ ବଗିଚା ମଝିରେ
ଫୁଲ ଯେ ଗନ୍ଧ ହେଉଛି,
ଫୁଲ ଯେ ବାସ୍ନା ହେଉଛି ।
ଫୁଲ ଦେଖି ମୁଁ ଛିଡ଼ା ହେଲି
ବାରିପଦା ଷ୍ଟେସନ୍ ବଜାର ଫୁଲ ବଗିଚାରେ ।
ଫୁଲ ପରି ଫୁଟିଥିଲ ସମାଜ ମଝିରେ
ଫୁଲ ଯେ ଗନ୍ଧ ହେଉଛି,
ଫୁଲ ଯେ ବାସ୍ନା ହେଉଛି,
ଫୁଲ ଦେଖି ମୁଁ ଛିଡ଼ା ହୋଇ ରହିଗଲି ।

୧୧- ସୁକୁ ଦୁକୁ ଜୀବନରେ
ମେନାଃ ଜାନୁମ୍ ହରାରେ
ଗାତୀରେ ସୁତୁଃ ସୁମୁଂ ଦ୍ଜୀଲାଂ ପାରମେୟା (୨)
ଲିଙ୍ଗିନ୍ ଗାଡ଼ା ତାଲାରେ
ମେନାଂ ଲାଂଆ ସଂସାରେ
ଗାତୀରେ ଦ୍ଜୀନ୍ଦୀ ଲାଉକା ଦେଲା ପାରମେ
କେଟେ ମନେ ଜୀବନ୍‌ରେ
ଲିଙ୍ଗି ଲାଂକାଃ ଦ୍-ରେୟାରେ
ଗାତୀରେ ସଂସାର ତାଲାରେ ଦ୍ଜୀଞ୍ଜୀଲା ପାରଜମ
ଗାତୀରେ ସୁତୁଃ ସୁମୁଂ ଦ୍ଜୀଞ୍ଜଲାଂ ପାରମେୟା ।

(ଓ) ସୁଖ ଦୁଃଖ ଜୀବନରେ କଣ୍ଟକମୟ ରାସ୍ତାଅଛି । ହେ ପ୍ରିୟତମା । ଏ ପାଣି ଫୋଟକା ପରି ଜୀବନ ତରୀକୁ ନେଇ ଆମେ ସଂସାର ସାଗର ପାରିହେବା । ସଂସାର ରୂପକ ଭରା ନଈ ମଝିରେ ଆମେ ଅଛୁ । ହେ ପ୍ରିୟତମା ! ଆସ ଆମ ଜୀବନ ତରୀକୁନେଇ, ଆମେ, ଏଇ ଭରା ନଈକୁ ପାରିହେବା । ମନ ପ୍ରାଣକୁ କଠିନ କରିବା । ଭାସିଯାଉ ପଛେ ସାଗରକୁ, ତଥାପି ଆମ ପାଣି ଫୋଟକା ପରି ଜୀବନତରୀକୁ ନେଇ ସଂସାର ସାଗର ପାରିହେବା ।

୧୨- ଆପୁ ତାଲାକ ମାନାତିଂତେ ତିରେ ଆଃ ସାର ସାବ୍‌କାତେ
ଜେଟେ ଜାରଗୀ ଗିଡିଃ ଦୁଲୁମ୍ ବ୍ୟାନାଃ ତାୟାଥାତି
ପଞ୍ଚବଟି ବୀର୍‌ରେ ରାମ ଆଲା କେଦାଃ ବାତୀ
(କଲି) ବୀର ବୁରୁ ଚେଣେ ଗେରାଂ ରାସ୍‌କା ବାହୁଲ ହାରା
ଦାରୁ ବାଆତେ ବାଆକାନା ସାକାମ୍ ସୁସୁଂତାନା
ହୟ ଗମ୍‌କେ ଚୁଇ ଦୁମାଂ ଗାଡ଼ା ଗେରାଂତାନା

(ଓ) ପିତାଙ୍କ ସତ୍ୟ ମାନି ଧନୁଶର ହାତରେ ଧରି
ଖରାବର୍ଷା, ଆଖିରେ ନିଦ ନଥାଇ
ପଞ୍ଚବଟି ଜଙ୍ଗଲକୁ ରାମଚନ୍ଦ୍ର
ବତୀ ସଦୃଶ୍ୟ ଆଲୋକିତ କରିଛନ୍ତି ।

କଲି - ବଣ ଜଙ୍ଗଲ ଚଢ଼େଇ ମାନଙ୍କ ମଧୁର ସ୍ୱରରେ ଭରପୁର ରହିଛି । ସୁଲୁ ସୁଲୁ ପବନରେ ଗଛର ପତ୍ର ଫୁଲ ଦୋହଲୁଅଛି । ସତେ ଯେମିତି ପବନ ସୁତ ମାଦଳ ବଜାଉଛି, ନଦୀ ଆହୁଡ଼ାରେ ପ୍ରତିବିମ୍ବ ଆଙ୍କୁଅଛି ।

୧୩- ଓରେ ସିର୍ଜନ ବଙ୍ଗା ଅକୟ ଆମାଦ୍ ମେ ଦେଙ୍ଗା
ଆମାଃ ସିର୍ଜନ ଧର୍ତି ଚିମିନ୍ନୁଂ ସୁଗାଲାଃ
ଦାରୁ ପୁନୁର ଉମୁଲ୍ ଚିମିନ୍ନୁଂ ହେମାଲା
ସିର୍ଜନ ଡାମା ଗିଲା ମାଲା

କଲି - ଓରେ ସିର୍ଜନ ବଙ୍ଗା ଅକୟ ଆମଦ୍ ମେଦେଙ୍ଗା
ଆମାଃ ସିର୍ଜନ ଧର୍ତିଗାଡ଼ା ଦାଃ ଚିମିନ୍ନୁଂ ହେମାଲା
ଚେଣେ ଚୁପୁରୁଇ ରାଃ ଚିମିନ୍ନୁଂ ଜିଆଲାଃ
ସିର୍ଜନ ଡାମା ରିଲାମାଲା ।

(ଓ) ହେ ସୃଷ୍ଟିର ଦେବତା । କିଏ ତୁମକୁ ସାହାଯ୍ୟ କଲା ? ତୁମ ସୃଷ୍ଟିର ପୃଥିବୀ କେତେ ସୁନ୍ଦର, ଗଛଲତାର ଛାଇ କେତେ ଶୀତଳ । ସୃଷ୍ଟିରେ ତୁମର ଖୁବ୍ ପବିତ୍ରତା ଭରି ରହିଛି ।

କଲି - ହେ ସ୍ରଷ୍ଟା ! କିଏ ତୁମର ସହାୟକ ହେଲା ? ଏହି ଜଙ୍ଗଲରେ ବହୁଥିବା ନଈର ପାଣି କେତ ହେମାଳ ! ବିଭିନ୍ନ ପ୍ରକାର ପକ୍ଷୀ ମାନଙ୍କର ମୃଦୁ ଗୁଞ୍ଜନରେ ପୃଥିବୀ ଜୀବିତ ଲାଗୁଛି । ତେଦରା ସୃଷ୍ଟିର ପୃଥିବୀ କେଡ଼େ ପବିତ୍ର ଜଣା ପଡୁଛି ।

ହରିଶ୍ଚନ୍ଦ୍ର ସିଂ (ସୁଦୁରବ୍)

୧୪- (ଭୂ) ଓହମରି ହାଇରେ
ଅହରେ ଆଞ୍ଜା ଚାମ୍ପାବା
ଖଣ୍ଡକା ତେଗମ୍ ବାଆ ଆକାନା
ଆଞ୍ଜା ବା ବାଗାନ୍‌ରେ
ନେ ଜୀବନ୍‌ରେ ଆଞ୍ଜା ଚାମ୍ପାବାରେ
ଖଣ୍ଡକାତେ ଗମ୍ ବା ଆକାନା
ଆଞ୍ଜା ବା ବାଗାନ୍‌ରେ
କୁସୁରେମ୍ ତାଇକେନା
ସଦ୍‌ର ଜାନାମ୍ ଜୀବନରେ
ଓତାଞ୍ଜ ଚାମ୍ପା ବାରେ
ଖଣ୍ଡ କାତେ ଗମ୍ ବାଲେନା
ଆଞ୍ଜା ବା ବାଗାନ୍‌ରେ ।

(ଓ) ହେ ମୋର ଚମ୍ପା ଫୁଲ
କଢ଼ ହୋଇ ଫୁଟିଅଛ
ମୋ ହୃଦୟ ବଗିଚାରେ ।
ସପନରେ ଚେଇଁଥିଲ,
ହୃଦୟରେ ଦେଖାଦେଲ ।
ହେ ମୋର ଚମ୍ପାଫୁଲ
କଢ଼ି ହୋଇ ଫୁଟିଅଛ,
ମୋ ହୃଦୟ ବଗିଚାରେ ।

# କାଟି ସୁସୁନ୍ ଦୁରାଂ

## (କାଠି ନାଚଗୀତ)

୧- (କୁରମାଲି) ପୋଖରୀ ଚାଇର କୁଡ଼ା ହଂସ ରାଜାର ବାସା
ଆହେ ହଂସ ଉଡ଼ିଗଲେ
ପଡ଼ି ରହିଲ ସାଦେର୍ ବାସା

(ଭୂମିଜ) ପୁଖୁରୀ ରେୟାଃ ଉପୁନ୍ କୁତାରେ ହଂସ ରାଜାଃ ବାସା
ଏନ୍ ହଂସ ଏ ଉଡାଉଜାନା
ତାଇଯାନା ଆୟା ସରଧାରେୟଃ ବାସା

(ଓଡ଼ିଆ) ପୋଖରୀର ଚାରି କୋଣରେ ହଂସ ରାଜାର ବସା
ସେହି ହଂସ ଉଡ଼ିଗଲା
ପଡ଼ିରହିଲା ତାର ଶରଧାର ବସା ।

୨- (କୁ) ବାଡ଼ିସଭା ଗାଛ୍‌ପାତା, ଘରେର୍ ସଭା ପିଣ୍ଡାଗୋ
ହରିହେ, ଘରେର୍ ସଭା ପିଣ୍ଡାଗୋ
କିନାରୀ ସଭା ପରେ୍ ବେଟି
କଲେର୍ ସାଭା ଛାଇଲା ଗୋ
ହରିହେ, କଲେର୍ ସଭା ଛାଇଲା ଗୋ ।

(ଭୂ) ବାଲ୍‌ଗୀ ସଭାଦାରୁ ପୁନୁର୍
ଅଲାଃ ସଭା ପିଣ୍ଡିଗି
ହରିହେ, ଅଲାଃ ସଭା ପଣ୍ଡିଗି
ଅଲାଃ କୁଣ ସଭା ଏଟା ହନବିଟି
କଲେ କେ ସଭା ହନ୍‌ବେୟା
ହରିହେ, କଲେକେ ସଭା ହନ୍‌ବେଟା

(ଓ) ବାଡ଼ିକୁ ଶୋଭା ଗଛ ପତର
ଘରର ଶୋଭା ପିଣ୍ଡାଲୋ
ହରିହେ, ଘରର ଶୋଭା ପିଣ୍ଡା
ଘରକୋଣ ଶୋଭା ପରର ଝିଅ
କୋଳକୁ ଶୋଭା ପୁଅ
ହରିହେ, କୋଳକୁ ଶୋଭା ପୁଅ ।

୩- (କ) ବାଟେ ଛାଡ଼ିଦିଅ ରଜା, ବାଟେ ଛାଡ଼ି ଦିଅ ରଜା,

ରଜା ଘର ଦାଣ୍ଡ ପାଦିଛି, ରଜା ଘର୍ ଦାଣ୍ଡ ପାଦିଛି ।

ବାଟେ ଛାଡ଼ି ଦିଅ ରଜା, ରାଣୀ ଘର ଦାଣ୍ଡ ପାଦିଛି ଖୋଲା

ଖେଲିତେ ଖେଲିତେ ଛାଇଲା, ମାଁ ପାଶୁରାଏଲ୍ ଗୋ

ଗୋ ହେ, ଖେଲିତେ ଖେଲିତେ ଛାଇଲା

ଖେଲିତେ ବେକ୍ ରେଲ୍ ଗୋ ।

ହେ, ଖେଲିତେ ଖେଲିତେ ଛାଇଲା ।

(ଭୂ) ହରା ଆଲାଗାଲେମ୍ ରାଜା, ହରା ଆଲାଗାଲେମ୍

ରାଜା କଆଃ ହରା ବାଇଆକାନା ରାଜାକେଆଃ ହରାତେୟାରାକାନ୍

ହରା ଆଲାଗାଲୋମ୍ ରାଜା, ରାନୀ କଆଃ ହରା ଆଲାଗାକାନ୍

[illegible] ଇନୁମ୍‌ତେ ହନ୍, ମାଏ ରିକିଂ କିୟା ଗୋ

ଇନୁମ୍ ଇନୁତେ ହନ୍, ମା ଗା ହଟଃରେ କଲେନ୍‌ତାନ୍ ।

(ଓ) ରାସ୍ତା ଛାଡ଼ିଦିଅ ରାଜା, ରାସ୍ତା ଛାଡ଼ିଦିଅ

ରାଜାଙ୍କର ରାସ୍ତାପଡ଼ିଛି, ରାସ୍ତା ଛାଡ଼ିଦିଅ

ରାଣୀଙ୍କର ରାସ୍ତା ପଡ଼ିଛି, ପିଲାଟି ଖେଳି ଖେଳି ମା'ଙ୍କୁ ପାଶୋରି ଦେଉଅଛି । ପୁଣି

ଖେଳି ଖେଳି ପିଲାଟି ମା'ଙ୍କ ଗଳାରେ ଲାଗି ଯାଉଅଛି ।

୪- (କ) ଏକେ ଦିନେର୍ ହଲଦୀବଟା, ତିନି ଦିନେଇ ବାସିଇ

ହରିହେ, ତିନି ଦିନେଇ ବାସିଇ

ସିନା ଆଇତେ ଗେଲଇତେ, ଘାଟେ ରହିଲମ୍ ବସିଗୋ

ହରିହେ, ଘାଟେ ରହିଲମ୍ ବସି ।

(ଭୂ) ମୁସିଂରେୟାଃ ରିଦ୍ ସାସାଂ, ଆପିଦିନ୍ ହାବିଃ ତାଇନା,

ହରିହେ ଆପିଦିନ୍ ହାବିଃ ତାଇନା

ରେଆଲେନ୍‌ତେ ସେନଃକାତେ, ଘାଟରେ ତାଇଯାନା ଦୁବ୍‌କାତେଗୋ

ହରିହେ, ଘାଟ୍ ତାଇଯାନା ଦୁବ୍‌କାତେ ଗୋ

(ଓ) ଏକ ଦିନକର ବଟା ହଳଦୀ, ତିନିଦିନ ଯାଏଁ ମଖା ହୁଏ

ହରିହେ ତିନିଦିନ ଯାଏଁ ମଖା ହୁଏ

ସ୍ନାନ କରିବାକୁ ଗଲେ, ଘାଟରେ ବସି ରହିଥାଏ,

ହରିହେ, ଘାଟରେ ବସି ରହିଥାଏ ।

୫- (କ) ଗାଈ ଗେଲମ୍ ରନେ ବନେ
ବାଛୁରୀ ଗେଲମ୍ ପନ୍‌ତେ,
ହରିହେ, ବାଛୁରୀ ଗେଲମ୍ ପନ୍‌ତେ ।
ହାରା ହୋଇଲମ୍ ବିଜୁବନେ,
ଗଟା ହୋଇଲମ୍ ସେଇ କଦମ୍ ତଲେ
ହରିହେ, ଗଟା ହୋଇଲମ୍ ସେଇ କଦମ୍ ତଲେ ।

(ଭୂ) ଗାଈକ ସେନଃଯାନ୍ ଆୟାର୍ ଆୟାର୍‌ତେ,
ଚୂଇକ ସେନଃଯାନ୍ ତାୟମ୍‌ତେ
ଆଟିଂ ଯାନକ ବିଜୁ ବୀର୍‌ରେ,
ବାଟେନ୍ ଯାନାକ୍ ଏନ୍ କଦମ୍‌ଦାରୁ ସୁବାରେ
ହରିହେ, ଗଟେନ୍ ଯାନାକ ଏନ୍ କଦମ୍ ଦାରୁ ସୁବାରେ ।

(ଓ) ଗାଈ ଗଲେ ଅରଣ୍ୟକୁ
ବାଛୁରୀ ଗଲେ ତା ପଛକୁ,
ହରିହେ, ବାଛୁରୀ ଗଲେ ତା ପଛକୁ ।
ଚରିବାକୁ ଗଲେ ବିଜୁ ବଣକୁ
ଗୋଠ ହେଲେ ସେଇ କଦମ୍ବ ମୂଳରେ
ହରିହେ, ଗୋଠ ହେଲେ ସେଇ କଦମ୍ବ ମୂଳରେ ।

# ଦାସାଇଁ ଦୁରାଂ (ଦାସାଇଁ ଗୀତ)

୧- ଜଆର୍ ଜଆର୍ ମା ଦୁରୁଗା ଜଆର ତେଲାଏମେ,
କାଲେ ବା ସିମ୍ତାଲିତେ ଯତଲେ ଦାରମେ ।
ଟୁଇଲା ବାନାମ୍ ରୁଡ୍ରୁବୁଆଂ ଯତଲେ ସାଡ଼ିଯାଦ୍,
ଚାଏମ୍ ଚାଚା ଚାଏମ୍ ଚାଚା କାରତାଲରେ ରୁଉଯାଦ୍
ଜଆର୍ ଜଆର୍ ମା ଦୁରୁଗା ଜଆର୍ ତେଲାଏମେ,
ଆମ୍ଲଃତେ ସାତ୍‌ବଇନୀ ଯତକ ହିଜୁଃପେ ।
ଚୁଆ ଚନ୍ଦନ ବା'ତେ ଯତଲେ ଦାରମ୍‌ପେ,
ଆମ୍ଲଃତେ ସାତ୍‌ବଇନୀ ଯତକ ହିଜୁଃପେ
ଚୁଆ ଚନ୍ଦନ ବା'ତେ ଯତଲେ ଦାରମ୍‌ପେ,
ଆମ୍ଲଃତେ ସାତ୍‌ବଇନୀ ଯତକ ହିଜୁଃପେ ।
ବୁଂରେ ... ବୁଂରେ ...ହାୟରେ ...ହାୟରେ ।

(ଓ) ହେ ମା ଦେବୀ ଦୁର୍ଗା ! ଦୟାକରି ଆମର ପ୍ରଣାମ ଗ୍ରହଣ କର । ଆମେ ତୁମକୁ ସୁବାସିତ ମଲ୍ଲୀ ଏବଂ ଟଗର ଫୁଲ ଅର୍ପଣ କରି ସ୍ୱାଗତ କରୁଅଛୁ ଏବଂ ଆମେ ମଧ୍ୟ କେନ୍ଦରା, ବଇଁଶୀ, ତୁମ୍ୱା ଏବଂ କୁବୁଜି ଆଦି ବାଦ୍ୟ ପରିବେଷଣ କରି "ଛାୟମ୍ ଛା" ତାଳରେ କରତାଳି ବଜାଇ ତୁମଙ୍କୁ ସ୍ୱାଗତ କରୁଅଛୁ । ତେଣୁ ତୁମେ ଦୟା ପରବଶ ହୋଇ ଆମର ପ୍ରଣାମ ଗ୍ରହଣ କର । ଆମେ ତୁମକୁ ନିମନ୍ତ୍ରଣ କରୁଅଛୁଁ । ତୁମେ ତୁମ ସାତ ଭଉଣୀଙ୍କ ସାଙ୍ଗରେ ଆମ ଆଗରେ ଆବିର୍ଭାବ ହୁଅ । ଆମେ ଅତି ବ୍ୟାକୁଳରେ ତୁମକୁ ତୁମ ସାତଭଉଣୀମାନଙ୍କ ସହିତ ଅର୍ଚ୍ଚନା ପାଇଁ ପ୍ରସ୍ତୁତ ହୋଇ ରହିଚୁଁ ।

୨- କାଶି ଡାଣ୍ଡିରେ ଦାଇନା କାଶି ବାଆଦ
ଅଲା ମୁତୁଲ୍‌ରେ ଦାଇନା ରାଜିଗଲ ବାଆଦ (୨ଥର)
ପେଟେଗା ତାଲାଂମେ ଦାଇନା ରାଜିଗଲ ବାଆଦ ।
ହୁଉଁରେ.. ହୁଉଁରେ.. ବୁଂରେ.. ବୁଂରେ
ଗୁଡୁ ତାଲାଂମେ ଦାଇନା କାଶିବାଆଦ
ଗାଲାଂ ତାଲାଂମେ ଦାଇନା ରାଜିଗଲ ବାଆଦ ।

ହାୟରେ ହାୟରେ ଡିରଗୁମ୍ ଖେ-ହେଲେ ଠେଖ-ହେଲେ ସାରିଗେ... ସାରିଗେ.. ବଅଠେଲ୍ ।

(ଓ) କାଶତଣ୍ଡୀ ବଗିଚାର ସଦ୍ୟ ପ୍ରସ୍ଫୁଟିତ କାଶତଣ୍ଡୀ ଫୁଲଟି ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି ଏବଂ କୃଷ୍ଣଚୂଡ଼ା ଫୁଲରେ ଘରର ଛାତଟି ଅତୀବ ମନୋରମ ହୋଇଛି । ହେ ମୋର ଭଉଣୀ (ପ୍ରେମିକା) ଏହି ସଦ୍ୟ ପ୍ରସ୍ଫୁଟିତ କାଶତଣ୍ଡୀ ଫୁଲକୁ ବଗିଚାରୁ ଆଣ ଏବଂ ଏହା ସହିତ କୃଷ୍ଣଚୂଡ଼ା ଫୁଲ ମଧ୍ୟ ଆଣ । ସେ ସବୁ ଫୁଲରେ ତୁମ ଖୋସା ମୁଁ ସଜାଇବି । ହେ ଭଉଣୀ ! ଚାଲ ଏହି କାଶତଣ୍ଡୀ ଫୁଲକୁ ମାଳ ତିଆରି କରି ଆମ ଦେହରେ ବାନ୍ଧିବା ।

୩- ଗୁରୁବାବା ପାରବଣ ବଙ୍ଗାରେ ଦେଅଣା ଆଖାଲା
ଚେଲା ହନକ ହାତୁ ହାତୁ ସୁସୁନ୍ ବିୟୁର୍‌ତାନ ।
ଗୁରୁ ହାଲାମ୍ ମାନି ମନ୍ତର୍ ହେର୍ ବିୟୁର୍‌ତାନ୍
ଚେଲା ହନକ ହାତୁ ହାତୁ ସୁସୁନ୍ ବିୟୁରତାନ୍
ବୁଆଂ ଟୁଇଲା ରୁତୁବାନାମ୍ ପିର୍ଲି ରାକାବ୍‌ତାନ୍
ଚାୟମ୍ ଚାଚା ଚାୟମ୍ ଚାଚା କରତାଲ୍ ସାଡ଼ିତାନ୍
ହାୟରେ .... ହାୟରେ ॥

(ଓ) ହେଗୁରୁ ! ପାର୍ବଣ ପୂଜାରେ ମନ୍ତ୍ର ଆଖଡ଼ାର ଚେଲା ପିଲା (ଶିଷ୍ୟ) ମାନେ ଗାଁ ଗାଁ ବୁଲି ଦାସାଇଁ ନାଚ ପରିବେଷଣ କରୁଛନ୍ତି । ଏହି ସମୟରେ ତାଙ୍କୁ ଗୁରୁବାବା ସୋରିଷକୁ ମନ୍ତକରି ଚାରିଆଡ଼କୁ ବୁଣି ଦେଉଛନ୍ତି । ଯେପରି ତାଙ୍କର ଶିଷ୍ୟମାନଙ୍କ ଉପରେ କୌଣସି ବିପଦ ନଆସୁ । ତୁମ୍ବା, କେନ୍ଦେରା, ବଇଁଶୀ, କରତାଳ ଓ କୁବୁକିର ମଧୁର ସ୍ୱରରେ ଗାଁ ଦାଣ୍ଡ ପ୍ରକଂପିତ ହେଉଛି ।

୪- ଜଆର୍ ଜଆର୍ ମାଣାଂ ବଙ୍ଗା ଦେବ ଗଣପତି
ଜଆର୍ ଜଆର୍ ଅଲବଙ୍ଗା ମା ସରସ୍ୱତୀ ।
ଜଆର୍, ଜଆର୍ ମାରାଂବଙ୍ଗା ଶିବ ପାର୍ବତୀ ।
ଜଆର୍, ଜଆର୍ ମା' ଦୁରୁଗା ଜଆର୍ ତେଲା ଏପେ
ହିଂସା ହୁଲୁଂ ହିକୁଃରଦ ଉଦୁର ଗିତିଇପେ ।
ହୁଉଁରେ ... ହୁଉଁରେ .. ବଂରେ... ବୁଂରେ

ଆପେୟା ଦାୟାତେ ମା ଦାସାଇଁ ବିୟୁରତାନଦ
ଡାହାଣୀ, ଜୁଗୁନୀ, ଚଣ୍ଡୀ, ଚାମୁଣ୍ଡୀ ଉଦୁର ଗିଡ଼ିକପେ ॥

(ଓ) ଜୁହାର ଜୁହାର ପ୍ରଥମ ଦେବତା ଦେବ ଗଣପତି
ଜୁହାର ମା ବିଦ୍ୟାଦାତ୍ରୀ ମା ସରସ୍ୱତୀ
ଜୁହାର ଜୁହାର ମହାଦେବ, ଶିବ ପାର୍ବତୀ
ଜୁହାର ମା ଦୁର୍ଗା ଜୁହାର ଆମ ଗ୍ରହଣ କର ।
ହିଂସା, ବ୍ୟାଧି ଆସିଲେ ତୁମେ ଆମକୁ ବଂଚାଇ ରଖ
ତୁମ ଦୟାରୁ ମାଁ ଆମେ ଦାସାଇଁ ପାଇଁ ଗାଁ ବୁଲୁଛୁ
ଡାହାଣୀ, ଜୁଗୁନୀ, ଚଣ୍ଡୀ, ଚାମୁଣ୍ଡୀ ଲାଗିଲେ ମା
ତୁମେ ହିଁ ଆମକୁ ବଂଚାଇ ରଖ
ସମସ୍ତ ଦେବଦେବୀଙ୍କୁ ବିନମ୍ର ପ୍ରାର୍ଥନା
ଜୁହାର ଆମ ଗ୍ରହଣ କର ।

୫- ଲୁକୁମା ବୁରୁବେଡ଼ାରେ ସିୟୁଃ ତାନାଏଇଁ ତାଇକେନା
ଲୁକୁମା ବୁରୁବେଡ଼ା ସିୟୁଃ ତାନାଏଇଁ ତାଇକେନା
ହେନ୍ଦେ ହାତାଞ୍ଜ ଆତମ୍ ଲିୟା
ଆତମ୍ ହାତାଞ୍ଜ ଲେଙ୍ଗଲିୟା
ହେନ୍ଦେ ମୁଆଁଣା କୁଳି ମା' ଲିନ୍ଦାଲିୟା ।

(ଓ) ଲୁକୁମା ବଡ଼ ପାହାଡ଼ର ପାଦ ଦେଶରେ ଏକ ଶୂଳ (ବନ୍ଧ୍ୟାଜମି)
ଜମିକୁ ମୁଁ ହଳ କରୁଥିବା ସମୟରେ କାଳିଆ ବଳଦକୁ
ଡାହାଣକୁ ଦେଇଥିଲି । ଡାହାଣ ବଳଦକୁ ବାମକୁ ଦେଇ ହଳ କରୁଥିବାରୁ ବଳଦ
ନୁହେଁ ଏପଟ ସେପଟ ହେଉଥିଲେ । ଏହାଦେଖି କାଳି ଭୁଷୁଣ୍ଡୀଝିଅଟିଏ ହସୁଥିଲା ।

୬- ଆମା ଦେଙ୍ଗାତେ ମା' ଦରେଆରେ ବାନ୍ଦା ଥଲଲେନ୍
ଆମା ଦାୟାତେ ମା'ସୀତାଏ ଉଦ୍ଧାରଲେନ୍
ଆମା ପେଲେତେ ମା' ମହିଷାସୁରଏ ଗାଏଲେନ୍
ଆମ୍‌ଗେ ମା' ଦୁରୁଗା ଆମ୍‌ଗେ ମା' ଅମ୍ବିକା
ଆମ୍‌ଗେ ହେକେ ନେ ଦିଶୁମ୍‌ରେନ୍ ଜମନ୍ ଏଙ୍ଗା
ଆମା ଦାୟାତେ ମା' ଯତଗେ ମେନାଃଲେ...

(ଓ) ତୁମ ଦୟାରୁ ମା' ସମୁଦ୍ରରେ ସେତୁବନ୍ଧ ବନ୍ଧା ହୋଇଥିଲା,
ତୁମ ଦୟାରୁ ମା' ସୀତାଦେବୀ ଉଦ୍ଧାର ହୋଇଥିଲେ,
ତୁମ ବଳରେ ମା ମହୀଷାସୁର ବଦ୍ଧ ହୋଇଥିଲା,
ତୁମେ ହିଁ ଦୁର୍ଗା ତୁମେ ହିଁ ଅମ୍ବିକା
ତୁମେ ହିଁ ମା' ଏ ଭୂଇଁର ଜନମଦାତ୍ରୀ (ମା),
ତୁମ ଦୟାରୁ ମା' ଆମେ ସମସ୍ତେ ବଂଚିଅଛୁଁ ।

୭- ଏଲା ଏଲା ମା' ଦୁରୁଗା ଏଲା ହିଜୁଃମେ,
ନେଁ ପାରବଣରେ ଗଟା ହନର ବିୟୁରମେ ।
ଏଲା ଏଲା ମା' ଦୁରୁଗା ଏଲା ହିଜୁଃମେ,
ନେ ପାରବଣରେ ଗଟା ହନର ବିୟୁରମେ
ଦିଶୁମ୍ ଦିଶୁମ୍ ହନରକାତେ ଗଟା ବିୟୁରେନ୍ ମେ,
ମାନସ୍କୀ କଆଃ ହୁକୁଜାଲା ସବେନ୍‌ଲେଲ୍ ଇଦିମେ
ତଆ ଗତମ୍ ଦିଆସିଲିତା ଗଟାକେ ଜୁଲତାଦ୍
ସଆନ୍ ସଆନ ବାଦ ଗଟାଗେ ହେର୍ ବିୟୁରାକାନ୍ ।
ଏଲା ଏଲା ମା ଦୁରୁଗା ଏଲା ହିଜୁଃମେ,
ନେ ପାରବଣରେ ଗଟା ହନର୍ ବିୟୁରମେ ।

(ଓ) ଆସ ଆସ ମା' ଦୁର୍ଗା ଆସ ଚାଲିଆସ,
ଏ ପାର୍ବଣର ଚାରିପଟେ ବୁଲିଆସ
ଆସ ଆସ ମା' ଦୁର୍ଗା ଆସ ଚାଲିଆସ
ଦେଶ ଦେଶ ବୁଲି ଚାରିଆଡ଼େ ଦେଖିଆସ
ମାନବର ଦୁଃଖ ଜ୍ୱାଲା ସବୁ ଦେଖିଯାଅ
ଘିଅ ସଳିତା ସବୁଆଡ଼େ ଜଳୁଅଛି,
ସୁବାଷିତ ଫୁଲ ଭିଣି ହୋଇ ପଡ଼ିଅଛି,
ଆସ ଆସ ମା ଦୁର୍ଗା ଆସ ଚାଲିଆସ
ଏ ପାର୍ବଣର ଚାରିପଟେ ଥରେ ବୁଲିଆସ ।

# ରଆଡେଲା ଦୁରାଂ (ଗୁଣିଗାରେଡ଼ି ଗୀତ)

୧- ସରଗର ମେନାଇ ରଆ
ଚେତାନ୍‌ରେ ଆପିର୍‌ତାନା
ଦିଦି କୁଲିଦ୍ ଲେକା ଜାଲାଡିଂତାନା
ଦିଦି କୁଲିଦ୍ ଲେକା ଜାଲାଡିଂ ତାନା (ଘୋଷା)

ଏଲାଚିରେ ଧରମ ଗରୁ
ଏଲାଚିରେ କାଉଁରୁ ଗୁରୁ
ତୁଳି ସୂତାମ୍ ବାନ୍ଧୁ ବାୟାରତେ
ନାହୁଲେନ ବିନ୍ (୧)

ସରଗରେ .......

ଏଲାଚିରେ ଫୁଲମନି
ଏଲାଚିରେ ପଦମିନି
ତୁଳି ସୂତାମ୍ ବାନ୍ଧୁ ବାୟାରତେ
ନାହୁଲେନ୍ ବିନ୍ (୨)

ସରଗରେ .......

ଏଲାଚିରେ ଚାଟୁ ଗୁରୁ
ଏଲାଚିରେ ଡାଡୁ ଗୁରୁ
ତୁଳି ସୁଷମ କାନ୍ଧୁ ବାୟାରତେ
ନାହୁଲେନ୍ ବିନ୍ (୩)

ସରଗରେ .......

ଏଲାଚିରେ ଗୋବିନ୍ଦ ଗୁରୁ
ଏଲାଚିରେ ଜଗା ଗୁରୁ
ତୁଳିସୂତାମ୍ ବାନ୍ଧୁ ବାୟାରତେ
ନାହୁଲେନ୍ ବିନ୍ (୪)

ସରଗରେ ...

ଏଲାଚିରେ ଋଷିଗୁରୁ
ଏଲାଚିରେ ରସିକ ଗୁରୁ
କାସ୍‌ସମ୍ ସୂତାମ୍ ବାନ୍ଧୁ ବାୟାରତେ
ନାଦୁଲେନ୍ ବିନ୍ (୫)

ସରଗରେ .......

ଆବେନ୍ ଗେଗା ଧରମ୍ ଗୁରୁ
ଆବେନ୍ ଗେଗା କାଉଁରୁ ଗୁରୁ
ତୁଳି ସୂତାମ୍ ବାନ୍ଧୁ ବାୟାରତେ
ନାଦୁଲେନ୍ ବିନ୍ (୬)

ସରଗରେ .......

ଏଲାଚିରେ ସିଦ୍ ଗୁରୁ
ଏଲାଚିରେ ତୁଳସୀ ଗୁରୁ
ତୁଳି ସୂତାମ୍ ବାନ୍ଧୁବାୟାରତେ
ନାଦୁଲେନ୍ ବିନ୍ (୭)

ସରଗରେ.......

ଆବେନ୍ ଗେଗା ସିଦ୍‌ଗୁରୁ
ଆବେନ୍ ଗେଗା ତୁଳସୀଗୁରୁ
ତୁଳି ସୂତାମ୍ ବାନ୍ଧୁ ବାୟାରତେ
ନାଦୁଲେନ୍ ବିନ୍ ॥

(ଓ) ସରଗରେ ରହିଅଛି ଜୀବନ
ଉପରେ ଉଡ଼ି ବୁଲୁଛି
ଶାଗୁଣା ପକ୍ଷୀ ପରି ଘୁରିବୁଲୁଛି
ଶାଗୁଣା ପକ୍ଷୀ ପରି ଘୁରି ବୁଲୁଛି । (ଘୋଷା)

ଆସରେ ଧରମ ଗୁରୁ
ଆସରେ କାଉଁରୀ ଗୁରୁ
ତୁଳା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ ।( ୧ )

ସରଗରେ .....

ଆସରେ ଫୁଲମଣୀ
ଆସରେ ପଦ୍ମିନୀ
ତୁଳା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ ( ୨ )

ସରଗରେ ......

ଆସରେ ଚାଟୁ ଗୁରୁ
ଆସରେ ଡାଡୁଗୁରୁ
ତୁଳା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ (୩)

ସରଗରେ .....

ଆସରେ ଗୋବିନ୍ଦ ଗୁରୁ
ଆସରେ ଜଗା ଗୁରୁ
ତୁଳା ସୂତାରେ ବାନ୍ଧୁଦଉଡ଼ିରେ
ଓହ୍ଲାଇ ଆସ (୪)

ସରଗରେ .......

ଆସରେ ଗଷ୍ଠି ଗୁରୁ
ଆସରେ ରସିକ ଗୁରୁ
କପା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ (୫)

ସରଗରେ .......

ତୁମେ ହିଁ ଧରମ ଗୁରୁ
ତୁମେ ହିଁ କାଉଁରୀ ଗୁରୁ
ତୁଳା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ (୬)

ସରଗରେ .....

ଆସରେ ସିଦ୍ଧ ଗୁରୁ
ଆସରେ ତୁଳସୀ ଗୁରୁ
ତୁଳା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ (୭)
ତୁମେ ହିଁ ସିଦ୍ଧ ଗୁରୁ
ତୁମେ ହିଁ ତୁଳସୀ ଗୁରୁ
ତୁଳା ସୂତାରେ ବାନ୍ଧୁ ଦଉଡ଼ିରେ
ଓହ୍ଲାଇ ଆସ ।

# ଆଣ୍‌ଦି ଦୁରାଂ (ବାହାଘର ଗୀତ)

୧- (କୁ) ହଳଦୀ ବରଣ ଗୀତ -
ସବୁଦିନେରେ ଦୁଲା, ଘରେ ନାଇଲ ଲୋକ୍
ଆଜୁ କେନେ ଦୁଲା, ଘରେ ଛିଲ ଲୋକ୍,
ଆଜୁ କେନେ ଦୁଲା, ଘରେ ଛିଲ ଲୋକ୍
ଲୋକ୍ ମା ଜଳିଗେଲ, ହୋଲଦୀମା ମାଖିଗେଲ୍
ହମାରିଓ ଦେଶେ ଦୁଲା, ହୋଲଦୀ ବରନ୍ ।

(ଭୂ) ସବେନ୍ ଦିନ୍ ମା ଦୁଲା, ଅଲାଃରେ କାକଲେଲଃ ହଳ
ତିସିଂ ଚିୟାରେ ଦୁଲା, ଅଲାଃ ମେନାଃକ ହଳ
ତିସିଂ ଚିୟାରେ ଦୁଲା, ଅଲାଃରେ ମେନାଃକ ହଳ
ହଳମାକ ମେଶାନ୍‌ଯାନା ସାସାଂମାକ ବସଃକେଦ୍‌ମେ
ଆବୁ ଦିଶୁମ୍ ରେୟା ଦୁଲା, ସାସାଂ ବସଃ ।

(ଓ) ସବୁ ଦିନେରେ ଧନ, ଗରେ ନଥିବେ ଲୋକ
ଆଜି କାହିଁକିରେ ଧନ, ଘରେ ରହିଛନ୍ତି ଲୋକ
ଲୋକମାନେ ମିଶିଗଲେ, ହଳଦୀ ମାଖିଦେଲେ
ଆମ ଦେଶରେ ଧନ, ଏହା ହଳଦୀ ବରଣ ।

୨- ବରକନ୍ୟା ଗାଧୋଇବା ବେଳର ଗୀତ (କ)

(କୁ) ଦୁଲାରେ ସିନାନ୍ ଘାଟେ ଲାଲ୍ ସାଲକ୍
ଦୁବ ସାଲକ୍ ଫୁଲେର୍ ବାଗାନ୍
ଫୁଲ୍ ତୁଲ ନାଇଲୋ ପାଲାନୀ ଶାଲୀ
ଡାଲ୍ ଭାଙ୍ଗ ନାଇଲୋ ପାଲାନୀ ଶାଲୀ
ଦୁଲା ମୋର ଫୁଲେର୍ ବାଗାନ୍

(ଭୂ) ଦୁଲାରେ ରେୟାଳେନ୍ ଘାଟ୍‌ରେ ରାଙ୍ଗା ସାଲ୍‌କିଦ୍
ଫୁଣ୍ଡି ସାଲ୍‌କିଦ୍ ବାଆଃ ବାଗାନ୍‌ଦ
ବାଆଃ ଆଲମ୍ ଗନେ ପାଲାନୀ
ଦାଲା ଆଲମ୍ ରାପୁଦେ ପାଲାନୀ
ଦୁଲା ତାଞ୍ଜାଦ ବାଆଃ ବାଗାନ୍‌ତାଞ୍ଜ

(ଓ) ଧନରେ ଗାଧୁଆ ଘାଟରେ ନାଲି କଇଁ, ଧଳା କଇଁର ଫୁଲବଗିଚା ଅଛି
ଫୁଲ ତୋଳ ନାହିଁଲୋ କୁମାରୀ,
ଡାଳ ଭାଙ୍ଗ ନାହିଁଲୋ କୁମାରୀ
ଧନରେ, ଗାଧୁଆ ଘାଟରେ ଫୁଲର ବଗିଚା ଅଛି ।

ଗ- ବରକନ୍ୟା ଗାଧୋଇବା ବେଳର ଗୀତ (ଖ)

(କୁ) ଡୁଙ୍ଗୁରୀ କା ଧାରେ ଧାରେ ଗୋ ଏକଇ ଗାଛେର୍ କୁନ୍ଦୁରୀ
ଡୁଙ୍ଗୁରୀ କା ଧାରେ ଧାରେ ଗୋ ଏକଇ ଗାଛେର୍ କୁନ୍ଦୁରୀ
ଆଇସ ପାଲାନୀ ବଇସଗୋ ମା'ଏର କୋଳେଗୋ, ବାପେର୍ କୋଲେ
ମା'ଏର୍ କୋଲେ ପାଲାନୀ ଗୋ ଦୁଇ ଦିନେର୍ ଚାରୀ
ବାପେର୍ କୋଲେ ପାଲାନୀ ଗୋ ଏକଇ ଦିନର୍ ଚାରୀ
ପୁରୁଷେର୍ କୋଲେ ପାଲାନୀ ଗୋ ଜନମେ ସାଙ୍ଗତିଆ
ଗୋ ମରନେ ସାଙ୍ଗତିଆ ।

(ଭୂ) ଡଙ୍ଗୁରୀ ଆଡମ୍ ଆଡମ୍ ତେ ମୟଦ୍ ନାଣିରେ କୁନ୍ଦୁରୀ
ଏଲା ପାଲାନୀ ଦୁବ୍ ମେ ଗୋ ମାଗାଃ କଲେରେଗୋ
ଆପୁଆଃ କଲେରେ ।
ମାଆ କଲେ ଦ ପାଲାନୀ ବାର୍ ସିଂ ନାତେନ୍
ଆପୁଆଃ କଲେଦ୍ ପାଲାନୀ ମୁଶିଂନାତେନ୍
କିଶାନାଃ କଲେଦ୍ ପାଲାନୀ ଜନମ ଜନମ ସୁଙ୍ଗିତି ଗୋ
ଗଜଃ ହାବିଃ ସୁଙ୍ଗୁତିନାମ୍ ।

(ଓ) ଜଙ୍ଗଲର ଧାରେ ଧାରେ ଗୋଟିଏ ଗଛରେ କୁନ୍ଦୁରୀ
ଆସରେ କୁଆଁରୀ ବସରେ ମା' କୋଳରେ, ବାପା କୋଳରେ
ମା' କୋଳ କୁମାରୀ ଲୋ ଦୁଇଦିନ ପାଇଁ
ବାପା କୋଳ କୁମାରୀ ଲୋ ଗୋଟିଏ ଦିନ ପାଇଁ
ପୁରୁଷ (ସ୍ୱାମୀ) କୋଳ କୁମାରୀ ଲୋ ଜନମ୍ ଜନମ ପାଇଁ ଗୋ
ସେ ଜନମ ମରଣ ସାଥି ।

୪- ଆମକୁଲ୍ ଜମ୍ (ଆମ୍ବ ଡେମ୍ପ ମା, ମାଉସୀଙ୍କୁ ଖୁଆଇବା)

(କ) ଆମାକୁଲ୍ ଖାତେ ଦୁଲା କେ ବସିଞ୍ଜାଛେ
ପେଚୁବାଟେ ବଲାଞ୍ଜ ଦେଖ୍‌ତରେ ଦୁଲା
ଜନମ୍‌ଦାତା ମା ବସିଞ୍ଜାଛେ
ସରୁଧାନେର୍ ଚୁଲା ଆମ୍ ପତର୍ ରସି ଖାଅ
ଖାଇଲିଓ ଦୁଲା ଯାବେ ଶ୍ୱଶୁର୍ ଘର
ଦୁଲାରେ, ମାଏର୍ ମାୟାଜାଲେ ଛାଡ଼ିଲୋ
ବାପେର୍ ମାୟା ଜାଲେ ଛାଡ଼ିଲୋ
ତୁହିତ ଦୁଲା ସାମ୍ ସଙ୍ଗତି ପାଲେ ।

(ଖ) ଆମ୍‌କୁଲ୍ ଜମ୍ ନାତେନ୍ ଦୁଲା ଅକୟଏ ଦୁବାକାନ୍
ତାୟମ୍ ସାଇ ହେତାଲେମ୍ ଦୁଲା
ଜନମ୍ ଏଙ୍ଗା ମାଏ ଦୁବାକାନ୍
ନାନା ବାବାରେୟାଃ ତାବେନ୍ ଉଲି ସାକାମ୍‌ରେ ରସ୍ ଜମଗେମ୍
ଜମଗେମ୍ ଦୁଲା ସେନଗାମ୍ ହାନାର୍ ହାଞ୍ଜାର୍ ଅଲାଃ
ଦୁଲାରେ ଏଙ୍ଗାଆଃ ମାୟାମ୍ ବାଗେକେଦା
ଆପୁଆଃ ମାୟାଦ୍ ବାଗେକେଦା
ଆମମା ଦୁଲା ସଙ୍ଗେରେ ସଙ୍ଗତିମ୍ ନାମକିଆ ।

(ଗ) ଆମ୍ବ ଡେମ୍ପ ଖାଇଦେରେ ଧନ, କିଏ ବସିଅଛି !
ପଛ ପଟକୁ ବୁଲି ଦେଖ ଧନ, ଜନ୍ମଦାତ୍ରୀ ମା ବସିଛନ୍ତି ।
ସରୁଧାନର ସରୁ ଚୂଡ଼ା
ଆମ୍ବ ପତ୍ରର ରସ ଖାଅ ।
ଖାଇ ଦିଅରେ ଧନ, ଯିବ ଶ୍ୱଶୁର ଘର
ଧନରେ, ମାଆର ମମତା ଛାଡ଼ିଦେଲ,
ବାପାଙ୍କ ସୁହାଗ ଛାଡ଼ିଦେଲ
ତୁମେ ତ ଧନ ନୂଆ ସାଂଗ ପାଇଗଲ ।

୫- ମା' ପାଣି କଳସୀକୁ ବନ୍ଦାପନା ସମୟର ଗୀତ

(କ) ବାଇରା ଗୋ ବରେର ମା ଝଟ୍ ବାଇରା

ଦ୍ୱୟ କଳସୀ ପାନି ଆନି ଯାଏରେ ସିଶିରେ ବିଜଲ୍
ଚୁମାଇୟାଁ ଲିଅ ମାଆ ଗୋ କିନିଆ ଲିଅ
ମାଆ ଗୋ ବେଟା ତୋର ସିନାନ୍ ଜଲ୍

(ଭୂ) ଉତୁଂଏନ୍ ମେଗା ବରାଃମା ସେକେଲା ଉତୁଂଏନ୍‌ମେ
ବାର କାଣାସା ଦାଃ ଆଉଲେ ସେନ୍‌କେନା
ଗଟାଲେ ଲଆଦ୍ୟାନ୍
ଚୁମାଣାକାତେ ଇଦିଗେମ୍ ଗାମା କିରିଂକାତେ ଇଦିଗେମ୍
ମାଗାଃ ଆମାଃ ହନକାଳାଃ ନାତେନ୍ ରେୟାକେନ୍ ଦାଃ

(ଓ) ବାହାରି ଆସ ଲୋ ବରର ମା'ଶୀଘ୍ର ବାହାରିଆସ
ଦୁଇକଳସୀ ପାଣି ଆଣିବାକୁ ଯାଇଥିଲେ
ସବୁଆଡ଼େ ଭିଜିଗଲେ ।
ବନ୍ଦାପନା କରି ନିଅଲୋ ମା', କିଣି କରି ନଅ
ମାଆଲୋ ତୁମ ପୁଅ ପାଇଁ
ଗାଧୋଇବା ପାଣି କିଣିନିଅ ।

**୬- ବର କିମ୍ବା କନିଆର ଭିଣୋଇ ଗଡ଼ିଆ ତାଡ଼ିବା ବାବଦକୁ ଧୋତି ନେବା ଗୀତ-**

(କୁ) ପୋଖରୀ ଯେ ନାଲାଇଁ ଖୋଲାଇଁ
ଏଟେଙ୍ଗେ ଠେଙ୍ଗା ଦେବରେ ଦୁଲା
ଗଲାକେ ଦେଅରେ ସିରିପା

(ଭୂ) ପୁଖୁରୀମା ଜାମାଇ ଉରକେଦା
ନାମିନ୍‌ମାରଂ ଠେଙ୍ଗା ଅମାଇମେ ହନକଲା
ଆୟା ହଟରେ ଅମାଇମେ ସିରିପା

(ଓ)' ପୋଖରୀ ଯେ କ୍ୱାଇଁ ଖୋଳିଦେଲା
ଏତେ ବଡ଼ ଠେଙ୍ଗାରେ ଦେବୁରେ ପୁଅ
ତା ବେକରେ ଦେବୁ ଉପହାର ।

**୭- ବେଦୀରେ ବ୍ରାହ୍ମଣକୁ ପରିହାସ କରିବାର ଗୀତ**

(କୁ) ବଙ୍ଗାକର ବାମନ ସେବାକର, ବାମନ ପୂଜାକର

ହାଣ୍ଡିଆ ଖିଆ ବାମନ୍ ମାଆଗୋ ନମ ନମ କର
ମାଆ ଗୋ ନମ ନମ କରେ ।
ଗେଣ୍ଡା ଖିଆ ବାମନ୍ ମାଆଗୋ
ନମ ନମ କରେ ।

(ଭୂ) ବଙ୍ଗାଗେମ୍ ବାମଣେ ସେବାଗେମ୍, ବମେଣ ବଙ୍ଗାଗେମ୍
ଇଲିନୁ ବାମଣେ ମାଆଗା ନମଂ ନମଂ ଯେଦାଃ
ମାଆଗା ନମଂ ନମଂ ଯେଦା
ଗେଣ୍ଡାଜମ୍ ବାମଣେ ମାଆଗା
ନମଂ ନମଂ ଯେଦାଃ

(ଓ) ପୂଜାକର ବ୍ରାହ୍ମଣ ସେବାକର, ବ୍ରାହ୍ମଣ ପୂଜାକର
ହାଣ୍ଡିଆ ଖିଆ ବ୍ରାହ୍ମଣ ମାଆଲୋ
ନମଃ ନମଃ କରେ
ମାଆଲୋ ନମଃ ନମଃ କରେ
ଗେଣ୍ଡାଖିଆ ବ୍ରାହ୍ମଣ ମାଆଲୋ ନମଃ ନମଃ କରେ ।

୮- ବରକନ୍ୟା ଗାଧୋଇବା ପାଇଁ ପାଣି ଆଣିବା ସମୟର ଗୀତ -

(କୁ) ଆସଗୋ ମାଆ ଭଉଣୀ ଜଲ୍ ଆନିତେ ଯାବ
ବାଟେ ଘାଟେ ଜାମ୍‌ରାଙ୍ଗା ଗୋ ମାଆ
ଆଣ୍ଡିଆ ବାଣ୍ଡିଆ ଖାବ
ବାଟେ ଘାଟେ ଜାମ୍‌ରାଙ୍ଗା ଗୋ ମାଆ
ଆଣ୍ଡିଆ ବାଣ୍ଡିଆ ଖାବ
ହାଟେ ବାଟେ ରସିପଲେ
ଏବେ ଧନୀ ରହିବ କୁଆଁ

(ଭୂ) ଏଲାଗୋ ମାଆ ମିଶିକ ଦାଃ ଆଉକୁନ୍ ସେନଗାଃ
ହରା ହାଟିଆରେ ଇସନ୍ ବୁଦା ଗାମା
ହାଟିଂ ହାଟିଂବୁନ୍ ଜମେୟା
ହରା ହାଟିଆରେ ଇସିନ୍ ବୁଦୋ ଗା ମା
ହାଟିଂ ହାଟିଂ ବୁନ୍ ଜମେୟା

ହାଟ୍ ବାଟ୍ ରାଗାଦ୍‌ତେମ ନିରା

ନାମାଣଂ ହନ୍‌କୁଲ ଅକାରେମ୍ ଡାଇନା ।

(ଓ) ଆସଲୋ, ମା ଭଉଣୀ ପାଣି ଆଣିବା ପାଇଁ ଯିବା

ବାଟ ଘାଟରେ ପାଚିଲା ଜାମୁ କୋଳି ଲୋ ମା

ବାଣ୍ଟିକୁଣ୍ଟି ଖାଇବା

ବାଟ ଘାଟରେ ପାଚିଲା ଜାମୁକୋଳି ଲୋ ମା

ବାଣ୍ଟିକୁଣ୍ଟି ଖାଇବା ।

ହାଟ ବାଟରେ ଗୁଷିକରି ପଳାଇଯାଏ

ଏବେ ଝିଅ ରହିବ କେଉଁଠାରେ ।

୯- ବାରିକ କ୍ଷୋର କରିବା ସମୟର ଗୀତ-

(କ) ଧୀରେ ଧୀରେ ନାରନୀ ଚାଲାଇଁ ଦେରେ ନାପିତି

ଭାଇଆ ଆମର ଦୁଲା ବାଳକ

ହାମାର୍ ଦୁଲାଯାଏ ଶ୍ୱଶୁର ଘର

ଭାଲଇ ଆଲାତ ଦେରେ ନାପିତି

ସୀତା ଆଲାତା ବାଛିଆଁ ତୋଳାଇ ଦେ

ଦୁଲା ଆମାରା ଯାଏ ଶ୍ୱଶୁର ଘର

ଆମ ପତର ଚିରିହିରି ଦୁଲା କାକନ ବାନ୍ଧିଲ

କନ ବେଟି ଲାଗି ଦୁଲାରେ କାକନ ବାନ୍ଧିଲ

ଅରେ ଅରେ ଶୀର ଦୁଲା

ବାମନ୍ ପାଏତା ପାଲେ

କନ ବେଟି ଲାଗି ଦୁଲା ମୋ ବାମନ ପଏତା ପାଲେ ।

(ଖ) ମାଣି ମାଣି ନାର୍‌ନୀ ଉଦୁରେମ୍ ନାଉଆ

ଦାଦା ଆଲେୟ ସଆଗା ହନକଲା

ଆଲେୟାଃ ହନ୍‌କଲା ସେନାଃ ହଙ୍ଗାର୍ ଅଳା

ବୁଗିନ୍ ଆଲାତା ଆମେମେ ନାଉଆ

ସୀତା ଆଲତା ସାଲାକାତେ ଲାଗାଆମେ

ହନ୍‌କଲା ଆଲେୟାଃ ସେନାଏ ହଙ୍ଗାର ଅଳାଃ

ଉଲି ସାକାମ୍ ବାଇକାତେ କାକନ୍ଏମ୍ ଅଲ୍କେଦ୍
ଅକୟା ହନ୍କୁଲି ନାତେନ୍ ଦୁଲାରେ କାକନ୍ଏମ୍ ଥାଲ୍କେଦ୍
ବା ମଣେ ପଏତାମ୍ ନାମକେଦ୍
ଅକୟା ହନ୍କୁଲି ନାତେନ୍ ଦୁଲାତାଞ୍ଜ ବାମଣେ
ପଏତାମ୍ ନାମ୍କେଦ୍ ।

(ଓ) ଧିରେ ଧିରେ ନହୁରୁଣୀ ତଲାରେ ବାରିକ
ଭାଇ ଆମର ଅଲିଅଳ ପୁଅ
ପୁଅ ଆମର ଯିବ ଶ୍ୱଶୁର ଘର
ଭଲ ଅଳତା ଦେରେ ବାରିକ
ସୀତା ଅଳତା ବାଛି ଲଗାଇଦେ,
ପୁଅ ଆମର ଯିବ ଶ୍ୱଶୁର ଘର
ଆମ୍ବ ପତରେ ତିଆରି ପୁଅରେ, ପିନ୍ଧିଲୁ ହାତସୂତ୍ର
କାହାଝିଅ ଲାଗିରେ ପୁଅ, ପିନ୍ଧିଲୁ କାମ ସୂତ୍ର
ବ୍ରାହ୍ମର ପଇତା ପାଇଲୁ
କାହା ଝିଅ ଲାଗି ପୁଅରେ ମୋର ବ୍ରାହ୍ମଣ ପଇତା ପାଇଲୁ ।

## ୧୦- ବର କନିଆ ଘରେ ପହଞ୍ଚିବା ସମୟର ଗୀତ

(ଭୂ) ଏଲାନା, ଦଲାନା, ପାଲାନା କଆଃ ହନଆରା ଲେଲ୍ତେ
କାନାଃ ନାପେ ଲେଲ୍ ଆଇୟା ମିରୁ ମଚାନା
ତାବେଲା ଚୁ ଚୁ ।

(ଓ) ଆସ ଆସରେ ତାଙ୍କ ବରକୁ ଦେଖିବ ଆସ । କ'ଣ ଦେଖିବ ଲୋ ! ମୁହଁଟି ତାର ଟିଆ (ଶୁଆ) ଥୁଣ୍ଟ ପରି ବଙ୍କା, ନିଶଟି ତାର ଟାଙ୍ଗିଆ ପରି ଧାରୁଆ ।
(ବର ଆସିବା ସମୟରେ କନିଆଁ ଘର ତରଫରୁ ଝିଅ ବୋହୂମାନେ ବରକୁ ଥଟ୍ଟା ବା ପରିହାସ କରି ଏଇ ଗୀତ ଗାଇ ଥାଆନ୍ତି)

# ନାରତାଦୁରାଂ (ଉଠିଆରୀ ଗୀତ)

୧- (କ) ମା ରଇଲ ବାବା ରଇଲ ଧେୟନେ ଧେୟନେ
ବେଟା ଜନମ୍ ହଇତ ଯଦି ରାଜା କଚେରୀରେ ବସେ
ବେଟି ଜନମ୍ ହଇତ ଯଦି ଥାଳି ଭରି ଟାକା ହଇତ ।

(ଖ) ମା ତାଇଯାନାଃ ପଆତି, ଆପୁ ତାଇଯାନ୍ ଧେୟାନ୍‌ରେ
ହନ୍‌ବେଟା ହୟୁଃରେଦ, ରାଜା କଚେରୀରେ ଦୁବାଃ
ହନ୍ ବେଟି ହୟୁଃରେଦ୍, ଥାଳି ପେରେଃ ଟାକା ହୟୁଆ

(ଗ) ମା ରହିଲେ ଗର୍ଭବତୀ, ବାପା ରହିଲେ ଧ୍ୟାନରେ
ପୁଅ ଜନ୍ମହେଲେ ରାଜାଙ୍କ କଚେରୀରେ ବସିବ ।
ଝିଅ ଜନ୍ମହେଲେ ଥାଳି ପୂର୍ଣ୍ଣ ଟଙ୍କା ହୋଇଯିବ ।

୨- (କ) କନ୍ ଫୁଲେ ଉପୁଜଲାଞ୍ଜ ଦୁଲାରେ କନେର୍ ପୁଜଲାଞ୍ଜ
ସେୟ ଫୁଲେ ଗୋ ଉପୁଜଲାଞ୍ଜ ଗୋ ତୁଲସୀର ମାଲା
କନ୍‌ଫୁଲେ ଉପୁଜାଲାଞ୍ଜ ଗୋ ତୁଲସୀର ମାଲା
କନ୍‌ଫୁଲେ ଉପୁଜାଲାଞ୍ଜ ଦୁଲାରେ ତଲକେର୍ ମାଲା
ବାବା କନେର୍ ପୁଜଲାଞ୍ଜ ଉପୁଜଲାଞ୍ଜ ତୁଲସୀର ମାଲା

(ଖ) କାନ୍ ବାଆତେ ବାଇଲେନା ଦୁଲାରେ, କାନ୍‌ବାଆତେ ବାଇଲେନା
ଏନ୍ ବାଆତେ ବାଇଲେନା ଗୋ ତୁଲସୀରେୟା ମାଲା
କାନ୍ ବାଆତେ ବାଇଲେନା ତାମ୍ବା ତରୁମାଲା
ବାବାରେ କାନ୍ ବାଆତେ ବାଇଲେନା ତାମ୍ବା ତୁଲସୀମାଲା

(ଗ) କେଉଁ ଫୁଲ ପ୍ରସ୍ଫୁଟିତ ହେଲା ଧନରେ, କେଉଁଠି ଫୁଟିଲା,
ସେହି ଫୁଲରୁ ତିଆରି ହେଲା ତୁଳସୀର ମାଳା
କେଉଁ ଫୁଲରୁ ପ୍ରସ୍ଫୁଟିତ ହେଲା ଧନରେ, କେରାଟମାଳ
କେଉଁ ଫୁଲରୁ ଜନମ ନେଲା ତୁଳସୀର ମାଳ ।

# ହନ୍ହିଲି ଦୁରାଂ (ନାନାବାୟା ଗୀତ)

୧- (ଭୂ) ହେ, ବାବୁ ହୋ ହାପେନ୍ ମେ,
ଆମାଃ ମାଦ୍ ହାଇମେନ୍ତେ ତୁଣ୍ଡୁଃ ଅତାତାଇ
ହୋ ବାବୁ ହୋ ହାପେନ୍ ମେ,
ଆମାଃ ମା ଦ ହାଇମେନ୍ତେ ଚକେ ଅତାତାଇ

(ଓ) ତୁନିହ ବାବୁ ତୁନିହ
ତୋ ମା ମାଛି ଭାବି ତୁଣ୍ଡକୁ ଜାକିଅଛି
ତୁନିହ ବାବୁ ତୁନିହ
ତୋ ମା ମାଛ ଭାବି ବେଙ୍ଗକୁ ଜାକିଅଛି ।

# ବିନ୍ତି

୧- ଜଆର ଜଆର୍ ବୁରୁବଙ୍ଗା ଆମ୍‌ଗେ ଧାର୍ତି ଆପୁଏଙ୍ଗା
କାଞ୍ଜ ନାମାଃ ଟାକା କାଞ୍ଜ ନାମା ପାକା
ଆଞ୍ଜାଃ ଆତମ୍ ଗେମ୍ ଦୁକୁ ଘେଙ୍ଗା
ପ୍ରଭୁରେ କାଞ୍ଜ ନାମାଃ ଟାକା
ତୁପୁଲା ତୁପୁଲି ଆକାଲରିଙ୍ଗା
ଜମ୍ ନାଗେନ୍ ବାନଃ ସାକିଲି ସୁଙ୍ଗା
କାନାଃ ଅମ୍‌କାତେଙ୍ଗ ସେବା କେମ୍‌ରେ
ଆୟମେ ବୁରୁବଙ୍ଗା
ଆତମ୍ ଗେମ୍ ଦୁକୁ ଘେଙ୍ଗା ।
ଅତେରେ ଚି ସିର୍ମାରେ ମାଆଗୋ ବୁରୁରେଚି
ଅକ ଯମୁନା ଗଙ୍ଗାରେ
ଘନେଇଁ ଜଆରାମା ଦିନେଇଁ
ଧେଆୟମେ ବୁରୁବଙ୍ଗା
ପ୍ରଭୁରେ ଘନେଇଁ ଜଆରାମ ।

(ଓଡ଼ିଆ) - ନମଃ ନମଃ ବୁରୁବଙ୍ଗା (ଶ୍ରେଷ୍ଠ ଦେବତା) ତୁମେ ହିଁ ଏ ଜଗତରେ କର୍ତ୍ତା ଓ ପିତା ମାତା । ମୁଁ ତୁମକୁ ଟଙ୍କା ବା ରାଜପ୍ରାସାଦ ମାଗୁନାହିଁ, କେବଳ ମୋର ଦୁଃଖ

ଦୁର୍ଦ୍ଦଶାକୁ ଦୂର କରିବାପାଇଁ ପ୍ରାର୍ଥନା କରୁଅଛି । ଜୀବନକୁ ଅସ୍ତ,ବ୍ୟସ୍ତ କରିବାକୁ ଅଭାବ, ଅନାଟନ ମାଡ଼ି ଆସୁଛି । ଆମ ପାଖରେ ମୁଠାଏ ଅନ୍ନ ଖାଇବାକୁ ନାହିଁ। ତେଣୁ ମୁଁ ତୁମକୁ କଣ ଦେଇ ତୁମର ସେବା କରିପାରିବି ? ହେ ବୁରୁବଙ୍ଗା । ମୋର ଦୁଃଖ ଦୁର୍ଦ୍ଦଶାକୁ ଦୂରେଇ ଦିଅ । ହେ ପ୍ରଭୁ ! ତୁମେ ସ୍ୱର୍ଗରେ ଥାଅ କି ମର୍ତ୍ତ୍ୟରେ ଥାଅ ବା ଗଙ୍ଗା ଯମୂନାରେ ଥାଅ ମୁଁ ତୁମକୁ ପ୍ରଣାମ ଜଣାଇ ତୁମ ପାଇଁ ଭୋଗ ରଖୁଛି । ମୁଁ ତୁମକୁ ବାରମ୍ବାର ପ୍ରଣାମ ଜଣାଉଛି ।

୨- ତଆ ଲେକାମ୍ ତୁର୍‌ତାନା
ଗତମ୍ ଲେକାମ୍ ହାସୁରତାନା
ନିଦା ସିଙ୍ଗିମ୍ ଲେଲ୍‌ତାନାମ୍
ଦୁକୁ ସୁକୁମ୍ ହେର୍‌ବାଲାମ୍ ସେକରତାନା
ହାଏ ତାଇଁ ମା ବୁରୁ
ଆମାଃ ହିର୍‌ଲାରେ ଆଇଁଞା ଜୀବନଦାରୁ
ଆକିନ୍ ନାଗେନ୍ ତେମ୍ ଇତୁତିଞ୍ଜା ଦୁରାଂ
ଇୟାମେ ନାଗେନ୍ ତେମ୍ ଇତୁତିଞ୍ଜା ଗେରାଂ
ସେନେ ନାଗେନ୍ ତେମ୍ ବାଇଆତିଞ୍ଜା ହରା
ଜମେ ନାଗେନ୍ ତେମ୍ ଦଆ ତିଞ୍ଜା ଚାରା
ଆମଗେ ସିର୍ଜନ ବଙ୍ଗ ଦୁକୁରେ ସୁକୁରେମ୍
ଦେଙ୍ଗାମ ଅମେ ଦେଙ୍ଗା
ହାଏ ତାଇଁ ମରାବୁରୁ
ଆମାଃ ହିର୍‌ଲାରେ ଆଇଁଆ ଜୀବନଦାରୁ
ଇପା ମାୟା ସଂସାରେ
    ମାୟାତେମ୍ ଥିଲେ ତିଞା ନେ ଜୀବନରେ
ହୟ ଜୀବନ ହଲ୍ଲରେ
    ବୁଗିତେମ୍ ବାଜଲତିଆଁ ନେ ଆନୁରେ
ମାଆ ଆବା ମିଶି ହାଗା
    ପେଲା କୁଟମ୍ ସହାଗାରେମ୍ ବେଅନାତିଆଁ
ହାଏ ତାଇଁ ମହାବୁରୁ
    ଆମାଃ ହିର୍‌ଲାରେ ଆଇଁ ଜୀବନଦାରୁ ।

(ଓଡ଼ିଅ)ହେ ଭଗବାନ ତୁମେ କ୍ଷୀର ଭଳି ଉଦୟ ହେଉଛ, ଘିଅ ପରି ଅସ୍ତ ହେଉଛ । ତୁମେ ଦିନରାତି କରୁଛ ଏବଂ ଦିନରାତି ଆମ ମାନଙ୍କୁ ଦୁଃଖ ସୁଖ ଦେଉଛି । ହେ ପ୍ରଭୁ ! ତୁମ ଉପରେ ଆମ ଜୀବନ ନିର୍ଭର କରୁଛି । ବୃଥା ମାୟା ସଂସାରରେ ମୋ ଏ ଜୀବନକୁ ବନ୍ଧନ କରି ରଖିଛ । ବାପା, ମା, ଭାଇ, ଭଉଣୀ, ଜ୍ଞାତି କୁଟୁମ୍ବଙ୍କ ସ୍ନେହ ରଜ୍ଜୁରେ ବନ୍ଧନ କରି ମୋତେ ଏ ସଂସାରରେ ବାନ୍ଧି ରଖିଛ । ତେଣୁ ଜୀବନ ନୌକା ତୁମ ଉପରେ ନିର୍ଭର କରୁଛି ।

# ପ୍ରେମ ସଂଗୀତ

୧- ହିଜା କାନାଲେ କସ୍ ସମ୍ ଏରାଂ ଲେପେ ପରମ୍
ବେଜାଇଁ ଗାଲେ ଠରେ ଗିୟୁ ସରମ
ଆଲେକେ ଆଣଂ ଦାରମ୍ ଆଲେକେ ତେଲା ଦାରମ୍
ତାଲେପେ ହାଏରେ ହବାଅ ଇସୁ ଧରମ୍
ଦାଇଲୋ ମିଶି ଓ ହାତମ୍ କାହେକେ ଆଲେ ହାଡ଼ିତମ୍
କାଲେ ହିଜା କାନାଗା ମାଡ଼ି ଉଜୁଜମ୍
ଆଲେକେ ଆତାଂ ଦାରମ୍ ଆଲେକେ ତେଲା ଦାରମ୍
ତାଲେପେ ହାଏରେ ହବାଅ ଇସୁ ଧରମ୍

(ଓଡ଼ିଆ) - ଆସିଛୁ ଆମେ ଅଳପ, ଯାଅ ପଛେ ରଷି
ଲାଜେଇ ଯାଉଛୁ ଆମେ, ନିଅ ଆମକୁ ହୃଦୟେ ପାଛୋଟି
ଭଉଣୀ ଲୋ ! ଅଜାତି ଆସିନୁ ଆମେ ମାଗିବାକୁ କିଛି,
ଧରମ ହେବ ତୁମର, ନିଅ ଆମକୁ ହୃଦୟେ ପାଛୋଟି ।
(ପୁଅ ପିଲାମାନେ ଗୋଟିଏ ଗାଁକୁ ନାଚ କରିବାପାଇଁ ଯାଇଛନ୍ତି । ସେହି ଗାଁର ଝିଅମାନଙ୍କୁ ସେମାନଙ୍କ ସହିତ ନାଚରେ ମିଶିବାକୁ ସ୍ନେହରେ ଆମନ୍ତ୍ରଣ କରୁଛନ୍ତି)

୨- କଳା- ଦୁକୁ ସୁକୁ ଢାଗାର କାତେ
ମିରୁ ଲେକାନ୍ ହିଲି ତାଇଆଁ
ଆମ୍‌ଗେମ୍ ଗଟା କେଦା ସଙ୍ଗତି ହାଏରେ ହାଏ

କୁଳି-  ବାଆ ଲେକାନ୍ ହଲ୍କ ସୁଙ୍ଗୁତି
ଆମ୍ ଗେମ୍ ଗଟା କେଦା ତାଇଆଁ ।
କଳା -ନାଓ୍ୱାଁ ନାଓ୍ୱାଁ ଲେପେଲ୍ କାତେ
ହୟଃ ଲେକାନ୍ ଜୀବନ ହାଏରେ
ଆମ୍ ଗେମ୍ ସଦ୍ କେଦା ହାଏରେ ହାଏ
କୁଳି - ହୟଃ ଲେକାନ୍ ଜୀବନ ହାଏରେ
ଆମ୍ ଗେମ୍ ସଦ୍‌କେଦା ହାଏରେ ହାଏ ।
ଓଡ଼ିଆ -ପୁଅ -ଦୁଃଖ ସୁଖର କଥା କହି
ଶୁଆ ପରି ମୋ ମନକୁ କିଣି ନେଲ
ସାଥିରେ ! ମୋର ଭଙ୍ଗା ହୃଦୟକୁ ଯୋଡ଼ିଦେଲେ ।
ଝିଅ - ଫୁଲ ପରି ପ୍ରସ୍ଫୁଟିତ ଶରୀର ମୋର
ତୁମେ ହିଁ ଏକତ୍ର କରିଦେଲ
ପୁଅ - ପ୍ରଥମ ପ୍ରଥମ ଦେଖାରେ ହାଏରେ
ହୃଦୟଟି ମୋର ପବନ କରି ଟାଣିନେଲ
ଝିଅ - ପବନ ପରି ଜୀବନ ମୋର
ତୁମେ ହିଁ ଟାଣି ନେଲ ।

୩- କଳା + କୁଳି - ହାଟିଆ ଧୂଳା ଇନୁମ୍ ଟେବୁନ୍ ହାରା ଲେନାଗା
କାମି ପାଇଟି ସବେନା ବୁନ୍ ଧାଳି ଜାକା ଗା
କଳା -ଅପେଦକ ଅମ୍ ପେଆଗା ଡୁଗୁମୁଗୁ
ଡୁଗୁ ମୁଗୁ ସଆଁରି ଟେଟାନ୍‌ତେ
କୁଳି - ଆପେଦକ ବର୍ ପେଆଗା
ହାତୀ ଟେଟାନ୍ ସାଦମ୍ ଚେତାନ୍‌ତେ
କଳା- ଆପେ ଦଃ ଗା ଲଙ୍ଗୁଡ଼ି ବୁଡ଼ି ସାକିଂ ମାଆତାକ
କୁଳି - ଆପେଦଃ ଗା ଲକଲନ୍ଦାଂ ବକମ୍ କଲାତାକ ।
ଓଡ଼ିଆ -ପୁଅ + ଝିଅ = ଦାଣ୍ଡ ଧୂଳିରେ ଖେଳି ଖେଳି ଆମେ ବଢ଼ିଥିଲୁ ।
କାମ ଦାମ ସବୁ ଜାଣିଗଲୁ ।
ପୁଅ - ତୁମକୁ ବାହାଦେବେ ସବାରି ଉପରେ ।

ଝିଅ - ତୁମେ ବାହା ହୋଇ ଆସିବ ହାତୀ ଉପରେ , ଘୋଡ଼ା ଉପରେ

ପୁଅ - ତୁମେମାନେ ଝିଅର ଆଈ ଓ ବୁଢ଼ୀମା ହୋଇଥିବ

ଝିଅ - ତୁମେ ସବୁ କୋଇଲି ବର ଓ ବରଯାତ୍ରୀ ସାଜିଥିବ ।

୪- କଳା - ଆଲେ ହାତୁ କଦମ୍ ବାଆରେ
ଆମା ଲୁତୁମ୍ ଅଲାକାନ୍

କୁଳି - ଆଲେ ହାତୁ ମଲ୍ଲୀ ବାଆରେ
ଅମା ରୂପ ଅଲାକାନା

କଳା- ଅପେ ହାତୁ ଝାରନାରେ
ଆମା ଦୁରାଂ ସେତମ୍ ତାନା

କୁଳି - ଆପେ ହାତୁ ପୋଖରୀରେ
ଆମା ଖେରାଂ ସାରାକାନା,
ଆମ ଲଃ ଜାଗାର୍‌ଗେ ସାନାଇଁ ।
ଆପେ ହାତୁ ପୋଖରୀରେ ...

କଳା - ଆପେ ହାତୁ ବାଆ ବାଗାନ୍‌ରେ,
ଆମାଃ ରୂପେଃ ଇନୁମ୍‌ତାନା
ଆପେ ହାତୁ ଦଲାନାରେ
ଆମାଃ ଚେହେରା ସୁସୁନ୍‌ତାନା,
ହିଆତିଂ ତେ ମନେଃ ତାନା,
ଚାକା ତାଗେ ସାନାତାନା
ଆଲେ ହାତୁ କଦମ୍ ବାଆରେ ।

ଓଡ଼ିଆ -

ପୁଅ - ଆମ ଗାଁ କଦମ୍ବ ଫୁଲରେ
ତୁମ ନାମ ଲେଖାଯାଇଛି ।

ଝିଅ - ଆମ ଗାଁ ମଲ୍ଲୀ ଫୁଲରେ
ତୁମ ରୂପ ଅଙ୍କା ଯାଇଛି ।

ପୁଅ - ଆମ ଗାଁ ଝରଣାରେ
ତୁମ ଗୀତ ଝରି ଯାଉଛି ।

ଝିଅ - ତୁମ ଗାଁ ପୋଖରୀରେ
ତୁମ ସୌନ୍ଦର୍ଯ୍ୟ ଶୋଭା ପାଉଛି
ତୁମ ସଙ୍ଗେ କଥା କହିବାକୁ ଇଚ୍ଛା ହେଉଛି ।
ତୁମ ଗାଁ ପୋଖରୀରେ .... (ଘୋଷା)

ପୁଅ - ତୁମ ଗାଁ ଫୁଲ ବଗିଚାରେ
ତୁମ ରୂପ ନାଚୁଛି ।
ତୁମ ଗାଁ ଫୁଲ ଝୁଲଣାରେ
ତୁମ ଚେହେରା ଦୋଳି ଖେଳୁଛି ।
ହୃଦୟରେ ମନ ହେଉଛି,
ଚାଖିବାକୁ ଇଚ୍ଛା ହେଉଛି ।
ଆମ ଗାଁ କଦମ୍ବ ଫୁଲରେ .. (ଘୋଷା)

୫- ମାଣି ମାଣି ଆଲମ୍ ସେନେୟା
ହେଲ ହେଲ ଆଲମ୍ ସେନେୟା
ଲିଚୁର ହଲ୍କମ, ଲିଚାଲ ମନେ
ଗୁଣୁ ଝୁଣୁ ପାଞ୍ଜନ୍ ସାଡ଼ିକାତେ
ତୁମର୍ ଆଲମ୍ ସେନେୟା
ବାରିପଦା ରଂତ ଜାତାରା
ସେନଃ ଗାଲଂ ସାଙ୍ଗାତ
ଲିଚୁର ହଲ୍କମ ଲିଚାଲ ମନେ
ଗୁଣୁ ଝୁଣୁ ପାଞ୍ଜ ସାଡ଼ିକାତେ
ଛମର ଆଲମ୍ ସେନେୟା

(୬) ଧିରେ ଧିରେ ତୁ ଚାଲନା
ହଲି ହଲି ତୁ ଚାଲନା
କୋମଳ ଦେହ, ଦୁର୍ବଳ ମନରେ
ପାଦର ପାଉଁଞ୍ଜି ରୁଣୁ ଝୁଣୁ ଶବ୍ଦ କରି,
ଅଙ୍କା ବଙ୍କା ତୁ ଆଉ ଚାଲନା
ବାରିପଦାର ରଥ ଯାତରାକୁ
ଯିବାରେ ସଙ୍ଗାତ
କୋମଳ ଦେହ, ଦୁର୍ବଳ ମନ ନେଇ
ପାଦରେ ପାଉଁଞ୍ଜି ପିନ୍ଧି,
ରୁଣୁ ଝୁଣୁ ଶବ୍ଦ କରି
ଅଙ୍କା ବଙ୍କା ତୁ ଆଉ ଚାଲନା ।

ଶ୍ରୀ ହରିଶ୍ଚନ୍ଦ୍ର ସିଂ (ସୁନ୍ଦରବ)

# ଦିଶୁମ୍ ନାତେନ୍ ଦୁରାଂ

## (ଦେଶାତ୍ମବୋଧକ ଗୀତ)

୧- ନିର୍ମାୟା ଇଂରେଜ ଏସେଲ୍ ସାୟାବ୍

ସିୟୁକଃ ଜଲା ଲେବୁନ୍

ଆବୁକେ ଉରିଃ କେଡ଼ା ଲେକା (ଘୋଷା)

ଆବୁ ରେଙ୍ଗେ ମୁଣ୍ଡାହନ୍

ଆବୁ ନାଚାର ମୁଣ୍ଡା ହନ୍

ବଙ୍ଗା ଲେକାତେ ମେନାଇ ତାବୁନ୍

ବିର୍ଶା ଭଗବାନ୍

ମୁଣ୍ଡା ଆଲମ୍ ରେୟା ଆଲମ୍ ନିରେଆ

ବିର୍ଶା ବଙ୍ଗା ମେନାଇଆ ତାବୁନ୍

ଦୁକୁ ତେଲାୟାଃ

ବିର୍ଶା ଆବୁଆ ବଙ୍ଗା ଚାଲାଅ ତାଦା ଡଙ୍ଗା

ଦୁକୁ ଗାଡ଼ାରେ ପାରମ୍ ନାଗେନ୍

ଆମେୟା ଦେଙ୍ଗା

ଆଏଦଃ ଲାଳାଇ ତେଗେ ଜୁଲତିରେ

ସେଙ୍ଗେଲେ ସୁକୁଲ

ଇକା ଅମାଲେପେ ହାଗାକ

ମେନାଃ ରେଦ୍ ଭୁଲ୍

(ଓ) ନିଷ୍ଠୁର ଇଂରାଜୀ ଗୋରା ସାହେବ ଆମ ମାନଙ୍କୁ ପଣ୍ଡା ଓ ବଳଦ ପରି ହଳରେ ଯୋଡ଼ିଥିଲେ। ଆମେ ତାଙ୍କ ପାଖରେ ଅତି ହୀନ ତଥା ଦୟନୀୟ ଅବସ୍ଥାରେ ଥିଲୁ । ତେଣୁ ହେ ମୁଣ୍ଡା ଭାଇମାନେ ! ଆମ ପାଇଁ ସ୍ୱର୍ଗରେ ବିର୍ସାମୁଣ୍ଡା ଅଛନ୍ତି । ସେ ଆମ ମାନଙ୍କୁ ରକ୍ଷା କରିବେ । ଭୟକର ନାହିଁ । ବିର୍ସା ଭଗବାନ୍ ଆମ ମାନଙ୍କର ରକ୍ଷା କର୍ତ୍ତା, ତ୍ରାଣ କର୍ତ୍ତା । ସେ ଆମ ମାନଙ୍କର ଦୁଃଖ ଦୁର୍ଦ୍ଦଶାରେ ସହାୟ ହୁଅନ୍ତି । ତେଣୁ ତାଙ୍କୁ ଆମେ ପ୍ରାର୍ଥନା କରିବୁ ।

୨- (i) ଓରେତାଞ୍ଜ ମୁଣ୍ଡାରୀ ହାଗା

ଏଲାଚିରେ ବେଗା ବେଗା ।

ଜାତି ତାମଦ ଡମ୍‌ଲଜାନା

ଜାଗାରତାମ୍ ଆତୁତାନା, କାରେମ୍ ଉତୁଃତାନା

ଓ ତାଞ୍ଜ ମୁଣ୍ଡାରୀ

ଦିଶୁମ୍ ମୁସାରେମ୍ ତାୟମ୍ ଗିଡ଼ିଯାନା

(ii) ହାତୁ ମୁଡ଼ିରେ ଇସ୍‌କୁଲ୍ ମେନାଃ

ଯେତାୟ କାବୁନ୍ ସେନଃ ତାନା

ଢ଼ଲ ଦୁମାଂ ମନେ ହଲିଃ ତାନା

ଜୀବ୍ ବିତାର୍ ଉକୁଲ୍ ବୁକୁଲ୍ ତାନା

ନାମାଲ୍ କାମିବୁନ୍ ସେନଃ ଗିଡ଼ିତାନା

ଓ ହଗା ସଂସାର ତାବୁନ୍ ବୁଆଲ ଗିଡ଼ିତାନ୍

(iii) ହାତୀ ଲେକାନ୍ ଜାତି ତାବୁନ୍

ଭାରତ ଲେକାନ୍ ସାମତାମ୍ ଦିଶୁମ୍‌ରେ

ଏଲାଚିରେ ହାଗାମିଶି ଜାତିବୁନ୍ ମୁସାରେୟା

ଓ ତାଞ୍ଜ ମୁଣ୍ଡାରୀ ଦିଶୁମ୍ ମୁଶାରରେମ୍

ତାୟମ ଗିଡ଼ିଯାନା ।

(ଓ) ହେ ମୋର ମୁଣ୍ଡାରୀ ଭାଇ ଆସ ଆସ ସଅଳ ଜାତି ଭାସି ଯାଉଚି, ଭାଷା ସଂସ୍କୃତି ଲୀନ ହେଉଛି । ଦେଶ ପ୍ରେମ ତୋର, କର୍ମ ତୋର ପଛେଏ ଯାଉଛି । ଗାଁ ମୁଣ୍ଡରେ ଚାଟଶାଳୀ, ଯିବାକୁ ଆମର କାହାରି ମନେନାହିଁ । ଢ଼ୋଲ ମାଦଳ ଛନ୍ଦରେ ଆମେ ସଦାସର୍ବଦା ମସଗୁଲ ରହିଅଛୁଁ । ସଂସାର୍ ଆମର । ଭାରତ ଭଳି ସୁନାର ଦେଶରେ ଆସ ସମସ୍ତେ ଭାଇ ଭଉଣୀ ମିଶି ଆମର ଜାତି ଓ ସଂସ୍କୃତିକୁ ଉଦ୍ଧାର କରିବା ।

୪- ବିରିଦ୍ ପେୟା ବିଗିଦ୍ ପେୟା ବୀର ମୁଣ୍ଡାରୀ ଜାତି

ଜନମ୍ ଦିଶୁମ୍ ଇୟାମ୍ ତାନା ବାନାଃ ତାୟା ଗତି ।

ମେନ୍‌ଦା ଗାଡ଼ା ଲିଙ୍ଗି ତାନା ସକ୍‌ଲ ବକଲ୍ ତାୟା,

ଆପେ ଦରେ ଆଉରିପେ ବିରିଦ୍ ଅଟାଂ ତାନା କାୟା ।

ଜନମ୍ ଏଙ୍ଗା ଗେରାଂ ଯାଦା ଚେଣେ ଚୁପୁରୁ ଲେକା

ବିରିଦ୍ କାତେ ଦିଶୁମ୍ ତାପେ ସୁଗାଲ ଗେପେ ରକା

ପତାକାରେଆ ରିମ୍ବିଲରାଂ ତାବୁ ଶାନ୍ତିରେଆ ଚିନା,
ସାରରେଆଃ ଥେରାଂ ରାକାବ୍ ତେଚାନ୍ ତେବୁ ସେନା,
ସମାଜରେଆ ନେଗ୍ପରବ ସାହିତ୍ୟ ସାସାଂକିର୍
ସୁଗାଲ ନାତେନ୍ ଅଟାଂ ଏପେ ପତାକା ଫିର୍ ଫିର୍ ।

(ଓ) ଉଠ ଉଠ ମୁଣ୍ଡାରୀ ଜାତି, ଏଦେଶ ମାତୃକା କାନ୍ଦୁଛି । ତାର ଅନ୍ୟ ଗତି ନାହିଁ । ନଦୀ ଭଳିଆ ତା ଆଖିରୁ ପାଣି ଗଡ଼ି ଚାଲିଛି । ତୁମେ କେହି ସଚେତନ ହେଉନ । ସମସ୍ତେ ଉଠି ଦେଶଟାକୁ ସୁନା ଭଳିଆ ତିଆରି କର । ତାକୁ ପତାକାର ରଂଗ, ଆକାଶର ରଂଗ ସହିତ ସମାନ କରି ରଖ । କାଣ୍ଡ ମାରିଲେ ଯେମିତି ଉପରକୁ ଉଠେ ଆମେ ମଧ୍ୟ ସେମିତି ଉପରକୁ ଉଠିବା । ସମାଜର ଯେତେ ପର୍ବ ପର୍ବାଣି ଅର୍ଥାତ୍ ଆମ ସଂସ୍କୃତିକୁ ସାହିତ୍ୟରେ ଲିପିବଦ୍ଧ କରି ରଖିବା । ଦେଶର ମଙ୍ଗଳ ପାଇଁ ଜାତୀୟ ପତାକାକୁ ଫର ଫର ଉଡାଇବା ।

୫- ମାରାଂ ବୁରୁ ଦଲାନ୍‌ରେ ନାନା ବରନ୍ ବାନାଦାଇ ବାଲେନା
ବାଆନା ଦାଇ ବା ଗୁତୁଇ ମେ
ବାକଲେକା ଜାତି ତାଲାଂ ସଭା ଏମେ
ଦାନା ଦାଇ ବା ଗୁତୁଇ ମେ
କଲି - ମାନ୍ନୀ ସମାଜ ତାଲାରେ ନାନା ବରନ୍
ଜଅନା ଦାଇ ଦାଇ ଜଲେନା
ଜନା ଦାଇ ଜ ହାଲଏମ୍
ଜକ ଲେକା ଜାତି ଧରମ୍ ଆଲାଏମ୍
ଜନା ଦାଇ ଜ ହାଲାଂଏମ୍ ।

(ଓ) ବଡ଼ ପର୍ବତ ଶିଖରରେ ବିଭିନ୍ନ ପ୍ରକାର ଫୁଲ ଫୁଟି ଅଛି ଲୋ ନାନୀ
ନାନୀ ଲୋ ନାନୀ ! ତୁ ଫୁଲ ଗୁନ୍ଥି ପକା
ଫୁଲ ପରି ଆମ ଜାତି ସଂସ୍କୃତିକୁ ଆଲୋକିତ କରି ଦେ ନାନୀ
ନାନୀ ଲୋ ନାନୀ ଫୁଲ ଗୁନ୍ଥି ପକା
ମାନବ ସମାଜ ଭିତରେ ବିଭିନ୍ନ ପ୍ରକାର
ଫଳ ନାନୀ ଫଳି ଅଛି
ନାନୀ ଲୋ ନାନୀ ଫଳ ତୋଳି ଆଣ
ଫଳ ପରି ଆମ ଜାତି ଓ ଧର୍ମକୁ ତୋଳି ଆଣ
ନାନୀ ଲୋ ନାନୀ ସଂସ୍କୃତିର ଫଳକୁ ତୋଳିଆଣ ।

# ସହରାଇ ଦୁରାଂ (ବନ୍ଦାଣ ଗୀତ)

୧- (କୁ) ଏୟପାରି ଗଙ୍ଗା, ସେୟ ପାରି ଯମୁନା
ତୁଇଁୟ ମୁଇଁୟ କୈଶନ ବିଚାରରେ
ହାରିଓରେ, ତୁଇଁୟ ମୁଇଁୟ କୈଶନ ବିଚାର
ଭୂଦ ଆଶିନ ଯାଇତେ କାରତିକ ମାସ
କର ବଂତ ଲୁଛୁମିକା ସେବାରେ

(ଭୂ) ନିୟା ପାରମ୍ ଗଙ୍ଗା, ହାନା ପାରମ୍ ଯମୁନା
ଆଲାଂବାର ହକ କାନାଃ ଲାଂ ବିଚାରେଆ
ହାରିଓରେ ଆଲାଂବର ହଲ କାନାଃ ଲାଂ ବିଚାରେ
ଭାଦର୍ ଆଶିନ୍ ସେନ୍‌କାତେ କାର୍‌ତିକ ସେଟେର୍‌ଯାନା
ଚିମ୍ ତୁଂ ଦ ଭରି କଲାଂ ସେବାକଆ ।

(ଓ) ଏପାରିରେ ଗଙ୍ଗା, ସେ ପାରିରେ ଯମୁନା
ଆମେ ଦୁହେଁ କେବେ ପୂଜା ପାଇଁ ଦିନ ଧରିବା
ହରିରେ, ଆମେ ଦୁହେଁ କେବେ ପୂଜା ପାଇଁ ଦିନ ଧରିବା
ଭାଦ୍ରବ ଆଶ୍ୱିନ ଯାଇ କାର୍ତ୍ତିକ ପହଞ୍ଚିଲାଣି
କେବେ ଆଉ ଆମେ ଗୋବର୍ଦ୍ଧନ ପୂଜା କରିବା ।

୨- (କୁ) ପେମ୍ପୟାରେ ପେମ୍ପୟା
ଓହି ପେମ୍ପ କୈଶେରେ ସହାୟ
ଯାର ଘରେ ରହିବେରେ ରସିକ୍
ଯାନ୍‌ବେ ପେମ୍ପୟାରେ ସହାୟ

(ଭୂ) ପୟା ଆମାଶାଦରେ ପୟା ଆମାଶା
ଅକୟ ନିୟା ଆମାଶା ମାନାଟିଂଞ୍ଜ
ଅକାୟାଃ ଅଲାଃରେ ତାଇନାଃ ରାସିକା
ଠର ଏୟାବୁନ୍ ଆଏ ନେ ପୟା ଆମାଶା ମାନାଟିଂଞ୍ଜାଃ

(ଓ) ପୟା ଅବାବାସ୍ୟାରେ ପୟା ଅମାବାସ୍ୟା
କିଏ ଏ ଅମାବାସ୍ୟା ପାଳନ କରିବ

ଯାହାର ଏହି ପୂର୍ଜା ପ୍ରତି ମମତା ଥିବ,
ତେବେ ଜାଣିବ, ପୟା ଅମାବାସ୍ୟା ସେ ପାଳନ କରୁଛି ।

୩- (କ) ଖୋଜା ଖୋଜାଇତେ ଆଲି
ପହଞ୍ଚା ପହଞ୍ଚାଇତେ ଆଲି
ଗାଇଏକା ଘର୍ କତି ଦୂରରେ
ହାରିଓରେ ଗାଇଏକା ଘର୍‌କତି ଦୂରରେ
ଆଙ୍ଗାନାଇ ଆଲେ ଔରା
ତୁଲସିକା ବିରାହ
ଉପରେତ ଘୁରେ ରାଜାର୍ ହାସରେ
ହାରିଓରେ ଉପରେତ ଘୁରେ ରାଜାର୍ ହାସରେ

(ଖ) ଦାଣା ଦାଣାତେଲେ ହିଃଯାନା
ସେଟେର୍ ସେଟେର୍ ତେଲେ ହିଃଯାନା
ଗାଇ କଆଃ ଅଲାଃ ଚିମିନ୍ ଦୂର
ହାରିଓରେ ଗାଇକଆଃ ଅଲାଃ ଚିମିନ୍ ଦୂର
ରାତାରେଲେ ତିୟୁଃ କେଦା
ଲେଲକେଦାଲେ ଲୁଣ୍ଡା ଗୁରିଃଗାକାନା
ଚେତାନ୍‌ରେଦ୍ ରାଜାଃ ହାଁସଏ ବିୟୁରେନ୍‌ତାଦନ
ହାରଓରେ ଚେତାନ୍‌ରେଦ ରାଜାଃ ହାଁସଏ ବିୟୁରେନତାନ୍

(ଓ) ଖୋଜି ଖୋଜି ଆସିଲେ
ପହଞ୍ଚି ପହଞ୍ଚି ଆସିଲେ
ଗାଇମାନଙ୍କର ଘର କେତେ ଦୂରରେ
ହରିହେ ଗାଇମାନଙ୍କର ଘର କେତେ ଦୂରରେ
ଦାଣ୍ଡ ପିଣ୍ଡାରେ ଦେଖିଲେ ଗୋବରରେ ପ୍ରତିଷ୍ଠା (ପଦିଷ୍ଠା) ହୋଇଛି ।
ଉପରେ ରାଜାଙ୍କର ହଂସ ଉଡୁଅଛି ।
ହରିହେ ଉପରେ ରାଜାଙ୍କର ହଂସ ଉଡୁଅଛି ।

୪- (କ)

(କୁ) ରେଇ, ରେରେ, ରେଇ, ରେରେ
ରେଇ ରେରେ ରେଇରେ ହୋ
ତ୍ରାଇରେନା, ନାନା ତ୍ରାନା ନାନାଯେ
କାଙ୍କର ନାମ ଗଙ୍ଗା ଯମୁନା
କାଙ୍କର ନାମ ବାଣ୍ଡା ଫୁଲ
ହାରିଓରେ, କାଙ୍କର ନାମ ସିତଲ୍‌ସିଂରେ
ଉଂବାବୁ ଜାଙ୍କଲ୍ ତାମାକୁରେ ।

(ଭୁ) ଅକୟାଃ ଲୁତୁମ୍ ଗଙ୍ଗା ଯମୁନା
ଅକୟାଲୁତୁମ୍ ହାଟିଂ ବାଆ
ଅକାୟାଲୁତୁମ୍ ସିତଲ୍ ସିଂ
ବିରିଦ୍ ପେ ବାବୁ ଡିରମିଜ୍ ତାମକୁରେ ।

(ଓ) କାହାର ନାମ ଗଙ୍ଗା ଯମୁନା
କାହାର ନାମ ବଣ୍ଡା ଫୁଲ
କାହାର ନାମ ସିତଲ ସିଂ
ଉଠବାବୁ ଏଯେ ଦଲା ଦୁକ୍ତା ଚୂନ ।

(ଖ)

(କୁ) ଆରେ ହୁକ୍‌କାର ନାମ ଗଙ୍ଗା ଯମୁନା
ଚିଲିମକା ନାମ୍ ବାଣ୍ଡା ଫୁଲ
କିଶାନି ନାମ ସିତଲ୍ ସିଂ
ଉଠବାବୁ ଛାଙ୍କଲ ତାମାକୁର

(ଭୁ) ହୁକ୍‌କାରେୟାଃ ଲୁତୁମ୍ ଗଙ୍ଗା ଯମୁନା
ଚିଲ୍ମରେୟା ଲୁତୁମ୍ ହାଟିଂବାଆ
କିଶାନାଃ ଲୁତୁମ୍ ସିତଲ ସିଂ
ବିରିଦ୍ ପେ ବାବୁ ଏକ ତାମ୍‌କୁ ଚୂନ

(ଓ) ହୁକ୍‌କାର ନାମ ଗଙ୍ଗା ଯମୁନା
ଚିଲମର ନାମ ବଣ୍ଡାଫୁଲ
ମାଲିକଙ୍କ ନାମ ସିତଲ ସିଂ
ଉଠରେ ବାବୁ ଏ ଯେ, ଦଲା ଦୁକ୍ତା ଚୂନ ।

# କାଜିରା ଜୁକୁଟୁ (ପ୍ରବଚନ)

(ପ୍ରବଚନ ବା କାଜିରା ଜୁକୁଟୁରେ ଭୂମିଜ ମାନଙ୍କର ଜ୍ଞାନ ଏବଂ ଜୀବନ ସମ୍ବନ୍ଧୀୟ ଅଭିଜ୍ଞତା ପରିଲକ୍ଷିତ ହୋଇଥାଏ)

୧- (ଭୂ) ଅକୟେକ ଚାଉଲି କାମ୍ ଅମାଇୟ
ଇନିଃ ତା ଦେଙ୍ଗା ଆଲମ୍ ଆସେୟାଃ ।

(ଓ) ତୁମେ ଯାହାକୁ ସାହାଯ୍ୟ କରନାହିଁ ତାହା ପାଖରୁ
କୌଣସି ସାହାଯ୍ୟ ଆଶା କରନାହିଁ ।

୨- (ଭୂ) ଲୁପୁଃ ମେନାଃରେଦ୍ ଇସୁ ସୁକୁରିକୋ ନାମଅ ।

(ଓ) ବାଡ଼ିରେ ତରଭୁଜ ହେବାବେଳେ ବହୁତ ଘୁଷୁରୀ ଆସନ୍ତି । ଅର୍ଥାତ୍ ଧନ ଥିଲାବେଳେ ବହୁତ ଲୋକ ଆସନ୍ତି ଏବଂ ବଂଧୁତ୍ୱ ସ୍ଥାପନ କରନ୍ତି କିନ୍ତୁ ଧନ ଚାଲିଗଲେ ସମସ୍ତେ ଛାଡ଼ି ଚାଲି ଯାଆନ୍ତି ।

୩- (ଭୂ) ମାରାଏନ୍ ନାତେନ୍ ଚାଣ୍ଡାଂଏ ମାତାଂତେ ଜନମ୍
ଜାଗାର୍ ମାଣାଂ ଜତନେମ୍ ।

(ଓ) ଉଚ୍ଚ ହେବାକୁ ଯେବେ କର ଆଶା, ଉଚ୍ଚକର ତେବେ ନିଜ ମାତୃଭାଷା ।

# ଲୁତୁମ୍ କାହାନୀ (ଢ଼ଗ ବା ପହେଲି)

ଲୁତୁମ୍ କାହାନୀ ବା ଢ଼ଗ ଗୁଡ଼ିକ ଭୂମିଜ ସଂପ୍ରଦାୟର ଯୁବକ ଯୁବତୀମାନଙ୍କର ମାନସିକ ଦକ୍ଷତାକୁ ପରୀକ୍ଷା କରିବାପାଇଁ ପଚରା ଯାଇଥାଏ । ଏ ଗୁଡ଼ିକ ମୁଣ୍ଡା / ଭୂମିଜ ଯୁବକ ଯୁବତୀମାନଙ୍କର ବୁଦ୍ଧି ସଂପାଦିତ ଅଭ୍ୟାସର ପରିଚୟ ।

୧- ମୟଦ୍ ମାନଚିରେ ମଦ୍‌ରେ ହାଗାକ ଦୁବାକାନାକ ଯୁପୁଟିଦ୍ କାକ ଯୁପୁଟିଦ୍ ତାନା

(ଓ) ଗୋଟିଏ ଚେଆର ଉପରେ ଭାଇମାନେ ସମସ୍ତେ ବସନ୍ତି । କିନ୍ତୁ କେହି କାହାକୁ ଛୁଇଁ ପାରନ୍ତି ନାହିଁ ।

ଉତ୍ତର ଲୁତର୍, ମେଦ୍ ମୁଁ, (ଓ) ଆଖି, କାନ, ନାକ

୨- ମୟଦ୍ ହଳଦ୍ ସେନଃ ତାନ୍‌ରେ ହାପେ ହାପେତେଃ ସେନଗାଃ ବିର୍‌ତେ ତେବାକିଃରେ କାକାଲାୟା

(ଓ) ଜଣେ ଲୋକ ଯାଉଥିବା ବେଳେ ଚୁପ୍ ରହେ କିନ୍ତୁ ଜଙ୍ଗଲରେ ପହଞ୍ଚିଲେ ଶବ୍ଦ କରେ ।

ଉତ୍ତର -ହାକେ, (ଓ) କୁରାଢ଼ୀ

୩- ଫୁଣ୍ଡି ଲାୟାଙ୍ଗ୍‌ରେ କାରାନି ବାବାକୋ ହେରେଜେଦା

(ଓ) ଧଳା ପଡ଼ିଆରେ କଳା ଶସ୍ୟ

ଉତ୍ତର-ଫୁଣ୍ଡି କାଗଜ୍‌ରେ ଅଲ, (ଓ) ଧଳା କାଗଜରେ ଲେଖା ।

୪- ଦୁବମେ ସାଙ୍କି ଦାରୁଇଁ ଦେଖା

(ଓ) ବସ ମିତ ମୁଁ ଗଛ ଉଠିବ

ଉତ୍ତର- ଆ ଆଃ ଆର ଠଟେ, (ଓ) ଧନୁ ଓ ଶର

୫- (ଭୂ) ନେଃଟା ନେରେ ହାନେଃ ହାଣ୍ଡେ

(ଓ) ଏଇଟା ଏଠି ସେଇଟା ସେଠି

ଉତ୍ତର (ଭୂ) ମେଃଦ୍, (ଓ) ଆଖି

୬- (ଭୂ) ଅଲାଃଦ୍ ସେନଃ ଯାନାଃ ଦୁଆର ମୁଲିଃଦ୍‌ଦେ
ଆଞ୍ଚ ଦଞ୍ଚ ସେନଃ ଗାଃ, ଅ କାତେ

(ଓ) ଘରଟା ଚାଲିଗଲା ଦୁଆର ଆଡ଼େ
ମୁଁ ଯିବି କେଉଁଆଡ଼େ

ଉତ୍ତର (ଭୂ) ଜାଲମ୍ ବିତାରରେ ହାଭ, (ଓ) ଜାଲ୍‌ରେ ପଡ଼ିଥିବା ମାଛ

୭- (ଭୂ) ମୟଦ୍ ହନ୍ ସେତାଃରେ ଉନୁମା ତିକିନ ଯାଏ ଉତୁଂଅଆ ।

(ଓ) ଗୋଟେ ଛୁଆ ସକାଳୁ ବଢ଼ିବ, ମଧ୍ୟାହ୍ନରେ ଉଠିବ ।

ଉତ୍ତର (ଭୂ) ନାଇଲି ଫାଲ, (ଓ) ଲଙ୍ଗଳ ଫାଳ

୮- (ଭୂ) ବାରିଆ ହାନ୍ ମୟଦ୍ କାରକାଦ୍ ତେକିନ୍ କାରକାଦ୍‌ନା

(ଓ) ଦୁଇଟି ଛୁଆ ଗୋଟେ ଦାନ୍ତ କାଠିରେ ଘଷନ୍ତି ।

ଉତ୍ତର (ଭୂ) ଗାଡ଼ି ନିଘା, (ଓ) ବଳଦ ଗାଡ଼ି ଓ ନିଘା

୯- (ଭୂ) ମୟଦ୍ ହନ ଜାଃ ନ କିଃ ରେଗେ ଇଆ ମେୟା
(ଓ) ଗୋଟେ ଛୁଆକୁ ଛୁଇଁଲା ମାତ୍ରେ କାନ୍ଦିବ
ଉତ୍ତର (ଭୂ) ଧୁମ୍ମାଂ, (ଓ) ମାଦଳ

୧୦- (ଭୂ) ଗିଟି ପିଟି ସାକାମ୍ ମାଆ, କାଟି କାଦ୍ ଲେକା ଜଅଃଆ ।
(ଓ) ଛୋଟ ଛୋଟ ପତ୍ର, ଛୋଟ ବାଡ଼ି ପରି ଫଳେ
ଉତ୍ତର (ଭୂ) ମୁନଙ୍ଗା ନାଡ଼ା, (ଓ) ସୁଜୁନା ପତ୍ର ଓ ସୁଜୁନା ନାଡ଼ି

୧୧- (ଭୂ) ଗାଡ଼ା ଆତମ ଆତମତେ ରାଙ୍ଗା ଚାଟୁ ହାକାଃକାନା
(ଓ) ନଦୀ ଧାରେ ଧାରେ ନାଲି ରଙ୍ଗର ନୂଆ ହାଣ୍ଡି ଟଙ୍ଗା ହୋଇଛି ।
ଉତ୍ତର (ଭୂ) ଲଆ, (ଓ) ଡିମିର ଫଳ (ପାଚିଲା)

୧୨- (ଭୂ) ମୟଦ୍ ହନ୍ ନାୟା କଚା ହାନା କଚା ଧାଉଲ୍ଲୁ ବିୟୁର ରେୟା
(ଓ) ଗୋଟେ ଛୁଆ ଏ କୋଣ ସେ କୋଣ ଦୌଡ଼ିବୁଲେ ।
ଉତ୍ତର (ଭୂ) ଲୁଣ୍ଡା, (ଓ) ଛୁଁଚକନା

୧୩- (ଭୂ) ଗାଡ଼ା ଗାଡ଼ାତେ ଫାଲ ତପା ତାଦା ।
(ଓ) ନଦୀରେ ଫାଳ ପୋତା ହୋଇଛି
ଉତ୍ତର (ଭୂ) ମାଦ୍ ସକାମ୍ ହାଇ, (ଓ) ଚୂଡ଼ି

୧୪- (ଭୂ) ଆଟା ମାଟା ବିର୍କ ତାଲାରେ ବଙ୍ଗା ହନ୍କ ଡୁବାକ ଦାରୁବ୍ତାଦା
(ଓ) ଅଗନା ଅଗନି ବନସ୍ତ ମଧରେ ଦେବପୁତ୍ରମାନେ ବେଲା ଉଗାଡ଼ି ରଖିଛନ୍ତି ।
ଉତ୍ତର (ଭୂ) ତରମାଣ୍ ଉଦ୍, (ଓ) ବିହିଡିଣୀ ଛତୁ

୧୫- (ଭୂ) ଆଟା ମାଟା ବିର୍କ ତାଲାରେ ବଙ୍ଗାହନ୍କ ଦୁମାଂକୋ ସିଦୁବ୍ତାଦା
(ଓ) ଅଗନା ଅଗନି ବନସ୍ତ ମଧରେ ଦେବପୁତ୍ରମାନେ ମାଦଳ ଓଲଟାଇ ରଖିଛନ୍ତି ।
ଉତ୍ତର (ଭୂ) କୁଲାବଅ, (ଓ) ବାଘମୁଣ୍ଡ

୧୬- (ଭୂ) ଗାଡ଼ା ଗାଡ଼ାତେ ରଙ୍ଗା ଚାଟୁ ଆତୁତାନା
(ଓ) ନଦୀରେ ଧିରେ ଧିରେ ନାଲି ହାଣ୍ଡି ଭାସୁଛି
ଉତ୍ତର (ଭୂ) ଲୋଆ, (ଓ) ଡିମ୍ବିରି ଫଳ

୧୭- (ଭୂ) ହେଜେ ହେଜେ ବୁରୁ ତେ ଦୁମାଂ ଗୁଲି ହାଲା ଗୁତାନା
(ଓ) ତିକ୍ଷଣ ପାହାଡ଼ରୁ ମାଦଳ ଗଡ଼ି ଗଡ଼ି ଆସୁଛି ।
(ଭୂ) ଲୁଂଗାମ୍, (ଓ) ଟସର

୧୮- (ଭୂ) ଆମାଃ ଲାଇରେ ସେଙ୍ଗେଲ୍ କୋ ତିଙ୍ଗିତାଦା
(ଓ) ତୋ ପେଟରେ ନିଆଁ ଜଳୁଛି ।
ଉତ୍ତର (ଭୂ) ରେଙ୍ଗେ, (ଓ) ଭୋକ

୧୯- (ଭୂ) ଆଟା ମାଟା ବିର୍‌କ ତାଲାତେୟାଦ୍ ସେନ୍ଦେରା
ଉତୁଂକାତେ ଫୁଣ୍ଡିଦିରିରେକ ଗେଦ୍ କଆ ।
(ଓ) ଅଗନା ଅଗନି ବନସ୍ତ ଭିତରୁ ଶିକାର କରି ଧଳା ପଥର ଦ୍ୱାରା କାଟୁଛନ୍ତି ।
ଉତ୍ତର (ଭୂ) ସି, (ଓ) ଉକୁଣି

୨୦- (ଭୂ) ଆଟା ମାଟା ବିର୍‌କ ତାଲାରେ ବଙ୍ଗା ହନକ୍ ଉବ୍‌କୋ ରାଲାଃ ତାଦା ।
(ଓ) ଅଗନା ଅଗନି ବନସ୍ତ ଭିତରେ ଦେବପୁତ୍ର ମାନେ ନିଜର ନିଜର ଚୂଳସବୁ ଖୋଲି ଦେଇଛନ୍ତି ।
ଉତ୍ତର (ଭୂ) ବାଃ ତମ୍, (ଓ) ବୋବେଇ

୨୧- (ଭୂ) ଆଟା ମାଟା ବିର୍‌କ ତାଲାରେ ବଙ୍ଗା ହନ୍‌କ ଡା.ଡ଼ି. କୋ ଖେଲେଃ ତାଦା ।
(ଓ) ଅଗନା ଅଗନି ବନସ୍ତ ମଧ୍ୟରେ ଦେବପୁତ୍ର ମାନେ କୂଅ ତାଡ଼ିଛନ୍ତି ।
ଉତ୍ତର (ଭୂ) ମୁଇଁ ହେ ଅଲ୍, (ଓ) ପିମ୍ପୁଡ଼ି ଗାତ

୨୨- (ଭୂ) ଆତମ୍ ଆତମ୍ ତେଦାଏ କାଂଗେୟା ତାଲାରେ ଦଏ ଜିଲୁଗେୟା ।
(ଓ) ଚାରିକଡ଼ ହାଡ ମଝିରେ ଖାଲି ମାଂସ
ଉତ୍ତର (ଭୂ) ପାର୍‌କମ୍, (ଓ) ଖଟ

୨୩- (ଭୂ) ଆଟା ମାଟା ବର୍‌କ ତାଲାରେ ରାନୀ ହନ୍‌କ ତାଡ଼ିକ ଗେଲେ ତାନା
(ଓ) ଅଗନା ଅଗନି ବନସ୍ତ ମଧ୍ୟରେ ରାଣୀଙ୍କ ଛୁଅମାନେ କୂଅ ତାଡୁଛନ୍ତି ।
ଉତ୍ତର (ଭୂ) ମୁଇଁକ, (ଓ) ପିମ୍ପୁଡ଼ି

୨୪- (ଭୂ) ଜାରଗି ଜାପୁଦ୍ ହେଟେ ଟେଅଦ୍ ମୟଦ୍ ଗେ କାଟାକାନାଃ
(ଓ) ବର୍ଷା ଦିନିଆ ବାଜପକ୍ଷୀର ଗୋଟେ ଗୋଡ଼
ଉତ୍ତର (ଭୂ) ଚାତମ୍, (ଓ) ଛତା

୨୫- (ଭୂ) ଫୁଣ୍ଡି କଲମ୍‌ରେ ହେନ୍ଦେ ବାବକ ହେର୍‌ଜାଦା
(ଓ) ଧଳା ଖଳାରେ କଳାଧାନ ବୁଣୁଛନ୍ତି
ଉତ୍ତର (ଭୂ) ଅଲ୍, (ଓ) ଲେଖା

୨୬- (ଭୂ) ଗଲେ ଲେରେ ବାଣାସି ଡାଂ ଏକେଲା ଅଆ
(ଓ) ଶିଶିକାରୀ ମାରିଲେ ବଣସି ଡାଙ୍ଗି ହଲିବ
ଉତ୍ତର (ଭୂ) ସେତା ଚାଲ୍‌ଲମ୍, (ଓ) କୁକୁର ଲାଞ୍ଜ

୨୭- (ଭୂ) ସୁବା ସାଇତେୟା ଦେଖାଏ ଚୁଟି ସାଇତେ ହାଲାଗୁନା ।
(ଓ) ମୂଳ ଆଡୁ ଚଢ଼ିବ ଚୂଳ ଆଡୁ ଓହ୍ଲାଇ ଆସିବ
ଉତ୍ତର (ଭୂ) ନାକିଃ, (ଓ) ପାନିଆ

୨୮- (ଭୂ) ମୟଦ୍ ହନ୍ ଲାଇରେ ଡାଟାକାନା
(ଓ) ଗୋଟେ ଛୁଆର ପେଟରେ ଦାନ୍ତ
ଉତ୍ତର (ଭୂ) ଦାତରମ୍, (ଓ) ଦାଆ

୨୯- (ଭୂ) ବାଲେଃ ରେଦ୍ କିଚିରିନା ମାରାଂ ଜାନ୍‌ରେଦ୍ କ'ଗେ ।
(ଓ) ଛୋଟ ବେଳେ ଲୁଗା ପିନ୍ଧେ, ବଡ଼ ହେଲେ ପିନ୍ଧେନାହିଁ
ଉତ୍ତର (ଭୂ) ହେଲ୍‌ତା, (ଓ) ବାଉଁଶ କରଳୀ

୩୦- (ଭୂ) ମୟଦ୍ ବୁଡୁର ସୁଣୁଇ ହାଇ ବାନ୍ଦା ଅଲେୟା
(ଓ) ଗୋଟିଏ ଛୋଟ ମାଛ ବନ୍ଧ ବାନ୍ଧେ
ଉତ୍ତର (ଭୂ) ଜାଟି ସୁଇ, (ଓ) ପଟିଆ ଗୁନ୍ଥା ଡାମଣ

୩୧- (ଭୂ) ସେନଃ ଦଏ ଧାଲ୍ଲି ହିଜୁଃ ଦ କାଏ ଧାଲିୟା
(ଓ) ଯାଇ ପାରିବ କିନ୍ତୁ ଆସି ପାରିବ ନାହିଁ
ଉତ୍ତର (ଭୂ) ଶାର୍, (ଓ) ଶର

୩୨- (ଭୂ) ହାତାଦ ଫାରଂଜାନା ଚାଲଲମଦ୍ ରିଚିଦ୍ ଟେକାଅ ଜାନା
(ଓ) ହାତୀ ପାରେଇ ଗଲା, ଲାଞ୍ଜ ଅଟକି ଗଲା
ଉତ୍ତର (ଭୂ) ସୁଇ, ସୁତାମ୍, (ଓ) ଛୁଞ୍ଚି, ସୂତା

୩୩- (ଭୂ) ମୟଦ୍ ହଳଆ ବଅଃ ବାନଃ
(ଓ) ଗୋଟେ ଲୋକର ମୁଣ୍ଡ ନାହିଁ ।
ଉତ୍ତର (ଭୂ) କାଲାକମ୍,(ଓ) କଙ୍କଡ଼ା

୩୪- (ଭୂ) ହୁଡିଂ ରେଦ କାଏ ହେବେନା ହାଲାମ୍ ଜାନ୍‌ରେଦ୍ ହେବେନା
(ଓ) ଛୋଟ ବେଳେ କାଖେଇ ହୁଏ ନାହିଁ ବଡ଼ ହେଲେ କାଖେଇ ହୁଏ ।
ଉତ୍ତର (ଭୂ) ସାଗାଃଦ୍ , (ଓ)ଘୁଙ୍ଗୁରଚିଆ

୩୫- (ଭୂ) ହାଟାଃ ଲେକାଃ ସାକମଆଃ କାଠାଇ ଲେକା ଜଅା
(ଓ) କୁଲା ପରି ପତର, କଠା ପରି ଫଳ
ଉତ୍ତର (ଭୂ) ତାଲ୍, (ଓ) ତାଳ

୩୬- (ଭୂ) ହାଟାଃ ଲେକାଃ ସାକାମ୍ ଆଃ ଘୁଂଙ୍ଗୁରା ଲେକ ଜଅା
(ଓ) କୁଲାପରି ପତର, ଘୁଙ୍ଗୁର ଭଳି ଫଳ ।
ଉତ୍ତର (ଭୂ) ରାଇ, (ଓ) ରାଇ

୩୭- (ଭୂ) ଗାଡ଼ା ଆତମ୍ ଆତମ୍‌ତେ ହେନ୍ଦେ ଚାଟୁକ ହାକାତାଦା
(ଓ) ନଈକୂଳ ଗଛ ଗୁଡ଼ିକରେ କଳାହାଣ୍ଡି ଟଙ୍ଗା ହୋଇଛି ।
ଉତ୍ତର (ଭୂ) କୁଦା, (ଓ) ଜାମୁଫଳ

୩୮- (ଭୂ) ଡୁମ୍ ଡୁଳିଆଦ୍‌ତେ ଚାରା ମେଆ, ବାନା ବା କୁତେ ବାକୁମେୟା
(ଓ) ଗୁଲୁ ଗୁଲାରେ ଭୁଲାଇବ, ବାଘନଖରେ ରାମ୍ପୁଡ଼ିବ ।
ଉତ୍ତର (ଭୂ) ବାକାର୍, (ଓ) କୋଳି

୩୯- (ଭୂ) ଜାର୍ ଗିଦିନ୍ ଡେବାଃ ଜାନ୍ ରେଗେ ପେରେଣେଦ୍ କ ବାଇୟା
(ଓ) ବର୍ଷାଦିନ ଆସିଲେ ମହୁରୀ ତିଆରୀ ହୁଏ
ଉତ୍ତର (ଭୂ) ଟଣ୍ଡରା, (ଓ) ମାଛଧରା ଖଇଁଚି

୪୦- (ଭୂ) ଢ଼ିଲ୍ ଢ଼ିଲ୍ ବାମଣେ ତାଲା ଲାଇରେ ପଏତାକାନା
(ଓ) ପେଟୁଆ ବ୍ରାହ୍ମଣର ପେଟରେ ପଇତା ପିନ୍ଧିଛି ।
ଉତ୍ତର (ଭୂ) ବାନ୍ଧି, (ଓ) ଧାନ ପୁଟୁଳି

୪୧- (ଭୂ) ଉପୁନିଆକାଟା କାନିଃ ନିରତାନା, କାଟାବାନଃ ନିଃ ଖୁଦ । ଅତାନା, ବଃ ଅଃ ବା ନଃ ନି ଲେଲତାନା ।
(ଓ) ଚାରିଗୋଡ଼ିଆ ପଳାଉଛି, ଯାହାର ଗୋଡ଼ ନାହିଁ, ସେ ଗୋଡାଉଛି, ମଥା ନାହିଁ ଯାହା ସେ ଦେଖୁଛି ।
ଉତ୍ତର (ଭୂ) ଚକେ ବିଂ ଆର୍ କାଲକମ୍, (ଓ) ବେଙ୍ଗ, ସାପ, କଙ୍କଡ଼ା

୪୨- (ଭୂ) କୁବୁଂ ହାଳାମ୍ ବୁଲୁଂ ଗେ ଆସେୟା
(ଓ) କୁଜା ବୁଢ଼ା ଲୁଣ ହିଁ ମାଗେ
ଉତ୍ତର (ଭୂ) ଜଳ, (ଓ) ତେନ୍ତୁଳି

୪୩- (ଭୂ) ଗାଡ଼ା ଗାଡ଼ାତେ କାନ୍ଥା ଆତୁତାନା
(ଓ) ନଦୀ ପାଣିରେ କୁନ୍ଥା ଭାସୁଛି
ଉତ୍ତର (ଭୂ) ଗାଦେ ଲେଦ୍, (ଓ) ଶିଉଳି

୪୪- (ଭୂ) ଆଟା ମାଟା ବିରକ ତାଲାରେ ବର୍ଲମ୍ କ ସିଦୁବ୍ ତାଦା
(ଓ) ଅଗନା ଅଗନି ବନସ୍ତ ଭିତରେ ବର୍ଚ୍ଛା ରଖା ଯାଇଛି
ଉତ୍ତର (ଭୂ) ହେଲ୍ତା, (ଓ) ବାଉଁଶ କରଡ଼ି

୪୫- (ଭୂ) ଉପୁନ୍ ହଳକ୍ ରୁଲୁଂଆ, ବାରହେଳକିନ୍ ଗୁମ୍ମାଃ, ବାର୍ ହଳକିନ୍ ଲେଲ୍ଲା, ମଦ୍‌ହଲ ସିମ୍‌ମେଃ ହାରାଃ
(ଓ) ଚାରିଜଣ କୁଟନ୍ତି, ଦୁଇଜଣ ପାଛୁଡନ୍ତି, ଦୁଇଜଣ ଦେଖନ୍ତି, ଜଣେ କୁକୁଡ଼ା ଖେଦେ ।
ଉତ୍ତର (ଭୂ) ଉରିଃ, (ଓ) ଗୋରୁ

୪୬- (ଭୂ) ମୟଦ୍ ପାଲିଆରେ ମନ୍‌ହଲ ସସୁନ୍‌ତାନାଃ । ପାଞ୍ଚହଲକ ଲେଲ୍‌ତାନା, ଉପୁନ୍ ହଳକ୍ ଉକୁଆ କାନା ।

(ଓ) ଗୋଟିଏ ପଡ଼ିଆରେ ଜଣେ ମଣିଷ ନାଚୁଛି, ୫ଜଣ ଦେଖୁଛନ୍ତି, ୪ଜଣ ଲୁଚିଛନ୍ତି ।

ଉତ୍ତର (ଭୂ) ତାମ୍କୁବାଇ, (ଓ) ଦୁକୁଡା ଦଳିବା

୪୭- (ଭୂ) ହେଟେ ଟେଲେରେ ପୁତାମ୍ ଏତ୍ତୁକାତାଦାଃ ।

(ଓ) ଗଡ଼ାଣିଆ ସ୍ଥାନରେ କାପ୍ତା ବସା କରିଛି ।

ଉତ୍ତର (ଭୂ) ସୁପିଦ୍ , (ଓ) ଜଟ

୪୮- (ଭୂ) ଗାଡ଼ା ଗାଡ଼ାତେ କୁବୁଂ ବୁଡ଼ି ଧାଉକୁତାଦାଃ

(ଓ) ନଦୀ ମଝିରେ କୁଜି ବୁଢ଼ୀ ଧାଇଁଛି

ଉତ୍ତର (ଭୂ) ଇଚାହାଇ, (ଓ)ଚିଙ୍ଗୁଡ଼ି ମାଛ

୪୯- (ଭୂ) ରଅଳ ଗାଡ଼ିଆରେ କଃଅ ଗୁଡିଲ ଜାଦାଃ

(ଓ) ଶୁଖିଲା ଭୂଇଁରେ ବଗ ଡିଆଁ ମାରୁଛି

ଉତ୍ତର (ଭୂ) ଭୁଜା, (ଓ) ଭୁଜା

୫୦- (ଭୂ) ମଯନ୍ ହନ୍ଟା ଗଟା ଜନେ ପେରେୟାକାନାଃ

(ଓ) ଗୋଟେ ପିଲା ଦେହରେ ଚାରିଆଡ଼େ ଭାତୁଗୁଡ଼ି ବାହାରିଛି ।

ଉତ୍ତର (ଭୂ) କାଣ୍ଡାଲ୍, (ଓ) ପଣସ

୫୧- (ଭୂ) ମଯଦ୍ ହନ୍ ସେତାଃ ଯାନ୍ରେଗେ ଜିକି ଉଡୁଂ ଜିକି ଆଦେର ନାଃ

(ଓ) ସକାଳ ହେଲେ ଗୋଟେ ପିଲା ଘୁଷୁରି ଘୁଷୁରି ବାହାରେ ଓ ଷୁଷୁରି ଘୁଷୁରି ପଶେ ।

ଉତ୍ତର (ଭୂ) ଲୁଣ୍ଡା, (ଓ) ଛୁଞ୍ଚକନା